R.N.I. REGN. No. 65000/96 POSTAL REGN. No. OR/BN-32/12-14

11 November 2025, Tuesday

ତ୍ରିଂଶତମ ବର୍ଷ
ସଂଖ୍ୟା : ୩୭
ତିଥି : ସପ୍ତମୀ
୧୧ ନଭେମ୍ବର ୨୦୨୫, ମଙ୍ଗଳବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

SAMAYA

29th ANNIVERSARY

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Bhubaneswar | Balasore | Angul | Berhampur | Sambalpur

# ଲାଲ୍‌କିଲ୍ଲା ନିକଟରେ ଭୟାବହ ବିସ୍ଫୋରଣ

## ୮ ମୃତ ୨୪ରୁ ଉର୍ଦ୍ଧ୍ୱ ଆହତ

ନୂଆଦିଲ୍ଲୀ, ୧୦ ।୧୧ : ଦିଲ୍ଲୀର ଲାଲ୍‌କିଲ୍ଲା ନିକଟରେ ଏକ ବଡ ଧରଣର ବିସ୍ଫୋରଣ ହୋଇଛି । ଏଥିରେ ୮ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୨୪ରୁ ଉର୍ଦ୍ଧ୍ୱ ଆହତ ହୋଇଥିବା ସୂଚନା ମିଳିଛି । ଲାଲ୍‌କିଲ୍ଲା ନିକଟସ୍ଥ ଜନଗହଳି ଅଞ୍ଚଳରେ ଥିବା ଏକ କାର୍‌ରେ ଏହି ବିସ୍ଫୋରଣ ହୋଇଛି । ଏହି ଗାଡ଼ିଟି ଲାଲ୍‌କିଲ୍ଲା ମେଟ୍ରୋ ଷ୍ଟେସନର ୧ନଂ ଗେଟ୍ ପାଖରେ ଥିଲା । ସୂଚନା ଅନୁଯାୟୀ ଏକ ଆଇ-୨୦ କାରରୁ ଏହି



- ଆଇ-୨୦ କାର୍‌ରୁ ହୋଇଥିଲା ବିସ୍ଫୋରଣ
- ଘଟଣାସ୍ଥଳକୁ ଗଲେ ଏନ୍‌ଆଇଏ, ଏନ୍‌ଏସ୍‌ଜି ଟିମ୍
- ଘଟଣା ସମ୍ପର୍କରେ ଶାହାଙ୍କ ସହ ସମୀକ୍ଷା କଲେ ପ୍ରଧାନମନ୍ତ୍ରୀ
- ଦିଲ୍ଲୀ, ହରିୟାଣା, ମୁମ୍ବାଇ, ୟୁପିରେ ହାଇଆଲର୍ଟ
- ପୁରୀ, ଭୁବନେଶ୍ୱର, ହୀରାକୁଦରେ କଡ଼ା ସୁରକ୍ଷା
- ଅଧିକାଂଶ ଗାଡ଼ି ବିସ୍ଫୋରଣରେ ଜଳିଗଲା
- ଆହତଙ୍କୁ ହସ୍ପିଟାଲରେ ଭେଟିଲେ ଶାହା

ବିସ୍ଫୋରଣ ହୋଇଛି । ଧୀରେ ଧୀରେ ଯାଉଥିବା ଏହି କାର୍‌ଟି ନାଲିବତୀ ଯୋଗୁ ଅଟକିଥିଲା ଓ ପରେ ବିସ୍ଫୋରଣ ହୋଇଥିଲା । ତଦନ୍ତକାରୀ ସଂସ୍ଥା ଘଟଣାସ୍ଥଳରେ ପହଞ୍ଚିଛି ।

ବିସ୍ଫୋରଣ ପରେ ଦିଲ୍ଲୀରେ ହାଇଆଲର୍ଟ ଜାରି କରାଯାଇଛି । ଘଟଣାସ୍ଥଳକୁ ପୋଲିସ ସିଲ୍ କରିଛି । ଏନ୍‌ଆଇଏ ଓ ଏନ୍‌ଏସ୍‌ଜିର ଟିମ୍ ପହଞ୍ଚି ତନାଘନା ଚଳାଇଛନ୍ତି । ଜଣେ ପ୍ରତ୍ୟକ୍ଷଦର୍ଶୀଙ୍କ କହିବାନୁଯାୟୀ ଜଣେ ଲୋକର ଶରୀରର କିଛି ଅଂଶ ବିଭିନ୍ନ ସ୍ଥାନରେ ଖଣ୍ଡ ଖଣ୍ଡ ହୋଇ ପଡ଼ିଥିଲା । ରାସ୍ତା କଡରେ ତାଙ୍କ ହାତ ମୁଁ ଦେଖିଛି । ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ ତାହାକୁ ମୁଁ ଶବ୍ଦରେ ବର୍ଣ୍ଣନା କରିପାରିବି ନାହିଁ । ଆଉଜଣେ ପ୍ରତ୍ୟକ୍ଷଦର୍ଶୀଙ୍କ କହିବାନୁଯାୟୀ ସେ ନିକଟସ୍ଥ ଏକ କୋଠାରେ ରହି ଏହା ଦେଖିଥିଲେ । ଧୂଆଁ ଏଭଳି ହେଲା ଯେ ତାଙ୍କ ଝରକା ଦେଇ ତାଙ୍କ ଘରକୁ ପଶି ଆସିଥିଲା । ବିସ୍ଫୋରଣ ପରେ ସେଠାରେ ଥିବା ବହୁ ଗାଡ଼ିରେ ନିଆଁ ଲାଗିଯାଇଥିଲା । ପୁରୁଣା ଦିଲ୍ଲୀର ଏହି ଅଞ୍ଚଳରେ ଜନଗହଳି ଲାଗି ରହିଥାଏ । କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଦିଲ୍ଲୀ ପୋଲିସ ଓ ଏନ୍‌ଆଇଏ ଟିମ୍ ସହ କଥା ହୋଇଛନ୍ତି । ପ୍ରଧାନମନ୍ତ୍ରୀଙ୍କୁ ମଧ୍ୟ ଘଟଣା ସମ୍ପର୍କରେ ସୂଚନା ଦେଇଛନ୍ତି । ନିଆଁ ଖଣ୍ଡଗୁଡ଼ିକ ଉପରୁ ପଡୁଥିବା ମଧ୍ୟ ଲକ୍ଷ କରାଯାଇଥିଲା । ଘଟଣାସ୍ଥଳକୁ ୧୨ରୁ ଉର୍ଦ୍ଧ୍ୱ ଆମ୍ବୁଲାନ୍ସ ଯାଇଛି । ଅପ୍ରାଶିତ ଭାବେ ଏହି ଘଟଣା ଘଟିଥିଲା । ଅଧିକାଂଶ କାରରୁ ଏହି ବିସ୍ଫୋରଣ ହେଉଥିବା (୯ ପୃଷ୍ଠାରେ)

## ଫରିଦାବାଦରୁ ୨୯ ଶହ କେଜି ବିସ୍ଫୋରକ ସାମଗ୍ରୀ ଜବତ

ନୂଆଦିଲ୍ଲୀ,୧୦।୧୧: ହରିୟାଣା ମେଡିକାଲ କଲେଜ ନିକଟରୁ ୨୯ ଶହ କେଜିରୁ ଉର୍ଦ୍ଧ ବୋମା ସାମଗ୍ରୀ ଓ ଆମୁନିୟମ୍ ନାଇଟ୍ରେଟ ଜବତ କରାଯାଇଛି । ଅଧିକାରୀଙ୍କ ସୂଚନା ଅନୁଯାୟୀ ଦିଲ୍ଲୀରେ ଆତଙ୍କବାଦୀ

### ଦୁଇ ଡାକ୍ତର ଗିରଫ

ଆକ୍ରମଣ କରିବା ପାଇଁ ଏହା ଏକ ଷଡଯନ୍ତ୍ର ଥିଲା । ଶତାଧିକ କ୍ଷମତା ସମ୍ପର୍ଣ୍ଣ ଆଇଆଇଡି ସହିତ ବିସ୍ଫୋରକ ପାଇଁ ବ୍ୟବହାର ହେଉଥିବା କେମିକାଲ ମଧ୍ୟ ଜବତ କରାଯାଇଛି । ଜମ୍ମୁ-କାଶ୍ମୀର ଓ ହରିୟାଣା ପୋଲିସର



ଆତଙ୍କୀ ନିରୋଧ ଅପରେସନ ବେଳେ ଏହା ଜବତ ହୋଇଛି । ହରିୟାଣାର ଫରିଦାବାଦ ମେଡ଼ିକାଲ କଲେଜର ନିକଟରୁ ଏହା ଜବତ କରାଯାଇଛି ।

ଅଧିକାରୀଙ୍କ ସୂଚନା ଅନୁଯାୟୀ ୩୬୦ କେଜି ଆମୋନିୟମ୍ ନାଇଟ୍ରେଟ୍, ୨୫ କେଜି ବିସ୍ଫୋରକ କେମିକାଲ ମଧ୍ୟ ଜବତ (୯ ପୃଷ୍ଠାରେ)

## ମହିଳା ସଂରକ୍ଷଣ ବିଲ୍

# କେନ୍ଦ୍ର ସରକାରଙ୍କୁ ଜବାବ ମାଗିଲେ ସୁପ୍ରିମ୍‌କୋର୍ଟ

ନୂଆଦିଲ୍ଲୀ,୧୦।୧୧: ମହିଳା ସଂରକ୍ଷଣ ଆଇନ ପ୍ରଣୟନ ନେଇ ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ ଜବାବ ମାଗିଛନ୍ତି । ଲୋକସଭା ଓ ବିଧାନସଭାରେ ମହିଳାଙ୍କ ଲାଗି ଏକ ତୃତୀୟାଂଶ ସଂରକ୍ଷଣ ନେଇ ଏହି ଜବାବ ମଗାଯାଇଛି । ଦିଲ୍ଲୀ ବିଧାନସଭାରେ ଏହା ଲାଗୁ ହେବ କି ନାହିଁ ସୁପ୍ରିମକୋର୍ଟ ଜାଣିବାକୁ ଚାହିଁଛନ୍ତି ।

ଜଷ୍ଟିସ୍ ଭିଭି ନାଗରତ୍ନ ଓ ଆର ମହାଦେବନଙ୍କୁ ନେଇ ଗଠିତ ନେଇ ଖଣ୍ଡପୀଠ କେନ୍ଦ୍ରଠାରୁ ଏହି ଜବାବ ମାଗିଛନ୍ତି । ସୁପ୍ରିମକୋର୍ଟର ଏକମାତ୍ର ମହିଳା ଜଜ୍ ନାଗରତ୍ନ କହିଛନ୍ତି ଯେ ଦେଶର ମହିଳାମାନେ ହେଉଛନ୍ତି ସର୍ବବୃହତ ସଂଖ୍ୟାଲଘୁ । ସମ୍ବିଧାନର ମୁଖବନ୍ଧ କହେ ଦେଶର ନାଗରିକ



ରାଜନୈତିକ ଓ ସାମାଜିକରେ ସମାନତା ରହିଛି । ଦେଶରେ ମହିଳାଙ୍କ ସଂଖ୍ୟା ୪୮% ତେଣୁ ମହିଳାଙ୍କ ସମାନତା ପାଇଁ ଏହା ପ୍ରସଙ୍ଗ । କଂଗ୍ରେସ ନେତା ଜୟା ଠାକୁରଙ୍କ ଦ୍ୱାରା ମହିଳା ସଂରକ୍ଷଣ ଆଇନ-୨୦୨୪ର କାର୍ଯ୍ୟକାରିତା ନେଇ ଏହି ଯାଚିକା ଦାଖଲ କରାଯାଇଥିଲା ଯେ ସୀମା ପୁର୍ଣ୍ଣନିର୍ମାଣ ପ୍ରକ୍ରିୟାକୁ ଅପେକ୍ଷା ନକରି ମହିଳା ସଂରକ୍ଷଣ ଆଇନ ଲାଗୁ କରାଯାଉ । ବରିଷ୍ଠ ଆଇନଜୀବୀ ଶୋଭନ ଗୁପ୍ତା ଆବେଦନକାରୀଙ୍କ ପକ୍ଷରୁ ପକ୍ଷ ରଖି କହିଥିଲେ ଯେ ପ୍ରାୟ ୭ ଦଶନ୍ଧି ହେଲାଣି ଭାରତ ଏକ ସ୍ୱାଧୀନରାଷ୍ଟ୍ର । ଏହା ଦୁର୍ଭାଗ୍ୟଜନକ ମହିଳାଙ୍କ ପ୍ରତିନିଧିତ୍ୱ ପାଇଁ ଆବେଦନକାରୀଙ୍କୁ କୋର୍ଟ ଆସିବାକୁ ପଡୁଛି । ଜଷ୍ଟିସ ନାଗରତ୍ନ ମଧ୍ୟ କେବେ ସୀମା ପୁର୍ଣ୍ଣନିର୍ଦ୍ଧାରଣ ପ୍ରକ୍ରିୟା ଆରମ୍ଭ ତାହା ଜାଣିବାକୁ ଚାହିଁଥିଲେ । ସମ୍ବିଧାନର ୧୦୬ତମ ସଂଶୋଧନ ଅନୁଯାୟୀ ମହିଳାମାନଙ୍କ ଲାଗି ଲୋକସଭା, ବିଧାନସଭା, ଦିଲ୍ଲୀ ବିଧାନସଭା ଓ ଏସସି, ଏସଟିଙ୍କ ପାଇଁ ସଂରକ୍ଷଣ ରହିବା କଥା । ଏହି ସଂରକ୍ଷଣ ବ୍ୟବସ୍ଥା ଜନଗଣନା ପରେ ୧୫ ବର୍ଷ ଲାଗୁ ହେବା କଥା ।

## ଆଜି ବିହାରର ଶେଷ ପର୍ଯ୍ୟାୟ ଭୋଟ୍

# ୧୨୨ ଆସନରେ ୧୩୦୨ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ

ନୂଆଦିଲ୍ଲୀ,୧୦।୧୧: ଆସନ୍ତାକାଲି ବିହାର ବିଧାନସଭା ଲାଗି ଦ୍ୱିତୀୟ ତଥା ଶେଷ ପର୍ଯ୍ୟାୟ ଭୋଟ୍ ଗ୍ରହଣ ହେବ । ମୋଟ୍ ୨୪୩ ବିଧାନସଭା ଆସନରୁ ଦ୍ୱିତୀୟ ପର୍ଯ୍ୟାୟରେ ୧୨୨ ଆସନ ଲାଗି ଭୋଟ୍ ହେବ । ନଭେମ୍ବର ୬ ତାରିଖରେ ୧୨୧ ଆସନ ଲାଗି ଭୋଟ୍ ଗ୍ରହଣ କରାଯାଇଥିଲା । ଆସନ୍ତାକାଲି ୧୩୦୨ ପ୍ରାର୍ଥୀଙ୍କର ରାଜନୈତିକ ଭାଗ୍ୟ ନିର୍ଦ୍ଧାରଣ କରାଯିବ । ୩.୭୦ କୋଟି ମତଦାତା ତାଙ୍କ ମତାଧିକାର ସାବ୍ୟସ୍ତ କରିବେ । ଆସନ୍ତାକାଲି ନିର୍ବାଚନରେ ନୀତିଶ କୁମାର ସରକାରଙ୍କ ୧୨ରୁ ଅଧିକ ମନ୍ତ୍ରୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରାଯିବ ।

ଚୂଡ଼ାନ୍ତ ପର୍ଯ୍ୟାୟ ଭୋଟ୍ ହେବାକୁ



ଥିବା ଜିଲ୍ଲା ମଧ୍ୟରେ ରହିଛି । ପଶ୍ଚିମ ଚମ୍ପାରଣ, ପୂର୍ବ ଚମ୍ପାରଣ, ସୀତା ମାଢ଼ି, ମଧୁବାନୀ, ସୁପାଲ୍ ଆରିୟା ଓ କିଷନଗଞ୍ଜ ଏହି ଜିଲ୍ଲା ଗୁଡିକ ନେପାଲ ସୀମାକୁ ଲାଗିଛି । ୪୫,୩୯୯ ପୋଲିଂ ବୁଥରେ ଏହି ମତଦାନ କରାଯିବ । ଏଥିମଧ୍ୟରୁ ୪୦,୦୭୩ ବୁଧ ଗ୍ରାମାଞ୍ଚଳରେ ରହିଛି । ପ୍ରାୟ ଅର୍ଦ୍ଧାଧିକ ଭୋଟର ଅର୍ଥାତ୍ ୨.୨୮ କୋଟି ୩୦ ରୁ ୬୦ ବର୍ଷ ମଧ୍ୟରେ ଥିଲା ବେଳେ ୧୮ ରୁ ୧୯ ବର୍ଷ ମଧ୍ୟରେ ମାତ୍ର ୭.୬୯ ଲକ୍ଷ ଭୋଟର ଅଛନ୍ତି । ୧୨୨ ବିଧାନସଭା ଆସନରେ ୧.୭୫ କୋଟି ମହିଳା ଭୋଟର ଅଛନ୍ତି । ନଭେମ୍ବର ୬ରେ ହୋଇଥିବା ୧୮ ଜିଲ୍ଲାର ୧୨୧ ବିଧାନସଭା ଆସନରେ ଐତିହାସିକ ୬୪.୬୬% ମତଦାନ ହୋଇଥିଲା । ଏହି ଆସନ ଗୁଡ଼ିକରେ ୩.୭୫ କୋଟି ଭୋଟର ଥିଲେ । ବିହାର ଇତିହାସରେ ଏହା ସର୍ବାଧିକ ମତଦାନ ହାର ରହିଥିଲା । ତେବେ ଦ୍ୱିତୀୟ ପର୍ଯ୍ୟାୟରେ ଏତେ ସଂଖ୍ୟକ ମତଦାନ ହେବ କି ନାହିଁ ତାହା ଉପରେ ସଭିଙ୍କ ନଜର ରହିଛି ।

## ନୂଆପଡାରେ ନୀରବ ଅବଧି ବିଭ୍ରାଟକୁ ନେଇ ନବୀନଙ୍କ ଉଦ୍‌ବେଗ

ଭୁବନେଶ୍ୱର, ୧୦ ।୧୧ (ସବ୍ୟୁ) : ନୂଆପଡାରେ ନିର୍ବାଚନ ଆଚରଣ ବିଧିର ଗୁରୁତର ଉଲଂଘନ ହେଉଛି । ମୁକ୍ତ ଓ ଅବାଧ ନିର୍ବାଚନ ପରିଚାଳନା ହେଉଛି ପ୍ରକୃତ ଗଣତନ୍ତ୍ରର ହଲ୍‌ମାର୍କ । ୪୮ ଘଣ୍ଟା ନିରବ ଅବଧି ମଧ୍ୟରେ ଏହା ପାଳନ କରାଯିବା ବାଧ୍ୟତାମୂଳକ । ମାତ୍ର ଜିଲ୍ଲା ପ୍ରଶାସନ ଓ ପୋଲିସ ଏହା କରୁଥିବା ଦୃଷ୍ଟି ଗୋଚର ହେଉନାହିଁ । ଏହି ନିରବ ଅବଧିରେ ହେଉଥିବା ବିଭ୍ରାଟକୁ ନେଇ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଉଦ୍‌ବେଗ ପ୍ରକାଶ କରିଛନ୍ତି ।

ସୋସିଆଲ ମିଡିଆରେ ଶ୍ରୀ ପଟ୍ଟନାୟକ ଉଲ୍ଲେଖ କରିଛନ୍ତି ଯେ ନିର୍ବାଚନ କମିଶନଙ୍କ ଗାଇଡ୍‌ଲାଇନ୍ ଅନୁଯାୟୀ ନିର୍ବାଚନମଣ୍ଡଳୀର ବାହର ଲୋକ ଯେଉଁମାନେ (୯ ପୃଷ୍ଠାରେ)

## ଶୀତରେ ଥରୁଛି ଓଡ଼ିଶା : ୮ ଡିଗ୍ରୀ ଛୁଇଁଲା ଜି.ଉଦୟଗିରି

ଭୁବନେଶ୍ୱର, ୧୦ ।୧୧ (ସବ୍ୟୁ): ଶୀତରେ ଥରୁଛି ସାରା ଓଡ଼ିଶା। ଭୁବନେଶ୍ୱର ସମେତ ବିଭିନ୍ନ ସହରରେ ପାରଦ ତଳମୁହାଁ ହୋଇଛି। ଜି.ଉଦୟଗିରିରେ ସର୍ବନିମ୍ନ ତାପମାତ୍ରା ୮.୪ ଡିଗ୍ରୀ ସେଲସିୟସ ଥିବା ବେଳେ ଦାରିଙ୍ଗବାଡିରେ ୧୦ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ୧୬ ସହରରେ ୧୫ ଡିଗ୍ରୀ ତଳେ ତାପମାତ୍ରା ରହିଛି। ଆଗକୁ ଆହୁରି ଶୀତ ବଢ଼ିବ ବୋଲି ପୂର୍ବାନୁମାନ ଅନୁମାନ କରିଛନ୍ତି ପାଣିପାଗ ବିଶେଷଜ୍ଞ।

ପାଣିପାଗ ବିଜ୍ଞାନୀ ଉମାଶଙ୍କର ଦାଶ କହିଛନ୍ତି, ଚଳିତ ବର୍ଷ ରାଜ୍ୟରେ ପ୍ରଥମଥର ୧୦ ଡିଗ୍ରୀ ତଳକୁ ପାରଦ ଛୁଇଁଛି। ପାରଦ ଖସିବାରେ ଲାଗିଛି। ରାଜଧାନୀ ଭୁବନେଶ୍ୱରର ରାତିର ତାପମାତ୍ରା ୧୫ ଡିଗ୍ରୀ ତଳକୁ ଖସି ଆସିଛି। ୪ ଦିନରେ ଭୁବନେଶ୍ୱରରେ ଶୀତର ପ୍ରକୋପ ବୃଦ୍ଧି ପାଇବା ସହ ୪.୬ ଡିଗ୍ରୀ ସେଲସିୟସ ଯାଏଁ ତାପମାତ୍ରା ହ୍ରାସ ପାଇଛି। ଆଗକୁ ଆହୁରି ତାପମାତ୍ରା ହ୍ରାସ ପାଇବା ସହିତ ଶୀତର ବଢ଼ିବ ।

ସୋମବାର ସକାଳେ ୫.୩୦ରେ ଜି.ଉଦୟଗିରିରେ ସର୍ବନିମ୍ନ ତାପମାତ୍ରା ୮.୪ ଡିଗ୍ରୀ ରେକର୍ଡ (୯ ପୃଷ୍ଠାରେ)

## ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

### ଦିଲ୍ଲୀ ବିସ୍ଫୋରଣ ପରେ ଓଡ଼ିଶାରେ ସତର୍କତା

ଭୁବନେଶ୍ୱର, ୧୦ ।୧୧ (ସବ୍ୟୁ) : ଦିଲ୍ଲୀରେ ଆଜି ସନ୍ଧ୍ୟାରେ ଘଟିଥିବା ବିସ୍ଫୋରଣ ଏବଂ ସାଧାରଣ ଲୋକଙ୍କ ଜୀବନହାନି ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିଛନ୍ତି । ଘଟଣାର କଡ଼ା ନିନ୍ଦା କରିବା ସହିତ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏଭଳି ଅମାନବୀୟ ଘଟଣାକୁ ଭାରତ କେବେ ବରଦାସ୍ତ କରିନାହିଁ, କି କରିବ ନାହିଁ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ନିଶ୍ଚିତ ଭାବେ ଏ ଘଟଣାର ଉପଯୁକ୍ତ ତଦନ୍ତ କରି ଦୋଷୀମାନଙ୍କୁ ଦଣ୍ଡବିଧାନ (୯ ପୃଷ୍ଠାରେ)

# ଆଜି ଭୋଟ୍ ଦେବ ନୂଆପଡ଼ା

- ୧୪ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ ୨.୫୩ ଲକ୍ଷ
- ୩୫୮ ବୁଥରୁ ୪୭ ସମ୍ବେଦନଶୀଳ, ୮ ଅତିସମ୍ବେଦନଶୀଳ
- ମାଓ ଅଞ୍ଚଳକୁ ସେନା ହେଲିକପ୍ଟରରେ ଗଲେ ପୋଲିଂ କର୍ମଚାରୀ
- ସୁରକ୍ଷାରେ ୧୪ କମ୍ପାନୀ କେନ୍ଦ୍ରୀୟ ଫୋର୍ସ ସହ ସଶସ୍ତ୍ର ସୁରକ୍ଷା ବଳ
- ସମସ୍ତ ବୁଥରେ ହୋଇଛି ୱେବ୍‌କାଷ୍ଟିଂ ବ୍ୟବସ୍ଥା
- ବିଜେପି, ବିଜେଡି ଓ କଂଗ୍ରେସ ମଧ୍ୟରେ ତୀବ୍ର ଲଢ଼େଇ

ଭୁବନେଶ୍ୱର/ନୂଆପଡା, ୧୦ ।୧୧ (ସବ୍ୟୁ): ଆସନ୍ତାକାଲି(ମଙ୍ଗଳବାର) ସକାଳୁ ନୂଆପଡ଼ା ଉପ-ନିର୍ବାଚନ ଭୋଟ୍ । ଇଭିଏମ, ଭିଭିପାଟ୍ ଓ ଅନ୍ୟ ସରଞ୍ଜାମ ଧରି ସମସ୍ତ ୩୫୮ ବୁଥରେ ପହଞ୍ଚି ସାରିଛନ୍ତି ପୋଲିଂ ପାର୍ଟି। ଦୁର୍ଗମ ମାଓ ପ୍ରବଣ ବୁଥକୁ ସେନା ହେଲିକପ୍ଟରରେ ଯାଇଛନ୍ତି ପୋଲିଂ କର୍ମଚାରୀ । ତିନି ପ୍ରମୁଖ ଦଳ ବିଜେପି-ବିଜେଡି ଓ କଂଗ୍ରେସ ପ୍ରାର୍ଥୀଙ୍କ ସହ ମଇଦାନରେ ଥିବା ୧୪ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ (୯ ପୃଷ୍ଠାରେ)

## ୨୭ରୁ ଶୀତକାଳୀନ ଅଧିବେଶନ


# ବିଧାନସଭାକୁ ସମ୍ବୋଧିତ କରିବେ ରାଷ୍ଟ୍ରପତି

ଭୁବନେଶ୍ୱର, ୧୦ ।୧୧ (ସବ୍ୟୁ): ଚଳିତ ମାସ ୨୭ ତାରିଖରୁ ବିଧାନସଭାର ଶୀତ ଅଧିବେଶନ ଆରମ୍ଭ ହେବ । ପ୍ରଥମ ଥର ପାଇଁ ଓଡିଶା ବିଧାନସଭାକୁ ସମ୍ବୋଧିତ କରିବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ । ଶୀତ ଅଧିବେଶନର ପ୍ରଥମ ଦିନ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ନିଜର ଅଭିଭାଷଣ ରଖିବେ ।

ଓଡିଶା ବିଧାନସଭାକୁ ରାଷ୍ଟ୍ରପତି ସମ୍ବୋଧନ କରିବା ଏହା ପ୍ରଥମ ଘଟଣା । ପୂର୍ବରୁ କୌଣସି ରାଷ୍ଟ୍ରପତି କୌଣସି ବିଧାନସଭାକୁ ସମ୍ବୋଧିତ କରିନଥିଲେ । ବିଧାନସଭା ଇତିହାସରେ ଯୋଡି ହେବ ନୂଆଫର୍ଦ୍ଦ । ସାଉଁଟିବେ ପୁରୁଣା ସ୍ମୃତ । ବିଧାୟକଙ୍କ ମଧ୍ୟରେ ଉତ୍କଣ୍ଠା । ସଜେଇ ହେଉଛି ବିଧାନସଭା । ବିଧାନସଭା ଭିତରେ ଓ ବାହାରେ ଚାଲିଛି ରଙ୍ଗମରା କାର୍ଯ୍ୟ । ଯଦିଓ ସାମ୍ବିଧାନିକ ବିଧିବ୍ୟବସ୍ଥାରେ ରାଷ୍ଟ୍ରପତି ଚାହିଁଲେ ଯେକୌଣସି ବିଧାନସଭା ଅଧିବେଶନକୁ ସମ୍ବୋଧିତ କରିପାରିବେ । ଏଭିତରେ ମହାମହିମ କିଛି ରାଜ୍ୟ ଓ ବିଦେଶରେ ମଧ୍ୟ ବିଧାନସଭା ଓ ସଂସଦକୁ ସମ୍ବୋଧିତ କରିଛନ୍ତି ।

ଆସନ୍ତା ୨୭ ତାରିଖରେ ସେ ଓଡିଶା ବିଧାନସଭାକୁ ସମ୍ବୋଧିତ କରିବେ । ସଂଯୋଗବଶତଃ ଏକଦା ସେ ଏହି ବିଧାନସଭାର ଜଣେ ସଦସ୍ୟ ଥିଲେ । ଓଡିଶା ସରକାରରେ ମନ୍ତ୍ରୀ ମଧ୍ୟ ରହିଥିଲେ । ସେହି ଦୃଷ୍ଟିରୁ ବିଧାନସଭାକୁ ସେ ସମ୍ବୋଧିତ କରିବା ଉଲ୍ଲେଖନୀୟ ।

ନଭେମ୍ବର ୨୮ ତାରିଖରେ ୨୦୨୫-୨୬ ଆର୍ଥିକ (୯ ପୃଷ୍ଠାରେ)



## ଶୁଭ ଜନ୍ମଦିନ ଅବୁଲ କଲାମ ଆଜାଦ

ଜଣେ ଭାରତୀୟ ବୁଦ୍ଧିଜୀବୀ ତଥା ଭାରତୀୟ ସ୍ୱାଧୀନତା ସଂଗ୍ରାମ ସମୟରେ ଜାତୀୟ କଂଗ୍ରେସର ବରିଷ୍ଠ ନେତାଭାବେ ପରିଚିତ ଥିଲେ ଅବୁଲ କଲାମ ଆଜାଦ । ତାଙ୍କ ଜନ୍ମ ୧୮୮୮ ମସିହା ନଭେମ୍ବର ୧୧ରେ ହୋଇଥିଲା । ମୌଲାନ ଆଜାଦ ନାମରେ ପ୍ରସିଦ୍ଧ ଏହି ନେତା ଥିଲେ ସ୍ୱାଧୀନତା ପରବର୍ତ୍ତୀ ଭାରତର ପ୍ରଥମ ଶିକ୍ଷାମନ୍ତ୍ରୀ । ମୌଲାନା ହେଉଛି ତାଙ୍କୁ ପ୍ରଦତ୍ତ ଏକ ସମ୍ମାନଜନକ ଉପାଧି । ଭାରତୀୟ ଶିକ୍ଷା ବ୍ୟବସ୍ଥାକୁ ଏକ ନୂତନ ରୂପରେଖ ଦେବାରେ ତାଙ୍କର ଅବଦାନକୁ ଚିର ସ୍ମରଣୀୟ କରିବା ପାଇଁ ପ୍ରତିବର୍ଷ ତାଙ୍କ ଜନ୍ମ ଦିନକୁ ଭାରତରେ ଜାତୀୟ ଶିକ୍ଷା ଦିବସ ରୂପେ ପାଳନ କରାଯାଉଛି । ଯୁବକ ସମୟରୁ ଆଜାଦ କବିତା ରଚନା କରିବା ତଥା ଧର୍ମ ଏବଂ ଦର୍ଶନ ସମ୍ବନ୍ଧୀୟ ଗ୍ରନ୍ଥ ରଚନା କରିବାରେ ସିଦ୍ଧହସ୍ତ ଥିଲେ । ଜଣେ ସାମ୍ବାଦିକ ଭାବେ ବ୍ରିଟିଶ ରାଜତ୍ୱ କାଳରେ ମହତ୍ତ୍ୱପୂର୍ଣ୍ଣ ଘଟଣା ସବୁର ସମୀକ୍ଷା କରିବା ସହ ଭାରତୀୟଙ୍କ ମନରେ ଜାତୀୟତା ଭାବ ଉଦ୍ରେକ କରିବାରେ ତାଙ୍କର ଅନେକ ଲେଖା ସେ ସମୟରେ ବହୁ ବିଜ୍ଞ ବ୍ୟକ୍ତିଙ୍କଦ୍ୱାରା ଆଦୃତ ହୋଇଥିଲା । ଖିଲାଫତ ଆନ୍ଦୋଳନର ନେତୃତ୍ୱ ନେବାବେଳେ ସେ ମହତ୍ମା ଗାନ୍ଧୀଙ୍କ ନିକଟ ସଂସ୍ପର୍ଶରେ ଆସିଥିଲେ । ଏହାପରେ ସେ ଗାନ୍ଧୀଙ୍କ ଅହିଂସା ତତ୍ତ୍ୱର ଏକ ଉତ୍ସାହୀ ସମର୍ଥକ ପାଲଟି ଯାଇଥିଲେ ଏବଂ ସ୍ୱଦେଶୀ ଏବଂ ସ୍ୱରାଜ ସମ୍ବନ୍ଧରେ ଗାନ୍ଧୀଙ୍କ ବିଚାରଧାରା ପ୍ରଚାର କରିବାରେ ନିଜର ପ୍ରତିବଦ୍ଧତା ପରିପ୍ରକାଶ କରିଥିଲେ । ୧୯୨୩ ମସିହାରେ ମାତ୍ର ୩୫ ବର୍ଷ ବୟସରେ ସେ ଭାରତୀୟ ଜାତୀୟ କଂଗ୍ରେସର ସଭାପତି ପଦ ଅଳଂକୃତ କରି ନିଜର ଦକ୍ଷତା ପ୍ରତିପାଦନ କରିପାରିଥିଲେ । ଅକ୍ଟୋବର ୧୯୨୦ରେ ମୌଲାନା ଅବୁଲ କାଲାମ ଆଜାଦ ଆଲିଗଡରେ ପ୍ରସ୍ତାବିତ ଜାମିଆ ମିଲିଆ ଇସଲାମିଆ ବିଶ୍ୱବିଦ୍ୟାଳୟର ଫାଉଣ୍ଡେସନ କମିଟିର ସଦସ୍ୟ ହୋଇଥିଲେ । ତତ୍କାଳୀନ ବ୍ରିଟିଶ କଲୋନିଆଲ ସରକାରଙ୍କ କୌଣସି ସାହାଯ୍ୟ ବିନା ଏହି ଅନୁଷ୍ଠାନ ଗଢିବା ଏବଂ ପରବର୍ତ୍ତୀ ସମୟରେ ଏହାକୁ ଆଲିଗଡରୁ ଦିଲ୍ଲୀକୁ ସ୍ଥାନାନ୍ତର କରାଇବାରେ ତାଙ୍କର ଭୂମିକା ପ୍ରଶଂସନୀୟ । ଉକ୍ତ ଅନୁଷ୍ଠାନର ମୁଖ୍ୟ କ୍ୟାମ୍ପସ ଅନ୍ତର୍ଗତ ମୁଖ୍ୟ ଫାଟକ (ଫାଟକ ସଂଖ୍ୟା– ୭) ତାଙ୍କ ନାମରେ ନାମିତ । ତାଙ୍କଦ୍ୱାରା ପ୍ରକାଶିତ ଏକ ଖବର କାଗଜ 'ଅଲ୍–ହିଲାଲ' ମାଧ୍ୟମରେ ସେ ହିନ୍ଦୁ ଓ ମୁସଲିମ ସଂପ୍ରଦାୟ ମଧ୍ୟରେ ସଭ ।ବନା ସୃଷ୍ଟି କରିବା ପାଇଁ ନିରନ୍ତର ଉଦ୍ୟମ ଜାରି ରଖିଥିଲେ । ଏହି ମହାନ୍ ରାଜନେତାଙ୍କର ୨୨ ଫେବୃଆରୀ ୧୯୫୮ରେ ଦେହାନ୍ତ ହୋଇଥିଲା ।

## ସେଲିନାଙ୍କ ଦୁଃଖ



ବଲିଉଡ ଅଭିନେତ୍ରୀ ସେଲିନା ଜେଟଲୀ ବର୍ତ୍ତମାନ ଖୁବ ଚର୍ଚ୍ଚାରେ ଅଛନ୍ତି । ସୂଚନା ଅନୁସାରେ ସେଲିନାଙ୍କ ଭାଇ ଅବସରପ୍ରାପ୍ତ ମେଜର ବିକ୍ରାନ୍ତ କୁମାର ଜେଟଲି ଗତ କିଛି ମାସ ହେବ ୟୁଏଇର ଗିରଫରେ ଅଛନ୍ତି । ଅଭିନେତ୍ରୀ ନିଜ ଭାଇଙ୍କୁ ଫେରାଇ ଆଣିବାକୁ ଅନେକ ଚେଷ୍ଟା କରୁଛନ୍ତି । ନିକଟରେ ସେ କୋର୍ଟଙ୍କ ଦ୍ୱାରସ୍ଥ ମଧ ହୋଇଛନ୍ତି । ଏହାରି ଭିତରେ ସେଲିନାଙ୍କର ଏକ ଭିଡିଓ ଖୁବ ଭାଇରାଲ ହେବାରେ ଲାଗିଛି । ଏଥିରେ ସେ ନିଜ ଭାଇଙ୍କ ପାଇଁ କାନ୍ଦୁଥିବାର ଦେଖିବାକୁ ମିଳୁଛି । ସେ ନିଜ ଭାଇଙ୍କୁ ଖୁବ ମନେ ପକାଉଛନ୍ତି । ସେ କହିଛନ୍ତି କି ତାଙ୍କର ଆଶା ଅଛି ତାଙ୍କୁ ସେ ଖୁବ ଶୀଘ୍ର ଫେରାଇ ଆଣିବେ । ନିଜ ଭାଇଙ୍କ ପାଇଁ ସେ ଖୁବ ପ୍ରାର୍ଥନା କରୁଥିବା ମଧ ପ୍ରକାଶ କରିଛନ୍ତି । ତେବେ ସେଲିନାଙ୍କୁ ଦିଲ୍ଲୀ ହାଇକୋର୍ଟ ସାହାଯ୍ୟ କରିବେ ବୋଲି ପ୍ରତିଶୃତି ଦେଇଛନ୍ତି । ଏହି କ୍ରମରେ କୋର୍ଟ କାମ ମଧ ଆରମ୍ଭ କରିଥିବା ସୂଚନା ମିଳିଛି । ତେଣୁ ସେଲିନା ଏହାକୁ ନେଇ ମଧ ଖୁବ ଆଶାବାଦୀ ଅଛନ୍ତି ।

## ବିରଳ ସମସ୍ୟା



ଏପିଡର୍ମୋଡାଇସ୍‌ପ୍ଲାସିଆ ଭେରୁକିଫରମିସ୍ ବା ଇଭି ଏକ ବିରଳ ଚର୍ମ ସମସ୍ୟା ଅଟେ । ଏହି ରୋଗ ହେଲେ ପୀଡିତଙ୍କ ଶରୀରରେ ଆରମ୍ଭରୁ ଛୋଟଛୋଟ ଫୋଟକା ସଦୃଶ ହୋଇଥାଏ, ଯାହା ପରେ ଗୁରୁତର ହୋଇଥାଏ । ଏହି ଫୋଟକା ଗୁଡିକ ବଢି ବଡ ହେବା ସହ ପୂରା ଶରୀରରେ ବ୍ୟାପିଥାଏ । ଏହି ସଂକ୍ରମଣ ହ୍ୟୁମାନ ପାପିଲୋମାଭାଇରସ କାରଣରୁ ହୋଇଥାଏ । ଏହି ରୋଗ ହେବାର କୌଣସି ବୟସ ନଥାଏ, ଏହା କୌଣସି ବି ବୟସରେ ଆରମ୍ଭ ହୋଇପାରେ । ତେବେ ଏହାର ଅଧିକାଂଶ ଲକ୍ଷଣ ୫ରୁ ୧୧ ବର୍ଷରେ ଦେଖିବାକୁ ମିଳିଥାଏ ବୋଲି ବୈଜ୍ଞାନିକ ସୂଚନା ଦେଇଛନ୍ତି । ଶରୀରରେ ଫୋଟକା ହେବା ଏହାର ପ୍ରଥମ ତଥା ଗୁରୁତର ଲକ୍ଷଣ । ଏହି ଫୋଟକା ଧୀରଧୀରେ ବଢିଥାଏ । ତେବେ ଆମ ଶରୀରର ଯେଉଁ ଅଂଶ ସୂର୍ଯ୍ୟକିରଣ ସଂସ୍ପର୍ଶରେ ଆସିଥାଏ ସେହି ସ୍ଥାନରେ ଏହି ଫୋଟକା ଅଧିକ ହୋଇଥାଏ । ଯେପରି ହାତ,ପାଦ,ମୁହଁ, କାନ ଆଦିରେ ଦେଖିବାକୁ ମିଳିଥାଏ । ଏହା ଅନ୍ୟ ଅଙ୍ଗରେ ହେବାର ମଧ ସମ୍ଭାବନା ରହିଛି । ତେବେ ଏହି ରୋଗ ଇନ୍‌ହେରିଟ୍ ହୋଇଥାଏ ଅର୍ଥାତ କୌଣସି ଶିଶୁ ଦେହରେ ଏହା ତା ବାପାମା'ଙ୍କ ପାଖରୁ ଆସିଥାଏ । ତେବେ ଯଦି ଏଭଳି କିଛି ଲକ୍ଷଣ ଦେଖୁଛନ୍ତି ତେବେ ତୁରନ୍ତ ଡାକ୍ତରଙ୍କୁ ଦେଖାଇବା ସହ ଚିକିତ୍ସା କରାନ୍ତୁ ।

### ଘଟଣାଚକ୍ର

୧୬୭୫ – ଗୁରୁ ଗୋବିନ୍ଦ ସିଂହ ଶିଖ୍‌ମାନଙ୍କର ଗୁରୁ ରୂପେ ନିଯୁକ୍ତ ହେଲେ ।

୧୮୮୮ – ଶିକ୍ଷାମନ୍ତ୍ରୀ ମୌଲାନା ଅବୁଲ କଲାମ ଆଜାଦ୍‌ଙ୍କ ଜନ୍ମ । ତାଙ୍କ ସ୍ମୃତିରେ ପ୍ରତିବର୍ଷ ଏହାକୁ ରାଷ୍ଟ୍ରୀୟ ଶିକ୍ଷା ଦିବସ ।

୧୮୮୮– ପ୍ରସିଦ୍ଧ ଭାରତୀୟ କ୍ରାନ୍ତିକାରୀ ଓ ରାଜନୀତିଜ୍ଞ ଜେ.ବି କୃପଲାନୀଙ୍କ ଜନ୍ମ ।

୧୯୧୮ – ପୋଲାଣ୍ଡ ନିଜକୁ ସ୍ୱତନ୍ତ୍ର ଘୋଷଣା କଲା ।

୧୯୨୪ – ଆରବିଆଇର ୧୪ ତମ ଗଭର୍ଣ୍ଣର ଆଇ.ଜି. ପଟେଲଙ୍କ ଜନ୍ମ ।

୧୯୨୭ – ଭାରତର ନୈତିକତା ଓ ସଚ୍ଚୋଟତାର ମୂଲ୍ୟ ବୁଝାଇଥିବା ପତ୍ରକାର ଅମିତାଭ ଚୌଧୁରୀଙ୍କ ଜନ୍ମ ।

୧୯୩୬ – ପ୍ରସିଦ୍ଧ ହିନ୍ଦୀ ସାହିତ୍ୟିକ କୈଳାଶ ବାଜପେୟୀଙ୍କ ଜନ୍ମ ।

୧୯୪୩ – ପରମାଣୁ ବୈଜ୍ଞାନିକ ଅନୀଲ କାକୋଦକରଙ୍କ ଜନ୍ମ ।

୧୯୭୩ – ପ୍ରଥମ ଅନ୍ତରାଷ୍ଟ୍ରୀୟ ଡାକ ଟିକଟର ପ୍ରଦର୍ଶନୀ ଦିଲ୍ଲୀରେ ଆୟୋଜିତ ।

୧୯୮୨ – ଇଜରାଇଲର ସୈନ୍ୟ ମୁଖ୍ୟାଳୟରେ ଗ୍ୟାସ ବିସ୍ଫୋରଣ ଘଟି ୬୦ ଜଣଙ୍କର ମୃତ୍ୟୁ ।

୧୯୮୮ – ସ୍ୱତନ୍ତ୍ରତା ସେନାନୀ ମୌଲାନା ଅବୁଲ କମାମ ଆଜାଦଙ୍କର ଜନ୍ମ ।

୨୦୦୪ – ଫିଲିସ୍ତିନର ରାଜନେତା ୟାସର ଅରାଫତଙ୍କ ମୃତ୍ୟୁ ।

୨୦୦୮ – ଆଧୁନିକ ଭାରତର ପ୍ରସିଦ୍ଧ ହିନ୍ଦୀ ଏବଂ ରାଜସ୍ଥାନୀ ଲେଖକ କନ୍ହେୟାଲାଲ ସେଠିୟାଙ୍କ ନିଧନ ।

## ତରାଉଛି ତରଳ ବରଫ

ଜଳବାୟୁ ପରିବର୍ତ୍ତନ ଆଜିକାଲି ଏକ ବଡ ସମସ୍ୟା ଭାବେ ସମସ୍ତଙ୍କ ପାଇଁ ଉଭା ହୋଇଛି । ଏହା ପୃଥିବୀର ସମସ୍ତ କ୍ଷେତ୍ରକୁ ପ୍ରଭାବିତ କରୁଛି । ଜଳବାୟୁ ପରିବର୍ତ୍ତନ କାରଣରୁ ସଠିକ୍ ସମୟରେ ସଠିକ୍ ଋତୁ ଆସୁନାହିଁ । ଯେଉଁ କାରଣରୁ ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି । ତେବେ ବିଶ୍ୱ ପର୍ଯ୍ୟଟନ କ୍ଷେତ୍ର ମଧ ଏହାର ପ୍ରଭାବରୁ ବର୍ଞ୍ଚି ନାହିଁ । ଜଳବାୟୁ ପରିବର୍ତ୍ତନ କାରଣରୁ ଗ୍ଲେସିଅର ତରଳିବାରେ ଲାଗିଛି । ଯାହାଫଳରେ ବିଶ୍ୱର ସବୁଠାରୁ ଉଚ୍ଚରେ ଥିବା ଚକଲତ୍ୟ ସ୍କି ରିଜର୍ଟ ବା ବରଫ ରିଜର୍ଟ ନଷ୍ଟ ହେବାରେ ଲାଗିଛି । ବରଫ ତରଳିବା କାରଣରୁ ଏଠାକୁ ପର୍ଯ୍ୟଟକ ଆସିବା ବନ୍ଦ ହୋଇଯାଇଛନ୍ତି । ଏହି ରିଜର୍ଟଟି ମାଉଣ୍ଟ ଏଭେରେଷ୍ଟର ସବୁଠାରୁ ଉଚ୍ଚତମ ଶୃଙ୍ଗରେ ରହିଛି । ଯାହାର ନାଁ ଗିନିଜ୍ ରେକର୍ଡରେ ମଧ ସ୍ଥାନ ପାଇଛି । କିଛି ବର୍ଷ ପୂର୍ବରୁ ଏଠାକୁ ହଜାରହଜାର ପର୍ଯ୍ୟଟକ ଆସୁଥିଲେ । ପର୍ଯ୍ୟଟକ ମାନେ ଏଠାରେ ରହିବା ସହିତ ସ୍କେଟିଙ୍ଗର ମଜା ନେଉଥିଲେ । ତେବେ ବିଶ୍ୱତାପମାନ ବା ଜଳବାୟୁରେ ପରିବର୍ତ୍ତନ କାରଣରୁ ଏହି ବରଫ ତରଳିବାରେ ଲାଗିଛି, ଯାହା ପର୍ଯ୍ୟଟକଙ୍କୁ ତରାଉଛି । ଯାହାଫଳରେ ପର୍ଯ୍ୟଟକଙ୍କ ସଂଖ୍ୟା ଧୀରେଧୀରେ କମିବାରେ ଲାଗିଛି । ୧୮,୦୦୦ ବର୍ଷ ପୁରୁଣା ଚକଲତ୍ୟ ଗ୍ଲେସିଅରର ତରଳିବା ବର୍ତ୍ତମାନ ବୈଜ୍ଞାନିକଙ୍କ ମୁଣ୍ଡବିନ୍ଧାର କାରଣ ସାଜିଛି । କାରଣ ଏହା ପୁରା ମଣିଷ ସମାଜ ପାଇଁ ଚିନ୍ତାର ବିଷୟ । ପୂର୍ବରୁ ଏଠାରେ ଚାରିଆଡେ ବରଫ ଥିବା ବେଳେ ଏବେ ଏହା ଧ୍ୱଂସ ସ୍ଥିତିରେ । ତେବେ ଏହି ସମସ୍ୟାକୁ ଯଦି ଗୁରୁତର ଭାବେ ଗ୍ରହଣ କରାନଯାଏ ତେବେ ଆଗକୁ ପରିସ୍ଥିତି ବେଶ୍ ଗମ୍ଭୀର ହେବ ବୋଲି ପରିବେଶବିତ୍ ମାନେ ପ୍ରକାଶ କରିଛନ୍ତି ।



## ନିଜ ମନର ରଖନ୍ତୁ ଧ୍ୟାନ



**ମହିଳାମାନଙ୍କୁ ଜୀବନରେ ଅନେକ କଥାର ଧ୍ୟାନ ଦେବାକୁ ହୋଇଥାଏ । ଶାରୀରିକ ସ୍ତରରେ ସୁସ୍ଥ ଓ ଆର୍ଥିକ ସ୍ତରରେ ସ୍ୱାଧୀନ ରହିବାକୁ ସେମାନଙ୍କୁ ସମସ୍ତେ ପରାମର୍ଶ ଦିଅନ୍ତି । ହେଲେ ବେଳେବେଳେ ମାନସିକ ସ୍ୱାସ୍ଥ୍ୟ କଥା କେହି ଚିନ୍ତା କରନ୍ତି ନାହିଁ, କିନ୍ତୁ ମହିଳାଙ୍କୁ ଇମୋଲନାଲି ସ୍ମାର୍ଟ ହେବାର ଆବଶ୍ୟକତା ବେଶି ରହିଛି । ତେବେ ଏହା ହେବା ପାଇଁ ମହିଳାଙ୍କୁ କିଛି କଥାରେ ଧ୍ୟାନ ଦେବାକୁ ହୋଇଥାଏ ।**

**ଅଧିକ କଥା ହୁଅନ୍ତୁ ନାହିଁ–** ଯେତେବେଳେ ଆପଣ ନିୟନ୍ତ୍ରିତ ଓ ସୀମିତ ମାତ୍ରାରେ କଥା ହେବେ ସେତେବେଳେ ଲୋକମାନେ ଆପଣଙ୍କୁ ଧୀର–ଗମ୍ଭୀର ଏବଂ ଜ୍ଞାନୀ ବୋଲି ଭାବିଥାଆନ୍ତି । ସମସ୍ତେ ଆପଣଙ୍କ କଥାକୁ ଶୁଣିବା ସହିତ ଗୁରୁତ୍ୱ ଦେଇଥାଆନ୍ତି । ଏହାଫଳରେ ଆପଣଙ୍କର ଆତ୍ମବିଶ୍ୱାସ ବଢିଥାଏ ଏବଂ ଆପଣ ମାନସିକ ସ୍ତରରେ ଷ୍ଟେବଲ୍ ହୋଇ ପାରନ୍ତି । ତେଣୁ ଯେତେ ପାରୁଛନ୍ତି କମ କଥା ହୁଅନ୍ତୁ ।

**ଯୁକ୍ତି କରନ୍ତୁ ନାହିଁ–** ଇମୋସନାଲି ସ୍ମାର୍ଟ ହେବାର ଆଉ ଏକ ଉପାୟ ହେଲା କୌଣସି ବି ବ୍ୟକ୍ତିଙ୍କ ସହ ଅଯଥା ଯୁକ୍ତି କରନ୍ତୁ ନାହିଁ । ଏପରି କରିବା ଦ୍ୱାରା ଆପଣଙ୍କୁ ସମ୍ମାନରେ ଆଞ୍ଚ ଆସିଥାଏ । ତେଣୁ ଲୋକଙ୍କୁ ସବୁବେଳେ ନିଜ ମତ ବୁଝାଇବାକୁ ଚେଷ୍ଟା କରନ୍ତୁ କିନ୍ତୁ ଯୁକ୍ତି କରନ୍ତୁ ନାହିଁ ।



**ଖୁସି ରୁହନ୍ତୁ–** ସବୁବେଳେ ଖୁସି ରହିବାକୁ ଚେଷ୍ଟା କରନ୍ତୁ । ମନ ଭଲ ରହିବା ଦ୍ୱାରା ଆପଣଙ୍କ ମାନସିକ ସ୍ୱାସ୍ଥ୍ୟ ମଧ ଠିକ ରହିବା । ସବୁକାର୍ଯ୍ୟରେ ମଧ ସଫଳ ହେବେ । ତେଣୁ ଯେତେ ପାରୁଛନ୍ତି ନିଜ ପସନ୍ଦର କାର୍ଯ୍ୟ କରନ୍ତୁ, ଯାହା ଆପଣଙ୍କ ମନକୁ ଖୁସି କରିବ ଏବଂ ଆପଣଙ୍କୁ ଇମୋସନାଲି ସ୍ମାର୍ଟ କରିବ ।

## ସୋସିଆଲ କୋଟ୍ସ



"ସଞ୍ଜୟ ଦତ୍ତ ଜଣେ ଖୁବ ଭଲ କଳାକାର । ସେ ସୁଟିଂ ସମୟରେ ଖୁବ ଉତ୍ସାହିତ ରହିବା ସହିତ ଗୁରୁତ୍ୱତା ଦେଇଥାଆନ୍ତି । ଏପରିକି ବିନା ବ୍ରେକରେ ସେ ୮ରୁ ୧୦ ଘଣ୍ଟା କାମ କରିଥାଆନ୍ତି ।

**ଅମୃତ ମାନ, ସିଙ୍ଗର**



"କାଷ୍ଟିଂ କାଉଚକୁ ସାମନା କରିଛି । ଏହି ଅନୁଭବ ଖୁବ ଖରାପ । ଜଣେ ବିବାହିତ ପ୍ରଯୋଜକ ବ୍ରାଣ୍ଡ ଆମ୍ବସଡର କରିବାକୁ ଅଜବ ଶର୍ତ୍ତ ରଖିଥିଲେ । ଯାହାକୁ ନମାନିବାରୁ ମୋଠାରୁ ବଦଳା ମଧ ନେଇଥିଲେ ।

**ରେଣୁକା ସାହାଣେ, ଅଭିନେତ୍ରୀ**



"ମୁଁ ଡିପ୍ରେସନରେ ଥିବା ସମୟରେ ମୋର ହାଲତ ଖୁବ ଖରାପ ହୋଇଥିଲା । ଘଣ୍ଟାଘଣ୍ଟା ଧରି କାନ୍ଦୁଥିଲି । ଏଥିରୁ ବାହାରିବାକୁ ଆମିର ଖାନ୍‌ଙ୍କ ଝିଅ ଇରା ମୋତେ ଖୁବ ସାହାଯ୍ୟ କରିଛନ୍ତି ।

**ବିଜୟ ବର୍ମା, ଅଭିନେତା**

## ବଢୁଛି ଗଧ କ୍ଷୀରର କ୍ରେଜ



ଦୁବାଇ ଓ ସଂଯୁକ୍ତରାଷ୍ଟ୍ର ଅରବ ଅମିରାତରେ ଆଜିକାଲି ଗଧ କ୍ଷୀରରୁ ପ୍ରସ୍ତୁତ ସାବୁନ କ୍ରେଜ ବଢିବାକୁ ଲାଗୁଛି । ଧୀରେଧୀରେ ଜୋର୍ଡାନ ଓ ମିଶ୍ର ଦେଶରେ ମଧ ଏହାର କ୍ରେଜ ବଢିବାରେ ଲାଗିଛି । ରିପୋର୍ଟ ଅନୁସାରେ ଗଧ କ୍ଷୀରରେ ଭିଟାମିନ ଏ,ବି, ସି ଓ ଇ ସହିତ ମ୍ୟାଗ୍ନେସିମ ଓ ଜିଙ୍କ ମଧ ରହିଛି । ଏହି କ୍ଷୀର ପ୍ରୋଟିନ, ଖଣିଜ ଓ ଆଣ୍ଟି ଅକ୍ସିଡାଣ୍ଟ ଗୁଣରେ ଭରପୂର ହୋଇ ରହିଛି । ଏହା ଆମ ସ୍କିନକୁ ହାଇଡ୍ରେଟ ରଖିବା ସହିତ ରିଙ୍କଲକୁ କମ ରଖିଥାଏ । ଆମ ସ୍କିନକୁ ଉଜ୍ଜ୍ୱଳ କରିବାରେ ସାହାଯ୍ୟ କରିଥାଏ । ସେହିଭଳି ଏହା ଖରାରୁ ଚର୍ମକୁ ହେଉଥିବା କ୍ଷତିରୁ ମଧ ରକ୍ଷା କରିଥାଏ । କିମ୍ବଦନ୍ତୀରେ ମଧ ଏହି ସାବୁନର ବ୍ୟବହାରର ପ୍ରମାଣ ରହିଛି । ଆଗକାଳରେ ବିଭିନ୍ନ ମହାରାଣୀମାନେ ଗଧ ଖୀରକୁ ପ୍ରସାଧାନ ସାମଗ୍ରୀରେ ବ୍ୟବହାର କରୁଥିଲେ ।

### ଏମ୍ସ କର୍ମଚାରୀ ସୁଧାଂଶୁ ହତ୍ୟା ମାମଲା

# ସାର୍ପସୁଟର ଶିବା ଗିରଫ



ଭୁବନେଶ୍ୱର, (ସବ୍ୟୁ) : ଏମ୍ସ କର୍ମଚାରୀ ସୁଧାଂଶୁ ଖୁଣ୍ଟିଆ ହତ୍ୟା ମାମଲାର ମୁଖ୍ୟ ଅଭିଯୁକ୍ତ ତଥା ସାର୍ପସୁଟର ଶିବା ଓରଫ ସଦାଶିବ ପ୍ରଧାନଙ୍କୁ ଖଣ୍ଡଗିରି ଥାନା ପୋଲିସ ଗିରଫ କରିଛି । ଶିବାକୁ ମିଶାଇ ମାମଲାର ୫ଜଣ ଯାକ ଅଭିଯୁକ୍ତ ଗିରଫ ହୋଇସାରିଲେଣି । ପୂର୍ବରୁ ଗିରଫ ହୋଇଥିବା ୪ଜଣ ଜେଲ୍‌ରେ ଅଛନ୍ତି । ଅକ୍ଟୋବର ୧୩ ତାରିଖ ଦିନ ସୁଧାଂଶୁ ଏମ୍ସକୁ ଡ୍ୟୁଟିରେ ବାହାରିବା ବେଳେ ତାଙ୍କୁ ତାଙ୍କ ଘର ପାଖରେ ହତ୍ୟା କରିଥିଲେ ଗିରଫ ଅଭିଯୁକ୍ତମାନେ । ସେହି ଏମ୍ସରେ କାମ କରୁଥିବା ରାକା ସୁଧାଂଶୁ ସମ୍ପର୍କରେ ଶିବାକୁ ତଥ୍ୟ ଦେବା କ୍ଷଣି ସେମାନେ ଘଟଣାସ୍ଥଳରେ ପହଞ୍ଚି ଗୁଳିଚାଳନା କରିଥିଲେ । ଦୀର୍ଘ ୬ବର୍ଷ ହେବ ଜମି ବିବାଦ ଲାଗି ରହିଥିବାରୁ ଶିବା ଓ ସୁଧାଂଶୁ ଛକାପଂଝା ହେଉଥିଲେ । ଦୁହେଁ ଗୋଟିଏ ଜିମ୍‌କୁ ଯାଆନ୍ତି । ସେଠାକୁ ଯିବା ଆସିବା ସମୟରେ ସୁଧାଂଶୁକୁ ବିଭିନ୍ନ ସମୟରେ ଶିବା କମେଣ୍ଟ କରେ ବୋଲି ଏସିପି ସାମ୍ବାଦିକମାନଙ୍କୁ କହିଛନ୍ତି ।

ଘଟଣା ପରେ ଖଣ୍ଡଗିରି ଥାନା ପୋଲିସ ୪ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ବେଳେ ଶିବା ଫେରାର ହୋଇଯାଇଥିଲା । ସେହିଦିନଠାରୁ ଶିବା କଟକ-ଭୁବନେଶ୍ୱର ଆଖପାଖ ଅଞ୍ଚଳରେ ଲୁଚି ବୁଲୁଥିଲା ବୋଲି ପୋଲିସ ସୂଚନା ଦେଇଛି । ମୋବାଇଲ ଟ୍ରାକିଂ କରି ପୋଲିସ ରହୁଥିବା ସ୍ଥାନମାନଙ୍କରେ ପହଞ୍ଚିବା ପୂର୍ବରୁ ସେ ଖସି ଯାଉଥିଲା । ହଂସପାଳ-ବାଲିଅନ୍ତା ରାସ୍ତାରେ ଶିବା ଯାଉଥିବାର ସୂଚନା ପାଇ ପୋଲିସ ତତ୍‌କ୍ଷଣାତ୍ ସେଠାରେ ପହଞ୍ଚି ତାକୁ କାବୁ କରିନେଇଥିଲା । ତା'ପାଖରୁ ଗୋଟିଏ ମୋବାଇଲ ଫୋନ୍ ଜବତ ହୋଇଛି । ଯେଉଁ ଫୋନ୍‌ରେ ସୁଧାଂଶୁ ହତ୍ୟାର ଭିଡିଓ ରହିଛି । ପୋଲିସ କହିବାନୁଯାୟୀ ସେହି ଭିଡିଓ ପ୍ରମାଣ ଭାବେ କୋର୍ଟରେ ଉପସ୍ଥାପନ କରାଯିବ । ସୁଧାଂଶୁ ହତ୍ୟାକାଣ୍ଡ ସମ୍ପୂର୍ଣ୍ଣ ଯୋଜନାବଦ୍ଧ ଥିଲା । ଜମି ବିବାଦକୁ ନେଇ ତାଙ୍କୁ ହତ୍ୟା କରିବା ପାଇଁ ବହୁଦିନ ପୂର୍ବରୁ ଶିବା ଯୋଜନା କରିଥିଲା । ଯୋଜନା ଅନୁଯାୟୀ ଘଟଣା ଦିନ ରାକା ଶିବାକୁ ଖବର ଦେବା କ୍ଷଣି ତାକୁ ଘର ପାଖରେ ହତ୍ୟା କରିବାରୁ ଶିବା ସଫଳ ହୋଇଥିଲା । ଶିବା ସୁଧାଂଶୁର ଛାତିକୁ ୪ରାଉଣ୍ଡ ଗୁଳି ମାରିବାରୁ ସେ ଘଟଣାସ୍ଥଳରେ ପଡିଯାଇଥିଲା । ଏମ୍ସକୁ ନିଆଯାଇଥିଲେ ମଧ୍ୟ ତାଙ୍କୁ ମୃତ ଘୋଷଣା କରିଥିଲେ ଡାକ୍ତର । ଶିବାକୁ ସୋମବାର କୋର୍ଟଚାଲାଣ କରାଯିବା ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ତାକୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

## ଓଡ଼ିଶାର ଚାଷୀଙ୍କୁ ସଶକ୍ତ କରିବାରେ ସିଆର୍‌ଆର୍‌ଆଇ ଏକ ପ୍ରମୁଖ ମାଇଲଖୁଣ୍ଟ : ଶିବରାଜ



ଭୁବନେଶ୍ୱର,(ସବ୍ୟୁ): କେନ୍ଦ୍ର କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ସୋମବାର କଟକର କେନ୍ଦ୍ରୀୟ ଧାନ ଗବେଷଣା ପ୍ରତିଷ୍ଠାନ ଗସ୍ତ ସମୟରେ ପ୍ରଧାନମନ୍ତ୍ରୀ ଧନ-ଧନ୍ୟ କୃଷି ଯୋଜନା, ଡାଲିରେ ଆତ୍ମନିର୍ଭରତା ପାଇଁ ମିଶନ ଏବଂ ପ୍ରାକୃତିକ କୃଷି ପାଇଁ ଜାତୀୟ ମିଶନ କାର୍ଯ୍ୟକାରୀ କରିବା ପାଇଁ ଏକ ଉଚ୍ଚସ୍ତରୀୟ ବୈଠକରେ ଅଧ୍ୟକ୍ଷତା କରିଥିଲେ ।

କେନ୍ଦ୍ର ମନ୍ତ୍ରୀ କହିଥିଲେ ଯେ ରାଜ୍ୟ ସରକାରଙ୍କ ସହଯୋଗରେ କେନ୍ଦ୍ର ସରକାରଙ୍କ ଯୋଜନାଗୁଡ଼ିକ ଚାଷୀଙ୍କ ଜୀବନକୁ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆଣିବ । ପ୍ରାକୃତିକ କୃଷି ମାଧ୍ୟମରେ ଓଡ଼ିଶା ପନିପରିବା ଚାଷରେ ଉଲ୍ଲେଖନୀୟ ଅଗ୍ରଗତି କରୁଛି । ଚାଷୀମାନଙ୍କୁ ସେମାନଙ୍କ ଉତ୍ପାଦର ଉଚିତ ମୂଲ୍ୟ ପାଇବାକୁ ନିଶ୍ଚିତ କରିବା ପାଇଁ ସେ ପ୍ରୟାସ ଉପରେ ଗୁରୁତ୍ୱାରୋପ କରିଥିଲେ । ଓଡିଶାର ଅନୁକୂଳ ଜଳବାୟୁ ପାଇଁ ଡାଲିର ବୃହତ ପରିମାଣର ଉତ୍ପାଦନକୁ ଉତ୍ସାହିତ କରିଥିଲେ । ସେ ଚାଷୀମାନଙ୍କୁ ବିଷାକ୍ତ ରାସାୟନିକ କଟକ ସଦରର ରାଜହଂସ ଗ୍ରାମକୁ ତାଙ୍କ ଗସ୍ତ ସମୟରେ ମନ୍ତ୍ରୀ ଚାଷୀମାନଙ୍କ ସହିତ ସେମାନଙ୍କ କୃଷି ଚ୍ୟାଲେଞ୍ଜ ବୁଝିବା ପାଇଁ ଆଲୋଚନା କରିଥିଲେ। ରାଜ୍ୟ ଉପମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ କହିଥିଲେ ଯେ କେନ୍ଦ୍ର ସରକାରଙ୍କ ପ୍ରାୟୋଜିତ ଯୋଜନା, ଆର୍ଥିକ ଏବଂ ବୈଷୟିକ ସହାୟତା, ବିକେନ୍ଦ୍ରୀକରଣ ଯୋଜନା, ନୀତିଗତ ଅଭିସରଣ ଏବଂ ବିଭିନ୍ନ କାର୍ଯ୍ୟକ୍ରମର ସମନ୍ୱିତ କାର୍ଯ୍ୟାନ୍ୱୟନ ମାଧ୍ୟମରେ ଓଡ଼ିଶା ରାଜ୍ୟ କୃଷିର ଉନ୍ନତି ପାଇଁ ମିଳିତ ଭାବରେ କାର୍ଯ୍ୟ କରୁଛି । ଡକ୍ଟର ଏ.କେ. ନାୟକ, ଡିଡିଜି (ଏନଆରଏମ) ବକ୍ତବ୍ୟ ରଖିଥିଲେ। ଶ୍ରୀମତୀ ଏଫ. ଦେବୋରା ଇନିଥା, ଯୁଗ୍ମ ସଚିବ (ଫସଲ) ପ୍ରଧାନମନ୍ତ୍ରୀ ଧନ-ଧନ୍ୟ କୃଷି ଯୋଜନାର କାର୍ଯ୍ୟାନ୍ୱୟନ ସୂଚୀକୁ ରୂପରେଖା ଦେଇଥିଲେ।

## ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ୧୦୪ ତମ ଉତ୍କଳ ଆଗମନୀ ସ୍ମୃତି ମହୋତ୍ସବ ପାଳନ ନିମନ୍ତେ ବୈଠକ

ପୁରୀ (ସବ୍ୟୁ): ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ୧୦୪ ତମ ଶୁଭ. ଉତ୍କଳ ଆଗମନୀ ସ୍ମୃତି ମହୋତ୍ସବ ତା ୧୧.୦୧.୨୦୨୬ରିଖି (ରବିବାର ) ଦିନ ସୁନ୍ଦର ଭାବେ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ସତସଙ୍ଗ ଠାକୁର ବାଡ଼ି ପୁରୀଠାରେ ୮ତାରିଖ ଦିନ ଗୋପୀନାଥ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଥିଲା । ଓଡ଼ିଶାର ବିଭିନ୍ନ ଜିଲ୍ଲାର ଶତାଧିକ ସତସଙ୍ଗ କର୍ମୀ ଏହି ବୈଠକରେ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।



ମହୋତ୍ସବର ସଫଳ ରୂପାୟନ ନିମନ୍ତେ ଏକ ଉପଦେଷ୍ଟା କମିଟି ଓ ଗୋଟିଏ କାର୍ଯ୍ୟକାରୀ କମିଟି ଗଠନ କରାଯାଇଥିଲା। ସୁରେଶ ଚନ୍ଦ୍ର ଦଲେଇ ସଭାପତି , ଡମ୍ବରୁ ଧର ଦାସ, ଉପ ସଭାପତି, ଡକ୍ଟର ହୃଷୀକେଶ ସେନାପତି, ସମ୍ପାଦକ, ନୀରଞ୍ଜନ ବେହେରା, ସ୍ୱାଇଁ ଶ୍ରୀ ନୃସିଂହ ଶ୍ରୀଚନ୍ଦନ, ଅଭୟ କୁମାର ପରିଡ଼ା ଓ କୃପାନିଧି ବିଶ୍ୱାଳ, ସହସଂପାଦକ, ଉମାକାନ୍ତ ସାହୁ ଓ ସମୀର ରଞ୍ଜନ ବେହେରା, ଟ୍ରେଜରର, ଅରୁଣ କୁମାର ସାହୁ ଓ ନୃସିଂହ ଚନ୍ଦନ ଆକାଉଣ୍ଟାଣ୍ଟ, ଉଦୟନାଥ ନନ୍ଦ ଓ ଅଶୋକ କୁମାର ଦାସ, ଅଡିଟର ଭାବେ ଚୟନ କରାଯାଇଥିଲେ। ସମସ୍ତ ଜିଲ୍ଲାରୁ ସଦସ୍ୟବୃନ୍ଦ ଉକ୍ତ କମିଟିରେ ରହିଛନ୍ତି। ଶ୍ରୀଶ୍ରୀ ଆଚାର୍ଯ୍ୟଦେବଙ୍କ ଶୁଭ ଆଶୀର୍ବାଦ ଓ ଉତ୍ସବର ସମସ୍ତ ବାର୍ତ୍ତା ତଥା ବିବରଣୀ ଓଡ଼ିଶାର ପ୍ରତ୍ୟେକ ଗ୍ରାମ ଓ ସହରରେ ପହଞ୍ଚାଇ ଭକ୍ତ ଶ୍ରଦ୍ଧାଳୁମାନଙ୍କୁ ନିମନ୍ତ୍ରଣ ଜଣାଇବା ପାଇଁ ସହସଂପାଦକ ମାନଙ୍କ ନେତୃତ୍ୱରେ ୩ ଟି ଟିମ୍ ଗଠିତ କରାଗଲା।

ଦୀକ୍ଷା ପତ୍ର କାର୍ଯ୍ୟକ୍ରମ କୁ ଆଗେଇ ନେବା, ପରମ ପୂଜ୍ୟ ପାଦ ଶ୍ରୀଶ୍ରୀ ଆଚାର୍ଯ୍ୟଦେବ ଙ୍କ ନିକଟରେ ନିବେଦନ ନିମନ୍ତେ କିଛି ଯୁବ କର୍ମୀ, ମା ମାନେ ଆସନ୍ତା ତା .୨୫.୧୧.୨୦୨୫ ରିଖରେ ରେ ବିଭିନ୍ନ ଜିଲାରୁ ଯାଇ ଦେଓଘର ଠାରେ ସମବେତ ହେବା ପାଇଁ ଅରୁଣ କୁମାର ସାହୁ ଅନୁରୋଧ ଜଣାଇଥିଲେ। ପରିଶେଷରେ ନୂତନ ସଭାପତି ଶ୍ରୀ ଦଲେଇ ଉତ୍ସବ ସଫଳତାର ସହିତ ପାଳନ ନିମନ୍ତେ ସମସ୍ତ ଙ୍କ ସହଯୋଗ କାମନା କରିଥିଲେ । ଶେଷରେ ସହ ସମ୍ପାଦକ ନିରଞ୍ଜନ ବେହେରା ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

### ଯୁବତୀଙ୍କୁ ବଳାତ୍କାର ଉଦ୍ୟମ

## ଚିତ୍କାର ଶୁଣି ଅଭିଯୁକ୍ତକୁ କାବୁକଲେ ଭାଇ

ଭୁବନେଶ୍ୱର, (ସବ୍ୟୁ) : ଜଣେ ଯୁବତୀଙ୍କୁ ଏକତରଫା ଭଲ ପାଇ ତାଙ୍କୁ ହଇରାଣ ହରକତ କରୁଥିବା ଅବିନାଶ ଜେନା ନାମକ ଜଣେ ଯୁବକଙ୍କୁ ନନ୍ଦନକାନନ ଥାନା ପୋଲିସ ଗିରଫ କରି କୋର୍ଟଚାଲାଣ କରିଥିଲା । ସେ ଜେଲ୍‌ରୁ ଜାମିନରେ ଆସିବା ପରେ ଯୁବତୀଙ୍କ ଘରେ ପଶି ତାଙ୍କୁ ବଳାତ୍କାର ଉଦ୍ୟମ କରିବାରୁ ସେ ଭୟରେ ଜୋର୍ ଚିତ୍କାର କରିଥିଲେ । ଚିତ୍କାର ଶୁଣି ପୀଡିତାଙ୍କ ଭାଇ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତ ଅବିନାଶକୁ କାବୁ କରି ପୋଲିସ ଜିମା ଦେଇଥିଲେ । ସୋମବାର ଅଭିନାଶକୁ କୋର୍ଟଚାଲାଣ କରାଯାଇଥିବା ନନ୍ଦନକାନନ ଥାନା ପୋଲିସ କହିଛି । ଅଭିଯୁକ୍ତ ଅନିନାଶ ଜେନା ସହ ପୂର୍ବରୁ ଅଭିଯୋଗକାରିଣୀଙ୍କ ପରିଚୟ ଥିଲା । ଉଭୟଙ୍କ ମଧ୍ୟରେ କ୍ରମେ ବନ୍ଧୁତା ହେବାରୁ ଅଭିଯୁକ୍ତ ତାଙ୍କୁ ଭଲ ପାଇଥିଲା । ସେ ଅଭିଯୋଗକାରିଣୀଙ୍କୁ ବାରମ୍ବାର ଫୋନ୍ କରିବା ସହ ଉଭୟ ଫେରାର ହୋଇଯିବାକୁ କହିଥିଲା । ଯଦି ସେ ତା'କଥା ନମାନନ୍ତି ପାଖରେ ରଖିଥିବା ଫଟୋ ଓ ଭିଡିଓକୁ ସେ ଭାଇରାଲ କରିଦେବ ବୋଲି ଧମକାଇଥିଲା । ଭାଇରାଲ କରାଇବା ଧମକ ଦେଇ ଯୁବତୀଙ୍କ ଠାରୁ ପ୍ରାୟ ୮ଲକ୍ଷ ଟଙ୍କା ଅବିନାଶ ନେଇଥିଲା । ଏହି ଘଟଣାକୁ କେନ୍ଦ୍ର କରି ନନ୍ଦନକାନନ ଥାନାରେ ଅଭିଯୋଗ ହେବାରୁ ପୋଲିସ ଅଭିଯୁକ୍ତ ଅବିନାଶକୁ ଗିରଫ କରି କୋର୍ଟଚାଲାଣ କରିବା ପରେ ସେ ଜେଲ୍‌ରେ ଥିଲା । ସେହି ମାମଲାରେ ଜାମିନରେ ଆସି ଅଭିନାଶ ରବିବାର ଅଭିଯୋଗକାରିଣୀଙ୍କ ଘରେ ବଳପୂର୍ବକ ପ୍ରବେଶ କରିଥିଲା । ପୀଡିତାଙ୍କୁ ଜୋର୍ ଜବରଦସ୍ତ ଧରି ବଳାତ୍କାର ଉଦ୍ୟମ କରିବାରୁ ସେ ଭୟଭୀତ ହୋଇ ଚିତ୍କାର କରିଥିଲେ । ତାଙ୍କ ଚିତ୍କାର ଶୁଣି ତାଙ୍କ ଭାଇ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତ ଅବିନାଶକୁ କାବୁ କରି ପିସିଆର୍ ଡାକି ପୋଲିସ ଜିମା ଦେଇଥିଲେ । ପୋଲିସ ତାକୁ ଗିରଫ କରି ଘୋଷଣା କରି ସୋମବାର କୋର୍ଟଚାଲାଣ କରିବା ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ତାକୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

## ବେଆଇନ ଗୋରୁ ଚାଲାଣ : ଜଣେ ଗିରଫ

କଣାସ,(ସବ୍ୟୁ): ଗତ ରବିବାର ଦିନ ସନ୍ଧ୍ୟା ୫ଟା ବେଳେ ଅଁଳାଯୋଡ଼ି ଠାରେ ତିନିଜଣ ବ୍ୟକ୍ତି ୧୯ ଗୋଟି ଗାଈଙ୍କୁ ବେଆଇନ ଓ ନିର୍ଦ୍ଦୟ ଭାବେ ଅଣ୍ଡା ଗ୍ରାମରୁ ବେଣାପଞ୍ଜୁରି ଗ୍ରାମ ଆଡ଼କୁ ଚୋରା ଚାଲାଣ କରୁଥିବା ସମୟରେ ସନ୍ଦେହରେ ଜଣେ ବ୍ୟକ୍ତି ତାଙ୍କୁ ପଚାରି ବିନା କାଗଜ ପତ୍ରରେ ନେଉଥିବା ଜାଣି କଣାସ ଥାନାକୁ ଖବର ଦେଇଥିଲେ । କଣାସ ପୋଲିସ ଟିମ ତୁରନ୍ତ ଘଟଣା ସ୍ଥଳ ଅଁଳାଯୋଡ଼ିରେ ପହଞ୍ଚି ସମସ୍ତ ୧୯ ଗୋଟି ଗାଈଙ୍କୁ ଜବତ କରିବା ସହିତ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଥିଲେ । ଆଉ ଅନ୍ୟ ଦୁଇ ଜଣେ ଫେରାର ହୋଇଯାଇଛନ୍ତି ।ଜବତ ଗାଈମାନଙ୍କୁ ଭୁବନେଶ୍ୱର ସ୍ଥିତ ଗୋଶାଳାକୁ ଉତ୍ତମ ରକ୍ଷଣାବେକ୍ଷଣ ପାଇଁ ହସ୍ତାନ୍ତର କରାଯାଇଛି ।୧୬୫/୨୦୨୫ ମାମଲା ରୁଜୁ କରି ଅଭିଯୁକ୍ତ ଗୋ-ଚାଲାଣକାରୀ କମର ଅଲ୍ଲୀ ଖାଁ କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଚି । ଜାମିନ ନାମଞ୍ଜୁର ହେବାରୁ ତାକୁ ବିଚାର ବିଭାଗୀୟ ହାଜତକୁ ପଠା ଯାଇଚି ।

## ଯୁବତୀଙ୍କୁ ଦୁର୍ବ୍ୟବହାର : ଯୁବକ ଗିରଫ

ବାରଙ୍ଗ,(ସବ୍ୟୁ): ଜଣେ ଯୁବତୀଙ୍କୁ ବଳପୂର୍ବକ ଜୋରଜବର ଦସ୍ତି କରିବା ଅଭିଯୋଗରେ ନନ୍ଦନ କକାନନଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି । ଗିରଫ ଯୁବକ ଜଣଙ୍କ ଖୁଣ୍ଟୁଣିର ଅବିନାଶ ଯେନା(୩୦) ।,ଅବିନାଶ ନନ୍ଦନକାନନ ଥାନା ଅଧୀନସ୍ଥ ଏକ ଗ୍ରାମର ଜଣେ ଯୁବତୀଙ୍କ ସହ ପରିଚୟ ରହିଥିଲା ।ଏହି ଆଧାରରେ ଉଭୟଙ୍କ ମଧ୍ୟରେ କ୍ରମେ ବନ୍ଧୁତା ଓ ପରେ ଯୁବତୀଙ୍କୁ ଏକପାଖିଆ ଭଲପାଇବା ଆରମ୍ଭ କରିଥିଲେ ।ଯୁବତୀଙ୍କୁ ଫୋନ କରି ତାଙ୍କ ସହ ପଳାଇଯିବା ଲାଗି ଏକାଧିକ ବାର କହିଥିଲେ ।ଯଦି ସେ ସାଙ୍ଗରେ ନ ଯିବେ ତେବେ ତାଙ୍କ ପାଖରେ ଥିବା ଫଟୋ ଭାଇରାଲ କରିଦେବେ ବୋଲି ଧମକ ଦେଇ ଯୁବତୀଙ୍କ ନିକଟରୁ ପ୍ରାୟ ଆଠଲକ୍ଷ ଟଙ୍କା ନେଇସାରିଥିଲେ । ଏହାକୁ କେନ୍ଦ୍ରକରି ପୂର୍ବରୁ ସମ୍ପୃକ୍ତ ନନ୍ଦନକାନନ ଥାନାରେ ଏକ ମାମଲା ପଞ୍ଜୀକୃତ ହୋଇ ଅବିନାଶ ଗିରଫ ହୋଇଥିଲେ ।କିନ୍ତୁ ଜାମିନରେ ଆସିବା ପରେ ରବିବାର ଅବିନାଶ ଯୁବତୀଙ୍କ ଘର ଭିତରେ ବଳପୂର୍ବକ ପ୍ରବେଶ କରିବା ସହ ତାଙ୍କ ସହିତ ଦୁର୍ବ୍ରବହାର କରିଥିଲେ । ଯୁବତୀଙ୍କ ପାଟିଶୁଣି ତାଙ୍କ ଭାଇ ଘଟଣାସ୍ଥଳକୁ ଆସି ଅବିନାଶଙ୍କୁ କାବୁ କରି ପୁଲିସ ଜିମା ଦେଇଥିଲେ ।

## ବ୍ରାଉନସୁଗର ସହିତ ଦୁଇ ଅଭ୍ୟାସଗତ ଅପରାଧୀ ଗିରଫ

ଜଟଣୀ, (ସବ୍ୟୁ): ସ୍ଥାନୀୟ ଖୁଦୁପୁର ଛକ ନିକଟରେ ବେଆଇନ ବ୍ରାଉନ ସୁଗାର ବିକ୍ରୀ ବାବଦରେ ପୁଲିସକୁ ସୂଚନା ମିଳିବା ପରେ ଥାନାଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ସମ୍ପୃକ୍ତ ଥାନାର ଏକ ସ୍ପେଶାଲ ଟିମ୍ ଉକ୍ତ ସ୍ଥାନରେ ଅତର୍କିତ ଚଢଉ କରିବା ସହ ବେଆଇନ ବ୍ରାଉନ ସୁଗାର ଚାଲାଣ ତଥା ବିକ୍ରି ଅଭିଯୋଗରେ ମୁଣ୍ଡିଆ ସାହିର ସେକ ସ୍ୱାଧୀନ (40) ଓରଫ ବାବୁ ଏବଂ ସେକ ଶାମସୁଧୀନ (29) ଓରଫ ଚାନ୍ଦ ନାମକ ଦୁଇ ଅଭିଯୁକ୍ତଙ୍କୁ କାବୁ କରିବାରେ ସକ୍ଷମ ହୋଇଥିଲେ । ଛାନଭିନ ସମୟରେ ପୁଲିସ ଦୁଇ ଅଭିଯୁକ୍ତଙ୍କ ହେପାଜତରୁ ମୋଟ ୧୫ ଗ୍ରାମ ଓଜନର ବ୍ରାଉନ ସୁଗାର ଏବଂ ଏକ ସ୍କୁଟି ଜବତ କରିଥିଲେ । ପଚରାଉଚରା ବେଳେ, ଉଭୟ ଅଭିଯୁକ୍ତ ଏହି ବ୍ରାଉନ ସୁଗାର ବ୍ୟବସାୟ ଗତ କିଛିଦିନ ହେବ ନିୟମିତ ଭାବେ କରିଆସୁଥିବା ବେଳେ, ଖୋର୍ଦ୍ଧା ଅଞ୍ଚଳରୁ ସଂଗ୍ରହ କରି ଅଣୁଥିବା ପ୍ରକାଶ କରିଥିଲେ । ଏହି ଘଟଣାକୁ କେନ୍ଦ୍ରକରି ଜଟଣୀ ଥାନା ପୁଲିସ ଏକ ବେଆଇନ ବ୍ରାଉନ ସୁଗାର ବିକ୍ରି ଜନିତ ମାମଲା ରୁଜୁ କରିବା ସହ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି । ଦୁଇ ଅଭିଯୁକ୍ତ ଅଭ୍ୟାସଗତ ଅପରାଧୀ ଏବଂ ସେମାନଙ୍କ ମଧ୍ୟରୁ ଅଭିଯୁକ୍ତ ଏସକେ ସାହାବୁଦ୍ଦିନ ଓରଫ ବାବୁଙ୍କ ନାମରେ ପୂର୍ବରୁ ବିଭିନ୍ନ ଥାନାରେ ୨୮ ଗୋଟି ଅପରାଧିକ ମାମଲା ରହିଥିବା ବେଳେ, ଅଭିଯୁକ୍ତ ଏସକେ ସମସୁଦ୍ଦିନଙ୍କ ନାମରେ ୪ ଟି ମାମଲା ରହିଥିବା ଜଣାପଡିଛି । ବର୍ତ୍ତମାନ ଏହି ମାମଲାର ଅଧିକ ତଦନ୍ତ ଚାଲୁ ରହିଛି ।






ଭାରତ ମସଲା ପକ୍ଷରୁ ୪ର୍ଥ ଦିନର ଲକି ଡ୍ର

# ଭାଗ୍ୟଶାଳୀ ବିଜେତା ହେଲେ ଭରତ, ପ୍ରଦୀପ, ଈଶ୍ୱର

କଟକ,(ସବ୍ୟୁ): ପ୍ରତିଦିନ କଟକ ବାଲିଯାତ୍ରା ପଡ଼ିଆରେ ମସଲା ଜଗତରେ ବିପ୍ଳବ ସୃଷ୍ଟି କରିଥିବା ଭାରତ ମସଲା ପକ୍ଷରୁ ଲକି ଡ୍ର କାର୍ଯ୍ୟକ୍ରମ ଜାରି ରହିଛି । ଗ୍ରାହକ ମାନେ ଭାରତ ମସଲା କମ୍ପାନୀ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ସାମଗ୍ରୀ ନିଜର ମନପସନ୍ଦ ମୁତାବକ କିଣି ଆକର୍ଷଣୀୟ ପୁରସ୍କାର ମାନ ଅତିଥି ମାନଙ୍କ ହାତରୁ ଗ୍ରହଣ କରି ଖୁସିରେ ଫେରୁଛନ୍ତି। ଗ୍ରାହକ ମାନଙ୍କ ଭାରି ଡିମାଣ୍ଡ କୁ ଆଖି ଆଗରେ ରଖି ମସଲାର ମାନ, ଗୁଣବତ୍ତା ଓ ପ୍ରାଇସ ରେ ଏ ପର୍ଯ୍ୟନ୍ତ ସାଲିସ କରିନି ବୋଲି କହିଛନ୍ତି କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡା। ଗୃହିଣୀ ମାନଙ୍କ ପ୍ରଥମ ପସନ୍ଦ ରହିଥିବା ଭାରତ ମସଲା ସେଥିପାଇଁ ବାଲିଯାତ୍ରାରେ ପ୍ରତିଦିନ ଲକି ଡ୍ର ମାଧ୍ୟମରେ ଭାଗ୍ୟଶାଳୀ ବିଜେତା ମାନଙ୍କୁ ଚୟନ କରି ଆସୁଛି। ଶେଷ ଦିନରେ ଏକ ବମ୍ପର୍ ପ୍ରାଇଜ



କମ୍ପାନୀ ପ୍ରଦାନ କରିବ ବୋଲି ଶ୍ରୀ ପଣ୍ଡା ଚତୁର୍ଥ ଦିନର ଲକି ଡ୍ର ଅବସରରେ ସୂଚନା ଦେଇଛନ୍ତି। ଆଜିର ଲକି ଡ୍ର ବିଜେତା ମାନଙ୍କୁ ମୁଖ୍ୟ ଅତିଥି ଭାରତ ମସଲାର ପ୍ରତିଷ୍ଠାତା ଅଧକ୍ଷ ସୁରେନ୍ଦ୍ର ନାଥ ପଣ୍ଡା ଯୋଗ ଦେଇ ପୁରସ୍କାର ବିତରଣ କରିଥିଲେ। ଆଜିର ପ୍ରଥମ ଭାଗ୍ୟଶାଳୀ ବିଜେତା ଢେଙ୍କାନାଳ ଜିଲ୍ଲା ଗୁଡ଼ିଆକାଟେଣୀ ଅଞ୍ଚଳର ଭରତ କୁମାର ରାଉତଙ୍କୁ ମାଇକ୍ରୋ ଓଭାନ, ଦ୍ୱିତୀୟ ବିଜେତା ସିଡିଏ ସେକ୍ଟର ୧୦ ର ପ୍ରଦୀପ କୁମାର ଦାସଙ୍କୁ ରେଞ୍ଜି ବାଇସାଇକେଲ, ତୃତୀୟ ବିଜେତା ଭୁବନେଶ୍ୱରର ତମାଣ୍ଡୋ ଅଞ୍ଚଳର ଈଶ୍ୱର ଚନ୍ଦ୍ର ବଳଙ୍କୁ ବାଉଲ ସେଟ୍ ଓ ସାନ୍ତ୍ୱନା ମୂଳକ ପୁରସ୍କାର ସ୍ୱରୂପ ସାଇଲୋ ଗୋବିନ୍ଦପୁର ମେଘା ଅଞ୍ଚଳର ମୀନକେତନ ରାଉତରାୟଙ୍କୁ ଫ୍ରାଇଂ ପାନ୍ ମୁଖ୍ୟ ଅତିଥି ଶ୍ରୀ ପଣ୍ଡା ପ୍ରଦାନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ନିର୍ଦ୍ଦେଶକ ଶ୍ରୀମନ୍ତ କୁମାର ପଣ୍ଡା, ଦିଗନ୍ତ କୁମାର ପଣ୍ଡା, ଆଶୁତୋଷ ପଣ୍ଡା, ଏସଏନ ମିଲେନିୟମ, ଜିଏମ୍ ଅପରେସନ ଅରୁଣ କୁମାର ନାୟକ, ଜିଏମ୍ ପ୍ରଡକ୍ସନ ନବକୃଷ୍ଣ ପ୍ରଧାନଙ୍କ ସମେତ ଭାରତ ମସଲା କମ୍ପାନୀର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# ଅଙ୍ଗଚ୍ଛେଦ ମୁକ୍ତ ଭାରତ ନେଇ କିମ୍ସ ପକ୍ଷରୁ ସଚେତନତା ପଦଯାତ୍ରା

ଭୁବନେଶ୍ୱର, (ସବ୍ୟୁ): ଅଙ୍ଗଚ୍ଛେଦ ମୁକ୍ତ ଭାରତ ବାର୍ତ୍ତା ନେଇ କିମ୍ସ ପକ୍ଷରୁ ରବିବାର ଏକ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଭାସ୍କୁଲାର ସୋସାଇଟି ଅଫ୍ ଇଣ୍ଡିଆ ସହଯୋଗରେ କିମ୍ସ ପକ୍ଷରୁ ଆୟୋଜିତ ଏହି ପଦଯାତ୍ରାରେ 'ଅଙ୍ଗ ରକ୍ଷା-ଜୀବନ ରକ୍ଷା ବାର୍ତ୍ତା ସାଧାରଣ ଲୋକଙ୍କ ମଧ୍ୟରେ ପହଁଚାଯାଇଥିଲା। ଭାସ୍କୁଲାର ରୋଗ ଯୋଗୁଁ ପ୍ରତିବର୍ଷ ସାରା ଭାରତରେ ହଜାର ହଜାର ଲୋକ ଅଙ୍ଗଚ୍ଛେଦ କରାଇବା ପାଇଁ ବାଧ୍ୟ ହୋଇଥାନ୍ତି। ପ୍ରାରମ୍ଭିକ ରୋଗ ନିର୍ଣ୍ଣୟ, ସମୟୋଚିତ ହସ୍ତକ୍ଷେପ ଏବଂ ନିରନ୍ତର ଜନସଚେତନତା ଦ୍ୱାରା ଏହି ଅଙ୍ଗଚ୍ଛେଦର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶକୁ ଏଡ଼ାଯାଇପାରିବ ବୋଲି ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ହାଇଦ୍ରାବାଦସ୍ଥିତ ଏଆଇଜି ହସ୍ପିଟାଲର ଭାସ୍କୁଲାର ଏବଂ ଏଣ୍ଡୋଭାସ୍କୁଲାର ସର୍ଜରୀ ଅନୁଷ୍ଠାନର ନିର୍ଦ୍ଦେଶକ ତଥା ମୁଖ୍ୟ ଡା ନିହାର ରଞ୍ଜନ ପ୍ରଧାନ ଏହି ପଦଯାତ୍ରର ନେତୃତ୍ୱ ନେଇଥିଲେ। ଏହି ପଦଯାତ୍ରା କିମ୍ସ କ୍ୟାନ୍ସର





ସେଂଟରରୁ ଆରମ୍ଭ ହୋଇ ପଟିଆ ଛକ ପର୍ଯ୍ୟନ୍ତ ଯାଇଥିଲା । ଏଥିରେ କିମ୍ସ ମେଡିକାଲ୍ କଲେଜ ଅଧ୍ୟକ୍ଷ ଡା. ଆର୍ ସି ଦାସ, କିମ୍ସ ଗ୍ରୁପ ଡାଇରେକ୍ଟର ଡ. ଦିଲ୍ଲୀପ କୁମାର ପଣ୍ଡା, ସର୍ଜନ ପ୍ରଫେସର ଅମରେଶ ମିଶ୍ରଙ୍କ ସମେତ ବହୁ ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଆସୋସିଏସନ୍ ଅଫ୍ ସର୍ଜନସ୍ ଅଫ୍ ଇଣ୍ଡିଆ, ଓଡ଼ିଶା ଶାଖାର ସଭାପତି ଡା. ସୁଧାଂଶୁ ଶେଖର ସୂତାର, ଭୁବନେଶ୍ୱର ସର୍ଜନ କ୍ଲବ୍‌ର ବରିଷ୍ଠ ସର୍ଜନ୍ ଡା ସି.ଆର. ଦାଶ ଅନ୍ୟାନ୍ୟ ସର୍ଜନମାନେ ଅଂଶଗ୍ରହଣ କରିଥିଲେ।

ରକ୍ତବାହୀ ସମସ୍ୟାର ଗୁରୁତ୍ୱପୂର୍ଣ୍ଣ ପ୍ରାରମ୍ଭିକ ସୂଚକଗୁଡ଼ିକ ଯଥା ଚାଲିବା ସମୟରେ କ୍ରମାଗତ ଗୋଡ଼ ଯନ୍ତ୍ରଣା, ପାଦରେ ଦୀର୍ଘଦିନ ଧରି ଥିବା ଅଲସର ଓ ଆଙ୍ଗୁଠିର ଚର୍ମ ବିକୃତି ଆଦି ଦେଖାଗଲେ ତୁରନ୍ତ ଡାକ୍ତରଙ୍କ ସହ ପରାମର୍ଶ କରିବାକୁ ବିଶେଷଜ୍ଞମାନେ ଗୁରୁତ୍ୱାରୋପ କରିଥିଲେ। ପ୍ରାରମ୍ଭିକ ପରୀକ୍ଷା ଓ ଉପଯୁକ୍ତ ଚିକିତ୍ସା ଅଙ୍ଗକୁ ବିପଦଜନକ ଅବସ୍ଥାରୁ ରୋକିପାରିବ ବୋଲି ସେମାନେ ମତ ଦେଇଥିଲେ। ବିଶେଷକରି ମଧୁମେହ, ଧୂମପାନ ଏବଂ ଖରାପ ଭାବରେ ନିୟନ୍ତ୍ରିତ ଉଚ୍ଚ ରକ୍ତଚାପ ଭଳି ଅନ୍ତର୍ନିହିତ ବିପଦ କାରକଗୁଡ଼ିକର ପ୍ରଭାବ ଉପରେ ମଧ୍ୟ ଆଲୋକପାତ କରିଥିଲେ । ପ୍ରମାଣ-ଆଧାରିତ ପ୍ରତିଷେଧକ ପଦକ୍ଷେପ ଗ୍ରହଣ କରିବାକୁ ବିଶେଷଜ୍ଞମାନେ ଅନୁରୋଧ କରିଥିଲେ । ଧୂମପାନଠାରୁ ଦୂରେଇ ରହିବା, କଠୋର ଗ୍ଲାଇସେମିକ୍ ନିୟନ୍ତ୍ରଣ, ନିୟମିତ ବ୍ୟାୟାମ, ଦୀର୍ଘକାଳୀନ ସ୍ୱାସ୍ଥ୍ୟ ଅବସ୍ଥା ଓ ନିୟମିତ ପାଦର ଅବସ୍ଥା ଅନୁଧ୍ୟାନ କରିବା ପାଇଁ ବିଶେଷଜ୍ଞମାନେ ପରାମର୍ଶ ଦେଇଥିଲେ।

# କୋଟିଏ ଟଙ୍କା ଠକେଇ, ଆନ୍ତଃରାଜ୍ୟ ଠକ ଦମ୍ପତି ଗିରଫ

ଭୁବନେଶ୍ୱର, (ସବ୍ୟୁ) : ଓଡ଼ିଶା ସମେତ ବିଭିନ୍ନ ରାଜ୍ୟରୁ କୋଟିଏରୁ ଉର୍ଦ୍ଧ୍ୱର୍ ଟଙ୍କା ଠକେଇ କରିଥିବା ଆନ୍ତଃରାଜ୍ୟ ଠକ ଦମ୍ପତିଙ୍କୁ ଗିରଫ କରିଛି ତମାଣ୍ଡୋ ଥାନା ପୋଲିସ । ଆନ୍ତର୍ଜାତୀୟ ଟ୍ରେଡିଂ କମ୍ପାନୀରେ ଟଙ୍କା ଲଗାଇଲେ ଭଲ ଲାଭ ମିଳିବା ପ୍ରତିଶ୍ରୁତି ଦେଇ ଦୁହେଁ ଠକୁଥିଲେ । ଗିରଫ ହୋଇଥିବା ଦୁଇଜଣ ହେଲେ ରବୀନ୍ଦ୍ର କୁମାର ବିଶୋଇ (୫୨) ଓ ମମତା ନାୟକ । ରବୀନ୍ଦ୍ର ଘର ରାଉରକେଲାରେ ହୋଇଥିବା ବେଳେ ସେ ନୂଆପଲ୍ଲୀ ବେହେରା ସାହିରେ ଏକ ଆପାର୍ଟମେଣ୍ଟରେ ରହୁଥିଲା । ସେହିପରି ମମତା ଘର କଟକ ଜିଲ୍ଲାରେ ହୋଇଥିବା ବେଳେ ବେହେରା ସାହିର ସେହି ଆପାର୍ଟମେଣ୍ଟରେ ରହୁଥିବା ପୋଲିସ କହିଛି ।

ଏତଲାକାରୀ ଗଦାଧର କରଙ୍କ ଏତଲା ଆଧାରରେ ତମାଣ୍ଡୋ ଥାନା ପୋଲିସ ମାମଲା ରୁଜୁ କରି ତଦନ୍ତ କରିବା ପରେ କୋଟିଏ ଟଙ୍କା ଠକେଇର ପର୍ଦ୍ଦାଫାସ ହୋଇଛି । ୨୦୨୨ ମସିହାରେ ଗଦାଧର ରବିନ୍ଦ୍ର ବିଶୋଇକୁ ଜାଣିଥିଲେ । ସେ ନିଜକୁ ଅବସରପ୍ରାପ୍ତ ବାୟୁସେନା ଅଧିକାରୀ କହିଥିଲା । କିଛିଦିନ ପରେ ସେ ଆନ୍ତର୍ଜାତୀୟ ଟ୍ରେଡିଂ କମ୍ପାନୀରେ କାମ କରୁଥିବା ଏତଲାକାରୀଙ୍କୁ କହିବା ସହ ଟଙ୍କା ବିନିଯୋଗ କରିବାକୁ ପରାମର୍ଶ ଦେଇ ଭଲ ଲାଭ ହେବ ବୋଲି ସୂଚନା ଦେଇଥିଲା । ଅଭିଯୁକ୍ତ ରବୀନ୍ଦ୍ର କଥାରେ ଗଦାଧର ବିଶ୍ୱାସ କରି ୨୦୨୨ ମସିହା ଅଗଷ୍ଟ ଏବଂ ନଭେମ୍ବର ମାସରେ ରବୀନ୍ଦ୍ର ମମତା ନାୟକଙ୍କୁ ଏତଲାକାରୀଙ୍କ ସହ ପରିଚୟ କରାଇଥିଲା । ମମତା ମୋ ସ୍ତ୍ରୀ ଓ ବ୍ୟବସାୟ ଅଂଶୀଦାର । ଏହା ଜାଣିବା ପରେ ଗଦାଧର ଅଧିକ ଲାଭ ଆଶାରେ ୫ଲକ୍ଷ ୩୭ ହଜାର ଟଙ୍କା ତାଙ୍କ କାନଡା ବ୍ୟାଙ୍କ ଆକାଉଣ୍ଟକୁ ପଠାଇଥିଲେ । ଏହା ପରେ ୨୨ ହଜାର ଟଙ୍କା ରବୀନ୍ଦ୍ରଙ୍କ ନିଜ ଆକାଉଣ୍ଟକୁ ଦେଇଥିବା ପୋଲିସ କହିଛି । ଏଥିସହ ୬ଲକ୍ଷ ଟଙ୍କା ଅଭିଯୁକ୍ତ ସ୍ୱାମୀ-ସ୍ତ୍ରୀ ରହୁଥିବା ଆପାର୍ଟମେଣ୍ଟରେ ପହଞ୍ଚି ଗଦାଧର ଦେଇଥିବା ଏତଲାରେ ଦର୍ଶାଇଥିଲା । ଏହା ପରେ ୧ଲକ୍ଷ ୪୨ ହଜାର ୨୦୦ ଟଙ୍କା ଅଭିଯୁକ୍ତର ସହଯୋଗ ଅମିତ ପାଲ ନେଇଥିଲେ । ବିଭିନ୍ନ ପର୍ଯ୍ୟାୟରେ ୧୨ଲକ୍ଷରୁ ଉର୍ଦ୍ଧ୍ୱର୍ ଟଙ୍କା ଦମ୍ପତି ଠକିନେଇଥିଲେ ।

ଦୀର୍ଘଦିନ ବିତିଯାଇଥିଲେ ମଧ୍ୟ ଗଦାଧର କିଛି ଟଙ୍କା ପାଇନଥିଲେ । ୨୦୨୩ ମସିହା ମେ' ୮ ତାରିଖ ଦିନ ଏତଲାକାରୀ ଟଙ୍କା ପାଇଁ ଅଭିଯୁକ୍ତ ଦମ୍ପତିଙ୍କ ଘରକୁ ଯାଇଥିବା ବେଳେ ମମତା ଚତୁରତାର ସହ ତାଙ୍କ କାର୍‌କୁ ଅଟକାଇ ପିସିଆର୍‌କୁ ଫୋନ୍ କରି ମିଛ ବଳାତ୍କାର ଅଭିଯୋଗ କରିଥିଲା । ନୂଆପଲ୍ଲୀ ଥାନାରେ ଉଭୟଙ୍କ ମଧ୍ୟରେ ଆପୋଷ ବୁଝାମଣା ହେବାରେ ଅଭିଯୁକ୍ତ ଦମ୍ପତି ଏତଲାକାରୀଙ୍କୁ ଚେକ୍ ଦେବା ସହ ଟଙ୍କା ନେଇଥିବା ସତ୍ୟପାଠ କରି ସ୍ୱୀକାର କରିଥିଲେ । ଚେକ୍‌ରେ କରିଥିବା ଦସ୍ତଖତ ବ୍ୟାଙ୍କରେ ନମିଶିବାରୁ ଏତଲାକାରୀ ଟଙ୍କା ପାଇବାରୁ ବିଫଳ ହୋଇଥିଲେ । ଉପାୟଶୂନ୍ୟ ହୋଇ ତମାଣ୍ଡୋ ଥାନାରେ ୨୦୨୪ ମସିହା ଏପ୍ରିଲ୍ ୨୯ ତାରିଖ ଦିନ ଏତଲା ଦାଏର କରିଥିଲେ । ସେହି ଏତଲା ଆଧାରରେ ପୋଲିସ ମାମଲା ରୁଜୁ କରିଥିଲେ ମଧ୍ୟ ୨୦୨୫ ମସିହା ନଭେମ୍ବର ମାସ ପର୍ଯ୍ୟନ୍ତ ଠକ ଦମ୍ପତି ଗିରଫ ହୋଇପାରି ନଥିଲେ । କ'ଣ ପାଇଁ ଏତେଦିନ ଧରି ସେ ଗିରଫ ହୋଇନଥିଲେ ତାହା ପୋଲିସ ସ୍ପଷ୍ଟ କରିନାହିଁ । ଓଡ଼ିଶା ସମେତ ବିଭିନ୍ନ ରାଜ୍ୟରୁ ଠକ ଦମ୍ପତି ଟ୍ରେଡିଂ ନାଁରେ କୋଟିଏ ଟଙ୍କା ଠକିଥିବା ତଦନ୍ତରୁ ପୋଲିସ ଜାଣିବାକୁ ପାଇଥିବା କହିଛି । ସୋମବାର ଦମ୍ପତିଙ୍କୁ କୋର୍ଟଚାଲାଣ କରାଯିବା ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ଦୁହିଁଙ୍କୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

## ଓସ୍ତିଆ ବାଲି ଘାଟରେ ଚଢ଼ାଉ : ୩ ମେସିନ ଜବତ

ବାଙ୍କୀ ,(ସବ୍ୟୁ): ବାଙ୍କୀ ତହସିଲ ଅନ୍ତର୍ଗତ ଓସ୍ତିଆ ବାଲି ଘାଟରୁ ଲିଜ ଧାରୀ ମହାନଦୀରୁ ସଠିକ ଭାବେ ବାଲି ଉଠାଣ ନ କରି ବେଆଇନ ଭାବେ ସୁବର୍ଣ୍ଣପୁର ଠାରେ ଜଳ ସମ୍ପଦ ବିଭାଗର ମହାନଦୀ ବନ୍ଧ କାଟି ବାଲି ବେଆଇନ ଭାବେ ଶହ ଶହ ଟ୍ରିପ ବାଲି ବିକ୍ରି କରିବା ଦ୍ୱାରା ଓସ୍ତିଆ ସୁବର୍ଣ୍ଣପୁର ରାସ୍ତା ସମ୍ପୂର୍ଣ୍ଣ ନଷ୍ଟ ହୋଇ ଗଲାଣି । ପୂର୍ବରୁ ଦୁଇ ଦୁଇ ଥର ମେସିନ ତହସିଲଦାର ଜବତ କରି ଥିଲେ ମଧ୍ୟ ଲିଜଧାରୀ ମାନୁ ନ ଥିବାରୁ ବାଙ୍କୀ ଡମପଡ଼ା ବ୍ଲକରେ କଟକ ଜିଲ୍ଲାପାଳ ଙ୍କ ଜନ ଅଭିଯୋଗ ଶୁଣାଣୀ ଶିବିର ରେ ଲୋକେ କଟକ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଥିଲେ । ଅଭିଯୋଗ ଶୁଣି କଟକ ଜିଲ୍ଲାପାଳ ତୁରନ୍ତ ବେଆଇନ ଭାବେ ଚାଲିଥିବା ବାଲିଘାଟକୁ ଯାଇ ମେସିନ ଜବତ କରିବା ସହିତ ଗଚ୍ଛିତ ବାଲି ଜବତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ଜିଲ୍ଲାପାଳ । ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଅନୁଯାୟୀ ବାଙ୍କୀ ତହସିଲଦାର ଓ କଟକ ଖଣି ବିଭାଗ ର ଦୁଇ ସହକାରୀ ଖଣି ଅଧିକାରୀ ପହଞ୍ଚି ତିନି ଗୋଟି ବାଲି ଉତ୍ତୋଳନ କରୁଥିବା ମେସିନ ଜବତ କରିବା ସହିତ ଗଚ୍ଛିତ ବାଲି ଜବତ କରାଯାଇ ଥିବାର ସୂଚନା ଦେଇଛନ୍ତି ବାଙ୍କୀ ତହସିଲଦାର ଅଶେଷ କୁମାର ନାୟକ ।

ଷଷ୍ଠ ଦିନରେ ଐତିହାସିକ ବାଲିଯାତ୍ରା...

# ଖାଇଲେ କମ୍: କିଣିଲେ ଅଧିକ

କଟକ, (ସବ୍ୟୁ): ଐତିହାସିକ ବାଲିଯାତ୍ରାର ଆଜି ଥିଲା ଷଷ୍ଠ ଦିନ। ସୋମବାର ଥିବା ଦର୍ଶକମାନେ ଖାଇବା ଉପରେ ଏତେ ବେଶି ଧ୍ୟାନ ଦେଇନଥିଲେ। କିଣାବିକା ଜୋରଦାର୍ ହୋଇଥିଲା। ଯଦିଓ ଗତକାଲି ଭଳି ଭିଡ଼ ସମାଗମ ହୋଇନଥିଲା ତଥାପି ୮ଲକ୍ଷରୁ ଅଧିକ ଦର୍ଶକ ପଡ଼ିଆରେ ଯାତ୍ରା ଉପଭୋଗ କରୁଥିଲେ। ଯାତ୍ରା ପଡ଼ିଆରେ ମଧ୍ୟାହ୍ନ ସମୟରୁ ଲୋକଙ୍କ ଭିଡ଼ ବେଶ ଜମିଥିବା ଦେଖିବାକୁ ମିଳିଥିଲା। ଘର କରଣା ଓ ହସ୍ତତନ୍ତ ସାମଗ୍ରୀ କିଣିବାକୁ ଲୋକ ଆଗ୍ରହ ଥିବାବେଳେ 'ଓରମାସ' ପରିସର ଲୋକାରଣ୍ୟ ହୋଇ ଉଠିଥିଲା। ଏହାସହ ସନ୍ଧ୍ୟା ବେଳକୁ ମଧ୍ୟ ଭିଡ଼ ବଢ଼ି ବଢ଼ି ଯାଇଥିଲା। ଓରମାସରେ ହାତବୁଣା ଶାଢ଼ୀ, ଡ୍ରେସ କପଡ଼ା, ଘର କରଣା ଜିନିଷର ଅଧିକ ଡିମାଣ୍ଡ ରହିଛି। ସେହିପରି ସୋମବାର ଥିବାରୁ ଆମିଷ ଖାଦ୍ୟର ଡିମାଣ୍ଡ ଯେତିକି ନଥିଲା ସେତିକି ଦହିବରା ଆଳୁଦମ, ଚାଟ୍, ଗୁପଚୁପ ଓ ରାଜସ୍ଥାନୀ ଖାଦ୍ୟର ମଜା ଉଠାଇଥିଲେ। ଜିଲ୍ଲା ପ୍ରଶାସନ ପକ୍ଷରୁ ଲେଜର୍ ଲାଇଟ ସୋ ବାଲିଯାତ୍ରାର ଷଷ୍ଠଦିନର ପ୍ରମୁଖ ଆକର୍ଷଣ ଥିଲା। ମହାନଦୀର ଜଳରାଶିରେ ପ୍ରାୟ ୨୦ମିନିଟ ସମୟରେ ଧରି ଏହି ସୋ' କରାଯାଇଥିଲା। ଲେଜର ଲାଇଟ୍ ସୋ'ରେ ମହାନଦୀର ଜଳରେ ଫୁଆର ସୃଷ୍ଟି କରାଯାଇ ସେଥିରେ ଓଡ଼ିଶାର ଐତିହ୍ୟ, ସଂସ୍କୃତିକୁ ପ୍ରଦର୍ଶନ କରାଯାଇଥିଲା। ଜାତୀୟ ଫୁଲ, ପତାକା, ନୌବାଣିଜ୍ୟ ଗାଥା ସହ ତଅପୋଇ ଗୀତ ଠାରୁ ଆରମ୍ଭ କରି ମହାନଦୀରେ ବୋଇତ ବନ୍ଦାଣ ଆଦି ବିଭିନ୍ନ କଳାକୃତି ଏଥିରେ ପ୍ରଦର୍ଶିତ କରାଯାଇଥିଲା। ଏହି ଲେଜର ଲାଇଟ ସୋକୁ ଦେଖିବାକୁ ମହାନଦୀ କୂଳରେ ଲୋକଙ୍କ ନାହିଁ ନଥିବା ଭିଡ଼ ଜମିଥିଲା। ଅନ୍ୟପଟେ ଓରମାସ୍‌ରେ ସ୍ୱତନ୍ତ୍ର ଭାବେ ପ୍ରଦର୍ଶିତ ହୋଇଥିବା ଗୋବରରେ ତିଆରି ବିଭିନ ସାମଗ୍ରୀର ଡିମାଣ୍ଡ ଦେଖିବାକୁ ମିଳିଥିଲା। ଏହାକୁ କଟକ କଲ୍ୟାଣନଗର ଅଞ୍ଚଳରେ ଥିବା ରୁଦ୍ରାଣି ଏସଏସଜି ଗ୍ରୁପ ପକ୍ଷରୁ ୧୦ଜଣ ସଦସ୍ୟ ମାନେ ତିଆରି କରିଛନ୍ତି। ଗାଈ ଗୋବରରେ ତିଆରି ଚପଲ, କଠଉ, ମଧୁମେହ ଓ ରକ୍ତଚାପ ରୋଗୀଙ୍କ ପାଇଁ ଆକ୍ୟୁପ୍ରେସର, ଦୀପ, ଡୋର ୱାଲ, ବସ୍ତୁ ସାମଗ୍ରୀ, ଘଣ୍ଟା, ମୋବାଇଲ ଷ୍ଟାଣ୍ଡ, ଓମ, ସ୍ୱସ୍ତିକ ଭଳି ବିଭିନ୍ନ ଭେରାଇଟିର ସୋ ପିସ ଆଦି ରହିଛି। ଏହି ସବୁର ଦର ୫୦ ଟଙ୍କାରୁ ଆରମ୍ଭ ହୋଇ ୧୫୦୦ ଟଙ୍କା ଯାଏ ରହିଛି। ତେବେ ବାଲିଯାତ୍ରାକୁ କିଛିବର୍ଷ ହେବ ବେପାର ପାଇଁ ଆସୁଥିବାବେଳେ ଚଳିତବର୍ଷ ଏହି ସାମଗ୍ରୀର ଡିମାଣ୍ଡ ରହିଛି ଏବଂ ଖୁବ ଭଲ ବେପାର ହେବ ବୋଲି ବ୍ୟବସାୟୀ ମାନେ ଆଶା ରଖିଛନ୍ତି।

ଅନ୍ୟପଟେ ଯାତ୍ରା ପଡ଼ିଆରେ ମହିଳା, ଦିବ୍ୟାଙ୍ଗ, ବରିଷ୍ଠ ନାଗରିକ ଓ ହଜିଯାଇଥିବା ଜିନିଷପତ୍ରକୁ ଠାବ କରିବା ଲାଗି ୪ଟି ସ୍ୱତନ୍ତ୍ର ଦଳ ନାକେଦମ ହୋଇଥିଲେ। ଆଜି ଗହଳି ଥିବାରୁ ଭିଡ଼ ଭିତରେ ଅପରାଧ ଭିଆଇବାକୁ ମସୁଧା କରୁଥିବା ଅପରାଧୀଙ୍କ ଉପରେ ସ୍ୱତନ୍ତ୍ର ନଜର ରଖାଯାଇଥିଲା। ଚୋରି ଓ ଛିନତାଇ ଅଭିଯୋଗରେ ୩୦ ଜଣ ବଞ୍ଜାରା ଅଭିଯୁକ୍ତଙ୍କୁ ପୁଲିସ ଅଟକ ରଖିଥିଲା। ଅନ୍ୟପଟେ ପ୍ରତି 'ରୋ'ରେ ସାଦାପୋଷାକଧାରୀ ପୁଲିସ ଏହି ଅଭିଯୁକ୍ତଙ୍କୁ ଧରିଥିଲେ। ବାଲିଯାତ୍ରାରେ ଲୋକଙ୍କର ବେଶ ଘର କରଣା ସମଗ୍ରୀ କିଣିବାକୁ ଓରମାସ ପରିସରରେ ଭିଡ଼ ଜମିଥିଲା। ଏହାସହ ବ୍ରହ୍ମପୁର ଆଚାର, ପାମ୍ପଡ କିଣିବାକୁ ଲୋକ ବେଶ ଆଗ୍ରହ ଥିବା ଦେଖିବାକୁ ମିଳିଥିଲା। ସେହିପରି ପଡ଼ିଆରେ ଖାସ କରି ଛୋଟ ପିଲା ଓ ଯୁବପିଢ଼ୀ ଦୋଳି କାଉଣ୍ଟର ପାଖରେ ବେଶ ଭିଡ଼ ଜମାଇ ଦୋଳି'ର ମଜା ନେଇଥିଲେ। ପଡ଼ିଆରେ ନିରାମିଷ ଖାଦ୍ୟ ମଧ୍ୟରେ ଦହିବରା ଆଳୁଦମ, ଚାଟ, ମୋମୋ, ଠୁଙ୍କାପୁରୀ, ଲଙ୍କାଚପ ଇତ୍ୟାଦି ଖାଦ୍ୟ ଷ୍ଟଲ ଗୁଡିକରେ ଲୋକ ଭିଡ଼ ଜମାଇ ଖାଇବାର ମଜା ନେଉଥିବା ଦେଖିବାକୁ ମିଳିଥିଲା।

ପୌରାଞ୍ଚଳ ବାସିନ୍ଦାଙ୍କ ପାଇଁ ଶ୍ରୀମନ୍ଦିରରେ

# ସ୍ୱତନ୍ତ୍ର ଦର୍ଶନ ବ୍ୟବସ୍ଥା ସହିତ ସୁବିଧାରେ ମହାପ୍ରସାଦ ବ୍ୟବସ୍ଥା ପାଇଁ ଦାବି

ପୁରୀ (ସବ୍ୟୁ): ମହାପ୍ରଭୁଙ୍କ ଦର୍ଶନରୁ ସବୁ ସମୟରେ ବଞ୍ଚିତ ରହୁଛନ୍ତି ପୁରୀ ପୌରାଞ୍ଚଳ ବାସିନ୍ଦା। ପୁରୀ ପୌରାଞ୍ଚଳ ବାସିନ୍ଦାଙ୍କ ପାଇଁ ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ଦର୍ଶନ ବ୍ୟବସ୍ଥା ସହିତ କିଭଳି ସୁରୁଖୁରୁରେ ମହାପ୍ରସାଦ ପାଇପାରିବେ ସେନେଇ ବ୍ୟବସ୍ଥା କରିବାକୁ ଦାବି ହୋଇଛି । ଏଭଳି ଦାବି ନେଇ ସୋମବାର ପୁରୀ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି ଶ୍ରୀମନ୍ଦିର ସେବାୟତ ସଂଘ। ଗତ କିଛି ବର୍ଷ ହେବ ପୁରୀ ପୌରାଞ୍ଚଳ ବାସିନ୍ଦା ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ସହଜରେ ଦର୍ଶନ କରିପାରୁ ନଥିବା ବେଳେ ବିଭିନ୍ନ ପର୍ବପର୍ବାଣି ସମୟରେ ଆନନ୍ଦ ବଜାରରୁ ମହାପ୍ରସାଦ ମଧ୍ୟ ଆଣି ପାରୁନାହାନ୍ତି। ଫଳରେ ପୌରାଞ୍ଚଳ ବାସିନ୍ଦା ନିରାଶ ହେବା ସହ ଅସନ୍ତୋଷ ପ୍ରକାଶ କରୁଛନ୍ତି। ବହୁ ପୁରାତନ ସମୟରୁ ଶ୍ରୀକ୍ଷେତ୍ରରେ ବିଭିନ୍ନ ସାହି ମାନଙ୍କରେ ସ୍ଥାୟୀ ଭାବେ ବସବାସ କରୁଥିବା ଅଧିବାସୀ ମାନେ ଶ୍ରୀମନ୍ଦିର ଓ ଶ୍ରୀଜଗନ୍ନାଥଙ୍କ ସହିତ ଓତଃପ୍ରୋତ ଭାବେ ଜଡ଼ିତ। ସକାଳେ ମଙ୍ଗଳା ଆଳତି ଠାରୁ ଠାକୁରଙ୍କ ରାତ୍ର ପହୁଡ଼ ପର୍ଯ୍ୟନ୍ତ ମହାପ୍ରଭୁଙ୍କ ଦର୍ଶନର ସୁଯୋଗ ପାଇଥାନ୍ତି। ସେହିପରି ବିଭିନ୍ନ ଧାର୍ମିକ କାର୍ଯ୍ୟରେ ପୁରୀ ପୌରାଞ୍ଚଳ ବାସିନ୍ଦା ଶୁଖିଲି ମହାପ୍ରସାଦ, ଅନ୍ନ ମହାପ୍ରସାଦ ଆଣିବା ପାଇଁ ଶ୍ରୀମନ୍ଦିର ଯାଇଥାନ୍ତି। କିନ୍ତୁ ଏବେ ତାହା ସମ୍ଭବ ହେଉନାହିଁ। ତୁରନ୍ତ ଜିଲ୍ଲା ପ୍ରଶାସନ ପୁରୀ ପୌରାଞ୍ଚଳ ବାସିନ୍ଦାଙ୍କ ପାଇଁ ଯେକୌଣସି ଦ୍ୱାର ବାଟେ ପରିଚୟ ପତ୍ର ଦେଖାଇ ପ୍ରବେଶ କରିବାର ଅନୁମତି ଦେଉ ବୋଲି ଶ୍ରୀମନ୍ଦିର ସେବାୟତ ସଂଘ ପକ୍ଷରୁ ଦାବି କରାଯାଇଛି। ତେବେ ସେବାୟତ ନିଯୋଗର ସଦସ୍ୟଙ୍କ ସହିତ ଏନେଇ ଅଧିକ ଆଲୋଚନା କରିଛନ୍ତି ପୁରୀର ସିନିୟର ରିପୋର୍ଟର ଚନ୍ଦ୍ରଶେଖର ପାତ୍ର।

# କୁବଜା ସୁନ୍ଦରୀ ଓ ବ୍ରହ୍ମ ପୁରାଣ କାହାଣୀ ୟୁଟ୍ୟୁବରେ ଲୋକାର୍ପିତ

ଭୁବନେଶ୍ୱର (ସ.ବ୍ୟୁ) : ମହାପ୍ରଭୁ ଶ୍ରୀ ଜଗନ୍ନାଥ ଙ୍କ ଆଶୀର୍ବାଦରୁ ସୋମବାର ସଂଧ୍ୟା ୭ ଘଟିକାରେ



ଲକ୍ଷ୍ମୀନାରାୟଣ ଓ ଜଗନ୍ନାଥ ମନ୍ଦିର ଟମାଣ୍ଡୋ ଭୁବନେଶ୍ୱର ଠାରେ ଶ୍ରୀ ଜଗନ୍ନାଥ ସଂସ୍କୃତି ପ୍ରଚାର ସଂସ୍ଥାନ ପକ୍ଷରୁ କୁବଜା ସୁନ୍ଦରୀ ଓ ବ୍ରହ୍ମ ପୁରାଣ କାହାଣୀ, ଅଭିମନ୍ୟୁ ଜଣେ ମହାନ ଯୋଦ୍ଧା ୟୁଟ୍ୟୁବରେ ଲୋକାର୍ପିତ କରାଯାଇଛି । ଏହି ଅବସରରେ ଶ୍ରୀ ଜଗନ୍ନାଥ ଓ ଭକ୍ତ ରାଜା ଇନ୍ଦ୍ରଦ୍ୟୁମ୍ନ ଶ୍ରୀଜଗନ୍ନାଥ ମନ୍ଦିର ଉପରେ କରାଯାଇ ଥିବା ଭିଡ଼ିଓ ମଧ୍ୟ ଲୋକାର୍ପିତ କରାଯାଇଛି । ଭାରତ ର ବିଭିନ୍ନ ସ୍ଥାନରୁ ମହାନ ଗୁରୁ, ଭକ୍ତ ଜଗନ୍ନାଥ ପ୍ରେମୀ ଓ ସଦଗୁରୁ ମାନେ ଆସି ଶ୍ରୀ ଜଗନ୍ନାଥ ଙ୍କୁ ଦର୍ଶନ କରିଛନ୍ତି । ଶ୍ରୀଜଗନ୍ନାଥ ଙ୍କ ବିଷୟ ଓ ଶ୍ରୀ ମନ୍ଦିର ବେଢା ରେ ଥିବା ଦେବା ଦେବୀ ମାନଙ୍କ ସ୍ଥାନ ବିଷୟରେ ମଧ୍ୟ ଭିଡ଼ିଓ କରାଯାଇ ଲୋକାର୍ପିତ କରାଯାଇଥିଲା । ଆଗାମୀ ଦିନରେ ମଧ୍ୟ ମହାପ୍ରଭୁଙ୍କ ବିଷୟରେ ବହୁ ଭିଡ଼ିଓ କରାଯିବାକୁ ସ୍ଥିର କରାଯାଇଛି । ଡ଼ ନାରାୟଣ ମହାପାତ୍ର ଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ସୂରଜ ପ୍ରଧାନ, ମନୋରଞ୍ଜନ ପଲେଇ, ରାହୁଲ ପଲେଇ, ସୁରେଶ ମିଶ୍ର, ତ୍ରିଲୋଚନ ନାୟକ ପ୍ରମୁଖ ଯୋଗଦାନ କରିଥିଲେ ।

ଖୋର୍ଦ୍ଧାରୋଡ୍ ରେଳ ମଣ୍ଡଳ ପକ୍ଷରୁ ବିପର୍ଯ୍ୟୟ ପ୍ରସ୍ତୁତି ବୈଠକ

# ପ୍ରଭାବଶାଳୀ ବିପର୍ଯ୍ୟୟ ମୁକାବିଲା ପାଇଁ ମିଳିତ ସମନ୍ୱୟ ଏବଂ ସମ୍ପୂର୍ଣ୍ଣ ମକ୍ ଡ୍ରିଲ୍ ଯୋଜନା

ଜଟଣୀ, (ସବ୍ୟୁ): ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳ ଦ୍ୱାରା ରେଳ ସମ୍ବନ୍ଧୀୟ ଜରୁରୀକାଳୀନ ଏବଂ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ପାଇଁ ବିଭିନ୍ନ ସହଭାଗୀ ମାନଙ୍କ ମଧ୍ୟରେ ପ୍ରସ୍ତୁତି ଏବଂ ସମନ୍ୱୟ ସମୀକ୍ଷା କରିବା ପାଇଁ ଏକ ବିପର୍ଯ୍ୟୟ ପ୍ରସ୍ତୁତି ବୈଠକ ଆୟୋଜନ ହୋଇଯାଇଛି । ଏହି ବୈଠକର ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳର ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ପରିଚାଳନା) ପି. କେ. ବେହେରା ଅଧ୍ୟକ୍ଷତା କରିଥିଲେ । ରାଜ୍ୟ ପୋଲିସ, ଏନଡିଆରଏଫ (ମୁଣ୍ଡଳି ୟୁନିଟ୍), ଓଡିଆରଏଏଫ୍, ଆରପିଏଫ, ସ୍ଥାନୀୟ ପ୍ରଶାସନ, ରାଜ୍ୟ ଅଗ୍ନିଶମ ସେବା, ଡାକ୍ତରୀ ଦଳ ଏବଂ ସୁରକ୍ଷା ଏବଂ ବିପର୍ଯ୍ୟୟ ପରିଚାଳନା ସହିତ ଜଡିତ ପ୍ରମୁଖ ରେଳ ବିଭାଗର ପ୍ରତିନିଧିମାନେ ଏହି ବୈଠକରେ ଅଂଶଗ୍ରହଣ କରିଥିଲେ । ଏହି ବୈଠକର ଉଦ୍ଦେଶ୍ୟ ଥିଲା ଆନ୍ତଃ-ସହଭାଗୀ ସମନ୍ୱୟକୁ ମଜବୁତ କରିବା,



ଶୀଘ୍ର ପ୍ରତିକ୍ରିୟା ସୁନିଶ୍ଚିତ କରିବା ଏବଂ ରେଳ ପରିଚାଳନାରେ ଯେକୌଣସି ଅପ୍ରୀତିକର ଘଟଣାର ପ୍ରଭାବଶାଳୀ ପରିଚାଳନା ପାଇଁ ପ୍ରକ୍ରିୟାଗୁଡ଼ିକୁ ସୁଗମ କରିବା । ପ୍ରସ୍ତୁତି ପଦକ୍ଷେପର ଏକ ଅଂଶ ଭାବରେ, ନିକଟ ଭବିଷ୍ୟତରେ ଏକ ସମ୍ପୂର୍ଣ୍ଣ ବିପର୍ଯ୍ୟୟ ପରିଚାଳନା ମକ୍ ଡ୍ରିଲ୍ କରାଯିବାର ଯୋଜନା କରାଯାଇଛି । ପ୍ରସ୍ତାବିତ ମକ୍ ଡ୍ରିଲ୍ ଲକ୍ଷ୍ୟ ରଖିଛି ଉଦ୍ଧାର ଏବଂ ପ୍ରତିକ୍ରିୟା ସଂସ୍ଥା ମଧ୍ୟରେ ସମନ୍ୱୟ, ବିପର୍ଯ୍ୟୟ ପରିଚାଳନା ଉପକରଣ ଏବଂ ଯୋଗାଯୋଗ ପ୍ରଣାଳୀର କାର୍ଯ୍ୟକାରିତା ମୂଲ୍ୟାଙ୍କନ, ବାସ୍ତବ ଜୀବନର ଜରୁରୀକାଳୀନ ପରିସ୍ଥିତି ସମୟରେ ଶୀଘ୍ର, ଦକ୍ଷ ଏବଂ ସମନ୍ୱିତ ପ୍ରତିକ୍ରିୟା ପାଇଁ କର୍ମଚାରୀମାନଙ୍କୁ ତାଲିମ ଏବଂ ପରିଚାଳିତ କରିବା । ମକ୍ ଡ୍ରିଲ ଅଭ୍ୟାସରେ ଅଂଶଗ୍ରହଣକାରୀ ଦଳଗୁଡ଼ିକ ମଧ୍ୟରେ ରେଳବାଇ, ଏନଡିଆରଏଫ, ଓଡ୍ରାଫ, ରାଜ୍ୟ ପୋଲିସ, ସରକାରୀ ରେଳବାଇ ପୋଲିସ, ଅଗ୍ନିଶମ ସେବା, ଚିକିତ୍ସା ବିଭାଗ, ଭାରତ ସ୍କାଉଟ୍ସ ଏବଂ ଗାଇଡ୍ସ, ସିଭିଲ ଡିଫେନ୍ସ, ବେସରକାରୀ ସଂସ୍ଥା ଏବଂ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ କର୍ମଚାରୀମାନେ ସାମିଲ ହେବେ ।

ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ / ପରିଚାଳନାଙ୍କ ନେତୃତ୍ୱରେ ଦ୍ରୁତ ପ୍ରତିକ୍ରିୟା ଦଳ ଜରୁରୀକାଳୀନ ପରିସ୍ଥିତି ସମୟରେ ତଳ ସ୍ତରରୁ ସମନ୍ୱୟ ତଦାରଖ କରିବେ । ବୈଠକରେ ବିଭାଗୀୟ ବିପର୍ଯ୍ୟୟ ପରିଚାଳନା ଯୋଜନାର ମଧ୍ୟ ସମୀକ୍ଷା କରାଯାଇଥିଲା, ଯାହା ଉପରେ ଧ୍ୟାନ ଦିଆଯାଇଥିଲା । ଏହି ସମୀକ୍ଷା ଗୁଡିକ ମଧ୍ୟରେ ଦ୍ରୁତ ପ୍ରତିକ୍ରିୟା, ଉଦ୍ଧାର ଏବଂ ରିଲିଫ୍ ପଦକ୍ଷେପ, ରାଜ୍ୟ ଏବଂ ଜିଲ୍ଲା କର୍ତ୍ତୃପକ୍ଷଙ୍କ ସହିତ ସମନ୍ୱୟ, ଆକ୍ସିଡେଣ୍ଟ ରିଲିଫ ଟ୍ରେନ, ଆକ୍ସିଡେଣ୍ଟ ରିଲିଫ ମେଡିକାଲ ସାମଗ୍ରୀ ଟ୍ରେନ ଏବଂ ମୋବାଇଲ୍ ଉଦ୍ଧାର ୟୁନିଟ୍‌ର ରକ୍ଷଣାବେକ୍ଷଣ ସହ ସଠିକ ସମୟରେ ପ୍ରଭାବଶାଳୀ ଯୋଗାଯୋଗ, ଭିଡ଼ ନିୟନ୍ତ୍ରଣ ଏବଂ ଡାକ୍ତରୀ ସହାୟତା ଅନ୍ତର୍ଭୁକ୍ତ । ଖୋର୍ଦ୍ଧାରୋଡ୍ ରେଳମଣ୍ଡଳର ବରିଷ୍ଠ ମଣ୍ଡଳ ନିରାପତ୍ତା ଅଧିକାରୀ ନମୋନାରାୟଣ ମୀନା ଏହି ବୈଠକର ସଂଯୋଜନା କରିଥିଲେ ।

# ୩୧ଗ୍ରାମ ବ୍ରାଉନସୁଗର ଜବତ; ମହିଳାଙ୍କ ସମେତ ଦୁଇ ଗିରଫ

ଖୋର୍ଦ୍ଧା, (ସବ୍ୟୁ): ଶିଳ୍ପାଂଚଳ ଥାନା ପୁଲିସ ଆଜି ଜରିପୋଖରୀ ନିକଟରେ ଚଢାଉ କରି ଜଣେ ମହିଳାଙ୍କ ସମେତ ଦୁଇଜଣଙ୍କୁ ଗିରଫ କରିଛି । ଗିରଫ ଦ୍ୱୟ ହେଲେ ପୁରୀ ଜିଲ୍ଲା ଗଡିଶାଗଦା ଥାନା ଚନ୍ଦ୍ରମାପାଟପୁର ଆଲୋକ କୁମାର ସାହୁ(୩୬) ଏବଂ ଖୋର୍ଦ୍ଧା ଆଦର୍ଶ ଥାନା ଅନ୍ତର୍ଗତ ସାମନ୍ତରାପୁର ଠେଙ୍ଗାହାଟ ର ସୁନିତା ବେହେରା (୩୭) । ସେମାନଙ୍କ ଠାରୁ ପୁଲିସ ୩୧ଗ୍ରାମ ଓଜନର ବ୍ରାଉନସୁଗର ସମେତ ଗୋଟିଏ ବାଇକ ଓ ୨ଟି ମୋବାଇଲ ଫୋନ୍ କୁ ପୁଲିସ ଜବତ କରିଛି । ଆଜି ଇନ୍ସପେକ୍ଟର ଭାଗ୍ୟଶ୍ରୀ ବେହେରାଙ୍କୁ ଏକ ବିଶ୍ୱସନୀୟ ସୂଚନା ମିଳିଥିଲା ଯେ ଜରିପୋଖରୀ ଅଂଚଳରେ କିଛି ବେପାରୀ ନଶା ଦ୍ରବ୍ୟ ବିକ୍ରି କରିବାର ଯୋଜନା କରୁଛନ୍ତି । ସେମାନଙ୍କୁ ଧରିବାକୁ ଏସ୍‌ପି ବିବେକାନନ୍ଦ ଶର୍ମା ଙ୍କ ନେତୃତ୍ୱରେ ଏସଡିପିଓ ନୀହାର ରଞ୍ଜନ ପ୍ରଧାନ ଓ ଥାନା ଅଧିକାରୀ ଉମେଶ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ଗଠନ କରାଯାଇଥିଲା । ଇନ୍ସପେକ୍ଟର ଭାଗ୍ୟଶ୍ରୀ ବେହେରାଙ୍କ ନେତୃତ୍ୱରେ ଏକ ଟିମ୍ ଦୁଇ ଜଣ ସ୍ୱାଧୀନ ସାକ୍ଷୀଙ୍କ ସହ ମିଶି ଉକ୍ତ ସ୍ଥାନକୁ ଛାପ ମାରିଥିଲେ । ସେଠାରେ ସେମାନେ ଦୁଇଜଣ ଯୁବକ ଓ ଜଣେ ମହିଳାଙ୍କୁ ଏକତ୍ର ହୋଇଥିବାର ଦେଖିଲେ । ସେମାନଙ୍କ ନିକଟରୁ ଯାଂଚ ସମୟରେ ପ୍ରଥମ ଅଭିଯୁକ୍ତ ଆଲୋକ ଠାରୁ ୩୧ ଗ୍ରାମ୍ ବ୍ରାଉନ୍‌ସୁଗର , ଗୋଟିଏ ରେଡ଼ କଲର ହିରୋ ଗ୍ଲାମାର ମୋଟରସାଇକେଲ (ରେଜିଷ୍ଟ୍ରେସନ୍ ନମ୍ବର ଓଡି.୦୨ଏଭି-୪୭୧୯) ଏବଂ ଗୋଟିଏ ରିଅଲମି ମୋବାଇଲ ଫୋନ୍ ଜବତ କରାଯାଇଥିଲା । ଦ୍ୱିତୀୟ ଅଭିଯୁକ୍ତ ସୁନିତାଙ୍କ ନିକଟରୁ ଗୋଟିଏ ସାମସଙ୍ଗ ଆଣ୍ଡ୍ରଏଡ଼ ମୋବାଇଲ ଫୋନ୍ ଜବତ କରାଯାଇଥିଲା । ସମୟ କମ୍ରେ ଅଧିକ ଟଙ୍କା ଉପାର୍ଜନ କରିବା ଲକ୍ଷ୍ୟରେ ସେମାନେ ଏହି ବ୍ରାଉନ୍‌ସୁଗର ବିକ୍ରି କରିବାର ଯୋଜନା କରିଥିଲେ ବୋଲି ଅଭିଯୁକ୍ତମାନେ ପୁଲିସ ଆଗରେ ସ୍ୱୀକାର କରିଥିଲେ ।

# ଉଦଯାପିତ ହେଲା କଳିଙ୍ଗ ବାଲିଯାତ୍ରା -୨୦୨୫




ପାରାଦୀପ,(ଜିପ୍ର ):ଐତିହ୍ୟ ସମ୍ପନ୍ନ ପାରାଦୀପ କଳିଙ୍ଗ ବାଲିଯାତ୍ରା ୨୦୨୫ ସୋମବାର ଉଦଯାପିତ ହୋଇଯାଇଛି। ଉଦଯାପନୀ ସନ୍ଧ୍ୟାରେ ରାଜ୍ୟପାଳ ହରି ବାବୁ କମ୍ପମପାଟି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥବା ବେଳେ ଶିଳ୍ପ ଓ ଦକ୍ଷତା ବିକାଶ ତଥା ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମୁଖ୍ୟ ବକ୍ତା ଭାବେ ଓ ସମ୍ମାନିତ ଅତିଥି ଭାବେ ସାଂସଦ ଡ ବିଭୁ ପ୍ରସାଦ ତରାଇ, କେନ୍ଦ୍ରାଞ୍ଚଳ ଡ଼ିଆଇଜି ସତ୍ୟଜିତ ନାୟକ, ଜିଲ୍ଲାପାଳ ଜେ ସୋନୁୱାଲ , ଏସପି ଅଙ୍କିତ କୁମାର ବର୍ମା ଯୋଗ ଦେଇଥିଲେ । ବାଲିଯାତ୍ରା ଏକ ଯାତ୍ରା ନୁହଁ ଏହା ଆମ ସଂସ୍କୃତିର ଗୌରବମୟ ଇତିହାସ , କଳିଙ୍ଗା ସାହସିକାମାନଙ୍କ ବୀରିତ୍ୱର ଗାଥା ବାସ୍ତବିକ ଆମ ଗୌରବ , ଏହି ବାଲିଯାତ୍ରା ଆମ ପୂର୍ବ ଓ ବର୍ତ୍ତମାନ ଏବଂ ପରପିଢ଼ି ମଧ୍ୟରେ ଏକ ମହାନ ସମନ୍ୱୟ ରକ୍ଷା କରି ପାରୁଥିବା ରାଜ୍ୟପାଳ ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ। ବାଲିଯାତ୍ରା କେବଳ ମନୋରଞ୍ଜନ କିଣାବିକା ଓ ଖାଦ୍ୟ ଖାଇବା ଭଳି ମନୋରଞ୍ଜନ ଭିତିକ ଯାତ୍ରା ନୁହଁ , ଏହା ଆମ ଐତିହ୍ୟ ପରମ୍ପରାକୁ ଉଦଜୀବିତ କରିପାରୁଥିବା ଯାତ୍ରା। ଜଟାଧାରୀ ମୁହାଣ , ବୋଇତରା କୁଦ , ଓ ହୁକିଟୋଲାରୁ ଆମ ସାଧବ ପୁଅମାନେ ନୌବାଣିଜ୍ୟ କରିବା ପାଇଁ ସମୁଦ୍ର ପଥରେ ଯାତ୍ରା କରୁଥିଲେ ବୋଲି ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ପ୍ରକାଶ କରିଥିଲେ। ପାରାଦୀପ ଶିଳ୍ପ କ୍ଷେତ୍ରରେ ଏବେ ବ୍ୟାପକ ହେବାରେ ଲାଗିଛି। ଉତ୍କଳୀୟ ଚିନ୍ତା ଚେତନାର ବାର୍ତା ବହନ କରୁଥିବା ଆମ ନୌବାଣିଜ୍ୟ ପରମ୍ପରା ଆମକୁ ସେତେବେଳଠାରୁ ସଶକ୍ତ କରି ରଖିଛି। ଜଗତସିଂହପୁର ଜିଲ୍ଲାକୁ ସମଗ୍ର ଜିଲ୍ଲାରେ ଏକ ନମ୍ବର ଜିଲ୍ଲା ରୂପେ ଗଢି ତୋଳିବାକୁ ପ୍ରୟାସ ଆରମ୍ଭ ହୋଇଥିବା ସାଂସଦ ଶ୍ରୀତରାଇ ପ୍ରକାଶ କରିଥିଲେ। ଚଳିତ ବର୍ଷ କଳିଙ୍ଗ ବାଲୀଯାତ୍ରାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦଘାଟନ କରିଥିବା ବେଳେ ରାଜ୍ୟପାଳ ଏହାକୁ ଉଦଯାପିତ କରିଛନ୍ତି। ପ୍ରତିଦିନ ସାଂସ୍କୃତିକ ସନ୍ଧ୍ୟା ଆୟୋଜିତ ହୋଇଛି। ଚଳିତ ବର୍ଷ ବାଲିଯାତ୍ରାରେ ଅନେକ ଷ୍ଟଲ ଫାଙ୍କା ପଡିବା ଓ ସେତେଟା ଲୋକାରଣ୍ୟ ନହେବାର କାରଣ ଖୋଜୁଛନ୍ତି ସମସ୍ତେ।

# ତେନ୍ତୁଳିଡିଙ୍ଗାରେ ନାୟେରା ପେଟ୍ରୋଲ ପମ୍ପ ଉଦ୍‌ଘାଟିତ



ବାରିପଦା, (ସବ୍ୟୁ): ବହୁ ପ୍ରତିକ୍ଷିତ ନେୟେରା ପେଟ୍ରୋଲ ପମ୍ପର ଉଦଘାଟନ ହୋଇଛି । ବାରିପଦା ସହର ଉପକଣ୍ଠ ବେଲଗଡିଆ-ଅସନଜୋଡା ରାସ୍ତାର ତେନ୍ତୁଳିଡିଙ୍ଗା ଛକରେ ସୋମବାର ଏହି ନୂତନ ପେଟ୍ରୋଲ ପମ୍ପରୁ ତେଲ ବିକ୍ରୀର ଶୁଭାରମ୍ଭ ହୋଇଯାଇଛି । ସହର ଉପକଣ୍ଠରେ ଦୀର୍ଘ ବର୍ଷ ଧରି ଏକ ପେଟ୍ରୋଲ ପମ୍ପ ପାଇଁ ଦାବି ହୋଇ ଆସୁଥିବାବେଳେ ଆଜି ତାହାର ପୂର୍ଣ୍ଣଛେଦ ପଡ଼ିଛି । ଯୁବ ବ୍ୟବସାୟୀ ରବିନ୍ଦ୍ର ନାଥ ମୁଦୁଲିଙ୍କ ଉଦ୍ୟମରେ ତାଙ୍କ ବାପାଙ୍କ ନାମ ଅନୁସାରେ ଦେବେନ୍ଦ୍ର ଫିଲିଙ୍ଗ ଷ୍ଟେସନ ନାମରେ ଏକ ନୂଆ ପେଟ୍ରୋଲ ପମ୍ପର ଶୁଭାରମ୍ଭ ହୋଇଯାଇଛି । ନାୟେରା କମ୍ପାନୀର ଏହି ପେଟ୍ରୋଲ ପମ୍ପରେ ଉଭୟ ପେଟ୍ରୋଲ ଓ ଡିଜେଲ୍ ଗ୍ରାହକଙ୍କ ପାଇଁ ଉପଲବ୍ଧ ହୋଇ ପାରିବ । ବାରିପଦା ସହରକୁ ଯିବା ଆସିବା ପାଇଁ ବେଲଗଡିଆ-ଅସନଜୋଡା ରାସ୍ତା ଏକ ପ୍ରମୁଖ ରାସ୍ତା । ଏହି ରାସ୍ତା ରାଇରଙ୍ଗପୁର, କରଞ୍ଜିଆ ସହ ଜାତୀୟ ରାଜପଥକୁ ଯୋଡ଼ିବାର ପ୍ରମୁଖ ରାସ୍ତା । ଏହି ବାଟରେ ପ୍ରତ୍ୟେକ ଦିନ ହଜାର ହଜାର ଲୋକ ଗାଡି ମଟରରେ ଯିବା ଆସିବା କରି ଥାଆନ୍ତି । ଏହି ରାସ୍ତା ଭବିଷ୍ୟତରେ ବାରିପଦା ସହରର ଲାଇଫ ଲାଇନ ତଥା ଏକ୍ସପ୍ରେସ ରୋଡରେ ପରିଣତ ହେବାକୁ ଯାଉଛି । ଏଥିପାଇଁ ତେନ୍ତୁଳିଡିଙ୍ଗାରେ ଏକ ପମ୍ପ ପାଇଁ ଦାବି ହେଉଥିଲା । ଏହି ବାଟରେ ଲୋକଙ୍କ ପାଇଁ ପ୍ରେଟୋଲ ପମ୍ପଟେ ନିହାତି ଆବଶ୍ୟକ ହେଉଥିବା ବେଳେ ଲୋକଙ୍କୁ ସୁବିଧାରେ ପେଟ୍ରୋଲ, ଡିଜେଲ୍, ମୋବିଲ ସରକାରଙ୍କ ନିର୍ଦ୍ଧାରିତ ମୂଲ୍ୟରେ ଯୋଗାଇ ଦିଆଯିବ ବୋଲି କହିଛନ୍ତି ପ୍ରତିଷ୍ଠାତା ରବିନ୍ଦ୍ର ନାଥ ମୁଦୁଲି । ଶ୍ରୀଯୁକ୍ତ ମୁଦୁଲି କହିଛନ୍ତି କି ଦେବେନ୍ଦ୍ର ଫିଲିଙ୍ଗ ଷ୍ଟେସନକୁ ଆସୁଥିବା ଗ୍ରାହକଙ୍କୁ ସୁବିଧାରେ ତେଲ ଯୋଗାଇଦେବା ସହ ସେମାନଙ୍କ ପାଇଁ ବିଶୁଦ୍ଧ ଥଣ୍ଡା ପିଇବା ପାଣି, ବିଶ୍ରାମ ଗୃହ, ଶୌଚାଳୟ, ମାଗଣା ପ୍ରେସର୍ ଚେକର ବ୍ୟବସ୍ଥା କରାଯାଇଛି । ସୋମବାର ଉଦ୍‌ଘାଟନ ଉତ୍ସବରେ କମ୍ପାନୀର ଟିଏସଏମ ଗୌରଭ ଶର୍ମା ରବିନ୍ଦ୍ର ନାଥ ମୁଦୁଲିଙ୍କ କରକମଳରେ ଏହା ଲୋକାର୍ପିତ ହୋଇଛି । ବାରିପଦା ସହର ଏବଂ ତେନ୍ତୁଳିଡିଙ୍ଗା ଅଞ୍ଚଳର ବୁଦ୍ଧିଜୀବୀ, ଗଣ୍ୟମାନ୍ୟ ବ୍ୟକ୍ତିଙ୍କ ସହ ଅଜିତ ପଟ୍ଟନାୟକ, ପୁପୁ ପଟ୍ଟନାୟକ, କମଳା ଦାସ, ସତ୍ୟରଞ୍ଜନ ମଣ୍ଡଳ, ସ୍ୱରୁପ ଦାସ, ସଞ୍ଜୟ ଆଗ୍ରଓ୍ୱାଲ, ପ୍ରଶାନ୍ତ ପଟ୍ଟନାୟକ, ଚନ୍ଦନ ପଣ୍ଡା, ବିଶ୍ୱଜିତ ଦାସ ପ୍ରମୁଖ ଉପସ୍ଥିତ ରହିଥିଲେ ।

# ଆନ୍ଧ୍ରପ୍ରଦେଶର ଦୁଇ ମାଛ ଧରା ଡଙ୍ଗା ଜବତ କଲା ମତ୍ସ୍ୟବିଭାଗ

ଛତ୍ରପୁର, (ସବ୍ୟୁ): ଆର୍ଯ୍ୟପଲ୍ଲୀ ସମୁଦ୍ରକୁ ବେଆଇନ ଭାବେ ପଡୋଶୀ ରାଜ୍ୟ ଆନ୍ଧ୍ରପ୍ରଦେଶରୁ ଅଧିକାଂଶ ସମୟରେ ବଡବଡ ଡଙ୍ଗା ଓ ଟ୍ରଲର ଆସି ଏଠାରେ ବଡ ବଡ ଜାଲରେ ମାଛ ମାରୁଥିବା ନେଇ ସ୍ଥାନୀୟ ମତ୍ସ୍ୟଜୀବୀମାନେ ବହୁବାର ଅଭିଯୋଗ କରିଆସୁଥିଲେ । ଏନେଇ ଆଜି କିଛି ବଡ ବଡ ଡଙ୍ଗା କାକିନଡା ଓ ବିଶାଖାପାଟନମରୁ ଆର୍ଯ୍ୟପଲ୍ଲୀ ସମୁଦ୍ର ନିକଟରେ ମାଛ ମାରୁଥିବା ଛତ୍ରପୁର ସାମୁଦ୍ରିକ ମତ୍ସ୍ୟବିଭାଗ ଜାଣିପାରି ଦୁଇଟି ଡଙ୍ଗାକୁ ଜବତ କରି ଜେଟି ନିକଟକୁ ଆଣିଥିଲା । ସୀମା ପାର କରି ବେନିୟମ ଭାବେ ମାଛ ମାରୁଥିବାରୁ ସେମାନଙ୍କ ମତ୍ସ୍ୟଜୀବୀମାନଙ୍କୁ ବିଭାଗ ପକ୍ଷରୁ ତାଗିଦ କରାଯାଇଥିଲା । ପରେ ଦୁଇ ଡଙ୍ଗାକୁ ଛଡାଯାଇଥିଲା । ଯେପରି ଏହାର ପୁନରାବୃତ୍ତି ନହେବ ସେଥିପ୍ରତି ଧ୍ୟାନ ଦେବାକୁ ସେମାନଙ୍କୁ କଡା ନିର୍ଦ୍ଦେଶ ଦିଆଯାଇଥିଲା । ଯଦି ପୁଣି ବେନିୟମ ଭାବେ ଏଠାକୁ ଆସି ମାଛ ଧରିବ ସେମାନଙ୍କ ଡଙ୍ଗାକୁ ଜବତ କରାଯିବ ବୋଲି ଛତ୍ରପୁର ସାମୁଦ୍ରିକ ମତ୍ସ୍ୟବିଭାଗ ପକ୍ଷରୁ କୁହାଯାଇଛି । ଏପରିକି ମେ ୩୧ ପ୍ରର୍ଯ୍ୟନ୍ତ ଆର୍ଯ୍ୟପଲ୍ଲୀ ଠାରୁ ପ୍ରୟାଗି ପ୍ରର୍ଯ୍ୟନ୍ତ ନୋ ଫିସିଙ୍ଗ ଜୋନ ରହିଛି । ବେନିୟମ ଭାବେ ଆନ୍ଧ୍ରରୁ ବଡବଡ ଡଙ୍ଗା ଓ ଟ୍ରଲର ଆସି ବଡବଡ ଜାଲରେ ବେନିୟମ ଭାବେ ମାଛ ଧରି ନେଇଯାଉଥିବା ବେଳେ ସ୍ଥାନୀୟ ମତ୍ସ୍ୟଜୀବୀଙ୍କ ଛୋଟ ଡଙ୍ଗା ଓ ଜାଲ ଥିବାରୁ ସେମାନଙ୍କ ଜାଲରେ ମାଛ ସଂଖ୍ୟା କମିଯାଉଥିଲା । ଏନେଇ ସେମାନେ ବହୁବାର ଅଭିଯୋଗ କରିଆସୁଥିଲେ ।

# ମରମ ଓ ବାଲି ଚୋରା ଚାଲାଣ
## ୭ ଗାଡିକୁ ଧରିଲେ ତହସିଲଦାର ଓ ପୋଲିସ

ଛତ୍ରପୁର, (ସବ୍ୟୁ): ଗଞ୍ଜାମ ଜିଲ୍ଲାରେ ଖଣିଜ ପଦାର୍ଥ ଗୁଡିକ ଚୋରଚାଲାଣ ହେଉଥିବା ନେଇ ବହୁବାର ପ୍ରଶାସନ ନିକଟରେ ଅଭିଯୋଗ ହୋଇଆସୁଥିଲା । ବାଲି,ମରମ ଆଦି ଖଣିଜ ପଦାର୍ଥ ଗୁଡିକ ଚୋରା ଚାଲାଣ ରୋକିବା ସହ ଜୋରଦାର ଚଢାଉ କରିବାକୁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ କଡା ନିର୍ଦ୍ଦେଶ ଦେଇଛନ୍ତି । ଏହି ପରିପ୍ରେକ୍ଷିରେ ଚମାଖଣ୍ଡି ଥାନା ଅଧିନ ଜଗନ୍ନାଥପୁର ରେଳ ଫାଟକ ଦେଇ କିଛି ଗାଡିରେ ମରମ ଓ ବାଲି ଚୋରାଚାଲାଣ ହେଉଥିବା ଖବର ପାଇ ଛତ୍ରପୁର ତହସିଲଦାର ଦିବ୍ୟା ମହାନ୍ତିଙ୍କ ନେତୃତ୍ୱରେ ଚମାଖଣ୍ଡି ପୁଲିସ ଅଚାନକ ଚଢାଉ କରିଥିଲା । ୬ଟି ମରମ ଗାଡି ଓ ଗୋଟିଏ ବାଲି ଗାଡି ଜବତ କରିଥିଲା ପୁଲିସ । ଯାଞ୍ଚ ବେଳେ ଗାଡି ଚାଳକ ଯେଉଁ ଫର୍ମ ଦେଖାଇଥିଲେ ତାହାର ତାରିଖ ଇନଭାଲିଡ୍ ରହିଥିବା ଚମାଖଣ୍ଡି ଥାନା ଅଧିକାରୀ ସୂଚନା ଦେଇଛନ୍ତି । ତେବେ ଜବତ ଗାଡି ସବୁ ଛତ୍ରପୁର ତହସିଲାଦାରଙ୍କ ନିର୍ଦ୍ଦେଶକ୍ରମେ ଥାନାରେ ଅଟକ ରଖାଯାଇଛି । କୌଣସି ମାମଲା ରୁଜୁ ହୋଇନଥିବା ପୁଲିସ ପକ୍ଷରୁ କୁହାଯାଇଛି । ଏହି ସବୁ କେଉଁଠୁ ଆସୁଥିଲା କେଉଁ ସ୍ଥାନକୁ ଯାଉଥିଲା ତାହାର ତଦନ୍ତ ହେବା ଆବଶ୍ୟକ ।



# ତ୍ରି-ଦିବସୀୟ ସାମଗ୍ରିକ ବିଦ୍ୟାଳୟ ବିକାଶ ଯୋଜନା ପ୍ରଗତି ଅନୁଷ୍ଠିତ

ବାରିପଦା, (ସବ୍ୟୁ) : ସରକାରୀ ଉଚ୍ଚ ବିଦ୍ୟାଳୟ ରରୁଆଁରେ ପ୍ରଧାନ ଶିକ୍ଷକଙ୍କ ବୃତ୍ତିଗତ ବିକାଶ ନିମନ୍ତେ ୧ମ ପର୍ଯ୍ୟାୟ ତ୍ରି-ଦିବସୀୟ ସାମଗ୍ରିକ ବିଦ୍ୟାଳୟ ବିକାଶ ଯୋଜନା ଆଧାରିତ କର୍ମଶାଳା ପ୍ରଗତି ଅନୁଷ୍ଠିତ ହୋଇଯାଇଛି । ଏଥିରେ ରରୁଆଁ ବ୍ଲକର ୫୫ ଜଣ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ/ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ । ଏହି ତିନିଦିନିଆ କର୍ମଶାଳାଟି ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ, ମୟୂରଭଞ୍ଜର ଶିକ୍ଷକ-ପ୍ରଶିକ୍ଷକ ତଥା ଡାଏଟ-ସିଆରସି ସଂଯୋଗ ସହ-ସଂଯୋଜକ, ରରୁଆଁ ସଂଜୀବ କୁମାର ପାତ୍ରଙ୍କ ତ%୦ବଧାନରେ ଅନୁଷ୍ଠିତ ହୋଇଥିଲା । ଉଦଘାଟନୀ ଦିବସରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁରେନ୍ଦ୍ରନାଥ ରାଉତ, ସରକାରୀ ଉଚ୍ଚ ବିଦ୍ୟାଳୟ, ରରୁଆଁର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଅଞ୍ଜନ୍ କୁମାର ପାତ୍ର, ସି.ଆର.ସି.ସି. ପଙ୍କଜ କୁମାର ମହାନ୍ତ, ସି.ଆର.ସି.ସି. କ୍ଷୀତିଶ ଚନ୍ଦ୍ର ମହାନ୍ତ ଏବଂ ସମସ୍ତ ସାଧନ କର୍ମୀ ଉପସ୍ଥିତ ଥିଲେ । ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ, ମୟୂରଭଞ୍ଜର ଶିକ୍ଷକ-ପ୍ରଶିକ୍ଷକ ତଥା ସାଧନ-କର୍ମୀ ସାଗର କୁମାର ଦଳନାଏକ, ଶିକ୍ଷକ-ପ୍ରଶିକ୍ଷକ ସଂଜୀବ କୁମାର ପାତ୍ର, ସାଧନ-କର୍ମୀ ଭରତ ଚନ୍ଦ୍ର ମହାନ୍ତ ଏବଂ ସାଧନ-କର୍ମୀ ସଂଜୀବ କୁମାର ବେହେରାଙ୍କର ଦ୍ୱାରା ତିନି ଦିନଧରି କର୍ମଶାଳାଟି ସୂଚାରୁରୂପେ ପରିଚାଳିତ ହୋଇଥିଲା । ପ୍ରଶିକ୍ଷଣ ପେଟିକାଟି ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ/ଶିକ୍ଷୟିତ୍ରୀମାନଙ୍କ ବୃତ୍ତିଗତ ବିକାଶ, ଜାତୀୟ ଶିକ୍ଷା ନୀତି - ୨୦୨୦ର ପୁନର୍ବଳନ, ସାମଗ୍ରିକ ବିଦ୍ୟାଳୟ ବିକାଶ ପାଇଁ ୭ଟି ପରିସର ଚିହ୍ନଟକରଣ, ପ୍ରଧାନ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ନେତୃତ୍ୱର ଗୁଣାତ୍ମକ କୌଶଳ ବିକାଶ, ଉପଲବ୍ଧ ସମ୍ବଳର ଆକଳନ ପାଇଁ ସାଧନୀ ପ୍ରସ୍ତୁତି କରଣ, ସାମଗ୍ରିକ ବିଦ୍ୟାଳୟ ବିକାଶ ଯୋଜନା ପ୍ରସ୍ତୁତି ଓ ଭବିଷ୍ୟତ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ ଉପରେ ପର୍ଯ୍ୟବେସିତ ହୋଇଥିଲା ।

# ଜନସମ୍ପର୍କ ପଦଯାତ୍ରାରେ ରାଜ୍ୟ ସରକାରଙ୍କ ଉପରେ ବର୍ଷିଲେ ବିଜେଡି ନେତୃତ୍ୱ

ହିଞ୍ଜିଳିକାଟୁ, (ସବ୍ୟୁ): ବିଜେଡି ସଭାପତି ତଥା ହିଞ୍ଜିଳି ବିଧାୟକ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ହିଞ୍ଜିଳିକାଟୁ ବ୍ଲକ ଓ ପୌରାଞ୍ଚଳ ବିଜେଡ଼ି ପକ୍ଷରୁ ସୋମବାର ବିଶାଳ ଜନସମ୍ପର୍କ ପଦଯାତ୍ରା ଓ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଛି । ବିଜେଡ଼ି ନଗର ସଭାପତି ହୃଦୟାନନ୍ଦ ମହାପାତ୍ରଙ୍କ ନେତୃତ୍ୱରେ ମିନି ଷ୍ଟାଡିୟମ ପରିସରରୁ ଜନ ସମ୍ପର୍କ ପଦଯାତ୍ରା ଆରମ୍ଭ ହୋଇଥିଲା । ବାଦ୍ୟ ବାଜଣା ସହ ଏକ ବିଶାଳ ପଟୁଆରରେ ଆସି ବିଜୁ ପଟ୍ଟନାୟକ ଛକ ସ୍ଥିତ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିକୃତିରେ ପୁଷ୍ପମାଲ୍ୟାର୍ପଣ କରି ବିଜେପି ବିରୋଧୀ ନାରା ଦେଇ ସହର ପରିକ୍ରମା କରିଥିଲେ । ପରେ ହିଞ୍ଜିଳିକାଟୁ ବସଷ୍ଟାଣ୍ଡ ପରିସରରେ ଏକ ବିରାଟ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ବରିଷ୍ଠ ଉପଦେଷ୍ଟା ସୁରେନ୍ଦ୍ର ନାଥ ପ୍ରଧାନ, ଡିଆରଡିଏ ପ୍ରତିନିଧି ଦେବାନନ୍ଦ ମହାପାତ୍ର, ପୌରାଧକ୍ଷ ସୁବାସ ଚନ୍ଦ୍ର ପୋଲେଇ, ପୌର ପ୍ରତିନିଧି ପ୍ୟାରୀ ମୋହନ ପାଢ଼ୀ, ବ୍ଲକ ପ୍ରତିନିଧି ଏ.ସୁଦର୍ଶନ, ଶେରଗଡ଼ ବ୍ଲକ ଅଧକ୍ଷ କୃଷ୍ଣ ଚନ୍ଦ୍ର ନାୟକ, ବ୍ଲକ ସଭାପତି ଶରତ ପାତ୍ର, ବ୍ଲକ ପ୍ରତିନିଧି ଦିଗାମ୍ବର ନାହାକ, ପୌରା ଧକ୍ଷା ସୁଚିତ୍ରା କୁମାରୀ ପଣ୍ଡା, ଛାତ୍ର ଜନତା ସଭାପତି ଅନିଲ ସ୍ୱାଇଁ ମନୋଜ କୁମାର ସାବତ, ରଶ୍ମିତା ବେହେରା, ବ୍ଲକ ସଭାପତି, ବ୍ଲକ ଉପାଧକ୍ଷ ଓ ପ୍ରମୁଖ କର୍ମକର୍ତ୍ତା ନିଜ ଅଭିଭାଷଣରେ ସାଧାରଣ ନିର୍ବାଚନ ସମୟରେ ରାଜ୍ୟ ବିଜେପି ସରକାର ଲୋକଙ୍କୁ ଦେଇଥିବା ପ୍ରତିଶୃତି ପୂରଣ କରିବାରେ ବିଫଳତାକୁ ନେଇ ସମାଲୋଚନା କରି ପ୍ରବଳ ବର୍ଷିଥିଲେ । ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶାକୁ ଏକ ବିକଶିତ ରାଜ୍ୟ ଭାବେ ଦେଶରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ । ଉତ୍ତମ ଶାସନ ବଳରେ ରାଜ୍ୟରେ ଦୃତ ବିକାଶ, ଆର୍ଥିକ ଅଭିବୃଦ୍ଧି ଓ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ବହୁ ଜନ କଲ୍ୟାଣକାରୀ ଯୋଜନା ପ୍ରଣୟନ କରି ଲୋକଙ୍କ ହୃଦୟରେ ବିଶ୍ୱାସ ଓ ପରିଚୟ ସୃଷ୍ଟି କରିଥିଲେ । ରାଜ୍ୟରେ ଡବଲ ଇଞ୍ଜିନ ସରକାର ୩୦୦ୟୁନିଟ ମାଗଣା ବିଜୁଳି, ବାର୍ଦ୍ଧକ୍ୟ ଭତ୍ତା ବୃଦ୍ଧି, ଆୟୁଷ୍ମାନ ଭାରତ ଯୋଜନା, ସୁଭଦ୍ରା ଯୋଜନା ଓ ରାସନ କାର୍ଡରୁ ବହୁ ହିତାଧୀକାରୀ ବଞ୍ଚିତ ହୋଇ ଦୁଃଖ ଦୁର୍ଦ୍ଦଶାରେ ଜୀବନ ଅତିବାହିତ କରୁଥିବା ଅଭିଯୋଗ କରିଥିଲେ । ଏବେବି ରାଜ୍ୟର ସାଧାରଣ ଲୋକଙ୍କ ପାଖରେ ନବୀନ ବାବୁଙ୍କ ଲୋକପ୍ରିୟତା ଅତୁଟ ରହିଛି । ଏହା ବିଜେଡିର ଅସଲ ଶକ୍ତି ବୋଲି ଅଭିଭାଷଣ ରଖି ବିଜେପିକୁ କଡ଼ା ସମାଲୋଚନା କରିଥିଲେ । ଜନ ସଂପର୍କ ପଦ ଯାତ୍ରାରେ ପ୍ରଦୀପ କୁମାର ପଣ୍ଡା, ଅଜୟ କୁମାର ମହାରଣା, ନୀଳମଣି ପଟ୍ଟନାୟକ, ବସନ୍ତ କୁମାର ବେହେରା, ସୁଧାଂଶୁ ସାହୁ, ପ୍ରଶାନ୍ତ ନାହାକ, କୃଷ୍ଣ ଭଉଳ, ନୀଳାଞ୍ଚଳ ସାହୁ, ମୁନା ପାଢ଼ୀ, ଅରୁଣ ପାଣିଗ୍ରାହୀ, ବରୁଣ ସାବତ, ଲଡୁ ନାହାକ,ପାରିଷଦ, ସରପଞ୍ଚ, ସମିତି ସଭ୍ୟ,ଯୁବ ଓ ମହିଳା ବିଜେଡ଼ି କର୍ମୀ ପ୍ରମୁଖ ଉପସ୍ଥିତ ଥିଲେ । ଅନ୍ୟ ପକ୍ଷରେ ବ୍ଲକ ଅଧକ୍ଷା ଓ ପୌରାଞ୍ଚଳର ଆଗଧାଡିର କିଛି ପୁରୁଖା ତୁଙ୍ଗନେତା, ଦକ୍ଷ ସଂଗଠକ, ମହିଳା ଓ ବିଜେଡ଼ି ସମର୍ଥକଙ୍କ ଉପସ୍ଥିତି ଜନସମ୍ପର୍କ ପଦଯାତ୍ରାରେ ଦେଖିବାକୁ ମିଳି ନଥିଲା ।

# ଚର୍ମ ରୋଗ ଚିକିତ୍ସା ଓ ସଚେତନତା ଶିବିର



କଟକ, (ସ୍ୱପ୍ର): ରୋଟାରୀ କ୍ଲବ କଟକ ମିଲେନିୟମ ଦ୍ୱାରା ଚର୍ମ ରୋଗ ଚିକିତ୍ସା ଓ ସଚେତନତା ଶିବିର ସ୍ଥାନୀୟ ବାଲିସାହି ସ୍ଥିତ ଦାସସାହି ବସ୍ତିର କମ୍ୟୁନିଟି ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି । ରୋଟାରୀ କ୍ଲବ ଅଫ କଟକ ମିଲେନିୟମ ଓ ଆଇଏଡିଭିଏଲ ଓଡ଼ିଶାର ମିଳିତ ସହଯୋଗରେ ଏକ ନିଃଶୁଳ୍କ ବିଶାଳ ଚର୍ମ ରୋଗ ଚିକିତ୍ସା ଓ ସଚେତନତା ଶିବିର ଆୟୋଜିତ ହୋଇ ଯାଇଛି । ଏହି ଶିବିରରେ ମୋଟ୍ ୮୯ ଜଣ ରୋଗୀଙ୍କୁ ଚିକିତ୍ସା ଓ ପରାମର୍ଶ ସହିତ ନିଃଶୁଳ୍କ ଔଷଧ ମଧ୍ୟ ବିତରଣ କରାଯାଇଥିଲା । ଆଇଓଡିଭି. ଏଲର କୁମାର ଅଭିଷେକ ଓ ସ୍ଥାନୀୟ ସମାଜସେବୀ ବୃନ୍ଦାବନ ଦାସ ଆଜାଦ୍‌ଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କଟକ ଏସ୍‌ସିବି ମେଡ଼ିକାଲର ଅଭିଜ୍ଞ ଚର୍ମ ବିଶାରଦ ଡାକ୍ତର ପିସି ରଥ, ଡାକ୍ତର ସ୍ୱପ୍ନାରାଣୀ ବେହେରା, ଡାକ୍ତର ଦୀପ୍ତି ବିଶୋଇ ଓ ଡାକ୍ତର ବିଶ୍ୱଜିତ୍ ସାମଲ ପ୍ରମୁଖ ଉପସ୍ଥିତ ରହି ରୋଗୀ ମାନଙ୍କୁ ଚିକିତ୍ସା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ରୋଟାରୀ କ୍ଲବ୍ କଟକ ମିଲେନିୟମର ସଭାପତି ସୁଧୀର କୁମାର ରଥ, ସମ୍ପାଦକ ସମ୍ବିତ କୁମାର ଲେଙ୍କା, ଉପ ସଭାପତି ଜ୍ଞାନେନ୍ଦ୍ର ବିଶ୍ୱାଳ, ସଭ୍ୟ ବିଜୟ କୁମାର ଆଚାର୍ଯ୍ୟ, ପ୍ରଥମ ପ୍ରିୟଦର୍ଶନ ମହାପାତ୍ର ଓ ରାମକୃଷ୍ଣ ମହାନ୍ତି ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମର ପରିଚାଳନା କରିଥିଲେ ।

# ଡିଭାଇନ ଗ୍ରୁପର ବାର୍ଷିକ ଉତ୍ସବ ୟୁଫୋନି- ୨୦୨୫ ଉଦ୍‌ଯାପିତ




ବାରିପଦା, (ସବ୍ୟୁ) : ଡିଭାଇନ ଗ୍ରୁପ ଅଫ୍ ଇନଷ୍ଟିଚ୍ୟୁସନ୍‌ରେ ଡିଭାଇନ୍ ଡିପ୍ଲୋମା ଇଞ୍ଜିନିୟରିଂ, ଡିଭାଇନ୍ ନର୍ସିଙ୍ଗ୍ ଏବଂ ଡିଭାଇନ ଯୁକ୍ତ୨ ବିଜ୍ଞାନର ଚଳିତ ନଭେମ୍ବର ୮ ଓ ୯ ତାରିଖରେ ତାର ୧୭ତମ ବାର୍ଷିକ ଉତ୍ସବୟୁଫୋନି ୨୦୨୫ ପାଳିତ ହୋଇଯାଇଛି । ଉତ୍ସବର ପ୍ରଥମ ଦିବସରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ପୋଲିସ ଅଧିକ୍ଷକ ଦୀପକ କୁମାର ଗଛାୟତ, ମୟୁରଭଞ୍ଜ, ମୁଖ୍ୟବକ୍ତା ଭାବେ ବାରିପଦାର ଉପ-ଜିଲ୍ଲାପାଳ ଡକଟର ଦୟାସିନ୍ଧୁ ପରିଡା, ସମ୍ମାନିତ ଅତିଥି ଭାବେ ବାରିପଦା ବ୍ଲକର ଗୋଷ୍ଠୀଉନ୍ନୟନ ଅଧିକାରୀ ଦେବେନ୍ଦ୍ର ପ୍ରସାଦ ବଳ ଏବଂ ଅନ୍ୟତମ ସମ୍ମାନିତ ଅତିଥି ଭାବେ ବାରିପଦାର ଉପଖଣ୍ଡ ପୋଲିସ ଅଧିକାରୀ ପ୍ରଭାତ ମଲ୍ଲିକ ଯୋଗ ଦେଇଥିଲେ । ସେଇପରି ଦ୍ୱିତୀୟ ଦିବସରେ ମୁଖ୍ୟ ଅତିଥି ଭାବେ ରାଜ୍ୟସଭା ସାଂସଦ ମମତା ମହାନ୍ତ, ମୁଖ୍ୟବକ୍ତା ଭାବେ ବାଙ୍ଗିରିପୋଷି ନିର୍ବାଚନ ମଣ୍ଡଳୀର ବିଧାୟୀକା ସଞ୍ଜଳି ମୁର୍ମୁ, ସମ୍ମାନିତ ଅତିଥି ଭାବେ ଭାରତୀୟ ଜନତା ପାର୍ଟିର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶୁଗୁଦା ମୁର୍ମୁ ଏବଂ ଅନ୍ୟତମ ସତନ୍ତ୍ର ଅତିଥି ଭାବେ ଭାରତୀୟ ଜନତା ପାର୍ଟିର ମୟୂରଭଞ୍ଜ ଜିଲ୍ଲା ଉପ ସଭାପତି ପରେଶ ଚନ୍ଦ୍ର ମହାନ୍ତ ଯୋଗ ଦେଇ ଛାତ୍ର-ଛାତ୍ରୀ ମାନଙ୍କୁ କଠିନ ପରିଶ୍ରମ ଓ ସଠିକ ଚିନ୍ତା ଧାରା ହିଁ ସଫଳତାର ମୂଳ ମନ୍ତ୍ର ବୋଲି ପରାମର୍ଶ ଦେଇଥିଲେ । ଛାତ୍ର-ଛାତ୍ରୀ ମାନଙ୍କୁ ପୁରସ୍କୃତ କରିବା ସହ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ସଂସ୍କୃତି ଓ ପରମ୍ପରାକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ଆହ୍ୱାନ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଶିଳ୍ପପତି ତଥା ସମାଜସେବୀ ତରୁଣ କୁମାର ମହାନ୍ତି, ସମାଜସେବୀ ଅମିତାଭ ସାହୁ, ସମାଜସେବୀ କାଶୀନାଥ ରଣା, ସମାଜସେବୀ ମନୀଷ ଖଣ୍ଡେଲଓ୍ୱାଲ, ସମାଜସେବୀ ସୁଶାନ୍ତ ଦାସଙ୍କୁ ମୁଖ୍ୟ ଅତିଥି ସାଂସଦ ମମତା ମହାନ୍ତ ଏବଂ ବାଙ୍ଗିରିପୋଷି ନିର୍ବାଚନ ମଣ୍ଡଳୀର ବିଧାୟିକା ସଞ୍ଜଳି ମୁର୍ମୁ ବିଶେଷ ଭାବରେ ସମ୍ମାନୀତ କରିଥିଲେ । ଏହି ସଭାରେ ପୌରହିତ୍ୟ କରିଥିଲେ ଡିଭାଇନର ମ୍ୟାନଜିଙ୍ଗ ଟ୍ରଷ୍ଟି ପୂର୍ଣ୍ଣଚନ୍ଦ୍ର ବୁଗୁଡେଇ । ଡିଭାଇନର ନିର୍ଦ୍ଦେଶକ ଙ୍କ ବିପ୍ଳବ ଭଞ୍ଜନ ବୁଗୁଡେଇ, ଟ୍ରଷ୍ଟି ଙ୍କ ଧରମବୀର ବୁଗୁଡେଇ ଏବଂ ପ୍ରିନ୍ସିପାଲ୍ ଙ୍କ ଅଭିନ୍ନ ଦାସ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

# କୂଅରୁ ମହିଳାଙ୍କୁ ଉଦ୍ଧାର

ବୁଗୁଡା, (ସବ୍ୟୁ): ସ୍ଥାନୀୟ ମୁଖ୍ୟ ସଡକ ନିବାସୀୟୁ ଜଗଦିଶ ପାତ୍ରଙ୍କ ପତ୍ନୀୟୁ ଗିତାଞ୍ଜଳୀ ପାତ୍ର (୪୯) କୁଅରେ ପଡିଯାଇଥିବା ବେଳେ ତାଙ୍କୁ ଦମକଳବାହିନୀ ଉଦ୍ଧାର କରିଥିବା ଜଣାଯାଇଛି । ପ୍ରକାଶ ଯେ, ଆଜି ସକାଳେ ସେ ତାଙ୍କର ଘର କୁଅରେ କୌଣସି କାରଣରୁ ଖସିପଡି ଥିଲେ । ଖବର ପାଇ ଦମକଳବାହିନୀ ଘଟଣା ସ୍ଥଳରେ ପହଞ୍ଚି ତାଙ୍କୁ କୁଅରୁ ଉଦ୍ଧାର କରି ବୁଗୁଡା ମେଡିକାଲରେ ଭର୍ତ୍ତି କରିଥିଲେ ।

# କାର୍ତ୍ତିକ ପୂଜା ମେଢ ବିସର୍ଜନ

ବୁଗୁଡା, (ସବ୍ୟୁ): ଚଳିତ ବର୍ଷ ବୁଗୁଡା ସହରର ବଡଦାଣ୍ଡ ସାହିରେ କାର୍ତ୍ତିକେଶ୍ୱରଙ୍କ ଆକର୍ଷଣୀୟ ପୂଜା ମେଢ ଦେଖିବାକୁ ମିଳିଥିଲା । ଏହି ପୂଜା ମଣ୍ଡପଟି ସୁସଜ୍ଜିତ ତୋରଣ ସାଙ୍ଗକୁ ରଙ୍ଗବେରଙ୍ଗର ଆଲୋକମାଳାରେ ଝଲସି ଉଠି ଦର୍ଶକଙ୍କୁ ଆକର୍ଷିତ କରୁଥିଲା । କାର୍ତ୍ତିକ ମାସର ପଞ୍ଚକ ପାଞ୍ଚ ଦିନ ଧୁମଧାମରେ ପୂଜା ଉତ୍ସବ ପାଳିତ ହୋଇଥିବା ବେଳେ ଏହି ପୂଜା ମେଢର ଭସାଣି ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଠାକୁରଙ୍କ ରହଣି କାଳରେ ପୂଜା ମଣ୍ଡପରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିଲା । ଅର୍ଣ୍ଣପୂର୍ଣ୍ଣାନଗର ପୂଜା କମିଟି ପକ୍ଷରୁ ଠାକୁର କାର୍ତ୍ତିକେୟଙ୍କୁ ବାଦ୍ୟ ବାଜଣା ସହ ବାଣ ଫୁଟାଇ ମେଲାଣି ଦିଆଯାଇ ପୁଷ୍କରିଣୀରେ ବିସର୍ଜନ କରାଯାଇଥିଲା ।

# ଧରାକୋଟ ବ୍ଲକରେ ଜିଲ୍ଲାପାଳ ଓ ଏସପିଙ୍କ ମିଳିତ ଜନଶୁଣାଣି

ଧରାକୋଟ, (ସବ୍ୟୁ): ଧରାକୋଟ ବ୍ଲକରେ ଆଜି ଗଂଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ ଓ ଗଂଜାମ ଆରକ୍ଷୀ ଅଧିକ୍ଷକ ଶୁଭେନ୍ଦୁ ପାତ୍ର ମିଳିତ ଭାବେ ଯୁଗ୍ମ ଜନ ଶୁଣାଣି କରିଛନ୍ତି । ଏହି ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅଞ୍ଜଳୀ ସ୍ୱାଇଁ, ଭଞ୍ଜନଗର ଉପ ଜିଲ୍ଲାପାଳ ଉମା ଶଙ୍କର ବେହେରା, ତହସିଲଦାର ଲମ୍ବୋଦର ମାରାଣ୍ଡି, ବିଡିଓ ସଂଗ୍ରାମ କେଶରୀ ଜେନା ପ୍ରମୁଖ ଉପସ୍ଥିତ ରହିଥିଲେ । ବ୍ଲକର ଅଠର ଗୋଟି ପଞ୍ଚାୟତରୁ ଆସିଥିବା ୧୪୮ ଜଣ ଲୋକ ନିଜ ନିଜର ବିଭିନ୍ନ ଅଭିଯୋଗ ଅନଲାଇନରେ ପଞ୍ଜିକରଣ କରି ଦାଖଲ କରିଥିଲେ । ଜିଲ୍ଲାପାଳ ଏହି ଅଭିଯୋଗ ଗୁଡ଼ିକର ତୁରନ୍ତ ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏହି ଜନ ଶୁଣାଣିରେ ସବୁ ବିଭାଗର ଅଧିକାରୀ ମାନେ ଉପସ୍ଥିତ ଥିଲେ । ବିଶେଷ କରି ଭତ୍ତା, ଆବାସ, ରାସନ କାର୍ଡ, ପାଇବା ପାଣି ଓ ରାସ୍ତା ସମସ୍ୟା ନେଇ ଲୋକେ ଅଭିଯୋଗ କରିଥିବା ଦେଖିବାକୁ ମିଳିଥିଲା । ଆଜି ଜିଲ୍ଲାପାଳ ଅଭିଯୋଗ ଶୁଣାଣୀ ପରେ ଧରାକୋଟ ବ୍ଲକର ଢଉଗାଁ, ବାହାରପୁର, ଧରାକୋଟର ଶାନ୍ତିଝର ଓ ଅନ୍ୟାନ୍ୟ ପଞ୍ଚାୟତ ଗସ୍ତ କରି ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ବୁଲି ଦେଖିଥିଲେ ।

# ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର, ହତ୍ୟାସନ୍ଦେହ

ପାଲଲହଡା ,(ସବ୍ୟୁ) :ଅନଗୁଳ ଜିଲ୍ଲା ପାଲଲହଡା ଥାନା ଅନ୍ତର୍ଗତ ନନ୍ଦିନୀପାଲି ଗ୍ରାମରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି । ରାସ୍ତା ପାର୍ଶ୍ୱରେ ଥିବା ଏକ ଗଛରୁ ଝୁଲନ୍ତା ଅବସ୍ଥାରେ ଜଣେ ମହିଳାଙ୍କ ମୃତ ଦେହ ଉଦ୍ଧାର କରାଯାଇଛି । ସୂଚନା ଅନୁଯାଇ ନନ୍ଦିନୀପାଲି ଗ୍ରାମର ଗୁରୁବାରୀ ନାୟକ ରବିବାର ସନ୍ଧ୍ୟା ସମୟରୁ କୌଣସି କାମରେ ବାହାରକୁ ଯାଇଥିଲେ କିନ୍ତୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଘରକୁ ଫେରି ନ ଥିଲେ । ପରିବାର ଲୋକେ ତାଙ୍କୁ ବୋହୁ ଖୋଜା ଖୋଜି କରି ପାଇନଥିଲେ । ଆଜି ସୋମବାର ସକାଳୁ ଗାଁ ନିକଟରେ ଥିବା ଏକ ଆମ୍ବ ଗଛରୁ ତାଙ୍କ ଝୁଲନ୍ତା ଅବସ୍ଥାରେ ମୃତଦେହ ଠାବ ହୋଇଥିଲା । ଏ ନେଇ ପରିବାର ପକ୍ଷରୁ ପାଲଲହଡା ଥାନାରେ ଅଭିଯୋଗ କରାଯିବା ପରେ ଘଟଣା ସ୍ଥଳରେ ପୋଲିସ ପହଂଚି ତଦନ୍ତ ଆରମ୍ଭ କରିଥିଲା । ତେବେ କେହି ଦୁର୍ବୃତ୍ତ ତାଙ୍କୁ ହତ୍ୟା କରି ଗଛରେ ଝୁଲେଇ ଦେଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି । ଅନ୍ୟପଟେ ପାଲଲହଡ଼ା ପୋଲିସ ସାଇଣ୍ଟିଫିକ ଟିମ ଓ ସନ୍ଧାନୀ କୁକୁର ସହାୟତା ରେ ଘଟଣାର ତଦନ୍ତ ଜାରି ରଖିଛନ୍ତି । ତଦନ୍ତ ପରେ ଘଟଣା ର ସତ୍ୟାସତ୍ୟ ଜଣା ପଡିବ ବୋଲି ପାଲଲହଡ଼ା ଥାନା ଅଧିକାରୀ ପ୍ରଦୀପ କୁମାର ମହାନ୍ତ ସୂଚନା ଦେଇଛନ୍ତି ।

# ସତ୍ୟସାଈ ସେବାସମିତି ପକ୍ଷରୁ ଅଖଣ୍ଡ ଭଜନ

କାମାକ୍ଷାନଗର ,(ସବ୍ୟୁ) : ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ସତ୍ୟସାଇ ସେବା ସମିତି ପକ୍ଷରୁ ସ୍ଥାନୀୟ ସାଇବିହାର ଠାରେ ବିଶ୍ୱ ଅଖଣ୍ଡ ଭଜନ କାର୍ଯ୍ୟକ୍ରମ ଚାଲିଛି । ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କ ଶହେତମ ଜନ୍ମ ମହୋତ୍ସବ ଅବକାଶରେ ଏପରି ଭଜନ କାର୍ଯ୍ୟକ୍ରମ ସାରା ଦେଶର ବିଭିନ୍ନ ସତ୍ୟସାଇ ସେବା ସମିତିରେ ଜାରି ରହିଛି । କାମାକ୍ଷାନଗର ସତ୍ୟସାଇ ସେବା ସମିତି ପକ୍ଷରୁ ଆବାହକ ବିମଳ କୁମାର ପରିଡା ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହାର ଆୟୋଜନ ହୋଇଛି । ଶନିବାର ସଂଧ୍ୟାରୁ ୨୪ ଘଣ୍ଟିଆ ବିଶ୍ୱ ଅଖଣ୍ଡ ଭଜନ ଆରମ୍ଭ ହୋଇଛି । ଶନିବାର ସଂଧ୍ୟାରୁ ଆରମ୍ଭ ହୋଇଥିବା ଏହି ବିଶ୍ୱ ଅଖଣ୍ଡ ଭଜନ ରବିବାର ସଂଧ୍ୟାରେ ସମାପନ ହୋଇଯାଇଥିବା ସମିତି ପକ୍ଷରୁ ସୂଚନା ଦିଆଯାଇଛି। ଏହି ଅଖଣ୍ଡ ଭଜନ କାର୍ଯ୍ୟକ୍ରମରେ କାମାକ୍ଷାନଗର ସତ୍ୟସାଇ ସେବା ସମିତି ଅଧିନରେ ଥିବା ବିଭିନ୍ନ ଭଜନମଣ୍ଡଳି ଏବଂ ସାଇ ଶରଣାଗତ ପରିବାର ଭାଗ ନେଇଥିଲେ। ସତ୍ୟସାଇ ବାବାଙ୍କ ଶହେତମ ଜନ୍ମ ମହୋତ୍ସବ ଅବସରରେ ଏହି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଗତ ୧୦୦ ଦିନ ଧରି ରାଜ୍ୟରେ ବିଭିନ୍ନ ସତ୍ୟସାଇ ସେବା ସମିତିରେ ବାବାଙ୍କ ଉପଲକ୍ଷେ ଭଜନ, ନାରାୟଣ ସେବା, ଅମୃତ କଳସ, ଗ୍ରାମସେବା, ତପୋବନ ପାରାୟଣ, ରୁଦ୍ରାର୍ପିତମ୍ ଏବଂ ବେଦ ପାଠ ପରି କାର୍ଯ୍ୟକ୍ରମ ଚାଲିଛି। ଆସନ୍ତା ନଭେମ୍ବର ୨୩ ତାରିଖରେ ସତ୍ୟସାଇ ବାବାଙ୍କ ୧୦୦ ତମ ଜନ୍ମ ମହୋତ୍ସବ ବେଶ୍ ଭବ୍ୟ ଆକାରରେ ପାଳନ ହେବାକୁ ଯାଉଥିବା ସତ୍ୟସାଇ ସେବା ସମିତି ପକ୍ଷରୁ ସୂଚନା ଦିଆଯାଇଛି । ଏହି କାର୍ଯ୍ୟକ୍ରମରେ ସମିତି ଓ ଭଜନ ମଣ୍ଡଳୀର ସମସ୍ତ ଭାଇ ଓ ଭଉଣୀ ସକ୍ରିୟ ଅଂଶଗ୍ରହଣ କରିବାସହ ସହଯୋଗ କରିଥିଲେ ।

# ପଞ୍ଚାୟତ କାର୍ଯ୍ୟାଳୟରେ ବଡ଼ଧରଣର ଡକାୟତି

ହିନ୍ଦୋଳ : ଢ଼େଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ ହିନ୍ଦୋଳ ଥାନା ଅନ୍ତର୍ଗତ ମାଧପୁର ପଞ୍ଚାୟତ କାର୍ଯ୍ୟାଳୟରେ ଡକାୟତ ମାନେ ବଡ଼ ଧରଣର ଚୋରି କରିଥିବା ଜଣାପଡିଛି । ହିନ୍ଦୋଳ ଥାନା ମାଧପୁର ପଂଚାୟତ କାର୍ଯ୍ୟାଳୟର ସମସ୍ତ ଘରର ତାଲା ଭାଙ୍ଗି ସଭାଘରେ ଲାଗିଥିବା ଏଲଇଡି ଟିଭି ସହ ଆସପେୟାର, ଇନଭେଟର ବ୍ୟାଟେରୀ ଇତ୍ୟାଦି ଡକାୟତ ମାନେ ଲୁଟି ନେଇଛନ୍ତି । ଆମ ବ୍ୟାଙ୍କ୍ ଖୋଲାଯାଇଥିବା ଘରର ମଧ୍ୟ ତାଲା ଭାଙ୍ଗି ଇନଭେଟର ବ୍ୟାଟେରୀ ଆଦି ନେଇଯିବା ସହ ଡ୍ରରେ ଏବଂ ଗଡରେଜରେ ଥିବା ୧,୧୬,୫୦୦ (ଏକ ଲକ୍ଷ ଷୋହଳ ହଜାର ପାଞ୍ଚସହ) ଟଙ୍କା ମଧ୍ୟ ଚୋରି କରି ନେଇଯାଇଛନ୍ତି । ଏ ନେଇ ମାଧପୁର ପଞ୍ଚାୟତ ସରପଞ୍ଚ ବୀଣାପାଣି ନାଏକ ହିନ୍ଦୋଳ ଥାନାରେ ଏକ ଲିଖିତ ଅଭିଯୋଗ କରିଥିବା ଜଣାପଡିଥିବାବେଳେ କେବଳ ନିକଟରେ ଥିବା ପ୍ରାଥମିକ ବିଦ୍ୟାଳୟରୁ ଟିଭି ଏବଂ ଅନ୍ୟାନ୍ୟ ସାମଗ୍ରୀ ମଧ୍ୟ ଲୁଟି ନେଇଛନ୍ତି । ଗତକାଲି ବିଳମ୍ବିତ ରାତିରେ ଚୋରମାନେ ଏପରି କାଣ୍ଡ ଭିଆଇଛନ୍ତି ଏବଂ ସକାଳ ହେବା ମାତ୍ରେ ବିଭିନ୍ନ କାର୍ଯ୍ୟାଳୟର ତାଲା ଭଙ୍ଗା ହୋଇଥିବା ଏବଂ ଆସବାବପତ୍ର ଏଣେତେଣେ ପଡ଼ିଥିବା ଲୋକମାନେ ଦେଖିବାକୁ ପାଇଥିଲେ । ସଙ୍ଗେ ସଙ୍ଗେ ଏ ସଂପର୍କରେ ହିନ୍ଦୋଳ ଥାନାକୁ ଜଣାଇବାରେ ପୋଲିସ୍ ଆସି ତଦନ୍ତ ଆରମ୍ଭ କରିଥିଲା । ଗୋଟିଏ ରାତିରେ ବିଭିନ୍ନ ଅନୁଷ୍ଠାନରୁ ଚୋରି ହେବାକୁ ନେଇ ସାଧାରଣରେ କୋକୁଆ ଭୟ ସୃଷ୍ଟି ହୋଇଛି ।

## ଆମ୍ବପଳାଶ ଡକାୟତି ଘଟଣା

# ୩ ଗିରଫ,ମୋଟର ସାଇକେଲ ସହିତ ସୁନା ଜବତ



ଢେଙ୍କାନାଳ,(ସବ୍ୟୁ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଥାନା ଆମ୍ବପଳାଶ ଗ୍ରାମରେ ଗତ ୩ ତାରିଖ ଦିନ ମହିଳାଙ୍କୁ ବାନ୍ଧି ବନ୍ଧୁକ ମୂନରେ ଲୁଟ ହୋଇଥିବା ଘଟଣାରେ ପୋଲିସ ୩ ଜଣଙ୍କୁ ଗିରଫ କରିବା ସହିତ ସୁନା ଏବଂ ମୋଟରସାଇକେଲ ଜବତ କରିଛି। ଏହି ଘଟଣାରେ ଅନ୍ୟ ୭ଜଣ ଫେରାର ଥିବା ବେଳେ ସେମାନଙ୍କୁ ଧରିବା ପାଇଁ ପୋଲିସ ତନାଘନା ଚଳାଇଛି। ଆମ୍ବପଳାଶ ଗ୍ରାମର ରମେଶ ମହାପାତ୍ରଙ୍କ ଅଭିଯୋଗ ଅନୁସାରେ ଗତ ୩ ତାରିଖ ଦିନ ସନ୍ଧ୍ୟା ସାଢେ ୭ଟା ସମୟରେ ସେ ଦୋକାନରେ ଥିବା ବେଳେତାଙ୍କ ପତ୍ନୀ ଏକୁଟିଆ ଘରେ ଥିଲେ। ଏହି ସମୟରେ ୮ରୁ ୧୦ଜଣ ମୁଖା ପିନ୍ଧା ଦୁର୍ବୃତ୍ତହାତରେ ବନ୍ଧୁକ,ଭୁଜାଲି ଧରି ଘରେ ପ୍ରବେଶ କରିଥିଲେ। ମହିଳାଙ୍କ ପାଟିରେ ଗାମୁଛାରେ ବାନ୍ଧିଦେବା ସହିତ ଜଣେ ବନ୍ଧୁକ ଧରି ଜଗିରହିଥିଲା। ଅନ୍ୟମାନେ ତାଙ୍କ ଘର ଗଦରେଜ ଭାଙ୍ଗି ତା ଭିତରେଥିବା ୫୦ ଗ୍ରାମ ସୁନାଗହଣା ସହିତ ୨ଲକ୍ଷ ୫୦ ହଜାର ଟଙ୍କା ଲୁଟ କରି ଫେରାରହୋଇଯାଇଥିଲେ। ଏହି ଘଟଣାକୁ ନେଇ ସେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ୫୧୫/୨୫ ଓ ୫୧୬/୨୫ରେ ଦୁଇଟି ମାମଲା ରୁଜୁ କରି ସାଇଣ୍ଟିଫିକ ଟିମ ସନ୍ଧାନୀ କୁକୁର ସହିତ ତଦନ୍ତ କରିଥିଲେ। ଏହି ଘଟଣାରେ ପୋଲିସ ପରଜଙ୍ଗ ଥାନା ସିଙ୍ଗଡା ନୂଆ ସାହିର ଲମ୍ବୋଦର ସାହୁଙ୍କ ପୁଅ ବିଷ୍ଣୁ ସାହୁ(୩୦),ଆମ୍ବପଳାଶ ଗ୍ରାମର ଅଲ୍ଲୁ ସାହୁଙ୍କ ପୁଅ ମଣ୍ଟୁ ସାହୁ(୩୨) ଓ ଅନୁଗୁଳ ଜିଲ୍ଲା ତାଳଚେର ଥାନା ବିହାରୀପୁର କଲୋନୀର ରଞ୍ଜନ ନାଏକଙ୍କ ପୁଅ ରତିକାନ୍ତ ନାଏକ(୧୯)ଙ୍କୁ ଗିରଫ କରିଛନ୍ତି। ସେମାନଙ୍କ ଠାରୁ ୧୪ ଗ୍ରାମର ସୁନା ଗହଣା ଉଦ୍ଧାର କରାଯାଇଥିବା ବେଳେ ଏକ ମୋଟର ସାଇକେଲ ନଂ ଓଆର୧୯ଏଫ୯୫୪୩କୁ ମଧ୍ୟ ଜବତ କରାଯାଇଛି।ଏହି ଘଟଣାରେ ସାମିଲଥିବା ଅନ୍ୟମାନଙ୍କୁ ଧରିବା ପାଇଁ ପୋଲିସ ଉଦ୍ୟମ ଚଳାଇଛି । ଘଟଣାକୁ ନେଇ ଏସପି କହିଛନ୍ତି ଯେ,ଖୁବ ଶିଘ୍ର ଅନ୍ୟଅପରାଧୀ ମାନଙ୍କୁ ଧରିବା ପାଇଁ ଉଦ୍ୟମ ଜାରି ରହିଛି ।

# ଭୁବନ ଥାନା ପକ୍ଷରୁ ବନ୍ଦେ ମାତରମ୍




ଭୁବନ,(ସବ୍ୟୁ): ଭୁବନ ଥାନା ତରଫରୁ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ବନ୍ଦେ ମାତରଂ ୧୫୦ ବର୍ଷ ପୂର୍ତ୍ତି ପାଳିତ ହୋଇଯାଇଛି । ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ଜନ ଶୁଣାଣି ପାଇଁ ବ୍ଲକକୁ ଆସିଥିବା ବେଳେ ବନ୍ଦେ ମାତରଂ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରାଷ୍ଟ୍ର ଗୀତ ବନ୍ଦେ ମାତରଂ ହେଉଛି ଦେଶ ଭକ୍ତି, ସାହସ ଓ ଏକତାର ପ୍ରତୀକ ବୋଲି ମତବ୍ୟକ୍ତ କରିଥିଲେ । ବିଡ଼ିଓ ଆୟୁଶି ମହାପାତ୍ରଙ୍କ ସମେତ କାମାକ୍ଷାନଗର ଉପକଣ୍ଠ ଆରକ୍ଷୀ ଅଧିକ୍ଷକ ରଜନୀ କାନ୍ତ ସାମଲ, ଭୁବନ ଥାନା ଭାରପ୍ରାପ୍ତ ଥାନାଧିକାରୀ ସୁବ୍ରତ କୁମାର ସାହୁ, ଦୀପକ ମର୍ଦ୍ଦରାଜ ଭୂୟାଁ, ମାନସ ନାୟକ, ଜ୍ୟୋର୍ତିମୟ ସିଂ ପ୍ରମୁଖ ଉପସ୍ଥିତ ରହି ବନ୍ଦେ ମାତରଂ ଗାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ସ୍କୁଲ ଛାତ୍ର ଛାତ୍ରୀ ମାନେ ଯୋଗଦେଇ ବନ୍ଦେ ମାତରଂ ଗାନ କରିଥିଲେ ।

# ସାଂସଦ ଖେଳକୁଦ ପ୍ରତିଯୋଗିତା ଉଦ୍‌ଘାଟିତ

କାମାକ୍ଷାନଗର,(ସବ୍ୟୁ): ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ସାରଙ୍ଗଧର ଷ୍ଟାଡିୟମ ଠାରେ ରସାଂସଦ କ୍ରୀଡା ମହୋତ୍ସବ ଉଦଘାଟିତ ହୋଇଯାଇଛି। ବିକାଶ ଫାଉଣ୍ଡେସନ ପକ୍ଷରୁ ଆୟୋଜିତ ସାଂସଦ କ୍ରୀଡା ମହୋତ୍ସବରେ ସାଂସଦ ରୁଦ୍ରନାରାୟଣ ପାଣି ଯୋଗଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା କ୍ରୀଡାର ଉନ୍ନତି ସକାଶେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବାର ପ୍ରକାଶ କରିଥିଲେ । ସେ କହିଥିଲେ କାମାକ୍ଷାନଗରର ସଂସ୍କୃତି ଏବଂ ପ୍ରକୃତିରୀ ମହତ୍ୱ ଓଡିଶାରେ ବିଦିତ ଏହାକୁ ଆର୍ନ୍ତଜାତୀୟ ସ୍ତରକୁ ନେବାକୁ ହେବ। ସେହିପରି ବିକାଶ ଫାଉଣ୍ଡେସନର ଅଧ୍ୟକ୍ଷା ମୃଦୁଳା ଠାକୁର ପ୍ରଧାନ ପ୍ରଧାନମନ୍ତ୍ରୀ ଗତ ୧୪ ମସିହା ପରଠାରୁ କ୍ରୀଡାର ଉନ୍ନତି ସକାଶେ ବିଭିନ୍ନ ପଦକ୍ଷେପ ନେଉଥିବା ବେଳେ ଏବେ ଗ୍ରାମାଞ୍ଚଳରେ ରହିଥିବା ଲୁକ୍କାୟିତ ପ୍ରତିଭାର ପରିପ୍ରକାଶ ଘଟିବାରେ ସହାୟକ ହୋଇପାରିବ ବୋଲି ସୂଚନା ଦେଇ ଥିଲେ। ଏହି ଅବସରରେ ସେ କହିଛନ୍ତି ଯେ,ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଏଭଳି ଉଦ୍ୟମ କରାଯିବାସହିତ ଗାଁ ଗହଳିରେଥିବା ପ୍ରତିଭା ମାନଙ୍କୁ ଆଗକୁ ଆଣି ଜାତୀୟ ଆନ୍ତର୍ଜାତୀୟ ସ୍ତରରେ ପହଞ୍ଚାଇବା ହେଉଛି କାର୍ଯ୍ୟ। ଖେଳ ଆମ ଜୀବନର ଅଭିନ୍ନ,ଏବଂ ଏହା ଦ୍ୱାରା ଶରୀରକୁ ଓ ମାନସିକ ବିକାଶକୁ ବିକଶିତ କରେ। ହାରିଗଲେ ଥକିବାରନାହିଁ କିମ୍ବା ଜିତିଲେ ଅଭିମାନ କରିବାର ନାହିଁ ବୋଲି କହିବା ସହିତ ପରିଶ୍ରମ କଲେ ନିଶ୍ଚିତ ଜିତିବ ବୋଲି କହିଥିଲେ। କବାଡି,ଖୋ ଖୋ, ଭଲିବଲ ଆଦି କ୍ରୀଡା ଅନ୍ତର୍ଭୁକ୍ତ ହୋଇଥିବା ସହିତ ଲୁକ୍କାୟିତ ଅବସ୍ଥାରେ ଥିବା ଲୋକ କ୍ରୀଡା ମଧ୍ୟ ଏଥିରେ ସ୍ଥାନ ପାଇବ ବୋଲି ପ୍ରକାଶ କରିଥିଲେ କ୍ଷ ପରଜଙ୍ଗ ବିଧାୟକ ବିଭୁତି ଭୂଷଣ ପ୍ରଧାନ, ହିନ୍ଦୋଳ ବିଧାୟକ ସୀମାରାଣୀ ନାୟକ, କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ, ଢେଙ୍କାନାଳ ପୌରାଧକ୍ଷା ଜୟନ୍ତୀ ପାତ୍ର, ଜିଲ୍ଲା ବିଜେପି ସଭାପତି ରାସବିହାରୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ପରେ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ବାଳକ ବାଳିକା ମାନଙ୍କ ମଧ୍ୟରେ କ୍ରୀଡା ପ୍ରତିଯୋଗିତା ଆରମ୍ଭ ହୋଇଥିଲା ।

# ଅନ୍‌ଲାଇନ ଶିକ୍ଷକ ଉପସ୍ଥାନକୁ ଶିକ୍ଷକ ସଂଘର ବିରୋଧ

ଠାକୁରଗଡ ,(ସବ୍ୟୁ): ରାଜ୍ୟ ସରକାର ପକ୍ଷରୁ ଜାରି ହୋଇଥିବା ଶିକ୍ଷକ ମାନଙ୍କ ପାଇଁ ଅଲଲାଇନ ଶିକ୍ଷକ ଉପସ୍ଥାନକୁ ଆଠମଲ୍ଲିକ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ବିରୋଧ କରାଯାଇଛି । ଏ ନେଇ ଶିକ୍ଷକ ସଂଘ ପକ୍ଷରୁ ସୋମବାର ଦିନ ଆଠମଲ୍ଲିକ ଭ ।ରପ୍ରାପ୍ତ ବିଇଓ ସୁନୀଲ କୁମାର ପ୍ରଧାନ ଙ୍କ ଜରିଆରେ ଏକ ଦାବି ପତ୍ର ପ୍ରଦାନ କରାଯାଇଛି । ସଂଘ ସଭାପତି ନିରାକାର ମେହେର , ସୁଧାଂଶୁ ଭୂଷଣ ନାୟକ , ପ୍ରଦୀପ କୁମାର ବାହୁକ , ପ୍ରଦୀପ କୁମାର ନାୟକ , ନରେନ୍ଦ୍ର ର୍ମିଧା , ପ୍ରତାପ କୁମାର ବାଘ , କୃଷ୍ଣ ଚନ୍ଦ୍ର ମେହେର ପ୍ରମୁଖ ଯୋଗ ଦେଇଥିଲେ । ସଂଘ ପକ୍ଷରୁ କୁହାଯାଇଥିଲା ଯେ ସରକାର ବିଦ୍ୟାଳୟ ଗୁଡିକର ଭୀତିଭୂମି କରୁ ନାହାନ୍ତି । ଏପରିକି ଶିକ୍ଷ ବ୍ୟବସ୍ଥା ସଂପୂର୍ଣ୍ଣ ଅଚଳ ହେଉପଡୁଥିବା ବେଳେ ସରକାର ଅଜବ ନିୟମ ପ୍ରସ୍ତୁତ କରୁଛନ୍ତି । ଏ ପରିକି ସରକାର ଆବଶ୍ୟକ ଶିକ୍ଷକ ନିଯୁକ୍ତି କରୁ ନାହାନ୍ତି । ସମସ୍ତ ସମସ୍ୟା ସମାଧାନ କରିବା ପରେ ଶିକ୍ଷକ ଙ୍କର ଅଲଲାଇନ ଉପସ୍ଥାନ କାର୍ଯ୍ୟକାରୀ କରିବାକୁ ସଂଘ ପକ୍ଷରୁ ଦାବି ହୋଇଛି । ନଚେତ ଆଗାମୀ ଦିନରେ ଏକ ବଡ ଧରଣ ଆନ୍ଦୋଳନ କରାଜୀବ ବୋଲି ସଂଘ ଚେତାବନୀ ଦେଇଛି ।

# ମିଳିତ ଜନ ଶୁଣାଣି :୩ଟିର ତୁରନ୍ତ ଫଇସଲା



ଅନୁଗୋଳ /ବଅଁରପାଳ ,(ସବ୍ୟୁ): ଆଜି ଅନୁଗୋଳ ଜିଲ୍ଲାପାଳ ଶ୍ରୀ ଅବଦାଲ୍ ମୁହମ୍ମଦ ଅଖତରଙ୍କ ଅଧ୍ୟକ୍ଷତାରେ ବଅଁରପାଳ ପଞ୍ଚାୟତ ସମିତି କାର୍ଯ୍ୟାଳୟ ଠାରେ ଜିଲ୍ଲା ସ୍ତରୀୟ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜନଶୁଣାଣି ଶିବିରରେ ସମୁଦାୟ ୩୦ଟି ଅଭିଯୋଗ ଗ୍ରହଣ କରାଯାଇଥିଲା । ୨୫ଟି ବ୍ୟକ୍ତିଗତ ଓ ୫ଟି ଗ୍ରାମ୍ୟଭିତ୍ତକ ଅଭିଯୋଗର ଶୁଣାଣି ହୋଇଥିବାବେଳେ ୩ଟି ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରାଜିବ ଲୋଚନ ପଣ୍ଡା, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ର୍ନିବାହୀ ଅଧିକାରୀ ଦେବଦତ୍ତ ମହନ୍ତ, ଅନୁଗୋଳ ଉପଜିଲ୍ଲାପାଳ ମାୟାଧର ବେହେରା, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ.ମଦନ ମୋହନ ପ୍ରଧାନ, ଜିଲ୍ଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ, ଜିଲ୍ଲା ମଙ୍ଗଳ ଅଧିକାରୀ ଦିଲ୍ଲୀପ କୁମାର ମିଶ୍ର, ଜିଲ୍ଲା ଯୋଗାଣ ଅଧୋକାରୀ ଶ୍ରୀନିବାସ ସାହୁ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ନିରୁପମା ପାଣି, ଜିଲ୍ଲା ଶିଳ୍ପ କେନ୍ଦ୍ର ମହାପ୍ରବନ୍ଧକ ହିମାଂଶୁ ଶେଖର ସାହୁ, ଜିଲ୍ଲା ମୁଖ୍ୟପ୍ରାଣୀ ଚିକିତ୍ସା ଅଧିକାରୀ ଡ. ସତ୍ୟ ନାରାୟଣ ସାହୁଙ୍କ ସମେତ ବିଭିନ୍ନ ଜିଲ୍ଲା ସ୍ତରୀୟ ଓ ବ୍ଲକ୍ ସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ ।

# ଛାତ୍ରଛାତ୍ରୀଙ୍କୁ ଶିକ୍ଷା ଦେଲେ ଏନଡ଼ିଆରଏଫ ଟିମ

ଆଠମଲ୍ଲିକ ,(ସବ୍ୟୁ) : ଓଡିଶା ଷ୍ଟେଟ ଡ଼ି ଜା ଷ୍ଟ ର ମ୍ୟାନେଜମେଣ୍ଟ ଅଥରିଟିର ନିର୍ଦ୍ଦେଶକ୍ରମେ କଟକସ୍ଥିତ ମୁଣ୍ଡଳୀରେ ଏନଡ଼ିଆରଏଫ ର ଏକ ସ୍ୱତନ୍ତ୍ର ଦଳ ଆଠମଲ୍ଲିକ ଗସ୍ତରେ ଆସି ସ୍ଥାନୀୟ ପି ଏମ ଶ୍ରୀ ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟ ପରିସରରେ ଛାତ୍ରଛାତ୍ରୀ ମାନଙ୍କୁ ବିପର୍ଯ୍ୟୟ ପରିଚାଳନା କିପରି କରିବେ ତାହାର ସରଳ ଉପାୟ ବୁଝାଇଥିଲେ । ଏନ ଡ଼ି ଆର ଏଫ ର ଇନିସପେକ୍ଟର ରମାକାନ୍ତ ଦାଶ, ଏସ ଆଇ ଏସ କେ ସିଂହାଙ୍କ ନେତୃତ୍ୱରେ ଏନ ଡ଼ି ଆର ଏଫ ସଦସ୍ୟ ବିଭିନ୍ନ ଯନ୍ତ୍ରପାତି ବ୍ୟବହାର କରି ମକ ଡ୍ରିଲ ଦେଖାଇଥିଲେ । ଏହି ମକଡ୍ରିଲରେ ଶିକ୍ଷକ ଶିକ୍ଷୟତ୍ରୀ, ଛାତ୍ର ଛାତ୍ରୀ ମଧ୍ୟ ଭାଗ ନେଇଥିଲେ । ଏନ ଡ଼ି ଆର ଏଫ ଟିମ ଙ୍କ ର ଏପରି କାର୍ଯ୍ୟ କୁ ଛାତ୍ର ଛାତ୍ରୀ ମହଲ ରେ ପ୍ରଶଂସା କରାଯାଇଛି । ଏହି କାର୍ଯ୍ୟକ୍ରମ ରେ ଶିକ୍ଷୟତ୍ରୀ ବିନୋଦିନୀ ପ୍ରଧାନ, ଶିକ୍ଷକ ମହେନ୍ଦ୍ର ସିଠ, ପ୍ରଦୀପ ସେଠି ,ଜ୍ୟୋସ୍ନାରାଣୀ ତରିଆ,ସୁରେଖା ନାୟକ, ବିକାଶ ଧଳ,ସୋମ୍ୟ ରଞ୍ଜନ ପ୍ରଧାନଙ୍କ ସମେତ ସମସ୍ତ ଛାତ୍ର ଛାତ୍ରୀ, ଶିକ୍ଷକ ଓ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ ।

# ସାଇ ସତସଙ୍ଗ ସେବା ଟ୍ରଷ୍ଟ ବାର୍ଷିକ ଉତ୍ସବ ଉଦ୍‌ଯାପିତ



ଢେଙ୍କାନାଳ,(ସବ୍ୟୁ) ସାଇ ସତସଙ୍ଗ ସେବା ଟ୍ରଷ୍ଟ ଆନୁକୂଲ୍ୟରେ ୩ଦିନ ବ୍ୟାପୀ ଚାଲିଥିବା ବାର୍ଷିକ ଉତ୍ସବ ଉଦଯାପିତ ହୋଇଯାଇଛି । ପ୍ରଥମ ଦିବସରେ ସାଇ ବାବାଙ୍କର ବିଶାଳ ଶୋଭାଯାତ୍ରା ସୌଦାମିନୀ ସ୍କୁଲ ଠାରୁ ବାହାରି ଶ୍ରୀରାମ ମଣ୍ଡପ ଅଭିମୁଖେ ଆସିଥିଲା । ସାଇ ବାବାଙ୍କର ବିମାନ ଓ ପାଦୁକା ଦର୍ଶନ ମୁଖ୍ୟ ଆକର୍ଷଣ ଥିଲା । ଦ୍ୱିତୀୟ ଦିବସରେ ସାଇ ସତ୍ୟ ନାରାୟଣ ବ୍ରତ ପୂଜାରେ ୧୦୮ ଯୋଡ଼ା ଦମ୍ପତି ଅଂଶଗ୍ରହଣ କରିଥିଲେ । ଏହି ପୂଜା ଶିରିଡି ସଂସ୍ଥାନର ପୂଜକଙ୍କ ଦ୍ୱାରା ସମ୍ପାଦିତ ହୋଇଥିଲା । ତୃତୀୟ ଦିବସରେ ଏକ ଦିବସୀୟ ସାଇ ସଚ୍ଚରିତ ସମୂହ ପାରାୟଣ ଅନୁଷ୍ଠିତ ହୋଇଥିଲା । ସକାଳ ୮ଘଟିକା ରେ ଓଁ ଧ୍ୱନି କରାଯାଇ ବିଷ୍ଣୁ ଶହସ୍ରନାମ, ଗୁରୁ ଭାଗବତ, ସାଇ ଅଷ୍ଟତର ନାମରେ ପତ୍ରଭିଷେକ କରାଯାଇଥିଲା । ୯ ଘଟିକାରେ ବିଶ୍ୱର କଲ୍ୟାଣ ନିମନ୍ତେ ଅଖଣ୍ଡ ଦୀପ ପ୍ରଜ୍ୱଳନ କରାଯାଇଥିଲା । ସମସ୍ତ ସାଇ ଆଶ୍ରିତମାନେ ସଂକଳ୍ପ କରି ପାରାୟଣ ଆରମ୍ଭ କରିଥିଲେ । ମୁଖ୍ୟ ପାଠକ ଶିବ ପ୍ରସାଦ ପଣ୍ଡା, ମୁଖ୍ୟ ପାଠିକା ରାନୁ ତ୍ରିପାଠୀ ପାରାୟଣ ପଠନ କରିଥିଲେ । ଏହି ପାରାୟଣରେ କଟକ, ପୁରୀ, ଭୁବନେଶ୍ୱର, ଯାଜପୁର, ଭଦ୍ରକ, ବାଲେଶ୍ୱର, ଅନୁଗୁଳ ଓ ରାଉରକେଲାରୁ ଭକ୍ତମାନେ ଯୋଗ ଦେଇଥିଲେ । ସନ୍ଧ୍ୟା ୬ଘଟିକାରେ ପାରାୟଣ ସମାପ୍ତ ସହିତ ସନ୍ଧ୍ୟା ଆରତୀ କରାଯାଇଥିଲା । ଶିରିଡି ସଂସ୍ଥାନ ପୂଜକଙ୍କ ଦ୍ୱାରା ସାଇ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି ପୌରାଧକ୍ଷା ଜୟନ୍ତୀ ପାତ୍ରଙ୍କ ଦ୍ୱାରା ବିଭିନ୍ନ କ୍ଷେତ୍ରରେ ମହତ ସେବା ଯୋଗାଇଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ଭଜନ ସମାରୋହ ଓ ସମୂହ ପ୍ରସାଦସେବନ ବ୍ୟବସ୍ଥା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସାଇ ସତସଙ୍ଗ ସେବା ଟ୍ରଷ୍ଟର ସମସ୍ତ ଭାଇ ଭଉଣୀ ସହଯୋଗ କରିଥିଲେ ।

# ଏନଟିପିସି ରେଳ ଧାରଣାରୁ ବିଭିନ୍ନ ସାମଗ୍ରୀ ଚୋରି ୨ ଭାଇ କୋର୍ଟ ଚାଲାଣ

କଣିହାଁ,(ସବ୍ୟୁ): ଅନୁଗୋଳ ଜିଲା ଅଧିନସ୍ଥ ଏନଟିପିସି କଣିହାଁ ର ରେଳ ଧାରଣାରୁ ବିଭିନ୍ନ ସାମଗ୍ରୀ ଚୋରି ଘଟଣାରେ ସଂପୃକ୍ତ ୨ଭାଇ କୁ ଏନଟିପିସି ପୁଲିସ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି । ଅଭିଯୁକ୍ତ ୨ଜଣ ହେଲେ ଏନଟିପିସି ଟାଉନ ଥାନା ଅନ୍ତର୍ଗତ ଆମ୍ବାପାଳ ଗ୍ରାମର ପ୍ରକାଶ ବେହେରା (୨୬)ଓ ରଞ୍ଜନ ବେହେରା(୨୫)ଛ ପୁଲିସ ସୁତ୍ରରୁ ପ୍ରକାଶ ଯେ, ଶନିବାର ରାତି ପ୍ରାୟ ୧୦ଘଟୀକା ୪୫ ମିନିଟ ସମୟ ରେ ରେଳ ବିଭାଗର ଏକ କୋଇଲା ବୋଝେଇ ଟ୍ରେନ କୋଇଲା ବୋଝେଇ କରି ଏନଟିପିସି ଆସୁଥିବା ସମୟରେ ଆମ୍ବପାଳ ପାଖରେ ଦୁର୍ଘଟଣା ଗ୍ରସ୍ତ ହୋଇ ୪ବଗି ଲାଇନ ଚ୍ୟୁତ ହୋଇଥିଲା । ତଦନ୍ତ ବେଳେ ରେଳ ଧାରଣାରୁ ଫିକ୍ସଙ୍ଗ ପ୍ଲେଟ କେହି ଚୋରି କରିଥିବା ଯୋଗୁଁ ଉକ୍ତ ଦୁର୍ଘଟଣା ହେଲା ବୋଲି ଜଣାପଡିଥିଲା । ଏ ସଂମ୍ପର୍କରେ ଏନଟିପିସି ଏମଜିଆର ବିଭାଗର ଅଧିକାରୀ ଉକ୍ତ ଚୋରି ଉପରୋକ୍ତ ଦୁଇ ଅଭିଯୁକ୍ତ ନେଇଥିବା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଏକ ମୋକଦ୍ଦମା ୨୨୬/୨୫ ରୁଜୁ କରି ତଦନ୍ତ ଚଳାଇଥିଲେଛ ଉକ୍ତ ଘଟଣାରେ ପୁଲିସ ଅଭିଯୁକ୍ତଙ୍କ ଘରୁ ଚୋରି ସାମଗ୍ରୀ ଜବତ କରିଛି ।

# ମଦୁଆ ଚାଳକ ଗିରଫ ବାଇକ ଜବତ

ଠାକୁରଗଡ ,(ସବ୍ୟୁ) : ଅନୁଗୋଳ ଜିଲ୍ଲା ଠାକୁରଗଡ ଥାନା ଧଣ୍ଡାତୋପା ଠାରେ ଠାକୁରଗଡ ପୋଲିସ ପକ୍ଷରୁ ରବିବାର ଦିନ ଗାଡି ମଟର ଯାଞ୍ଚ କରିଛି । ୁ ଆସୁଥିବା ସମସ୍ତ ବାଇକ ଯାଞ୍ଚ କରାଯାଇଥିଲା । ଏହି ସମୟ ମଦ୍ୟପାନ କରି ବାଇକ ଚଳଉଥିବା ଅଭିଯୋଗରେ ଆରାମପୁର ଅଞ୍ଚଳର ରଞ୍ଜନ ମାଝୀଙ୍କୁ ଗିରଫ କରିଛି । ଏଥିସହ ତାଙ୍କ ବାଇକ ନମ୍ବର (ଓଡ଼ି ୧୯ ଭି ୩୮୬୦ )କୁ ଜବତ କରିଛି । ଏ ନେଇ ନମ୍ବର ୩୦୨/୨୫ ରେ ଏକ ମାମଲା ରୁଜୁ କରିଛି ପୋଲିସ ।

# ଜାତୀୟ ଆଇନସେବା ଦିବସ ପାଳିତ


## ସାମାଜିକ ଏବଂ ଆର୍ଥିକ ପଛୁଆ ବ୍ୟକ୍ତିଙ୍କୁ ମାଗଣାରେ ଆଇନ୍‌ସେବା ଯୋଗାଇ ଦେବାର ବ୍ୟବସ୍ଥା ରହିଛି

ଅନୁଗୋଳ,(ସବ୍ୟୁ): ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣ, କଟକ ତଥା ଜିଲ୍ଲା ଓ ଦୌରା ଜଜ ତଥା ଜିଲ୍ଲା ଆଇନସେବା ପ୍ରାଧିକରଣ, ଅନୁଗୋଳର ଅଧକ୍ଷ ଦାମୋଦର ରଥଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଆଇନସେବା ପ୍ରାଧିକରଣ, ତରଫରୁ ଅଙ୍ଗାରବନ୍ଧ ଗ୍ରାମପଞ୍ଚାୟତ କାର୍ଯାଳୟ ପରିସରରେ ଜାତୀୟ ଆଇନସେବା ଦିବସ ପାଳିତ ହୋଇଯାଇଅଛି । ଏହା ସହିତ ଆଇନସେବା ପ୍ରାଧିକରଣ ଅଧିନିୟମ, ୧୯୮୭, ଲୋକ ଅଦାଲତ, ମଧ୍ୟସ୍ଥିତା, ସ୍ଥାୟୀ ଲୋକ ଅଦାଲତ, ନ୍ୟାୟ ସଂଯୋଗ ଏବଂ ଅଧାରୁ ପାଠ ଛାଡୁଥିବା ପିଲାଙ୍କୁ ତାଲିକା ଭୁକ୍ତ କରିବା ସମ୍ପର୍କିତ ସଚେତନ ଶିବିର ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଉପଖଣ୍ଡ ପୋଲିସ ଅଧିକାରୀ ରମାକାନ୍ତ ମହାଳିକ, ବ୍ଲକ ଶିକ୍ଷା ଅଧିକାରୀ, ଅନୁଗୋଳ ଅଶୋକ କୁମାର ପ୍ରଧାନ, ଶିଶୁ ମଙ୍ଗଳ କମିଟିର ସଦସ୍ୟ କଲ୍ୟାଣ କିଶୋର ମହାନ୍ତି, ଅତିରିକ୍ତ ଶ୍ରମ ଅଧିକାରୀ ଅମିୟ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ସମ୍ବିଧାନରେ ସାମାଜିକ ଏବଂ ଆର୍ଥିକ ସ୍ତରରେ ପଛୁଆ ଥିବା ବ୍ୟକ୍ତିଙ୍କ ମାଗଣାରେ ଆଇନ୍ ସେବା ଯୋଗାଇ ଦେବାର ବ୍ୟବସ୍ଥା ରହିଛି । ଏହି ସୁବିଧା ଜାତୀୟ ରାଜ୍ୟ, ଜିଲ୍ଲା ଓ ତାଲୁକ୍ ସ୍ତରରେ କାର୍ଯ୍ୟ କରୁଥିବା ଆଇନସେବା ପ୍ରାଧିକରଣ ଓ କମିଟି ମାନଙ୍କ ଦ୍ୱାରା ଯୋଗାଇ ଦିଆଯାଇଥାଏ । ଏହା ବ୍ୟତୀତ ଲୋକ ଅଦାଲତ, ମଧ୍ୟସ୍ଥତା ଓ ଆପୋଷ ବୁଝାମଣା ପରି ବିକଳ୍ପ ବିବାଦ ସମାଧାନ ସୂତ୍ର ମାଧ୍ୟମରେ ବିଚାରାଧୀନ ଓ ପ୍ରାକ୍ ମକଦ୍ଦମା ସ୍ତରର ବିବାଦର ଆଶୁ, ସହଜ ଓ ସରଳ ସମାଧାନ କରାଯାଏ । ଆମ ଜିଲାରେ ଜନ ଉପଯୋଗୀ ସେବା ସମ୍ବନ୍ଧୀୟ ବିବାଦ ଗୁଡ଼ିକର ସମାଧାନ ଆପୋଷ ବୁଝାମଣା ଭିତ୍ତରେ କରିବା ପାଇଁ ସ୍ଥାୟୀ ଲୋକ ଅଦାଲତ, ଅନୁଗୋଳ କାର୍ଯ୍ୟ କରୁଅଛି । ଆଇନସେବା ହିତାଧିକାରୀ ତାଙ୍କ ଆଇନଗତ ସମସ୍ୟା ବିଷୟରେ ମାଗଣାରେ ପରାମର୍ଶ କରିବା ପାଇଁ ନାଲସା ହେଲ୍ପଲାଇନ ନମ୍ବର -୧୫୧୦୦ ସହ ଯୋଗାଯୋଗ କରିପାରିବେ ବୋଲି ମଞ୍ଚାସିନ ଅତିଥିମାନେ ମତ ବ୍ୟକ୍ତ କରିଥିଲେ ।

ପ୍ରାଥମିକ ଉଚ୍ଚ ବିଦ୍ୟାଳୟ ସ୍ତରରେ ଅଧାରୁ ପାଠ ଛାଡୁଥିବା ପିଲାଙ୍କୁ ପୁଣି ଥରେ ଫେରାଇ ଆଣିବା ପାଇଁ ଜିଲ୍ଲା ଶିକ୍ଷାବିଭାଗ ତରଫରୁ ବିଭିନ୍ନ କାର୍ଯ୍ୟକ୍ରମ କରାଯାଉଛି । ଯଥା ଶିକ୍ଷକମାନଙ୍କ ଦ୍ୱାରା ଘରକୁ ଘର ବୁଲି ପିଲାମାନଙ୍କୁ ପାଠ ପଢିବା ନିମନ୍ତେ ବିଦ୍ୟାଳୟକୁ ଛାଡ଼ିବାକୁ ବୁଝାଯାଉଛି ।ହି କାର୍ଯ୍ୟକ୍ରମରେ ଶ୍ରମିକ କାର୍ଡ଼ ଜରିଆରେ ୪ ଜଣ ମୃତ ପରିବାରଙ୍କୁ ସହାୟତା, ଶ୍ରମିକ କାର୍ଡ଼ ଜରିୟାରେ ୮ ଜଣଙ୍କୁ ବିବାହ ସହାୟତା, ୧୪ ଜଣଙ୍କୁ ଶ୍ରମିକ କାର୍ଡ଼ ପ୍ରଦାନ କରାଯାଇଥିଲା ।

ଏହି କାର୍ଯ୍ୟକ୍ରମରେ ଅଙ୍ଗାରବନ୍ଧ ଗ୍ରାମପଞ୍ଚାୟତର ଶତାଧିକ ଗ୍ରାମବାସୀ ଓ ଜିଲ୍ଲା ଆଇନସେବା ପ୍ରାଧିକରଣ, ଅନୁଗୋଳର ପାରାଲିଗଲ ଭଲ୍ୟୁଣ୍ଟର ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମଟିକୁ ସଚିବ ଜିଲ୍ଲା ଆଇନସେବା ପ୍ରାଧିକରଣର ଦାୟିତ୍ୱରେ ଥିବା ଲୋପାମୁଦ୍ରା ପଣ୍ଡା ପରିଚାଳନା କରିଥିଲେ । ସର୍ବଶେଷରେ ଅଙ୍ଗାରବନ୍ଧ ଗ୍ରାମପଞ୍ଚାୟତର ସରପଞ୍ଚ ଶ୍ରୀମତୀ ସୁଜାତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଗୋପାଳପ୍ରସାଦ ଥାନା ପକ୍ଷରୁ ସାଇବର ସୁରକ୍ଷା ଅଭିଯାନ



ତାଳଚେର ,(ସବ୍ୟୁ) : ତାଳଚେର ବ୍ଲକସ୍ଥିତ ଗୋପାଳପ୍ରସାଦ ଥାନା ପକ୍ଷରୁ ସାଇବର ସୁରକ୍ଷା ଅଭିଯାନ କଳମଛୁଇଁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ଅନୀଲ କୁମାର ଦେହୁରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଗୋପାଳପ୍ରସାଦ ଥାନା ଅଧିକାରୀ ସରୋଜ କୁମାର ନାଏକ, ସମ୍ମାନୀତ ଅତିଥି ଭାବରେ ସବ୍ ଇନସ୍ପେକ୍ଟର ଶେଷଦେବ ପ୍ରଧାନ, ବିଦ୍ୟାଳୟର ସଂପାଦକ ବିଭୂତି ଭୂଷଣ ସ୍ୱାଇଁ ଓ କୋଷାଧ୍ୟକ୍ଷ ପଂଚାନନ ବେହେରା ପ୍ରମୁଖ ଯୋଗ ଦେଇଥିଲେ । ବିଦ୍ୟାଳୟର ବରିଷ୍ଠ ଆଚାର୍ଯ୍ୟ ଅନୀଲ କୁମାର ସାହୁ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ପ୍ରଧାନାଚାର୍ଯ୍ୟ ଶ୍ରୀ ଦେହୁରୀ କାର୍ଯ୍ୟକ୍ରମର ଆଭିମୁଖ୍ୟ ପ୍ରଦାନ କରିଥିଲେ । ଏହି ଅବସରରେ ମୁଖ୍ୟଅତିଥି ଥାନା ଅଧିକାରୀ ଶ୍ରୀ ନାଏକ ନିଜ ଅଭିଭାଷଣରେ ଅଜଣା ଫୋନ କଲ ଗ୍ରହଣ ନ କରିବା, ନିଜ ମୋବାଇଲରେ ଆସୁଥିବା ଓଟିପିକୁ ଅନ୍ୟ କାହାକୁ ନ ଦେବା, କୌଣସି ଆପ୍‌ରେ ନିଜର ବ୍ୟକ୍ତିଗତ ତଥ୍ୟ ପ୍ରଦାନ ନ କରିବା, ଭିଡ଼ିଓ କଲ ଓ ଫଟୋଠାରୁ ନିଜକୁ ଦୂରେଇ ରଖିବା ଆଦି ବିଭିନ୍ନ ସଚେତନତା ବାର୍ତା ଦେଇଥିଲେ । ଏହି ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଚିତ୍ରାଙ୍କନ ଓ ସାଇବର ସୁରକ୍ଷା ସମ୍ବନ୍ଧୀୟ ଏକ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । କୃତି ପ୍ରତିଯୋଗୀମାନଙ୍କୁ ମୁଖ୍ୟ ଅତିଥି ଶ୍ରୀ ନାଏକ ଟ୍ରଫି ଦେଇ ପୁରସ୍କୃତ କରିଥିଲେ । କାର୍ଯ୍ୟକ୍ରମକୁ ଆଚାର୍ଯ୍ୟ ରବିନ କୁମାର ବରାଳ ଓ ପ୍ରିୟଙ୍କା ବେହେରା ପରିଚାଳନା କରିଥିବା ବେଳେ କୋଷାଧ୍ୟକ୍ଷ ପଂଚାନନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

## ଆବାସ ଯୋଜନା ସାତସପନ
# ପଲିଥିନ ତଳେ ବୃଦ୍ଧଙ୍କ ଜୀବନ



ସିମୁଳିଆ, (ସବ୍ୟୁ): ଗରିବଙ୍କ ପାଇଁ ସରକାରଙ୍କ ଯୋଜନା ଯେମିତି ସାତ ସପନ ହୋଇଯାଇଛି । ସାତ ସିଆଁ ଚାଳଛପରକୁ ପଲଥିନ ଦେଇ ଜୀବନ କାଟୁଥିବା ଜଣେ ଅସହାୟ ବୃଦ୍ଧଙ୍କ ସରକାରଙ୍କ ଆବାସ ଯୋଜନା ଯେମିତ ଅପହଞ୍ଚ ହୋଇଯାଇଛି । ବାଲେଶ୍ୱର ଜିଲ୍ଲା ସିମୁଳିଆ ବ୍ଲକ ଅନ୍ତର୍ଗତ କାଞ୍ଚପଡା ପଞ୍ଚାୟତର ଗୋପୀବିନ୍ଧା ଗ୍ରାମର ଉପେନ୍ଦ୍ର ବେହେରା (୮୦) । ମୂଳମକୁରୀ ଲାଗି ପେଟ ପୋଷୁଥିଲେ । ବୟସ ଅଧିକ ହେତୁ ମୂଳମକୁରୀ ଲାଗି ପାରୁନାହାନ୍ତ । ଅର୍ଥ ଅଭାବ ହେତୁ ଚାଳ ଘର ଛେଇ ପାରୁ ନାହାନ୍ତି । ବର୍ଷା ହେଲେ ଚାଳରୁ ପାଣି ପଡି ବହୁ ହନ୍ତସନ୍ତ ହେଉଛନ୍ତି । ଆବାସ ଯୋଜନାରେ ବହୁବାର ଆବେଦନ କରୁଛନ୍ତି ହେଲେ ତାଙ୍କୁ ଆବାସ ଯୋଜନାରେ ଘରଟିଏ ମିଳି ପାରୁନଥିବା କୋହଭରା କଣ୍ଠରେ ପ୍ରକାଶ କରିଥିଲେ । ଭତ୍ତା ଓ ରାସନରେ ପରିବାର ପ୍ରତିପୋଷଣ କରୁଥିବା କହିଛନ୍ତି ସେ । ତା ସାଙ୍ଗକୁ ଅବିବାହିତା ଝିଅଟିଏ ଅଛି । ଘର ବର୍ଷା, ଝଡ଼ ତୋଫାନ ହେଲେ ଭଙ୍ଗା ଘର ଛାଡି ବେଳେ ବେଳେ ପଡୋଶୀ ଘରେ ବଡ଼ିଲା ଝିଅକୁ ନେଇ ଦିନ କାଟନ୍ତି । ବର୍ଷା ଛାଡି ଆଗକୁ ଶୀତ ଋତୁ ଆସୁଥିବାରୁ ଘର ଖଣ୍ଡିଏ ମିଳିଗଲେ ବାକିତକ ଜୀବନ ଖୁସିର କଟିଯାଆନ୍ତା । ଶୀଘ୍ର ଘର ଖଣ୍ଡିଏ ଯୋଗାଇ ଦେବାକୁ ଗ୍ରାମବାସୀମାନେ ନିବେଦନ କରିଛନ୍ତି । ଏ ସଂକ୍ରାନ୍ତରେ କାଞ୍ଚପଡା ପଞ୍ଚାୟତର ସରପଞ୍ଚ ଶ୍ରୀମତୀ ଭଗବତୀ ପାଣିଗ୍ରାହୀଙ୍କୁ ପଚାରିବାରୁ ଉପେନ୍ଦ୍ରଙ୍କ ଅନଲାଇନରେ ଆବେଦନ ଓ ସର୍ଭେ ମଧ ହୋଇଛି ଖୁବଶିଘ୍ର ଘର ମିଳିଯିବା ନେଇ ପ୍ରକାଶ କରିଥିଲେ ।

# ପୁଣି ଫେରିଲା ମହାବଳ : ଆନନ୍ଦପୁର, କେନ୍ଦୁଝରର ବନଖଣ୍ଡ ଅଧିବାସୀ ଆତଙ୍କିତ

କେନ୍ଦୁଝର,(ଜିପ୍ର): ମହାବଳ ବାଘ ପୁଣି କେନ୍ଦୁଝର ଜିଲ୍ଲାର ଆନନ୍ଦପୁର ବନଖଣ୍ଡରେ ପହଞ୍ଚିଛି। ଆନନ୍ଦପୁର ଓ କେନ୍ଦୁଝରର ସୀମା ମୂଷଳ ନଦୀ କୂଳରେ ମହାବଳର ପାଦଚିହ୍ନ ଠାବ ହୋଇଛି। ମହାବଳ ବାଘର ଗତିବିଧି ଅନୁଧ୍ୟାନ ପାଇଁ ଉଭୟ ବନଖଣ୍ଡ ପକ୍ଷରୁ ଜଙ୍ଗଲରେ ଟ୍ରାପ୍ କ୍ୟାମେରା ଲଗାଯାଇଛି। ମହାବଳ ଅଟେଇ ଜଙ୍ଗଲରେ ରହୁଥିବାରୁ ଆଖପାଖ ଲୋକଙ୍କୁ ଜଙ୍ଗଲ ପ୍ରବେଶ ଉପରେ କଟକଣା କରାଯାଇଛି। ଶିମିଳିପାଳରୁ ମା' କୋଳ ଛାଡ଼ି ଏକ ମହାବଳ ବାଘ ନିଜର ନୂତନ ଠିକଣା ପାଇଁ କେନ୍ଦୁଝର ବନଖଣ୍ଡ ଅଭିମୁଖେ ଆସିଥିଲା। ପ୍ରଥମେ ମୟୂରଭଞ୍ଜ ଜିଲ୍ଲା କରିଆ ବନଖଣ୍ଡରେ କିଛିଦିନ ରହିବା ପରେ ସାତକୋଶିଆ ଦେଇ ଆନନ୍ଦପୁର ବନଖଣ୍ଡରେ ପହଞ୍ଚିଥିଲା। ନୂଆ ସୁରକ୍ଷିତ ସ୍ଥାନ ସନ୍ଧାନରେ ଥିବା ମହାବଳ ବାଘ ବେଶ୍ ଚତୁରତାର ସହିତ ବନ ବିଭାଗକୁ ଚକ୍‌ମା ଦେଖାଇ ଗୋଟିଏ ପରେ ଗୋଟିଏ ବନଖଣ୍ଡ ବଦଳାଇ କେନ୍ଦୁଝର ବନଖଣ୍ଡର ପାଟଣା ବନାଞ୍ଚଳ ମାଛଗଡ଼ରେ ପହଞ୍ଚିଥିଲା। ତେବେ ମହାବଳର ଗତିବିଧି ପାଇଁ ସବୁ ବନଖଣ୍ଡରେ ଜଙ୍ଗଲରେ ଟ୍ରାପ୍ କ୍ୟାମେରା ଲଗାଯାଇଛି। ହେଲେ ମହାବଳ ଟ୍ରାପ୍ କ୍ୟାମେରାରେ ଧରାପଡ଼ିନାହିଁ। ମହାବଳ ସ୍ଥାନ ପରିତ୍ୟାଗ କରିବା ପରେ ଏହାର ପାଦଚିହ୍ନକୁ ଦେଖି ବନବିଭାଗ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିଛି। କରିଆ ବନଖଣ୍ଡରେ ୨ଟି ଟିମ୍, ଆନନ୍ଦପୁର ବନଖଣ୍ଡରେ ୨ଟି ଓ କେନ୍ଦୁଝର ବନଖଣ୍ଡରେ ମଧ ୨ଟି ଟିମ୍ ଗଠନ କରି ମହାବଳର ସୁରକ୍ଷା ପାଇଁ ଜଙ୍ଗଲରେ ପହରା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଉଛି। ସଂରକ୍ଷିତ ଜଙ୍ଗଲ ପାର୍ଶ୍ୱବର୍ତ୍ତୀ ଗ୍ରାମଗୁଡ଼ିକରେ ବନବିଭାଗ ପକ୍ଷରୁ ସଚେତନତା ସୃଷ୍ଟି କରାଯାଇ ମହାବଳର ସ୍ଥିତି ଜାଣିବା ମାତ୍ରେ ବନବିଭାଗକୁ ଖବର ଦେବାକୁ କୁହାଯାଇଛି। ମହାବଳଟି ପ୍ରାୟ ୭ଦିନ ତଳେ କେନ୍ଦୁଝର ଓ ଆନନ୍ଦପୁର ବନଖଣ୍ଡରେ ପହଞ୍ଚିଥିଲେ ମଧ ଗୃହପାଳିତ ପଶୁ ଶିକାର କରିବା ପ୍ରମାଣ ମିଳିନି। ୩ଦିନ ତଳେ ମହାବଳ ଆନନ୍ଦପୁର ବ୍ଲକ୍ ବାଉଁଶଗଡ଼ ପଞ୍ଚାୟତ ଷଢ଼ଙ୍ଗୀ ଗ୍ରାମରେ ବାଘ ଚିହ୍ନ ଠାବ ହୋଇଥିଲା। ମହାବଳ ଏକ ଚାଷଜମି ପାରି ହୋଇ ଜଙ୍ଗଲ ଅଭିମୁଖେ ଯାଇଥିଲା। ମାତ୍ର ପରଦିନ ଆନନ୍ଦପୁର ବନଖଣ୍ଡରେ ନଥିବା ଡିଏଫଓ ପ୍ରଶାନ୍ତ କୁମାର ପଣ୍ଡା ମହାବଳ କରିଆ ବନଖଣ୍ଡକୁ ଫେରିଯାଇଥିବା କହିଥିଲେ। ମାତ୍ର ୨ ଦିନ ପରେ ପୁଣି ମହାବଳ ଆନନ୍ଦପୁର ବନଖଣ୍ଡର ମୂଷଳ ନଦୀ କୂଳରେ ପାଦଚିହ୍ନ ଠାବ ହୋଇଥିବାରୁ ବନବିଭାଗ ଖାମଖିଆଲି ଭାବେ ମହାବଳକୁ ପରିଚାଳନା କରୁଥିବା ଏହି ଘଟଣାରୁ ସ୍ପଷ୍ଟ ହୋଇଛି। ମହାବଳ ବାଘ ଆନନ୍ଦପୁର ବନଖଣ୍ଡ ଓ କେନ୍ଦୁଝର ବନଖଣ୍ଡ ସୀମା କୋଳିମାଟି ନିକଟସ୍ଥ ମୂଷଳ ନଦୀ ନିକଟରେ ପାଦଚିହ୍ନ ଦେଖାଯାଇଥିବା ଆନନ୍ଦପୁର ବନବିଭାଗ ଅଧିକାରୀ ଉମାକା' ଦାଶ କହିଛି। ସେହିପରି କେନ୍ଦୁଝର ଏସିଏଫ୍ ସୁଦିପ୍ତ ପଣ୍ଡାଙ୍କୁ ଯୋଗାଯୋଗ କରିବାରୁ ମହାବଳର ସୁରକ୍ଷା ପାଇଁ କେନ୍ଦୁଝରରେ ସ୍ୱତନ୍ତ୍ର ଟିମ୍ ଗଠନ ହୋଇ ଜଙ୍ଗଲରେ ପହରା ବ୍ୟବସ୍ଥା କରାଯାଇଛି। ଆନନ୍ଦପୁର ବନଖଣ୍ଡ ଛାଡ଼ି କେନ୍ଦୁଝର ବନଖଣ୍ଡ ଅଭିମୁଖେ ମହାବଳ ଆସୁଥିବା ପାଦଚିହ୍ନରୁ ଜଣାପଡ଼ିବା ପରେ ସୁରକ୍ଷା ବ୍ୟୟ ସ୍ଥାକୁ କଡ଼ାକଡ଼ି କରାଯାଇଛି ବୋଲି ସେ କହିଛନ୍ତି ।

# ମସ୍ୟ ଓ ପ୍ରାଣୀ ସମ୍ପଦ ମେଳା



ଠାକୁରମୁଣ୍ଡା, (ସବ୍ୟୁ): ବ୍ଲକସ୍ତରୀୟ ମସ୍ୟ ଓ ପ୍ରାଣୀସମ୍ପଦ ମେଳା ଦିଗଧର ଗ୍ରାମପଞ୍ଚାୟତର ସୁନିନ୍ଦା ମନ୍ଦିର ସମ୍ମୁଖ ପଡିଆରେ ସୋମବାର ଦିନ ଅନୁଷ୍ଠିତ ହୋଇଯାଇଛି । ମସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ଦ୍ୱାରା ଆୟୋଜିତ ମେଳାରେ ମୁଖ୍ୟ ଅତିଥି ଭାବେ କରଞ୍ଜିଆ ବିଧାୟକ ପଦ୍ମ ଚରଣ ହାଇବ୍ରୁରୁ ଯୋଗଦେଇଥିଲା ବେଳେ ସମ୍ମାନିତ ଅତିଥି ଭାବେ ବ୍ଲକ ଅଧକ୍ଷା ସରୋଜିନୀ ମୁଣ୍ଡା, ଜିଲ୍ଲା ମସ୍ୟ ଅଧିକାରୀ ମାନସ ରଞ୍ଜନ ସାହୁ ଯୋଗଦେଇ ଯୋଜନା ଗୁଡିକ ସମ୍ପର୍କରେ ସୂଚନା ଦେଇଥିଲେ । ମୁଖ୍ୟ ବକ୍ତା ଭାବେ ଡା. ରମଣୀ ରଞ୍ଜନ ବିଶ୍ୱାଳ ଯୋଗଦେଇ ପ୍ରାଣୀ ସମ୍ପଦ ବିଭାଗ କାର୍ଯ୍ୟକାରୀ କରୁଥିବା ଜାତୀୟ ଓ ରାଜ୍ୟ ଯୋଜନା ଗୁଡିକ ଉପରେ ଆଲୋକପାତ କରିଥିଲେ । ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ମନୋରଞ୍ଜନ ମହାପାତ୍ର ସଭାରେ ସଭାପତିତ୍ୱ କରିବା ସହ ସ୍ୱାଗତ ସୂଚନା ପ୍ରଦାନ କରିଥିଲେ । ସମ୍ମାନିତ ଅତିଥି ଭାବେ ସାଂସଦ ପ୍ରତିନିଧି ତାରାକାନ୍ତ ପଟ୍ଟନାୟକ ଯୋଗଦେଇ ରାଜ୍ୟ ସରକାର ଚାଷୀଙ୍କ ଦକ୍ଷତା ବୃଦ୍ଧି ଓ ଆୟ ୨ ଗୁଣ ବଢାଇବା ଦିଗରେ ଗୁରୁତ୍ୱ ଦେଇ କାର୍ଯ୍ୟକ୍ରମ ହାତକୁ ନେଇଥିବା କହିଥିଲେ । ଡା. ରୁକ୍ମିଣୀ ଦାସ ମଞ୍ଚ ପରିଚାଳନା କରିଥିବା ବେଳେ ସହକାରୀ ମସ୍ୟ ଅଧିକାରୀ ଭଗବାନ ବେହେରା ଧନ୍ୟବାଦ ଦେଇଥିଲେ । ସଭାରେ ଉନ୍ନତ ତଥା ସଫଳ ଚାଷୀ ଚାଷୀ, ସ୍ୱୟଂ ସହାୟକ ଗୋଷ୍ଠୀକୁ ପୁରସ୍କାର ପ୍ରଦାନ କରାଯାଇଥିଲା । କେତେଜଣ ଚାଷୀଙ୍କୁ କାର୍ଯ୍ୟାଦେଶ, ଚାଷୀଙ୍କୁ ସବସିଡି ରାଶି ମୁଖ୍ୟ ଅତିଥି ବଣ୍ଟନ କରିଥିଲେ । ଆରମ୍ଭରେ ମେଳା ଉଦଘାଟନ କରି ଅତିଥିମାନେ ବିଭିନ୍ନ ଷ୍ଟଲ ପରିଦର୍ଶନ କରିଥିଲେ ।

## ହାଇୱା ଉପରେ ପଡ଼ିଲା ଗଛ

ଅସୁରାଳି,(ସବ୍ୟୁ): ରବିବାର ରାତିରେ ଭଦ୍ରକ-ଆଖଣ୍ଡଳମଣି ରାଜ୍ୟ ରାଜପଥର ଅସୁରାଳି ବାରୁଣାଇ ଠାରେ ଯାଉଥିବା ହାଇୱା ଉପରେ ଏକ ଗଛ ଓପଡି ପଡିଥିଲା। ଏଥିରେ ହାଇୱା ଭାଙ୍ଗିରୁଜି ଯାଇଥିଲାବେଳେ ଅଳ୍ପକେ ଏହାର ଚାଳକ ବର୍ତ୍ତି ଯାଇଛନ୍ତି। ରବିବାର ରାତିରେ ମେଟାଲ ବୋଝେଇ କରି ଏକ ହାଇୱା ଭଦ୍ରକରୁ ଧୂଷୁରୀ ଆଡକୁ ଆସୁଥିଲା। ହାଇୱା ଆଗରେ ଦ୍ରୁତ ଗତିରେ ଯାଉଥିବା ଏକ ଜେସିବି ସ୍ଥାନୀୟ ବରୁଣାଇ ମନ୍ଦିର ପାର୍ଶ୍ୱରେ ଥିବା ଏକ ଗଛ ଡାଳ ସହିତ ଜୋରରେ ଘସି ହୋଇ କରିଯାଇଥିଲା। ଏହାର ମାତ୍ର କିଛି ସମୟ ମଧ୍ୟରେ ଅତିକ୍ରମ କରୁଥିବା ହାଇୱା ଉପରେ ଗଛଟି ପଡିଥିଲା। ଗଛ ପଡିବା ହେତୁ ଗାଡ଼ିର ଆଗ ଅଂଶ ଅନେକାଂଶରେ କ୍ଷତି ହୋଇଥିଲାବେଳେ ସ୍ଥାନୀୟ ଲୋକଙ୍କ ସହାୟତାରେ ଡ୍ରାଇଭରକୁ ଭିତରୁ ସୁରକ୍ଷିତ ଭାବେ ବାହାର କରାଯାଇଥିଲା। ରାସ୍ତା ମଝିରେ ଏଭଳି ଅଘଟଣ ଯୋଗୁଁ ଦିର୍ଘ ସମୟ ଧରି ଭଦ୍ରକ-ଆଖଣ୍ଡଳମଣି ମୁଖ୍ୟ ସଡ଼କରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଧାମନଗରରୁ ଅଗ୍ନିଶମ ବାହିନୀର କର୍ମଚାରୀମାନେ ଆସି ଗଛ କାଟିବା ପରେ ଗମନାଗମନ ସ୍ୱାଭାବିକ ହୋଇଥିଲା।

## ବାଇକ ଚୋରି, ଯୁବକ ଗିରଫ

ଧୂଷୁରୀ,(ସବ୍ୟୁ): ଧୂଷୁରୀ ପୁଲିସ ଚିହ୍ନିତି ଥିବା ଅଧୀନ ବାରୋ ଅଂଚଳର ନିର୍ମଳ ମହାଳିକ(୪୨) ନାମକ ଯୁବକଙ୍କୁ ବାଇକ ଚୋରି ଅଭିଯୋଗରେ ଗିରଫ କରିଛି। ଅଭିଯୁକ୍ତ ନିର୍ମଳ ଏକ ମାସ ପୂର୍ବେ ଆରଡ଼ିର ବାଲାଛି ପାଡ଼ାଙ୍କ ବାଇକ ଚୋରି କରି ଫେରାର ହୋଇ ଯାଇଥିଲା। ଏନେଇ ଧୂଷୁରୀ ଥାନାରେ କେସ ନଂ-୪୭୪/୨୫ରେ ଏକ ମାମଲା ରୁଜୁ ହୋଇଥିଲା। ସିସିଟିଭିରୁ ପୁଲିସ ସୁରାକ ପାଇଥିବା ବେଳେ ତିନିଦିନ ତଳେ ନିର୍ମଳ ଧାମନଗର ବ୍ଲକର ଅର୍ଜୁନପୁର ଅଂଚଳରେ ଲୋକଙ୍କ ହାବୁଡ଼ରେ ପଡିଥିଲା। ଖବରପାଇ ଧୂଷୁରୀ ପୁଲିସ ସେଠାରେ ପହଂଚିବା ସହ ନିର୍ମଳକୁ ଥାନାକୁ ଆଣି ଅଧିକ ପଚରାଉଚରା କରିଛି ଏବଂ ଆଜି ଗିରଫ କରି କୋର୍ଟ ଚାଲାଣ କରିଛି।

# ଗୋବିନ୍ଦପୁର ପ୍ରାଥମିକ ବିଦ୍ୟାଳୟରେ ବିଜ୍ଞାନ ମେଳା



କେନ୍ଦୁଝର,(ସବ୍ୟୁ):କେନ୍ଦୁଝର ସହର ନିକଟସ୍ଥ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ,ଗୋବିନ୍ଦପୁର ଠାରେ ବିଦ୍ୟାଳୟ ସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଅଛି । କେନ୍ଦୁଝର ସଦର ବ୍ଲକର ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ମାନସ ରଞ୍ଜନ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ବିଜ୍ଞାନମନସ୍କ ହେବା ନିମନ୍ତେ ପରାମର୍ଶ ଦେଇଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ତିଳୋତ୍ତମା ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଲିଓରା ଫାଉଣ୍ଡେସନର ଗୀତିକ୍ରିଷ୍ଣା ପାତ୍ର , ପ୍ରାଚୀ ପଲ୍ଲବୀ ପଟ୍ଟନାୟକ ଓ ବର୍ଷା ନାଏକ , ବିଦ୍ୟାଳୟ ପରିଚାଳନା କମିଟିର ସଭାପତି କୁନା ଚନ୍ଦ୍ର ଜେନା ଯୋଗ ଦେଇଥିଲେ । ଶିକ୍ଷକ ବିଜୟ କୁମାର ମିଶ୍ର ଅତିଥି ପରିଚୟ କରିଥିବା ବେଳେ ଶିକ୍ଷୟିତ୍ରୀ ସୁସ୍ମିତା ପ୍ରିୟମ୍ବଦା ରାଉତ ଅତିଥିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଶିକ୍ଷୟିତ୍ରୀ ରଞ୍ଜିତା ରାଣୀ ମଲ୍ଲିକ , ସ୍ୱର୍ଣ୍ଣଲତା ନାୟକ , ଶୁଭଶ୍ରୀ ରାଉ୍ ଓ ଶୁଭଶ୍ରୀ ମହାନ୍ତଙ୍କ ପ୍ରତ୍ୟକ୍ଷ ତତ୍ତାବଧାନରେ ୪୮ ଗୋଟି ବିଜ୍ଞାନ ଓ ଗଣିତର ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ବିଦ୍ୟାଳୟର ଅଷ୍ଟମ ଶ୍ରେଣୀ ଛାତ୍ରୀ ଦେବସ୍ମିତା ରାଉତଙ୍କ ବିଜ୍ଞାନ ପ୍ରକଳ୍ପ ' ସ୍ମାର୍ଟ ହୁଇଲ ଚେୟାର ' ଜାତୀୟ ସ୍ତରୀୟ ବିଜ୍ଞାନ ମେଳାରେ ପ୍ରଦର୍ଶିତ ହେବାପାଇଁ ମନୋନୀତ ହୋଇଥିବାରୁ ଛାତ୍ରୀଙ୍କୁ ବିଦ୍ୟାଳୟ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଛାତ୍ରୀ କୋମଲ ମହାନ୍ତି ଓ ଶୁଭସ୍ମିତ ନାଥଙ୍କ ପ୍ରକଳ୍ପ ବ୍ଲକ ସ୍ତରୀୟ ବିଜ୍ଞାନ ମେଳାରେ ପ୍ରଦର୍ଶିତ ହେବା ପାଇଁ ମନୋନୀତ ହୋଇଛି। ଛାତ୍ରଛାତ୍ରୀଙ୍କ ଅଭିଭାବକମାନେ ପ୍ରଦର୍ଶିତ ପ୍ରକଳ୍ପଗୁଡିକୁ ବୁଲି ଦେଖିଥିଲେ ।

## ରାଜ୍ୟସ୍ତରୀୟ ଭାରତକୁ ଜାଣ ପ୍ରଶ୍ନମଞ୍ଚ ପ୍ରତିଯୋଗିତା

ଭଦ୍ରକ,(ସବ୍ୟୁ): :ଏକ ସୁସ୍ଥ ସମର୍ଥ ସଂସ୍କାରିତ ଭାରତ ଗଠନ ଲକ୍ଷ୍ୟରେ କାର୍ଯ୍ୟକରୁଥିବା ରାଷ୍ଟ୍ରବାଦୀ ସଂଗଠନ ଭାରତ ବିକାଶ ପରିଷଦର ଓଡିଶା ପୂର୍ବପ୍ରାନ୍ତ ତରଫରୁ ଭଦ୍ରକ ଜିଲ୍ଲା ସଂସ୍କୃତି ଭବନ ସଭାକକ୍ଷରେ ଭାରତକୁ ଜାଣ ପ୍ରଶ୍ନମଂଚ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଭଦ୍ରକ ଶାଖା ଆତିଥ୍ୟତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଡିଶା ପୂର୍ବ ପ୍ରାନ୍ତର ୧୬ଟି ଶାଖା ତରଫରୁ ଚୟନ ହୋଇଥିବା ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ଅଂଶ ଗ୍ରହଣ କରିଥିଲେ। ଭାରତ ବିକାଶ ପରିଷଦ ଭଦ୍ରକ ଶାଖା ଅଧକ୍ଷ ରାମଚନ୍ଦ୍ର ପଣ୍ଡାଙ୍କ ସ୍ୱାଗତ କରିଥିବା ବେଳେ,ଉଦଘାଟନ ସମାରୋହରେ ମୁଖ୍ୟଅତିଥି ଭାବେ ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ଯୋଗଦେଇ ଭାରତ କୋଜାନୋର ମହତ୍ତ୍ୱ ସଂପର୍କରେ କହିଥିଲେ। ବିଶିଷ୍ଟ ଅତିଥି ଭାବେ ଭାରତ ବିକାଶ ପରିଷଦ ପୂର୍ବ କ୍ଷେତ୍ରର କ୍ଷେତ୍ରୀୟ ମହାସଚିବ ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ , ଅବନ୍ତିକାର ଚେୟାରମ୍ୟାନ ଅମିୟ ମଲ୍ଲିକ ଯୋଗଦେଇଥିଲେ। ସେହିପରି ପୂର୍ବପ୍ରାନ୍ତର ମହାସଚିବ ସୌମେନ୍ଦ୍ର ଦାସ,ପ୍ରାନ୍ତୀୟ ଗତିବିଧି ସଂଯୋଜକ ସଂସ୍କାର ବିମଳକାନ୍ତ ମହାନ୍ତି ନିଜ ନିଜର ବକ୍ତବ୍ୟ ରଖିଥିଲେ। ଏହି ଭାରତକୁ ଜାଣ ପ୍ରଶ୍ନମଂଚ ପ୍ରତିଯୋଗିତାକୁ କୁଇଜ୍ ମାଷ୍ଟର ପଦ୍ମନାଭ ପଣ୍ଡା ପରିଚାଳନା କରିଥିଲେ। ଅପରାହ୍ନରେ ଏହି ପ୍ରତିଯୋଗିତାର ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଉଦଯାପନ ଉତ୍ସବରେ ଜିଲ୍ଲା ମୁଖ୍ୟ ଚିକତ୍ସା ଅଧିକାରୀ,ଭଦ୍ରକ ଡାକ୍ତର ସୁଧୀର ରଞ୍ଜନ ନାୟକ ମୁଖ୍ୟଅତିଥି ଓ ବିଶିଷ୍ଟ ଅତିଥି ଭାବେ ଭାରତ ବିକାଶ ପରିଷଦ ପୂର୍ବ କ୍ଷେତ୍ରର କ୍ଷେତ୍ରୀୟ ମହାସଚିବ ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ , ଓଡ଼ିଶା ପୂର୍ବ ପ୍ରାନ୍ତର ମହାସଚିବ ସୌମେନ୍ଦ୍ର ଦାସ,ପ୍ରାନ୍ତୀୟ ଗତିବିଧି ସଂଯୋଜକ ସଂସ୍କାର ବିମଳ କାନ୍ତ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। କନିଷ୍ଠ ବର୍ଗରେ ଭୁବନେଶ୍ୱର ଉତ୍ତର ଶାଖାର ବିଶ୍ୱବିଦ୍ୟାଳୟ ହାଇସ୍କୁଲ ବାଣୀବିହାର ତୃତୀୟ ହୋଇଥିବା ବେଳେ( ସସ୍ମିତା ନନ୍ଦ,ବିସ୍ମୟ ମହାନ୍ତି),ଦ୍ୱିତୀୟ ସ୍ଥାନରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପଟିଆ (ଦିବ୍ୟାଂଶୁ ଶେଖର ପଣ୍ଡା,ଶୋହନ କୁମାର ନାଥ),ପ୍ରଥମ ସ୍ଥାନରେ ଡିଏଭି ପବ୍ଲିକ ସ୍କୁଲ ପୁରୀ (ରଣବୀର ସିଂହ,ଆଦିତ୍ୟନାରାୟଣ ଶତପଥି) କୃତିତ୍ୱ ଅର୍ଜନ କରିଥିଲେ। ସେହିପରି ବରିଷ୍ଠ ବର୍ଗରେ ତୃତୀୟ ସ୍ଥାନରେ କେସି ପବ୍ଲିକ ସ୍କୁଲ ବ୍ରହ୍ମପୁର (ପ୍ରିନ୍ସ କୁମାର ବେହେରା,ତ୍ରିଲୋକନାଥ ଦାସ),ଦ୍ୱିତୀୟ ସ୍ଥାନରେ ସେଣ୍ଟ ମାରୟ ସ୍କୁଲ,ବଡବିଲ (ଆଶ୍ରିତ୍ ମେନ୍ଦରିନାଥ,ପ୍ରତ୍ୟୁଷ ସିଂହ),ପ୍ରଥମ ସ୍ଥାନରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର,ମଣିକନ୍ଥ ବାଲେଶ୍ୱର(ସାଇକ୍ରୀଷ୍ଣା ମହାନ୍ତି,ଅନୁରାଗ ବାରିକ) କୃତିତ୍ୱ ଅର୍ଜନ କରିଥିଲେ। ପରିଶେଷରେ ଭଦ୍ରକ ଶାଖା ସଚିବ ପ୍ରଦୀପ ପୁହାଣ ଧନ୍ୟବାଦ ଅର୍ପଣ କରିଥିଲେ।

## ଛେଳି ଚୋରକୁ ନିର୍ଧୁମ ଛେଚିଲେ ଗ୍ରାମବାସୀ

ଆନନ୍ଦପୁର,(ସବ୍ୟୁ): କେନ୍ଦୁଝର ଜିଲା ଆନନ୍ଦପୁର ଥାନା କାଠକଟା ଚକ୍ରତୀର୍ଥ ନିକଟରୁ ଏକ ଛେଳିକୁ ବାଇକରେ ନେଇଯାଉଥିବା ବେଳେ ଗ୍ରାମବାସୀ ୨ ଜଣକୁ କାବୁ କରି ଉତ୍ତମ ମଧ୍ୟମ ଦେଇ ପୋଲିସ ଜିମା ଦେଇଛନ୍ତି।୨ ଯୁବକ ସାଙ୍ଗଙ୍କ ସହ ଚକ୍ରତୀର୍ଥକୁ ବୁଲିବାକୁ ଆସିଥିଲେ। ସେଠାରେ ଭୋଜିଭାତ କରି ଖାଇଥିଲେ। ସେଠାରେ ଚରୁଥିବା ଗ୍ରାମର ଉତ୍କଳ ମହାପାତ୍ରଙ୍କ ଛେଳିକୁ ଭାତ ଖୁଆଇ କୌଶଳ କ୍ରମେ ବାଇକ ଯୋଗେ ନେଇଯାଉଥିବା ବେଳେ ଗ୍ରାମବାସୀଙ୍କ ହାବୁଡ଼ରେ ପଡ଼ିଯାଇଥିଲେ। ଲୋକେ କାବୁ କରି ଉତ୍ତମ ମଧ୍ୟମ ଦେବା ସହ ପୋଲିସକୁ ଜଣାଇଥିଲେ। ପୋଲିସ ୨ ଯୁବକଙ୍କୁ ହେବାଜତକୁ ନେଇ ତଦନ୍ତ କରୁଛି।

## ମାଟିରେ ମିଶିଲା ୪ ଅଭିଯୁକ୍ତଙ୍କ ଘର

କେନ୍ଦୁଝର, (ଜିପ୍ର): କେନ୍ଦୁଝର ଜିଲା ବଡ଼ବିଲରେ ସରକାରୀ ଜମିରେ ଥିବା ୪ ଅଭିଯୁକ୍ତଙ୍କ ଘରକୁ ବୁଲ୍ଡୋଜର ଲଗାଇ ଭାଙ୍ଗି ମାଟିରେ ମିଶାଇ ଦେଇଛି ପ୍ରାସନ ।ଶାନ୍ତି ଶୃଙ୍ଖଳାକୁ ଦୃଷ୍ଟିରେ ରଖି ଘଟଣାସ୍ଥଳରେ ୩ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ଏପରିକି ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ଘର ଭାଙ୍ଗି ଯାଇଛି।

## ବୋଇତ ବନ୍ଦାଣ ଉତ୍ସବ ଉଦ୍‌ଯାପିତ

ଆଗରପଡ଼ା,(ସବ୍ୟୁ): ଆଗରପଡ଼ା ବେଲେଶ୍ୱରପୁର ଠାରେ ପୂଜା ପାଉଥିବା ମାବେଲେଇଶୁଣୀ ପୀଠରେ ପ୍ରତି ବର୍ଷ ପରି ଚଳିତ ବର୍ଷ ବୋଇତ ବନ୍ଦାଣ ଓ ପଂଚୁକ ପୂର୍ଣ୍ଣମୀ ଉତ୍ସବ ଉଦଯାପିତ ହୋଇଯାଇଛି। ଆୟୋଜିତ ଏହି ଉତ୍ସବରେ ପ୍ରତି ସନ୍ଧ୍ୟାରେ ବିଭିନ୍ନ ପ୍ରତିଯୋଗୀତା ଓ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଥିଲା। ଆୟୋଜିତ ଉଦ୍ଘାଟନୀ ଉତ୍ସବକୁ ଅନୁଷ୍ଠାନ ସଭାପତି ଉର୍ବଶୀ ପାଣିଗ୍ରାହୀ ଓ ସଭ୍ୟ ଗଗନ ବିହାରୀ ସିଂହ ଉଦ୍ଘାଟନ କରିଥିଲେ। ୪ଦିନ ଧରି ଚାଲିଥିବା ଉଦଯାପନୀ ଉତ୍ସବରେ ହରିନାଥ ମଲ୍ଲିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ,ଜିଲ୍ଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଯେନା,ଆଗରପଡ଼ା ଥାନା ଅଧିକାରୀ ଦେବରାଜ ଜେନା,କଂଗ୍ରେସ ନେତା ରବିନାରାୟଣ ମହାନ୍ତି,ଯୁବନେତା ସନ୍ଦୀପ ଜେନା,ମହେଶ୍ୱର ଦାସ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ କମିଟିର ଆୟୋଜକଙ୍କୁ ଭୂୟସୀ ପ୍ରଶଂସା କରିଥିଲେ।

## ବଳଦ ପାଟିରେ ଫୁଟିଲା ବୋମା

କେନ୍ଦୁଝର, (ସବ୍ୟୁ): ବନ ବିଭାଗ କର୍ମଚାରୀମାନଙ୍କ କର୍ତ୍ତବ୍ୟରେ ଅବହେଳା ଯୋଗୁଁ କ୍ଷତି ସହିଛି ଗରିବ ନିରୀହ ଚାଷୀ। ଶିକାରୀ ବାରହା ଶିକାର କରିବା ଉଦେଶ୍ୟରେ ଗ୍ରାମ୍ୟ ଜଙ୍ଗଲରେ ବିଛାଇ ଥିବା ବୋମା ବଳଦ ପାଟିରେ ଫୁଟିଛି । ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ପୀଠଗୋଳା ଗ୍ରାମ ପଞ୍ଚାୟତ ଶରଧା ପଶି ଗାଁରେ। ଏହି ଗ୍ରାମର ଚାଷୀ ଖଗେଶ୍ୱର ନାଏକ ପ୍ରତିଦିନ ଭଳି ସୋମବାର ଦିନ ମଧ ଗାଈ ଗୋରୁ ଗୁଡିକକୁ ଚରାଇବା ଲାଗି ନେଇଥିଲେ। ଗୋରୁ ଗୁଡିକ ପାଣି ପିଇବା ପରେ ଗ୍ରାମ୍ୟ ଜଙ୍ଗଲକୁ ନେଇଥିଲେ। ଗୋରୁ ଚାରୁଥିବା ସମୟରେ ହଠାତ ପ୍ରଚଣ୍ଡ ଶବ୍ଦ ହୋଇ ଥିଲା ଯାହା ଫଳରେ ଗୋରୁ ପଲ ଦୌଡ଼ି ପଳାଇଥିଲେ। ପରେ ଖଗେଶ୍ୱର ଦେଖିଲା ବେଳେ କୌଣସି ଶିକାରୀ ବାରହା ଶିକାର କରିବା ଲାଗି ଷଡଯନ୍ତ୍ର କରି ବୋମା ଖଞ୍ଜିଥିଲା ହେଲେ ତାହା ବଳଦ ପାଟିରେ ଫୁଟିଛି। ଜଙ୍ଗଲ ଜନ୍ତୁ ଗତିବିଧି ନଜର ରଖିବା ପାଇଁ ବିଭିହ୍ନ କର୍ମଚାରୀ ନିୟୋଜିତ ହୋଇଛନ୍ତି। ହେଲେ ଶିକାରୀ କରୁଥିବା ଷଡଯନ୍ତ୍ର ବାବଦରେ ତାଙ୍କ ପାଖରେ କୌଣସି ସୂଚନା ରହୁନାହିଁ କ୍ଷତି ଗ୍ରସ୍ତ ଚାଷୀର କ୍ଷତି ପୂରଣ ନଦେଲେ ନହଲେ ଗ୍ରାମବାସୀ ଆଗାମୀ ଦିନରେ ବନ କାର୍ଯ୍ୟାଳୟ ଅଫିସ ସମୁଖରେ ଧାରଣା ଦେବେ ବୋଲି କହିଛନ୍ତି ।

## ରାସନକାର୍ଡ ଯାଞ୍ଚକୁ ନେଇ ଗର୍ଜିଲା କଂଗ୍ରେସ

ଭୋଗରାଇ, (ସବ୍ୟୁ): ବାଲେଶ୍ୱରଜିଲ୍ଲା ଭୋଗରାଇ ବ୍ଲକରେ ପିଏମ କିଷାନ ତାଲିକାଭୁକ୍ତ ରେସନକାର୍ଡ ଯାଞ୍ଚ ପ୍ରକ୍ରିୟାକୁ ନେଇ ହିତାଧାରୀଙ୍କ ମଧ୍ୟରେ ଏବେ ଆଶଙ୍କା ଘନିଭୂତ ହେବାରେ ଲାଗିଛି । ଉକ୍ତ ବ୍ଲକରେ ୬୭ ହଜାର ୯୨ ଜଣ ରେସନକାର୍ଡଧାରୀ ହିତାଧିକାରୀ ଥିବାବେଳେ ଏମାନଙ୍କ ମଧ୍ୟରୁ୪୬ ହଜାର ୮ ଶହ ୨୦ଜଣଙ୍କର ରେସନକାର୍ଡ ପୁନଃ ଯାଞ୍ଚ କରାଯାଇ ଅଯୋଗ୍ୟ ହିତାଧିକାରୀଙ୍କ ରେସନକାର୍ଡରୁ ବାଦ ଦେବା ପ୍ରକ୍ରିୟା କରାଯିବାକୁ ନେଇଁ ସରକାରୀ ରିପୋର୍ଟରେ ଦର୍ଶାଯାଇଛି । ଏଥି ପାଇଁ ବ୍ଲକ ଯୋଗାଣ ବିଭାଗ ଓ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀମାନେ ରେସନକାର୍ଡ ଯାଞ୍ଚ ପ୍ରକ୍ରିୟା ଆରମ୍ଭ କରାଯିବାକୁ ଯାଉଥିବାବେଳେ ଭୋଗରାଇ କଂଗ୍ରେସ ଶାଖା ପକ୍ଷରୁ ତୀବ୍ର ସମାଲୋଚନା କରାଯାଇଛ । ଶନିବାର ସନ୍ଧ୍ୟାରେ ଭୋଗରାଇ ଜଳେଶ୍ୱରପୁର ସ୍ଥିତ କଂଗ୍ରେସ ଭବନ ଠାରେ ଏକ ଖବରଦାତା ସମ୍ମିଳନୀରେ ଜିଲା ସଭାପତି ସତ୍ୟଶିବ ଦାସ ଡବଲ ଇଞ୍ଜିନ ସରକାର କୃଷି କଲ୍ୟାଣର ପିଏମ କିଷାନର ବଇଁଶୀ ଥୋପ ଦେଖାଇ କୃଷି ଓ କୃଷକଙ୍କ ବିକାଶପାଇଁ କୁମ୍ଭୀର କାନ୍ଦଣା କାନ୍ଦୁଥିଲାବେଳେ ଗରିବ ଲୋକଙ୍କ ପାଇଁ ରେସନକାର୍ଡ କାଟିବା ଯାଞ୍ଚ ପ୍ରକ୍ରିୟାକୁ କଂଗ୍ରେସ ସରକାରଙ୍କ ଦୋମୁହାଁ ନୀତିକୁ ତୀବ୍ର ବିରୋଧ କରିଛି । ସରକାର କୃଷକ ମାରଣ ନୀତିକୁ ପ୍ରତ୍ୟାହାର ନକଲେ ଓ ଭୋଗରାଇ ବ୍ଲକରେ ରେସନକାର୍ଡ କଟାଗଲେ ଜନସାଧାରଙ୍କୁ ନେଇଁ ଦୁର୍ବାର ଗଣଆନ୍ଦୋଳନ ଗଢିତୋଳିବା ସହିତ ଆବଶ୍ୟକ ପଡିଲେ ଭୋଗରାଇ ବ୍ଲକକୁ ଅଚଳ କରିଦେବୁ ବୋଲି କଂଗ୍ରେସ ନେତା କହିଛନ୍ତି । ଏହି ଖବରଦାତା ସମ୍ମିଳନୀରେ ଜିଲ୍ଲାସଭାପତି ସମେତ ଭୋଗରାଇ କଂଗ୍ରେସ କାର୍ଯ୍ୟକାରୀ ସଭାପତି ପ୍ରଦୀପ କୁମାର ନାୟକ, ଜିଲ୍ଲା ଉପସଭାପତି ଗୋପବନ୍ଧୁ ମହାପାତ୍ର, ଜିଲ୍ଲା ସାଧାରଣ ସମ୍ପାଦକ ସନ୍ତୋଷ କୁମାରଜେନା, ମହିଳା କଂଗ୍ରେସ ସଭାନେତ୍ରୀ ମୀନାରାଣୀ ସୁର, ସରପଞ୍ଚ ମମତା ରାଣୀ ସାହୁ, ରାଜେନ୍ଦ୍ର ଦଳାଇ, ବରିଷ୍ଠ ନେତା ରାଜେନ୍ଦ୍ର ପଣ୍ଡା, ରାଧା ବିନୋଦ ଦାସ,ଦୀପେଶ ଚନ୍ଦ୍ର ରାୟ,ଶମ୍ଭୁନାଥ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ ।

## ବିଜେଡ଼ି ଜନସମ୍ପର୍କ ପଦଯାତ୍ରା ଅଭିଯାନ

କେନ୍ଦୁଝର, (ସବ୍ୟୁ):କେନ୍ଦୁଝର ଜିଲ୍ଲା ବିଜୁ ଜନତା ଦଳର ଜନସମ୍ପର୍କ ଅଭିଯାନ ରବିବାର ଦିନ ଉଦଯାପିତ ହୋଇଯାଇଛି। ବିଜେଡି ଜିଲ୍ଲା ସଭାପତି ଆଶିଷ ଚକ୍ରବର୍ତ୍ତୀଙ୍କ ନେତୃତ୍ୱରେ ବିଜୁ ପଟ୍ଟନାୟକ ଛକ ଠାରୁ ଏକ ପଦଯାତ୍ରା ଆରମ୍ଭ ହୋଇ ନଗରପରିକ୍ରମା କରିଥିଲା।ଏଥିରେ ପୂର୍ବତନ ବିଜେଡି ଜିଲ୍ଲା ସଭାପତି ମାଧବ ସର୍ଦାର,ପୂର୍ବତନ ପାଟଣା ବିଧାୟକ ଜଗନ୍ନାଥ ନାୟକ, ପୂର୍ବତନ ଜିଲ୍ଲା ପରିଷଦ ଅଧକ୍ଷା କମଳିନୀ ପାତ୍ର, ନଗର ସଭାପତି ପୂର୍ଣ୍ଣ ଚନ୍ଦ୍ର ସାହୁ, ସଦର ବ୍ଲକ ସଭାପତି ଚକ୍ରଧର ପରିଡା, ମୁନିସିପାଲିଟି ଉପାଧକ୍ଷ ବରଦା ପ୍ରସନ୍ନ ଦାସ, ଜିଲ୍ଲା ପରିଷଦ ସଦସ୍ୟ ରଥ ମୁଣ୍ଡା, ପୂର୍ବତନ ପୌର ଅଧକ୍ଷା ମୀନା ମାଝୀ, ବରିଷ୍ଠ ଉପସଭାପତି ପ୍ରମୋଦ ପଟ୍ଟନାୟକ, ପୂର୍ବତନ କାଉନସିଲର ପରେଶ ପ୍ରଧାନ, ପରେଶ ସାହୁ, କାଉନସିଲର ଶରତ ସାହୁ, ଭଗବାନ ନାଏକ, ଅଭିଷେକ ମିଶ୍ର, କେକୀକାକଳି କୁମୁରା, ଛଡ ନେତା କୈଳାସ ନାଏକ, ମନସୁର ଆଲାମ,ପୂର୍ବତନ ମୁନିସିପାଲିଟି ଚେୟାରମ୍ୟାନ ପ୍ରଭଞ୍ଜନ ପଟ୍ଟନାୟକ, ଜ୍ଞାନରଞ୍ଜନ ପତି, ପ୍ରମୁଖ ଯୋଗ ଦେଇଥିବା ବେଳେ ଡବଲ ଇଂଜିନ ସରକାରରେ ଜନସାଧାରଣ ଡବଲ ଦୁଃଖ ଭୋଗ କରୁଛନ୍ତି ବୋଲି ବିଜେଡି ନେତାମାନେ ପ୍ରକାଶ କରିଥିଲେ।

## ଜିଲ୍ଲା କାର୍ଯ୍ୟାଳୟରେ ବନ୍ଦେ ମାତରମ ଗାନ

ଭଦ୍ରକ,(ସବ୍ୟୁ): ଜିଲ୍ଲାପାଳ ଦିଲିପ ରାଉତରାଏଙ୍କ ଅଧକ୍ଷତାରେ ବଙ୍କିମ ଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ ଲିଖିତ ଓ ଭାରତର ରାଷ୍ଟ୍ରୀୟ ଗୀତ ବନ୍ଦେ ମାତରମର ୧୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଜିଲ୍ଲା କାର୍ଯ୍ୟାଳୟରେ ଉକ୍ତ ରାଷ୍ଟ୍ରୀୟ ଗୀତ ଗାନ କରାଯାଇଛି । ଏଥିରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବିନାରାୟଣ ସାହୁ,ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ସରୋଜ କୁମାର ଦତ୍ତ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ସମସ୍ତ ସହାୟକ ଜିଲ୍ଲାପାଳ, ସହକାରୀ ଜିଲ୍ଲାପାଳ, ତହସିଲଦାର, ଅତିରିକ୍ତ ତହସିଲଦାର ଏବଂ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଶେଷରେ ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ ଧନ୍ୟବାଦ ଅର୍ପଣ କରିଥିଲେ।

## ଗୋରୁ ଚୋର ଗିରଫ

ସୋର,(ସବ୍ୟୁ): ସୋର ଥାନା ସାରୁପଦା ଗ୍ରାମରେ ଗୋରୁ ଚୋରି କରୁଥିବା ବେଳେ ଜଣେ ଯୁବକଙ୍କୁ କାବୁ କରି ଗ୍ରାମବାସୀ ମାନେ ସୋର ପୁଲିସକୁ ହସ୍ତାନ୍ତର କରିଥିବା ବେଳେ ପୁଲିସ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି।ଅଭିଯୁକ୍ତ ଜଣକ ହେଲେ ବେଲପୁର ଗ୍ରାମର ସେକ ସାଜୁଦ୍ଦିନ (୨୫)।ଗତ ଶୁକ୍ରବାର ରାତିରେ ଏହି ଗ୍ରାମକୁ ଏକ ଗାଡିରେ ଚାରିଜଣ ଯୁବକ ଗୋରୁ ଚୋରି କରିବାକୁ ଆସିଥିବା ବେଳେ ରାତିରେ ଗ୍ରାମର କିଛି ଯୁବକ ଏବାବଦରେ ଜାଣିପାରି ସେମାନଙ୍କୁ ଅଟକାଇବାକୁ ଚେଷ୍ଟା କରିଥିଲେ। ଏହି ସମୟରେ ଚାରି ଜଣ ଯୁବକଙ୍କ ମଧ୍ୟରୁ ତିନିଜଣ ଉକ୍ତ ଗାଡିରେ ଫେରାର ହୋଇଯାଇଥିବା ବେଳେ ସାଜୁଦ୍ଦିନ ଗ୍ରାମରେ ଥିବା ଏକ ପୋଖରୀ ପାଣିରେ ଲୁଚି ରହିଥିଲେ। ଶନିବାର ସକାଳେ ଗ୍ରାମବାସୀମାନେ ତାକୁ କାବୁ କରି ଉତ୍ତମ ମଧ୍ୟମ ଦେଇ ସୋର ପୁଲିସକୁ ହସ୍ତାନ୍ତର କରିଥିଲେ। ଏ ବାବଦରେ ଥାନାରେ ଅଭିଯୋଗ ହେବା ପରେ ପୁଲିସ ୯୨୨/୨୫ ରେ ଏକ ମାମଲା ରୁଜୁ କରି ରବିବାର ସକାଳେ ତାକୁ ଗିରଫ କରିଥିଲେ। ସନ୍ଧ୍ୟାରେ ସୋର ମେଡ଼ିକାଲରେ ତାର ଡାକ୍ତରୀ ମାଇନା ପରେ ପୁଲିସ ତାକୁ କୋର୍ଟ ଚାଲାଣ କରିଛି। ତେବେ ସୋର ଅଞ୍ଚଳରେ ଦିନକୁ ଦିନ ଗୋରୁ ଚୋର ମାନେ ସକ୍ରିୟ ହେବାରେ ଲାଗିଛନ୍ତି। ରାତିରେ ବିଭିନ୍ନ ଗ୍ରାମକୁ ଯାଇ ରାସ୍ତାରେ ବୁଲୁଥିବା ବୁଲା ଷଣ୍ଢ ଏବଂ ଗୋରୁ ଗାଈଙ୍କୁ ଉଠାଇ ଆଣି ବିକ୍ରି କରିଦେଉଛନ୍ତି। ଫଳରେ ଗ୍ରାମାଞ୍ଚଳରେ ଗୋ ବଂଶ ଲୋପ ପାଇବାକୁ ବସିଲାଣି।ତେବେ ପ୍ରଶାସନ ପକ୍ଷରୁ ଏ ମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସାଧାରଣରେ ଦାବୀ ହେଉଛି।

# ଜିଲ୍ଲାପାଳ, ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନଶୁଣାଣି




ବାଲେଶ୍ୱର(ସବ୍ୟୁ): ସୋମବାର ପୂର୍ବାହ୍ନ ୧୦ଟାରେ ସ୍ଥାନୀୟ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୁର ବିକାଶ ଓ ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ଦିବାକରଙ୍କ ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ରେମୁଣା ପଞ୍ଚାୟତ ସମିତି ଅଧୀନସ୍ଥ ବିଭିନ୍ନ ଗ୍ରାମ ପଞ୍ଚାୟତରୁ ୮୯ ଜଣ ଅଭିଯୋଗକାରୀ ନିଜର ଅଭିଯୋଗ ଫର୍ଦ୍ଦ ଉପସ୍ଥାପନ କରିଥିଲେ। ସେଥି ମଧ୍ୟରୁ ୮୦ ଗୋଟି ବ୍ୟକ୍ତିଗତ ଅଭିଯୋଗ ସମ୍ପର୍କିତ ହୋଇଥିବା ବେଳେ ୦୭ ଗୋଟି ସାମୁହିକ ଏବଂ ୦୨ ଗୋଟି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି ସହାୟତା ନିମନ୍ତେ ଦରଖାସ୍ତ ପ୍ରଦାନ କରିଥିଲେ ଏବଂ ୦୭ ଗୋଟି ଅଭିଯୋଗର ତତକାଳ ସମାଧାନ କରାଯାଇଥିଲା ଓ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ହେମନ୍ତ ସିଂ, ଜିଲ୍ଲା ପରିଷଦ ମୁଖ୍ୟଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ସଞ୍ଜୟ କୁମାର ରାଉତ, ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ, ଡ. ପ୍ରଭାତ କୁମାର ବେହେରାଙ୍କ ସମେତ ଜିଲ୍ଲାର ବିଭିନ୍ନ ବିଭାଗୀୟ ପଦାଧିକାରୀ ଉପସ୍ଥିତ ଥିଲେ ।

## ଟାଟା ମାଜିକ ଧକ୍କାରେ ବାଇକ୍ ଆରୋହୀ ମୃତ

ଧାମନଗର, (ସବ୍ୟୁ):ଧାମନଗର ଥାନା ଅନ୍ତର୍ଗତ ମହୁରା ଛକ ନିକଟରେ ରବିବାର ରାତିରେ ଏକ ଟାଟା ମାଜିକ ଧକ୍କା ଦେବାରୁ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ହୋଇଛି । ମୃତ ବାଇକ ଆରୋହୀ ଜଣଙ୍କ ନିର୍ଗୁଣ୍ଡି ପଞ୍ଚାୟତ ଶିବବିନ୍ଧା ଗ୍ରାମର ମୁକ୍ତିକାନ୍ତ ସାମଲଙ୍କ ପୁଅ ଧନଞ୍ଜୟ ସାମଲ (୩୦) ବୋଲି ଜଣାପଡିଛି। ଧାମନଗରରୁ ଏକ ଟାଟା ମେଜିକ ଗାଡ଼ି ଧାମନଗର ଛକ ଆଡ଼କୁ ଯାଉଥିଲା। ସେହି ସମୟରେ ଧନଞ୍ଜୟ ନିଜ ବାଇକ ଚଳାଇ ଟାଟା ମେଜିକ ଆଗେ ଆଗେ ଯାଉଥିଲେ। ମହୁରା ଛକ ନିକଟରେ ପହଂଚିବା ବେଳେ ଟାଟା ମେଜିକ ତାଙ୍କ ବୁଲେଟ ପଛପଟକୁ ଧକ୍କା ଦେଇଥିଲା। ଫଳରେ ଧନଞ୍ଜୟ ରାସ୍ତା ପାର୍ଶ୍ୱରେ ଛିଟିକି ପଡ଼ିଥିବାବେଳେ ରାସ୍ତା କାମ ପାଇଁ କଟାଯାଇଥିଲା ଗଛରେ ବାଡେଇ ହୋଇ ମୁଣ୍ଡ ମାଡ ହୋଇଥିଲା। ଗୁରୁତର ଆହତ ଅବସ୍ଥାରେ ଦମକଳ ବାହିନୀ ପହଂଚି ଧନଞ୍ଜୟଙ୍କୁ ଉଦ୍ଧାର କରି ଧାମନଗର ମେଡିକାଲକୁ ନେଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଧାମନଗର ପୋଲିସ ଧନଞ୍ଜୟର ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଇଥିବା ବେଳେ ଥାନା କେଶ ନମ୍ବର ୪୨୭/୨୫ରେ ମାମଲା ରୁଜୁ କରି ଅଧିକ ତଦନ୍ତ କରୁଛି। ଘଟଣାସ୍ଥଳରୁ ଟାଟା ମେଜିକ ସହ ଡ୍ରାଇଭର ଫେରାର ଥିବା ଜଣାଯାଇଛି।

# ଜୀବନ ଜୀବିକା ସୁରକ୍ଷା ମଞ୍ଚର ଉପଜିଲ୍ଲାପାଳଙ୍କୁ ଦାବିପତ୍ର




ନୀଳଗିରି,(ସବ୍ୟୁ): କୁଲଡିହା ଅଭୟାରଣ୍ୟ ରେ ବସବାସ କରୁଥିବା ଲୋକମାନଙ୍କ ସୁରକ୍ଷା ପାଇଁ ଭିଟାମାଟି ଓ ଜୀବନ ଜୀବିକା ସୁରକ୍ଷା ମଞ୍ଚ ପକ୍ଷରୁ ନୀଳଗିରି ଉପଜିଲ୍ଲାପାଳଙ୍କୁ ଦାବୀ ପତ୍ର ଦିଆଯାଇଛି।କୁଲଡିହା ଅଭୟାରଣ୍ୟ ସୀମା ନିର୍ଦ୍ଧାରଣ ପାଇଁ ହାଇକୋର୍ଟରେ ରେ ଏକ ମାମଲା ବିଚାରାଧୀନ ରହିଛି । ହାଇକୋର୍ଟ୧୯୨୦ ମସିହା ଜାନୁଆରୀ ୬ ତାରିଖରେ ଦରଖାସ୍ତକାରୀଙ୍କୁ ଚାରି ସପ୍ତାହ ମଧ୍ୟରେ ଜିଲ୍ଲାପାଳ ଙ୍କ ପାଖରେ ଅଭିଯୋଗ ଦେବାପାଇଁ ଆଦେଶ ଦେଇଥିଲେ। ଦରଖାସ୍ତକାରୀ ୨୦୨୦ ଫେବୃଆରୀ ମାସ ୧ ତାରିଖ ଦିନ, ଜିଲ୍ଲାପାଳ ବାଲେଶ୍ୱରଙ୍କ ଠାରେ ନିଜର ଅଭିଯୋଗ ଦାଖଲ କରିଥିଲେ। ହାଇକୋର୍ଟ କୁଲଡିହା ଅଭୟାରଣ୍ୟ ଭିତରେ ଜନବସତି , ସରକାରୀ ଅନୁଷ୍ଠାନ ଓ ସାମାଜିକ ଅନୁଷ୍ଠାନକୁ ବାଦ ଦେଇ ସୀମା ନିର୍ଦ୍ଧାରଣ କରିବା ପାଇଁ ବାଲେଶ୍ୱର ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଏ ଯାଏ କୁଲଡିହା ଅଭୟାରଣ୍ୟର ସୀମା ନିର୍ଦ୍ଧାରଣ ହୋଇ ନାହିଁ।ତେବେ ଏଠାରେ ଇକୋ ସେନ୍ସିଟିଭ ଜୋନର ପ୍ରଶ୍ନ ଆସିଲା କେଉଁଠି ବୋଲି ଦାବୀ ପତ୍ର ପ୍ରଦାନକାରୀ ତାଙ୍କ ପତ୍ରରେ ପ୍ରଶ୍ନ କରିଛନ୍ତି। କିନ୍ତୁ ସରକାରଙ୍କ ତରଫରୁ ବାରମ୍ବାର ନୋଟିସ ଲଗାଇବା ଫଳରେ ଶାନ୍ତିକାମି ନିରୀହ, ଗରିବ ଓ ଆଦିବାସୀ ମାନଙ୍କ ମଧ୍ୟରେ ଭୟ, ଅସନ୍ତୋଷ ଓ ବିଦ୍ୱେଷ ଭାବ ସୃଷ୍ଟି କରାଯାଉଛି । ସୋମବାର ଦିନ ଭିଟାମାଟି ଓ ଜୀବନ ଜୀବିକା ସୁରକ୍ଷା ମଞ୍ଚର ଆବାହକ ବିଜୟ କୁମାର ପାତ୍ରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଉପଜିଲ୍ଲାପାଳ ନୀଳଗିରି ଙ୍କୁ ଇକୋ ସେନ୍ସିଟିଭ ଜୋନକୁ ଜନବସତି ରୁ ବାଦ ଦେବା ପାଇଁ ଦାବୀ ପତ୍ର ପ୍ରଦାନ କରିଛନ୍ତି। ଯଦି ସରକାର ଏ ବାବଦରେ କୌଣସି ପଦକ୍ଷେପ ନ ନିଅନ୍ତି ତାହେଲେ ଆଗାମୀ ଦିନରେ ମଞ୍ଚ ପକ୍ଷରୁ ଉପଜିଲ୍ଲାପାଳ ଅଫିସ ସମ୍ମୁଖରେ ଜେଲ ଭୋର୍ ଆନ୍ଦୋଳନ କରାଯିବ ବୋଲି କୁହାଯାଇଛି ।

# ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଯୁବ ସମ୍ମିଳନୀ




ବାଲେଶ୍ୱର ,(ସବ୍ୟୁ): ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଯୁବ ଶକ୍ତିଙ୍କ ମଧ୍ୟରେ ରାଷ୍ଟ୍ରଚେତନା, ସମାଜସେବା ଓ ସଂସ୍କାରିକ ମୂଲ୍ୟବୋଧକୁ ପ୍ରଚାରିତ କରିବା ପାଇଁ ଏକ ଅନୁପ୍ରେରଣାଦାୟକ ଯୁବ ସମ୍ମିଳନୀ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ, ବାଲେଶ୍ୱର ଦ୍ୱାରା ଆୟୋଜିତ ହୋଇଯାଇଛି ।। ଏହି କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବେ ଡ଼କ୍ଟର କୃଷ୍ଣଚନ୍ଦ୍ର ପ୍ରଧାନ, ସଂଯୁକ୍ତ ପ୍ରଫେସର, ଭାଷା ଓ ସାହିତ୍ୟ ବିଭାଗ, ନିଜ ଉଦ୍‌ବୋଧନରେ କହିଥିଲେ ଯୁବଶକ୍ତି ଦେଶର ମୂଳ ଶକ୍ତି। ତାଙ୍କ ମନରେ ଯଦି ସତ୍ୟ, ସଂଘର୍ଷ ଓ ସେବାର ଜ୍ୱାଳା ଜାଗେ, ତେବେ ରାଷ୍ଟ୍ର ନିଶ୍ଚିତ ଭାବରେ ଉନ୍ନତି ପଥରେ ଅଗ୍ରସର ହେବ। ମୁଖ୍ୟବକ୍ତା ଦୂର୍ଗା ପ୍ରସାଦ ସାହୁ, କ୍ଷେତ୍ର କାର୍ଯ୍ୟବାହ, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ, ନିଜ ଉଦ୍ବୋଧନରେ ଯୁବବର୍ଗଙ୍କ ଜୀବନରେ ସଂସ୍କାର ଓ ଦୃଢ ଚେତନାର ଆବଶ୍ୟକତା ଉପରେ ଆଲୋକପାତ କଲେ। ବିଶେଷ ଅତିଥି ବିଷ୍ଣୁ ଚରଣ ନାୟକ, ବିଭାଗ ପ୍ରଚାରକ, ବାଲେଶ୍ୱର, କହିଥିଲେ ଯେ ଆଧୁନିକ ଯୁବପିଢ଼ୀ ଏକ ନିର୍ଦ୍ଦିଷ୍ଟ ଯୁଗରେ ଥିଲେ ମଧ ଦେଶର ସଂସ୍କୃତି, ମୂଲ୍ୟବୋଧ ଓ ଦେଶସେବା ମନୋଭାବକୁ ହୃଦୟରେ ଧାରଣ କଲେ ତାହା ଭାରତର ସତ୍ୟ ଶକ୍ତିର ଚିହ୍ନ ହେବ। ସମ୍ମାନୀତ ଅତିଥି ବିଜୟ କୁମାର ଦାସ, ଜିଲ୍ଲା କାର୍ଯ୍ୟବାହ, ବାଲେଶ୍ୱର, ଛାତ୍ରଛାତ୍ରୀମାନଙ୍କ ସାମାଜିକ ଦାୟିତ୍ୱ ଓ ସେବାଭାବ ପ୍ରତି ସଚେତନ ହେବାକୁ ଅନୁରୋଧ କଲେ। ସେ କହିଥିଲେ ଜୀବନର ସଫଳତା ମାତ୍ର ବ୍ୟକ୍ତିଗତ ସାଧନା ନୁହେଁ, ବରଂ ସମାଜକୁ ଆପଣ ଯେତେ ଦେଉଛନ୍ତି, ତାହା ସହିତ ଯୋଡି ହୋଇଥାଏ।ଏହି ଅବସରରେ ସ୍ୱାଧୀନତା ସଂଗ୍ରାମୀ ଓ ସ୍ୱାଧୀନ ଭାରତର ବରପୁତ୍ରମାନଙ୍କ ଜୀବନୀ ଓ ସଂଗ୍ରାମକୁ ନେଇ ଏକ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଦେଶାତ୍ମବୋଧକ ସଙ୍ଗୀତ, ନୃତ୍ୟ ପରିବେଷଣ କରି କାର୍ଯ୍ୟକ୍ରମକୁ ଉତ୍ସାହମୟ ଓ ଦେଶପ୍ରେମମୟ ପରିବେଶରେ ପରିଣତ କରିଥିଲେ।କାର୍ଯ୍ୟକ୍ରମଟି ଭୂବିଜ୍ଞାନ ବିଭାଗର ଛାତ୍ର ଓ ସ୍ୱୟଂସେବକ ଜୟପ୍ରକାଶ ପଣ୍ଡା ସଂଚାଳନ କରିଥିଲେ ଓ ସଂସ୍କୃତ ବିଭାଗର ଅଧ୍ୟାପକ ଡ଼କ୍ଟର ଦେବାଶିଷ ମିଶ୍ର ଧନ୍ୟବାଦ ଜଣାଇ ସମାପନୀ ଅଭିଭାଷଣ ରଖିଥିଲେ।

(ଶ୍ରୀମଦ୍‌ଭଗବଦ୍ ଗୀତା ୧/୭)

**ଅର୍ଜ୍ଜୁନ-ବିଷାଦଯୋଗଃ**

**ସଞ୍ଜୟ ଉବାଚ**

**ଅସ୍ମାକଂ ତୁ ବିଶିଷ୍ଟା ଯେ ତାନ୍ନିବୋଧ ଦ୍ୱିଜୋତ୍ତମ ।**
**ନାୟକା ମମ ସୈନ୍ୟସ୍ୟ ସଂଜ୍ଞାର୍ଥଂ ତାନ୍ ବ୍ରବୀମି ତେ ।। ୭ ।।**

ହେ ଦ୍ୱିଜୋତ୍ତମ ! ଅସ୍ମାକଂ (ସୈନ୍ୟେ) ତୁ ଯେ ବିଶିଷ୍ଟାଃ ( ପ୍ରଧାନଃ) ମମ ସୈନ୍ୟସ୍ୟ ନାୟକାଃ (ନେତାରଃ) (ସନ୍ତି) ସଂଜ୍ଞାର୍ଥଂ (ବିଶେଷ ପରିଚୟାର୍ଥଂ) ତାନ୍‌ତେ ( ତୁଭ୍ୟଂ, ତବ ସମୀପେ ବା) ବ୍ରବୀବି (କଥୟାମି) ତାନ୍ ନିବୋଧ (ଅବଧାରୟ) ।। ୭ ।।

# ସଂସଦର ଆଗାମୀ ଅଧିବେଶନ

ଆସନ୍ତା ଡିସେମ୍ବର ୧ରୁ ୧୯ ତାରିଖ (୨୦୨୫) ଯାଏଁ ସଂସଦର ଅଧିବେଶନ ବିଭିନ୍ନ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ହେବ ବୋଲି କୁହା ଯାଉଛି । ପ୍ରାୟ ତିନି ସପ୍ତାହ ଧରି ଉଭୟ ଲୋକସଭା ଓ ରାଜ୍ୟସଭାର ଏହି ଅଧିବେଶନ ଚାଲିବ ଏବଂ ବର୍ଷ ୨୦୨୫ ଶେଷ ହେବା ପୂର୍ବରୁ ଏହି ଅଧିବେଶନ ଉଭୟ ଶାସକ ଓ ବିରୋଧୀ ଦଳ ପାଇଁ ଦୃଷ୍ଟି ଆକର୍ଷକ ହେବ ବୋଲି ମନେ ହେଉଛି । ବିହାର ନିର୍ବାଚନ ତଥା ଅନ୍ୟାନ୍ୟ ରାଜ୍ୟର ଉପନିର୍ବାଚନ ଶେଷ ହୋଇ ଫଳାଫଳ ସେତେବେଳକୁ ବାହାରି ସାରିଥିବ । ତା' ଛଡା ନିର୍ବାଚନ କମିଶନଙ୍କ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ (SIR) ପ୍ରାୟ ୧୨ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ଚାଲିଥିବା ବେଳେ ସଂସଦର ଏ ଅଧିବେଶନ ଯେ ହଇଗୋଳ ମଧ୍ୟରେ ଚାଲିବ, ଅନ୍ତତଃ ତାହା ହିଁ ଆଶଙ୍କା କରାଯାଉଛି । ବିରୋଧୀ କଂଗ୍ରେସ ଦଳର ଅଯଥା ତର୍କବିତର୍କ ପାଇଁ କେନ୍ଦ୍ରର ମୋଦି ସରକାର ସଂସଦରେ ସୁଯୋଗ ଦେବେନାହିଁ ବୋଲି କଂଗ୍ରେସ ତରଫରୁ କୁହାଯାଇଛି । ଅପରପକ୍ଷରେ କେନ୍ଦ୍ର ସରକାରଙ୍କ ସଂସଦୀୟ ବ୍ୟାପାର ବିଭାଗର ମନ୍ତ୍ରୀ କିରଣ ରିଜ୍ଜୁ କହିଛନ୍ତି ଯେ କଂଗ୍ରେସ ଦଳ ସତେ ଯେପରି ସଂସଦର ଅଧିବେଶନ ଚଳାଇବାକୁ ଆଗ୍ରହୀ । ସେ କଂଗ୍ରେସ ସାଂସଦମାନଙ୍କୁ ସଂସଦୀୟ ଅଧିବେଶନରେ ଭାଗନେବା ଲାଗି ଅନୁରୋଧ କରି କରି କ୍ଲାନ୍ତ ଅନୁଭବ କରିବେ ନାହିଁ ବୋଲି ମଧ୍ୟ ପରିହାସ ଛଳରେ ସୂଚନା ଦେଇଛନ୍ତି ।

ଭାରତୀୟ ଗଣତନ୍ତ୍ରରେ ସଂସଦ ହେଉଛି ସବୁଠାରୁ ପବିତ୍ର ସ୍ଥାନ ବୋଲି ନିର୍ବାଚିତ ପ୍ରତିନିଧିମାନେ ମନେ କରିବା ଉଚିତ । ସଂସଦରେ ଆଲୋଚନା ଓ ବିତର୍କ ବେଳେ କୌଣସି ବିଶୃଙ୍ଖଳିତ ଆଚରଣ କେବଳ ଆମ ଗଣତନ୍ତ୍ର ପ୍ରତି ଉପହାସ ନୁହେଁ ବରଂ ଆମ ସମସ୍ତଙ୍କ ପାଇଁ ଅପମାନ ସଦୃଶ । ଆମ ଲୋକେ କେତେ ବିଶ୍ୱାସରେ ସଂସଦ ଓ ବିଧାୟକମାନଙ୍କୁ ନିର୍ବାଚିତ କରାଇ, ସେମାନେ ଦେଶ, ରାଜ୍ୟ ତଥା ନିଜ ନିଜ ଅଞ୍ଚଳର ଉନ୍ନତି କରି ପାରିବେ ବୋଲି ଆଶା ରଖିଥାନ୍ତି । ମାତ୍ର ଜନସାଧାରଣଙ୍କ ଏପରି ବିଶ୍ୱାସ ଉପରେ ଆମର ସାଂସଦ ଓ ବିଧାୟକମାନେ ଭରସା ନ ରଖି ଯେପରି ନିଜର ସ୍ୱାର୍ଥ ସାଧନ ପାଇଁ ଆଗ୍ରହ ପ୍ରକାଶ କରନ୍ତି ଓ ବିଶୃଙ୍ଖଳିତ ଆଚରଣ ପ୍ରଦର୍ଶନ କରନ୍ତି । ତାହା ଉଚିତ ନୁହେଁ । ଏବର ବିରୋଧୀ ଦଳ ଏକଦା ଶାସନ କ୍ଷମତାରେ ଥିବା ବେଳେ ସଂସଦର ଅଧିବେଶନମାନଙ୍କରେ ସେତେବେଳେ ବିରୋଧୀ ଦଳ ଆସନରେ ଥିବା ଏବର ଶାସକ ଦଳର ସାଂସଦମାନେ ଏପରି ବିଶୃଙ୍ଖଳିତ ଆଚରଣ କରୁଥିବାର ଦୃଷ୍ଟାନ୍ତ ପ୍ରାୟ ନାହିଁ କହିଲେ ବରଂ ଠିକ୍ ହେବ ।

ସାଂସଦମାନେ ପୂର୍ବର ରାଜା ଓ ଜମିଦାରମାନଙ୍କ ପରି ବିଭିନ୍ନ କ୍ଷେତ୍ରରେ ଏବେ ସବୁ ପ୍ରକାର ସୁବିଧା ଓ ସୁଯୋଗ ପାଉଛନ୍ତି । ଏପରିକି ପୂର୍ବତନ ସାଂସଦମାନେ ମଧ୍ୟ ପେନ୍‌ସନ୍‌ଠାରୁ ଆରମ୍ଭ କରି ମାଗଣା ରେଳଭଡା (ନିଜ ସହିତ ଆଉ ଜଣକ ପାଇଁ ମଧ୍ୟ) ପାଇ ପାରନ୍ତି । ଏହା ଛଡା ସଂସଦ ଗୃହରେ ଅଧିବେଶନ ଚାଲୁଥିବା ସମୟରେ ସାଂସଦମାନେ ଉପସ୍ଥାନ ସକାଶେ ଭତ୍ତା ମଧ୍ୟ ପାଇଥା'ନ୍ତି । ନିଜର ପି.ଏ ଓ ଅନ୍ୟାନ୍ୟ ସୁବିଧା ସହ ଟେଲିଫୋନ ଖର୍ଚ୍ଚ, ନିଜ ନିର୍ବାଚନମଣ୍ଡଳୀରେ ଖର୍ଚ୍ଚ କରିବାକୁ ଲୋକସଭାର ସାଂସଦମାନେ ସାଂସଦ ପାଣ୍ଠି ଓ ରାଜ୍ୟସଭାର ସାଂସଦମାନେ ନିଜ ରାଜ୍ୟର ଯେକୌଣସି ଅଞ୍ଚଳରେ ସାଂସଦ ପାଣ୍ଠିର ବିନିଯୋଗ କରିବାର ସୁଯୋଗ ମଧ୍ୟ ବର୍ଷକୁ ବର୍ଷ ପାଇଥା'ନ୍ତି । ଯାହା ମନେ ପଡୁଛି, ସାଂସଦମାନେ ନିଜ ସାଂସଦ ପାଣ୍ଠିର ଅର୍ଥ ଜିଲ୍ଲାପାଳମାନଙ୍କ ଜରିଆରେ ଖର୍ଚ୍ଚ କରି ପାରିବାର ନିୟମ ଥିଲେ ମଧ୍ୟ ସାଂସଦମାନେ ସେମାନଙ୍କ ମନୋନୀତ ଠିକାଦାରଙ୍କୁ ସେହି ଟଙ୍କା ଖର୍ଚ୍ଚ କରିବାର ସୁଯୋଗ ଦେବା ଲାଗି ରାଜ୍ୟ ଯୋଜନା ଓ ସମନ୍ୱୟ ବିଭାଗ ପକ୍ଷରୁ ସେତେବେଳେ କୁଆଡେ ନିୟମ କରାଯାଇଥିଲା । ଅବଶ୍ୟ ସାତଗୋଟି ବିଧାନସଭା ନିର୍ବାଚନମଣ୍ଡଳୀକୁ ନେଇ ଗଠିତ ସଂସଦୀୟ ନିର୍ବାଚନମଣ୍ଡଳୀର ଜଣେ ଲୋକସଭା ସାଂସଦ ବା ସାରା ରାଜ୍ୟ ପାଇଁ ଜଣେ ରାଜ୍ୟସଭା ସାଂସଦ ନିଜ ନିଜ ଅଞ୍ଚଳରେ କିଛି କାମ କରିବା ବା ବିଭିନ୍ନ ଅଞ୍ଚଳକୁ ପରିଦର୍ଶନ କରିବା ପାଇଁ ବହୁ ଅର୍ଥର ଆବଶ୍ୟକତା ରହିଛି । ସେ ସୁବିଧା ସେମାନଙ୍କ ପାଇଁ କରାଯାଉ । କିନ୍ତୁ ଯେଉଁଠି ବରିଷ୍ଠ ନାଗରିକମାନେ ରେଳଗାଡ଼ିରେ ଯିବା ଲାଗି ଟିକେଟରେ ରିହାତି ବା ସୁବିଧା ପାଉ ନାହାନ୍ତି, ସେପରିସ୍ଥଳେ ଜଣେ ପୂର୍ବତନ ସାଂସଦଙ୍କୁ ନିଜେ ରେଳଗାଡିରେ ଯାତ୍ରା କରିବା ସହିତ ଆଉ ଜଣେ ଯିବାଲାଗି ରେଳଯାତ୍ରା ସମୟରେ ଆଦୌ ଟିକେଟ ପଡ଼ିବ ନାହିଁ । ଏ ପ୍ରଥା ବନ୍ଦ କରାଯାଉ ।

ଅଷ୍ଟାଦଶ ଲୋକସଭାର ସମସ୍ତ ୫୪୫ ଜଣ ସାଂସଦଙ୍କ ସମେତ ରାଜ୍ୟସଭାର ୨୫୦ ଜଣ ସାଂସଦ ଏ ସବୁ କଥା ଚିନ୍ତା କରି ସଂସଦର ଅଧିବେଶନକୁ ଅଯଥା ବର୍ଜନ ନ କରିବା ସକାଶେ ଆମମାନଙ୍କର ଅନୁରୋଧ ।

# ଜଳବାୟୁ ସଙ୍କଟ ଓ ସାମାଜିକ ଦାୟିତ୍ୱ



**ବିଦ୍ୟାଧର ମହାରଣା**

ଜଳବାୟୁ ସଙ୍କଟ କହିଲେ ଜଳବାୟୁ ପରିବର୍ତ୍ତନର ବିପଦପୂର୍ଣ୍ଣ ଅବସ୍ଥାକୁ ବୁଝାଏ । ଏହି ସମସ୍ୟା ମୁଖ୍ୟତଃ ଅବିଚାରିତ ମାନବୀୟ କାରଣ ଯୋଗୁଁ ଏବଂ କେତେକ ପ୍ରାକୃତିକ କାରଣ ଯୋଗୁଁ ଘଟିଥାଏ । ଜୀବାଶ୍ମ ଇନ୍ଧନ ବ୍ୟବହାର ଓ ବାୟୁମଣ୍ଡଳକୁ ଅତିରିକ୍ତ ସବୁଜ ଗୃହ ବାଷ୍ପ ହିସାବରେ ଅଙ୍ଗାରକାମ୍ଳ, ମିଥେନ୍ ଓ ନାଇଟ୍ରସ୍ ଅକ୍ସାଇଡ୍ ପରି ବାଷ୍ପ ବାୟୁମଣ୍ଡଳକୁ ବିସର୍ଜନ ଫଳରେ ବୈଶ୍ୱିକ ତାପମାନ ବୃଦ୍ଧି ଯୋଗୁଁ ପ୍ରାକୃତିକ ଦୁର୍ବିପାକ, ସମୁଦ୍ର ଜଳପତନ ବୃଦ୍ଧି, ଖାଦ୍ୟ ଉତ୍ପାଦନ ହ୍ରାସ , ସ୍ୱାସ୍ଥ୍ୟ ସମସ୍ୟା ଓ ଜଳସଙ୍କଟ ଦେଖାଦିଏ । ଭାରତରେ ବିଶ୍ୱର ସର୍ବାଧିକ ୧.୭୨ ନିୟୁତ ଲୋକ ପ୍ରଦୂଷଣ ଯୋଗୁଁ ମୃତ୍ୟୁବରଣ କରିଥିବା ଖବର ପ୍ରକାଶ ପାଇଛି । ରିପୋର୍ଟ ଅନୁସାରେ ୨୦୨୨ରେ ଭାରତରେ ବାୟୁ ପ୍ରଦୂଷଣ ଯୋଗୁଁ ଘଟିଥିବା ମୃତ୍ୟୁର ପରିଣତି ଦେଶପାଇଁ ୩୩୯.୪ ବିଲିୟନ ଡଲାର ବା ଦେଶର ମୋଟ ଘରୋଇ ଉତ୍ପାଦର ୯.୫ ପ୍ରତିଶତ ମୂଲ୍ୟ ସହିତ ସମାନ । ପ୍ରଦୂଷଣର ୨୦ ସୂଚକ ମଧ୍ୟରୁ ୧୨ଟି ଜଳବାୟୁ ପରିବର୍ତ୍ତନ ସମ୍ପର୍କିତ । ଏହାର ପ୍ରମୁଖ କାରଣ ହୋଇପାରେ ଆନୁଷ୍ଠାନିକ ବିଫଳତା ଓ ସାମାଜିକ ଅବହେଳା । ଏପରି ଅବସ୍ଥା ଲାଗିରହିଲେ ଆଗାମୀ ଦିନରେ ମଣିଷ ଓ ପ୍ରାଣୀଜଗତ ବଞ୍ଚିରହିବା କଷ୍ଟକର ହୋଇପାରେ । ଏଣୁ ବିଶ୍ୱର ସବୁଦେଶ ମିଳିତ ଭାବରେ ଏହାର ମୁକାବିଲା କରିବାକୁ ଅଣ୍ଟା ଭିଡ଼ିଛନ୍ତି । ୨୦୧୫ର ପ୍ୟାରିସ ଚୁକ୍ତିନାମା ଅନୁସାରେ ବିଶ୍ୱର ତାପମାତ୍ରାକୁ ଶିଳ୍ପ ଅବସ୍ଥା ତୁଳନାରେ ଦୁଇ ଡିଗ୍ରୀ ସେଲସିୟସ ମଧ୍ୟରେ ସୀମିତ ରଖିବାକୁ ସ୍ଥିର କରାଯାଇଛି । ଏହାକୁ ସମ୍ଭବ କରିବାକୁ ହେଲେ ସାମାଜିକ ଦାୟିତ୍ୱବୋଧ ଅତି ଜରୁରୀ ମନେହୁଏ । ଗ୍ଲୋବାଲ ୱାର୍ମିଂକୁ ସୀମିତ ରଖିବା ଏବଂ ସମସ୍ତଙ୍କ ପାଇଁ ଏକ ସ୍ଥାୟୀ ଭବିଷ୍ୟତ ସୁରକ୍ଷିତ କରିବା ପାଇଁ ଏହାର ତୁରନ୍ତ ଏବଂ ସ୍ଥାୟୀ କାର୍ଯ୍ୟକାରୀତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

ଜଳବାୟୁ ସଙ୍କଟ ଦୂର କରିବା ପାଇଁ ଏକାଧିକ କ୍ଷେତ୍ର ମଧ୍ୟରେ ବ୍ୟାପକ ଏବଂ ତୁରନ୍ତ କାର୍ଯ୍ୟ ଆରମ୍ଭ ହେଉଛି । ବାୟୁମଣ୍ଡଳକୁ ସବୁଜ ଗୃହ ବାଷ୍ପ ମୁକ୍ତ କରିବା । କାରଣ ଏହି ସବୁଜ ଗୃହ ବାଷ୍ପ ( ଅଙ୍ଗାରକାମ୍ଳ, ମିଥେନ୍,ନାଇଟ୍ରସ୍ ଅକ୍ସାଇଡ୍ ଇତ୍ୟାଦି) ବାୟୁମଣ୍ଡଳରେ ତାପ ବୃଦ୍ଧି କରିବା ପାଇଁ ମୁଖ୍ୟତଃ ଦାୟୀ । ଆମର ପରିବହନ ପାଇଁ ଆମେ ବିଭିନ୍ନ ଯାନବାହାନ ବ୍ୟବହାର କରୁ ଯେଉଁଗୁଡିକ ମୁଖ୍ୟତଃ ଜୀବାଶ୍ମ ଶକ୍ତିଚାଳିତ । ଏହାଛଡା ଆମେ ବ୍ୟବହାର କରୁଥିବା ଶୀତଳୀକରଣ ଯନ୍ତ୍ରରୁ ନିର୍ଗତ ବାଷ୍ପ, କଳକାରଖାନା ନିର୍ଗତ ବାଷ୍ପ, ତ୍ରୁଟିପୂର୍ଣ୍ଣ କୃଷିରୁ ନିର୍ଗତ ମିଥେନ୍ ବାଷ୍ପ ଇତ୍ୟାଦି ବାୟୁମଣ୍ଡଳରେ ସବୁଜ ଗୃହ ବାଷ୍ପ ମାତ୍ରା ବୃଦ୍ଧିପାଇଁ ଦାୟୀ । ଦ୍ୱିତୀୟ ସମାଧାନ ସୂତ୍ର ହେଉଛି ଆମେ ନବୀକରଣ ଅଯୋଗ୍ୟ ଶକ୍ତି ବିନିମୟରେ ନବୀକରଣ ଯୋଗ୍ୟ ବା ଅକ୍ଷୟ ଶକ୍ତି ( ସୌର ଶକ୍ତି, ପବନ ଶକ୍ତି ,ଜଳ ଶକ୍ତି) ବ୍ୟବହାର ଉପରେ ଗୁରୁତ୍ୱ ଦେବା ଆବଶ୍ୟକ । ପରିବହନ କ୍ଷେତ୍ରରେ ବିଦ୍ୟୁତ ଶକ୍ତି ବ୍ୟବହୃତ ଯାନବାହାନ ସର୍ବଦା ବ୍ୟବହାର କରିବା ଏହାର ଅନ୍ତର୍ଭୁକ୍ତ ।

ତୃତୀୟରେ ଗୃହ ନିର୍ମାଣ, କାରଖାନା ନିର୍ମାଣ ଓ ଶିଳ୍ପ କ୍ଷେତ୍ରରେ ଶକ୍ତି ବ୍ୟବହାର କ୍ଷେତ୍ରରେ ନୂତନ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରି ଶକ୍ତି ବ୍ୟବହାର ଦକ୍ଷତା ବୃଦ୍ଧି କରିବାକୁ ହେବ । ଏହା ଫଳରେ ଶକ୍ତି ସଞ୍ଚୟ ହେବ ଓ ବାୟୁମଣ୍ଡଳକୁ ନିର୍ଗତ ହେଉଥିବା ସବୁଜ ଗୃହ ବାଷ୍ପ ହ୍ରାସ ପାଇବ । ଚତୁର୍ଥରେ ପ୍ରାକୃତିକ ପରିସଂସ୍ଥାଗୁଡିକର ସୁପରିଚାଳନା କରିବାକୁ ଜଙ୍ଗଲ, ଆର୍ଦ୍ର ଭୂମି ଓ ମହାସାଗରଗୁଡିକର ସରଂକ୍ଷଣ କରିବା ଆବଶ୍ୟକ । ଏଗୁଡିକ କାର୍ବନ ଭଣ୍ଡାର ପରି କାର୍ଯ୍ୟ କରିବା ସହିତ କାର୍ବନ୍ ସାଇତି ରଖିବେ । ପ୍ରତିବର୍ଷ ବିଶ୍ୱରେ ୧୨ ନିୟୁତ ହେକ୍ଟର ଜଙ୍ଗଲ ନଷ୍ଟ ହେବା ଫଳରେ ବିଶ୍ୱର ୨୫ ପ୍ରତିଶତ ସବୁଜ ଗୃହ ବାଷ୍ପ ନିର୍ଗତ ହୁଏ । ଏହି ସମସ୍ୟାର ଏକମାତ୍ର ସମାଧାନ ହେଉଛି ବ୍ୟାପକ ବୃକ୍ଷରୋପଣ । ବୃକ୍ଷ ରୋପଣ ସହିତ ଜଙ୍ଗଲଗୁଡିକର ସରଂକ୍ଷଣ ଅତ୍ୟନ୍ତ ଜରୁରୀ । ବୃକ୍ଷ କାର୍ବନ୍ ପୃଥକୀକରଣ କରିବା ଫଳରେ ବାୟୁମଣ୍ଡଳକୁ ଅଙ୍ଗାରକାମ୍ଳ ବାଷ୍ପ ନିର୍ଗମନକୁ ପ୍ରତିହତ କରାଯାଇପାରିବ ।

ପଞ୍ଚମରେ କୃଷି କ୍ଷେତ୍ରରେ ଜଳବାୟୁ ତତ୍ପର ପଦ୍ଧତି ଅନୁସରଣ କରିବା ଆବଶ୍ୟକ । କୃଷି କ୍ଷେତ୍ରରୁ ଓ ଗୋପାଳନ ଯୋଗୁଁ ବାୟୁ ମଣ୍ଡଳକୁ ମିଥେନ୍ ବାଷ୍ପ ନିର୍ଗତ ହୋଇ ବିଶ୍ୱର ତାପମାତ୍ରା ବୃଦ୍ଧି କରିବାରେ ସାହାଯ୍ୟ କରେ । ଏହା ଫଳରେ ବର୍ଷା ଅନିୟମିତ ହୋଇଥାଏ ଓ ଅଧିକ ଉତ୍ତାପର ପ୍ରଭାବରେ ଅଧିକ ରୋଗ ପୋକ ଆକ୍ରମଣ ହୁଏ ଓ କୃଷି ଉତ୍ପାଦନ ହ୍ରାସ ପାଏ । ଏହାକୁ ନିୟନ୍ତ୍ରଣ କରିବାକୁ ହେଲେ ପୋଷଣୀୟ କୃଷି ପଦ୍ଧତି ଅବଶ୍ୟ ଚାଷୀମାନେ ଅନୁସରଣ କରିବା ଆବଶ୍ୟକ । ଶୂନ୍ୟ କର୍ଷଣ କୃଷି, ଆବରଣ ଫସଲ, ଛାଦିକରଣ, ଫସଲ ପର୍ଯ୍ୟାୟ, ମିଶ୍ରିତ ଫସଲ ଚାଷ, ଜୈବିକ କୃଷି ଓ ସମନ୍ୱିତ ରୋଗ ପୋକ ପରିଚାଳନାଦ୍ୱାରା ସବୁଜ ଗୃହ ବାଷ୍ପ ନିର୍ଗମନକୁ ରୋକାଯାଇ ପାରିବ । କୃଷି ସହିତ କୃଷି ବନୀକରଣ ଏବଂ ସମନ୍ୱିତ କୃଷି ପଦ୍ଧତି ଜଳବାୟୁ ଅନୁକୂଳ ହୋଇଥାଏ । ପୋଷଣ କୃଷି ୫୬ ପ୍ରତିଶତ କମ୍ ଶକ୍ତି ବିନିଯୋଗ କରେ ଓ ୬୪ ପ୍ରତିଶତ କମ୍ ସବୁଜ ଗୃହ ବାଷ୍ପ ନିର୍ଗମନ କରେ ।

ଷଷ୍ଠରେ ସାମାଜିକ ସଚେତନତା ଓ କ୍ରିୟାନୁଷ୍ଠାନ ଫଳରେ ଜଳବାୟୁ ସଙ୍କଟର ମୁକାବିଲା ଅଧିକ ସହଜ ଓ ଫଳପ୍ରଦ ହୋଇପାରିବ । ବିଶ୍ୱର ଏକ ହଜାର ନିୟୁତ ଲୋକ ସାମୂହିକ ଭାବରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବେ ? ସେମାନେ ବିଶ୍ୱ ଅଙ୍ଗାର ନିର୍ଗମନର ୨୦ ପ୍ରତିଶତ ହ୍ରାସ କରିପାରିବେ । ଏଣୁ ସମାଜର ସମସ୍ତେ ନିଜର ବନ୍ଧୁ, ପରିବାର ଏବଂ ସହକର୍ମୀମାନଙ୍କୁ ସେମାନଙ୍କ ଅଙ୍ଗାରକାମ୍ଳ ପ୍ରଦୂଷଣକୁ ହ୍ରାସ କରିବାକୁ ଉତ୍ସାହିତ କରିବା ଜରୁରୀ । ସେମାନେ ସରକାର ଓ ରାଜନେତାମାନଙ୍କ ଉପରେ ଚାପ ପ୍ରୟୋଗ କରିପାରିବେ । ସ୍ଥାନୀୟ ଜନ ପ୍ରତିନିଧି ଓ ବ୍ୟାବସାୟିକ ବ୍ୟକ୍ତିଙ୍କୁ ବାୟୁମଣ୍ଡଳକୁ ଅଙ୍ଗାର ନିର୍ଗମନ ହ୍ରାସ କରିବାକୁ ଅନୁରୋଧ କରିବା ସେମାନଙ୍କର ନୈତିକ ଦାୟିତ୍ୱ ।

ଦୂର ସ୍ଥାନକୁ ଯାତ୍ରା ପାଇଁ ସର୍ବସାଧାରଣ ଯାନବାହାନ ବ୍ୟବହାର କରନ୍ତୁ ଓ ଅଳ୍ପ ଦୂର ଯାତ୍ରା ପାଇଁ ବିଦ୍ୟୁତ ଯାନବାହାନ ବ୍ୟବହାର କରିବା ନିରାପଦ । ସର୍ବଦା ବିଦ୍ୟୁତ ବ୍ୟବହାର କ୍ଷେତ୍ରରେ ମିତବ୍ୟୟିତା ଅବଲମ୍ବନ କରିବା ସହିତ ନିଜ ଘର ଛାତ ଉପରେ ସୌରଶକ୍ତି ପ୍ୟାନେଲ ବସାଇଲେ ଆମେ ସୌରଶକ୍ତି ପାଇପାରିବା । ସରକାରୀ କାର୍ଯ୍ୟାଳୟ, ବ୍ୟବସାୟିକ କ୍ଷେତ୍ରରେ ଓ ଘରେ ଦକ୍ଷ ଉପକରଣ ବ୍ୟବହାର କରି ବିଦ୍ୟୁତ ଶକ୍ତି ସଞ୍ଚୟ କରିବା ଜରୁରୀ । ଯେତିକି ସମୟ ଆବଶ୍ୟକ କେବଳ ସେତିକି ସମୟ ବିଜୁଳିବତୀ ଓ ପଙ୍ଖା ବ୍ୟବହାର କରିବା ଆବଶ୍ୟକ । ଆମର ଖାଦ୍ୟ ଅଧିକ ମାତ୍ରାରେ ଶାକାହାରୀ ହେଲେ ଅଙ୍ଗାର ଅଧିକ ସଞ୍ଚିତ ହେବ । ପ୍ରାଣୀଜ ଖାଦ୍ୟ ଖାଇବା ଦ୍ୱାରା ବାୟୁମଣ୍ଡଳକୁ ବେଶି ଅଙ୍ଗାର ନିର୍ଗମନ ହୁଏ ଓ ଶରୀରରେ ବିଭିନ୍ନ ରୋଗ ହୁଏ । ଗବେଷଣାରୁ ଜଣାଯାଇଛି ଯେ ପୌଷ୍ଟିକ ଶାକାହାରୀ ଓ ଜୈବିକ ଖାଦ୍ୟ ଦ୍ୱାରା ଆମେ ବିଭିନ୍ନ ଜଟିଳ ରୋଗରୁ ରକ୍ଷା ପାଇପାରିବା । ବାଡିବଗିଚାରେ ଅଧିକ ଫଳ ଓ ପନିପରିବା ଚାଷ କଲେ, ଏହା ସହଜ ହେବ । ଆମେ ବଜାରରୁ ପ୍ରକ୍ରିୟାକରଣ ହୋଇଥିବା ଖାଦ୍ୟ କିଣି ଖାଇବା ପରିବର୍ତ୍ତେ ସ୍ଥାନୀୟ ସତେଜ ଓ ଋତୁକାଳୀନ ଖାଦ୍ୟ କିଣି ଖାଇଲେ ଅଙ୍ଗାର ପଦଚିହ୍ନ ଯଥେଷ୍ଟ ହ୍ରାସ ପାଇବ । ଆମ ସମାଜରେ ଖାଦ୍ୟ ଅପଚୟ ଏକ ନିତିଦିନିଆ ଘଟଣା । ବିଶ୍ୱରେ ବର୍ଷକୁ ଏକ ବିଲିୟନ ଟନ୍ ଖାଦ୍ୟ ଅପଚୟ ହୁଏ ଯାହାଦ୍ୱାରା ୮-୧୦ ପ୍ରତିଶତ ସବୁଜ ଗୃହ ବାଷ୍ପ ନିର୍ଗତ ହୁଏ । ମୋଟାମୋଟି ଖାଦ୍ୟ ଉତ୍ପାଦନର ଏକ ତୃତୀୟାଂଶ ଖାଦ୍ୟ ଘରେ, ସମାଜିକ ପର୍ବପର୍ବାଣୀ, ହୋଟେଲ, ଫସଲ କ୍ଷେତ୍ରରେ ଓ ସାଇତା ଘରେ ଅପଚୟ ହୁଏ । ଯେତିକି ଆବଶ୍ୟକ ସେତିକି କିଣନ୍ତୁ ଓ ଖାଦ୍ୟକୁ ଭଲଭାବେ ସାଇତି ରଖନ୍ତୁ । ବଳକା ଖାଦ୍ୟ ଅନ୍ୟମାନଙ୍କୁ ବାଣ୍ଟନ୍ତୁ ଓ ନଷ୍ଟ ଖାଦ୍ୟରୁ କମ୍ପୋଷ୍ଟ ପ୍ରସ୍ତୁତ କରନ୍ତୁ ।

ଆମେ ଯେଉଁ ପୋଷାକ ପିନ୍ଧୁଛନ୍ତି ସେଥିରେ ଅଧିକ ଅଦୃଶ୍ୟ ବା ଭର୍ଚୁଆଲ ଜଳ ରହିଥାଏ । ଗୋଟିଏ ଟି ସାର୍ଟ ପ୍ରସ୍ତୁତ କରିବା ପାଇଁ ପ୍ରାୟ ୨୭୦୦ ଲିଟର ଜଳ ଆବଶ୍ୟକ । ଏଣୁ ଯଥାସମ୍ଭବ ଆମେ ଏହାକୁ ନିୟନ୍ତ୍ରଣ କରିପାରିଲେ ଆମେ ହିଁ ଉପକୃତ ହୋଇପାରିବା । ଜଳବାୟୁ ଲକ୍ଷ୍ୟ ସହିତ ସମାନ୍ତରାଳ ଜାତୀୟ ନୀତି କାର୍ଯ୍ୟକାରୀ କରିବା ଏବଂ ବିକାଶଶୀଳ ଦେଶମାନଙ୍କ ପାଇଁ ଜଳବାୟୁ ଅର୍ଥ ସହାୟତା ବୃଦ୍ଧି କରିବା ଆବଶ୍ୟକ । ସମାଜର ପ୍ରତ୍ୟେକ ବର୍ଗଙ୍କୁ ଜଳବାୟୁ ପରିଚାଳନା ଶିକ୍ଷା ଦିଆଯିବା ଆବଶ୍ୟକ । ଏପରିକି ବିଦ୍ୟାଳୟମାନଙ୍କରେ ପାଠ୍ୟକ୍ରମରେ ଜଳବାୟୁ ପରିବର୍ତ୍ତନ ସମ୍ବନ୍ଧୀୟ ଶିକ୍ଷାକୁ ବାଧ୍ୟତାମୂଳକ କରିବା ନିମନ୍ତେ ଚିନ୍ତା କରାଯିବା ଆବଶ୍ୟକ । ପରିବେଶକୁ ପ୍ରଦୂଷଣ (ଜଳ, ବାୟୁ, ପ୍ଲାଷ୍ଟିକ ଇତ୍ୟାଦି) ମୁକ୍ତ କରିବା ପାଇଁ ସମାଜର ପ୍ରତ୍ୟେକ ବ୍ୟକ୍ତି ନିଷ୍ଠାର ସହ ଉଦ୍ୟମ କରିବା ଆବଶ୍ୟକ । ପ୍ଲାଷ୍ଟିକ ପରିବର୍ତ୍ତେ ସହଜରେ ଜୈବିକ ଅପଘଟନ ହୋଇପାରୁଥିବା ବସ୍ତୁ ବ୍ୟବହାରକୁ ଉତ୍ସାହିତ କରାଯିବା ଉଚିତ । ଘର, ସର୍ବସାଧାରଣ ସ୍ଥାନ ଓ ରାସ୍ତା ଘାଟରେ ବ୍ୟବହାର କରାଯାଉଥିବା ପଦାର୍ଥଗୁଡିକର ବୃତ୍ତାକାର ଅର୍ଥନୀତି ପ୍ରତି ଜନସଚେତନତା ଆବଶ୍ୟକ । ବ୍ୟବହାର ହ୍ରାସ କରିବା, ପୁନଃ ବ୍ୟବହାର ଓ ପୁନଃ ଚକ୍ରଣ ଦ୍ୱାରା ଆମେ ପରିବେଶକୁ ପ୍ରଦୂଷଣ ମୁକ୍ତ କରିପାରିବା । ସହରାଞ୍ଚଳରେ ପ୍ଲାଷ୍ଟିକ ପ୍ରଦୂଷଣ ନିୟନ୍ତ୍ରଣ ସହିତ ଅବଶିଷ୍ଟ ଜଳକୁ ପୁନରାୟ ପରିଷ୍କାର କରି ବିକଳ୍ପ ଭାବରେ ବ୍ୟବହାର କରିବା ପାଇଁ ଭିତ୍ତିଭୂମି ନିର୍ମାଣରେ ଜନସାଧାରଣ ସହଯୋଗ କରିବା ମଧ୍ୟ ଆବଶ୍ୟକ । ପରିଶେଷରେ ଏତିକି କୁହାଯାଇ ପାରିବ କି କେବଳ ଆନୁଷ୍ଠାନିକ କାର୍ଯ୍ୟାନୁଷ୍ଠାନଦ୍ୱାରା ଜଳବାୟୁ ସଙ୍କଟର ସମାଧାନ ସହଜ ନୁହେଁ । ସମାଜର ସମସ୍ତ ବର୍ଗର ଓ ବ୍ୟକ୍ତିବିଶେଷଙ୍କ ସହଯୋଗ ଓ ସହଭାଗିତା ମିଳିପାରିଲେ ଆମେ ଏପରି ବୈଶ୍ୱିକ ସମସ୍ୟାର ସମାଧାନ କରିପାରିବା ।

Consultant, Agriculture NRM
**କଳିଙ୍ଗନଗର ୭/୪୫୨,**
**ଭୁବନେଶ୍ୱର ୭୫୧୦୨୯**
bidyadhar.mgmail.com
**ମୋ-୯୪୩୭୦୭୧୧୯୦**

# ନୈତିକତା ମାଧ୍ୟମରେ ଉତ୍କର୍ଷ



**ଡାକ୍ତର ଅଶୋକ କୁମାର ମହାନ୍ତି**

ସଚ୍ଚୋଟତା ମାଧ୍ୟମରେ ଉତ୍କର୍ଷ ଅର୍ଥ ହେଉଛି କେହି ଜଣେ ନିଜର ଶକ୍ତି ବିକାଶ କରିବା ଏବଂ ତାର ଦୁର୍ବଳତା ସକାଶେ କ୍ଷତିପୂରଣ ଦେବା ପାଇଁ କାମ କରିବା । ସଚ୍ଚୋଟତା ହେଉଛି ସଚ୍ଚୋଟ ହେବା, ସର୍ବଦା ସତ୍ୟ କହିବା ସହିତ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ସତ୍ୟ ସହିତ ବଞ୍ଚିବାକୁ ଚେଷ୍ଟା କରିବା, ଠିକ୍ କାମ ତଥା କାର୍ଯ୍ୟ କରିବାର ଅଭ୍ୟାସ ରଖିବା ଯେତେବେଳେ କି କେହି ତୁମକୁ ଦେଖୁନାହାଁନ୍ତି, ଅନ୍ୟମାନଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରିବା, ତୁମେ ଯେଉଁଠାରେ ଥାଅ, ନିଜକୁ ଓ ତୁମ ଚାରିପାଖରେ ଥିବା ଅନ୍ୟମାନଙ୍କୁ ସମ୍ମାନ କରିବା ଏବଂ ଦୃଢ଼ ନୈତିକତା ତଥା ମୂଲ୍ୟବୋଧ ପ୍ରତି ଏକ ସ୍ଥିର ଏବଂ ଆପୋଷ ଅନୁପାଳନ ପ୍ରଦର୍ଶନ କରିବା । ନୀତିଶାସ୍ତ୍ରରେ, ନୈତିକତାକୁ ଜଣଙ୍କ କାର୍ଯ୍ୟର ସଚ୍ଚୋଟତା, ସତ୍ୟତା କିମ୍ବା ସଠିକତା ଭାବରେ ବିବେଚନା କରାଯାଏ ।

ଉତ୍କର୍ଷ ସହିତ ସଚ୍ଚୋଟତା, ଯେତେବେଳେ କେହି ଦେଖୁନାହାଁନ୍ତି, ସେତେବେଳେ ଜଣେ ବ୍ୟକ୍ତି କ'ଣ କରନ୍ତି ତାହାଦ୍ୱାରା ତାଙ୍କର ଚରିତ୍ର ବିଚାର କରାଯାଇ ପାରିବ । ଯେଉଁ ବ୍ୟକ୍ତିକୁ କେହି ନ ଦେଖିଲା ବେଳେ ମଧ୍ୟ ଉତ୍କର୍ଷର ସହିତ କାର୍ଯ୍ୟ କରିବାକୁ ଚେଷ୍ଟା କରନ୍ତି, ସେ ହେଉଛନ୍ତି ଜଣେ ବ୍ୟକ୍ତି ଯିଏ ଏକ ନୈତିକ ଦିଗ୍‌ଦର୍ଶକ ଚାହାଁନ୍ତି, ଯାହା ସର୍ବଦା ସଚ୍ଚୋଟତା ଆଡ଼କୁ ସୂଚିତ କରେ । ସମସ୍ତଙ୍କ ପାଖର ସଚ୍ଚୋଟତାର ଗୁଣ ନାହିଁ । ଏହା ଜଣେ ବ୍ୟକ୍ତିଦ୍ୱାରା ଧୀରେ ଧୀରେ ଏବଂ ସ୍ଥିର ଭାବରେ ବିକଶିତ ହୁଏ । ଏହା ସ୍ୱାଧୀନତା ଏବଂ ସଚ୍ଚୋଟତାର ଏକ ଅବସ୍ଥା ଏବଂ ଜଣେ ବ୍ୟକ୍ତିଙ୍କୁ ସ୍ୱାଧୀନ ଏବଂ ବିଶ୍ୱସ୍ତ ହେବାକୁ ସାହାଯ୍ୟ କରେ । ଯେଉଁ ସମ୍ପ୍ରଦାୟରେ ସମସ୍ତେ ପରସ୍ପରର ସଚ୍ଚୋଟତାକୁ ସମ୍ମାନ କରନ୍ତି ତାହା ହେଉଛି ଏକ ଆଦର୍ଶ ସମାଜ ।

ସଚ୍ଚୋଟତା ବ୍ୟକ୍ତିମାନଙ୍କୁ ସଂଗଠନରେ ସେମାନଙ୍କ ନିଜ ନିଜ କ୍ଷେତ୍ରରେ ଉନ୍ନତି କରିବାକୁ ଅନୁମତି ଦିଏ । ଶିକ୍ଷା କ୍ଷେତ୍ରରେ, ଶୈକ୍ଷିକ ସଚ୍ଚୋଟତା ଅତ୍ୟାବଶ୍ୟକ । ସମସ୍ତଙ୍କର କାର୍ଯ୍ୟକୁ ସମ୍ମାନ ଦେବା ଏବଂ ସେମାନଙ୍କଠାରୁ ନକଲ ନ କରିବା ଏକ ଗୁଣ ଯାହା ଯେକୌଣସି ବ୍ୟକ୍ତି ଚେଷ୍ଟା କରିବା ଉଚିତ । ପ୍ରକୃତ ସଚ୍ଚୋଟତା ଥିବା ବ୍ୟକ୍ତି ତାଙ୍କ କାର୍ଯ୍ୟ ପାଇଁ ଦାୟିତ୍ୱ ନେବାକୁ ବିଚାର କରିବେ । କାର୍ଯ୍ୟ କ୍ଷେତ୍ରରେ, କର୍ମଚାରୀ ଏବଂ ନିଯୁକ୍ତିଦାତାଙ୍କ ମଧ୍ୟରେ ବୃତ୍ତିଗତ ସଚ୍ଚୋଟତା ରହିବା ଆବଶ୍ୟକ ।

ଏହା ଏହି ସତ୍ୟକୁ ପ୍ରବର୍ତ୍ତାଏ ଯେ ସମସ୍ତେ ସହାୟକ ହେବା ଉଚିତ ଏବଂ ପରସ୍ପରର ମତାମତକୁ ସମ୍ମାନ କରିବା ଉଚିତ । ଏହା କର୍ମଚାରୀମାନଙ୍କ ପାଇଁ ସେମାନଙ୍କର ସୃଜନଶୀଳତା ଅନୁସନ୍ଧାନ କରିବା ଏବଂ ସେମାନଙ୍କର ଫଳାଫଳକୁ ସର୍ବାଧିକ କରିବା ପାଇଁ ଏକ ସକାରାତ୍ମକ କର୍ମକ୍ଷେତ୍ର ନିର୍ମାଣ କରିବାରେ ସାହାଯ୍ୟ କରେ ।

ସଚ୍ଚୋଟତା, ବିନମ୍ରତା ଏବଂ ନମ୍ରତା ହେଉଛି କିଛି ଅନନ୍ୟ ଗୁଣ ଯାହା ସଚ୍ଚୋଟତା ସହିତ ଆସିଥାଏ ଏବଂ ମଣିଷକୁ ଦୀର୍ଘ ତଥା ସୁସ୍ଥ ଜୀବନ ବଞ୍ଚିବାରେ ସାହାଯ୍ୟ କରେ । 'ସଚ୍ଚୋଟତା ହେଉଛି ଅନ୍ୟ ଲୋକଙ୍କୁ ସତ୍ୟ କହିବା, ଏବଂ ନୈତିକତା ହେଉଛି ନିଜେ ସତ୍ୟ କହିବା ' । ଏହି ପ୍ରସିଦ୍ଧ ଉକ୍ତିଟି ଏକ ସଂପୂର୍ଣ୍ଣ ଉପାୟରେ ସଚ୍ଚୋଟତାକୁ ବର୍ଣ୍ଣନା କରେ ।

ଯଦି ଜଣେ ବ୍ୟକ୍ତିଙ୍କ ପାଖରେ ଅନ୍ୟ କିଛି ନାହିଁ, ତେବେ ସେ ସର୍ବଦା ତାଙ୍କ ସଚ୍ଚୋଟତା ଉପରେ ଗର୍ବ ଅନୁଭବ କରିପାରିବେ । ସଚ୍ଚୋଟତା ଜଣେ ବ୍ୟକ୍ତିଙ୍କୁ ଠିକ୍ ଏବଂ ଭୁଲ୍ ବାଛିବା ସଙ୍ଗେ ସଙ୍ଗେ ଚାରିପାଖରେ ଥିବା ଲୋକଙ୍କ ସହିତ ବିଶ୍ୱାସନୀୟ ସମ୍ପର୍କ ସ୍ଥାପନ କରିବାରେ ସାହାଯ୍ୟ କରେ । ସାଧୁତା ଏପରି କିଛି ନୁହେଁ ଯାହା କେବଳ ଅନ୍ୟମାନଙ୍କୁ ଶିକ୍ଷା ଦେଇପାରିବ । ଏହା ଏକ ଗୁଣ ଯାହା ଜଣେ ବ୍ୟକ୍ତି ଭିତରୁ ଆସିଥାଏ, ଯାହାପାଇଂ ସେ ଗର୍ବ କରିବା ଆବଶ୍ୟକ କାରଣ ଏହା ଏକ ମୂଲ୍ୟବାନ ସମ୍ପତ୍ତି ଯାହା କେହି ତାଙ୍କଠାରୁ ଛଡ଼ାଇ ନେଇପାରିବେ ନାହିଁ । ଏହା ନୁହେଁ ଯେ ଶିକ୍ଷାଗତ ଏବଂ ବୃତ୍ତିଗତ ନୈତିକତା ହେଉଛି ଜଣେ ବ୍ୟକ୍ତିର ସର୍ବୋଚ୍ଚ ସ୍ତର । ପ୍ରତ୍ୟେକ ବ୍ୟକ୍ତି ନିଜ ଜୀବନରେ ନୈତିକତା ତଥା ସଚ୍ଚୋଟତା ଅଭ୍ୟାସ କରିବା ଉଚିତ, କାରଣ ଏହା ଜୀବନଯାପନ ଏବଂ ସମୃଦ୍ଧି ହାସଲ କରିବାର ଗୋଟାଏ ଉପାୟ । ଏହା ସମ୍ପ୍ରଦାୟକୁ ବୃଦ୍ଧି ଏବଂ ସମୃଦ୍ଧ କରିବାରେ ସାହାଯ୍ୟ କରିବା ସହିତ ଉତ୍ସାହ, ନିର୍ଭୀକତା, ସଫଳତା, ସୃଜନଶୀଳତା, ଉଦ୍ଦେଶ୍ୟମୂଳକତା ଏବଂ ଶକ୍ତିକୁ ବୃଦ୍ଧି କରେ ।

ଯେତେବେଳେ ଆପଣ କୌଣସି ଜିନିଷ କିମ୍ବା ଏକ ନିର୍ଦ୍ଦିଷ୍ଟ ପରିସ୍ଥିତି ବିଷୟରେ ସଚ୍ଚୋଟ ହୁଅନ୍ତି, ସେତେବେଳେ ଆପଣଙ୍କୁ ସଚ୍ଚୋଟ ବ୍ୟକ୍ତି ଭାବରେ ବିବେଚନା କରାଯାଏ । ଯେତେବେଳେ ଆପଣଙ୍କର ସଚ୍ଚୋଟତା ଥାଏ, ସେତେବେଳେ ଆପଣଙ୍କର ଦୃଢ଼ ନୈତିକ ନୀତି ଥାଏ, ଆଉ ଆପଣ ଜାଣନ୍ତି କ'ଣ ଠିକ୍ , କ'ଣ ଭୁଲ୍ । ସଚ୍ଚୋଟତା ରଖିବା ଅର୍ଥ , ଏକ ନିର୍ଭରଯୋଗ୍ୟ ଉପାୟରେ ଠିକ୍ କାର୍ଯ୍ୟ କରିବା ।

ସଚ୍ଚୋଟତା ହେଉଛି ଏକ ଅତ୍ୟାବଶ୍ୟକ ଗୁଣ ଯାହା ପ୍ରତ୍ୟେକ ନିଯୁକ୍ତିଦାତା ତାଙ୍କ କର୍ମଚାରୀଙ୍କଠାରେ ଚାହାଁନ୍ତି, ଯଦ୍ୱାରା ସେ ତାଙ୍କ କର୍ମଚାରୀମାନଙ୍କୁ ସମ୍ପୂର୍ଣ୍ଣ ହୃଦୟରେ ବିଶ୍ୱାସ କରିପାରିବେ ଏବଂ ତାଙ୍କଠାରୁ ଏକ ଉତ୍ତମ ଆଚରଣ ଆଶା କରିପାରିବେ । ବୃତ୍ତିଗତ ସଚ୍ଚୋଟତା କାର୍ଯ୍ୟ-ଉତ୍ପାଦନଶୀଳତା ବୃଦ୍ଧି କରେ ଏବଂ ଏକ ସକାରାତ୍ମକ ପରିବେଶ ବଜାୟ ରଖିବାରେ ସାହାଯ୍ୟ କରେ ।

**ମାଟିମଣ୍ଡପ ସାହି, ପାଟଣା ଲେନ୍, ପୁରୀ ଟାଉନ୍, ମୋ-୯୨୩୪୬୬୭୫୪୬**

# ମନର କ୍ରୋଧ...

**ମନୋଜ କୁମାର ବେହେରା**

ମନୁଷ୍ୟର ଶରୀର, ବିକାର ଆଉ ବ୍ୟାଧିଙ୍କର ଜନ୍ମସ୍ଥଳୀ ଅଟେ । କ୍ରୋଧ ଆସିବା, ସେଥିରେ ଗୋଟିଏ ମୁଖ୍ୟବିକାର ଅଟେ । ଯାହାର ଉପାୟମୌନ ଧାରଣ କିମ୍ବା ବୁଦ୍ଧିମତାରେ କରାଯାଇ ପାରିବ । ଆଉ କ୍ରୋଧରୂପୀ ବିକାରର ଉତ୍ପତ୍ତି ପରିସ୍ଥିତି କ'ଣ ହୋଇଥାଏ । ବିକାରର ମୂଳରେ ଲୋଭ ଆଉ ଆକାଂକ୍ଷାହିଁ ରହିବ ଜରୁରୀ ନୁହେଁ । କ୍ରୋଧରୂପୀ ବିକାରର କାରଣ ଆଖପାଖରେ ଘଟୁଥିବା ଅନୁଚିତ ବ୍ୟବହାର ମଧ୍ୟ ହୋଇଥାଏ, ଯେଉଁଥିରୁ କିଛି ସମୟ ପାଇଁ ବୁଦ୍ଧିମାନ ମନୁଷ୍ୟ ମଧ୍ୟ ନିଜର ନିଜସ୍ୱ ହରେଇ ବସେ । ଆଜିର କଳିଯୁଗର ଏହି ପାଳିରେ କ୍ରୋଧ ଉପସ୍ଥିତିର କାରଣ ସରଳସ୍ୱଭାବ, ପରହିତ ହେବା ଆଉ ମାର୍ଗଦର୍ଶନ କରିବା ମଧ୍ୟ ହେବାକୁ ଲାଗିଛି । ପ୍ରତିକ୍ଷଣରେ ଅତ୍ୟାଚାର ଦୃଷ୍ଟିଗତ ହେବାକୁ ଲାଗିଛି ଆଉ ଯାହାର କାରଣରୁ ଆମେ ଆମର ଚିତ୍ତକୁ କ୍ରୋଧବଶତଃ ହେବାରୁ ଅଟକେଇ ପାରୁନାହୁଁ । ଆମେ କାହାକୁ ଭଲ କଥା କିମ୍ବା ଠିକ୍ ପରାମର୍ଶ ଦେଉଛନ୍ତି ତା'ହେଲେ ପ୍ରାୟତଃ ଅନ୍ୟ ବ୍ୟକ୍ତିକୁ କ୍ରୋଧ ଆସିଥାଏ । ଆଉ ତା'ର ଅବୁଝା ଉପରେ ବୁଝେଇବାବାଲା ବ୍ୟକ୍ତି ମଧ୍ୟ ଦୁଃଖୀ ଆଉ ନିରାଶ ହୋଇଥାଏ । ଯେତେବେଳେ କ୍ରୋଧରୂପୀ ବିକାର ବେଳେ ବେଳେ ଆତ୍ମାକୁ ଶୁଦ୍ଧିର କାରଣ ହୋଇଥାଏ । ଅନ୍ତଃକରଣ କ୍ରୋଧରେ ଜଳିବା ପରେ ଶୁଦ୍ଧ ସୁନାପରି ଚମକିବାକୁ ଲାଗିଥାଏ । ଏହାର ଅନୁଭବ ସେହି ବ୍ୟକ୍ତିକୁ ହେଇଥାଏ, ଯିଏ କ୍ରୋଧରୂପୀ ବିଷ ପାନ କରିଛି । କିନ୍ତୁ ଏମିତି ସ୍ଥିତି ଆସିଲା ପରେ ନିଜକୁ ସଂଯମିତ ରଖିବା ଜରୁରୀ ହୋଇଯାଏ । ଏମିତିରେ ଜ୍ଞାନ ଆଉ ଏକାନ୍ତରେ ଶରଣ ନେବା ଦରକାର ଆଉ ଆତ୍ମ-ମନ୍ଥନ କରିବା ଜରୁରୀ ।

**ଅନ୍ତଃକରଣ କ୍ରୋଧରେ ଜଳିବା ପରେ ଶୁଦ୍ଧ ସୁନାପରି ଚମକିବାକୁ ଲାଗିଥାଏ । ଏହାର ଅନୁଭବ ସେହି ବ୍ୟକ୍ତିକୁ ହେଇଥାଏ, ଯିଏ କ୍ରୋଧରୂପୀ ବିଷ ପାନ କରିଛି ।**

ଏହା ପରେ ହିଁ ଆମକୁ ଅନୁଭୂତ ହୋଇଥାଏ କି କ୍ରୋଧ ତ ଅକାରଣ ଥିଲା ସେତେବେଳେ ମନ ପ୍ରସନ୍ନ ହୋଇ ଉଠିଥାଏ ଆଉ ମନୁଷ୍ୟ ରୂପରେ ଆମେ ବିଜୟୀ ହୋଇଥାଏ । ଏଥିରୁ ଭବିଷ୍ୟତର ମଧ୍ୟ ଆମେ ଲାଭ ଉଠେଇ ପାରିବା । ଜ୍ଞାନର ସଠିକ୍ ଉପଯୋଗ କ୍ରୋଧର ଅଗ୍ନି ଉପରେ ଶୀତଳ ଜଳବର୍ଷା ପରି କାମ କରିଥାଏ । ଅନ୍ୟପଟେ କ୍ରୋଧର ଅଗ୍ନିରୁ ଅଜ୍ଞାନତାର ପବନ ମିଳିଗଲେ ମନରେ ବିକାର ଧୀରେ ଧୀରେ ଶାରୀରିକ ବ୍ୟାଧିରେ ପରିଣତ ହୋଇଯାଏ । ଏହା ମନୁଷ୍ୟ ଜୀବନରେ ସାର୍ଥକତା ଉପରେ ଘାତକସିଦ୍ଧ ହୋଇଥାଏ ଯେଉଁଥିରେ ମନୁଷ୍ୟ କାୟା ରୋଗୀ ହୋଇଯାଏ । ସେଥିପାଇଁ କ୍ରୋଧ ଭଳି ବିକାର ପାଇଁ ଜ୍ଞାନ ରୂପୀ ଔଷଧ ଆବଶ୍ୟକ ଅଟେ ଆଉ ଏହାର ସଠିକ୍ ଉପଯୋଗ ପାଇଁ ଶାନ୍ତ ମନ ଆଉ ଏକାନ୍ତର ଆବଶ୍ୟକତା ହୋଇଥାଏ । କ୍ରୋଧର ଅବସ୍ଥାରେ ମୌନ ଧାରଣ କରି ଏକାନ୍ତର ଆଶ୍ରୟ ନେବା ଆବଶ୍ୟକ ।

**ପ୍ଲଟ ନମ୍ବର-୨୧୭/ପି,**
**ବାୟାବାବା ମଠ ଲେନ୍,**
**ୟୁନିଟ୍-୯(ଫ୍ଲାଟ),ଭୁବନେଶ୍ୱର-୨୨**
**ମୋ-୭୯୭୮୮୩୦୬୧୧**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଲାଲକିଲ୍ଲା...

ଆଶଙ୍କା କରାଯାଉଛି । ଅଚାନକ ଭାବେ ଏହି ଘଟଣା ଘଟିଥିଲା । ଉତ୍ତରପ୍ରଦେଶ ଓ ମୁମ୍ବାଇକୁ ହାଇଆଲର୍ଟରେ ରଖାଯାଇଛି । ସେହିଭଳି ପୁରୀକୁ ମଧ୍ୟ ହାଇଆଲର୍ଟ କରାଯାଇଥିବା ସୂଚନା ମିଳିଛି । ଘଟଣାସ୍ଥଳକୁ ୭ ଦମକଳ ଗାଡ଼ି ଯାଇଛି । ଆହତମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ବିସ୍ଫୋରଣର ଶବ୍ଦ ବହୁ ଦୂର ପର୍ଯ୍ୟନ୍ତ ଶୁଣିବାକୁ ମିଳିଛି । ଦୁର୍ଘଟଣାସ୍ଥଳ ଆଖପାଖରେ ଥିବା ଦୋକାନ ଗୁଡ଼ିକର କାଚ ଭାଙ୍ଗି ଯାଇଛି । ଅନେକ ଗାଡ଼ି ଧ୍ୱଂସ ବିଧ୍ୱସ୍ତ ହୋଇଛି । ଏହି ରାସ୍ତାରେ ଯାତାୟତ ପାଇଁ କାହାକୁ ଅନୁମତି ଦିଆଯାଉନାହିଁ । ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ବିସ୍ଫୋରଣ ସ୍ଥଳ ନିକଟରେ ଥିବା ସିସିଟିଭିକୁ ଦେଖିଛନ୍ତି । ସେ କହିଛନ୍ତି ଯେ କୌଣସି ଆଶଙ୍କାକୁ ଏଡାଇ ଦିଆଯାଇପାରିବ ନାହିଁ । ସେ ଘଟଣାସ୍ଥଳକୁ ଯିବେ ଓ ହସ୍ପିଟାଲ ଯାଇ ଆହତମାନଙ୍କ ସହ ଆଲୋଚନା କରିବେ । କଂଗ୍ରେସ ପକ୍ଷରୁ ମଧ୍ୟ ଦିଲ୍ଲୀ ବାସିନ୍ଦାଙ୍କୁ ଶାନ୍ତି ବଜାୟ ରଖିବାକୁ ନିବେଦନ କରାଯାଇଛି । ସମସ୍ତଙ୍କ ସୁରକ୍ଷା ପାଇଁ ପ୍ରଶାସନ ସୁନିଶ୍ଚିତ କରନ୍ତୁ ବୋଲି ଦଳ ପକ୍ଷରୁ କୁହାଯାଇଛି । ଦିଲ୍ଲୀ, ମୁମ୍ବାଇ, ଉତ୍ତରପ୍ରଦେଶ ଓ ହରିୟାଣାରେ ହାଇଆଲର୍ଟ ଜାରି କରାଯାଇଛି । ତେବେ ବିସ୍ଫୋରଣ ଘଟାଇଥିବା ଆଇ-୨୦ ମାଲିକଙ୍କୁ ପୋଲିସ ଅଟକ ରଖିଛି । ଗାଡ଼ି ମାଲିକ ହରିୟାଣାର ବୋଲି ଜଣାପଡ଼ିଛି । ସେହିଭଳି ଆଉ ଦୁଇ ସନ୍ଦିଗ୍ଧଙ୍କୁ ଅଟକ ରଖି ପଚରା ଉଚରା ଚାଲିଛି ।

### ଫରିଦାବାଦରୁ...

ହୋଇଛି । ରବିବାର ଏହି ମେଡ଼ିକାଲ କଲେଜର କର୍ମଚାରୀ ଡକ୍ଟର ମୁଜାମିଲ ସକିଲଙ୍କୁ ଗିରଫ କରାଯାଇଥିଲା । ତାଙ୍କ ଘରୁ ପୋଲିସ୍ ବିସ୍ଫୋରକ ରସାୟନିକ ପଦାର୍ଥ ଜବତ କରାଯାଇଥିଲା । ସେଠାରୁ ମଧ୍ୟ ରାଇଫଲ ଜବତ ହୋଇଥିଲା । ସମ୍ପୃକ୍ତ ଅଧିକାରୀଙ୍କ କହିବା ଅନୁଯାୟୀ କାରଟି ଡକ୍ଟର ସାହିଦଙ୍କ ନାମରେ ଥିଲା ଓ ଏହାକୁ ମୁଜାମିଲ ବ୍ୟବହାର କରୁଥିଲେ । ରାଇଫଲ ଓ ଜୀବନ୍ତ ଗୁଳି ଏହି ଗାଡ଼ିରୁ ଜବତ ହୋଇଥିଲା । ସେହିଭଳି ଆଉ ଜଣେ ଡାକ୍ତର ଅଦିଲ ଅହମ୍ମଦ ରାଥେର, ଉତ୍ତରପ୍ରଦେଶର ସାହାରାଣପୁରରୁ ପୂର୍ବରୁ ଗିରଫ ହୋଇଥିଲେ । ଆତଙ୍କବାଦୀ ସଂଗଠନ ଜୈଶ-ଇ-ମହମ୍ମଦକୁ ସହାୟତା କରୁଥିବା ନେଇ ଗିରଫ କରାଯାଇଥିଲା । ସେହିଭଳି ଫରିଦାବାଦର ଏକ ମସଜିଦର ଜଣେ ଇମାମ୍ ମୁଜାମିଲ ସହ ଯୋଗାଯୋଗରେ ଥିବା ଜଣାପଡ଼ିଛି । ତାଙ୍କୁ ମଧ୍ୟ ତଦନ୍ତକାରୀ ଦଳ ଗିରଫ କରିଛି । ଜବତ ସାମଗ୍ରୀ ମଧ୍ୟରେ ୩ ମାଗାଜିନ୍, ୮୩ ଜୀବନ୍ତ ଗୁଳି, ଗୋଟିଏ ପିସ୍ତଲ ଓ ୮ ଗୁଳି, ଦୁଇଟି ଖାଲି କ୍ୟାଟ୍ରେଜ୍, ୮ ବଡ଼ ସୁଟକେସ ଓ ୪ ଛୋଟ ସୁଟକେସରେ ରହିଛି । ଏଥିରେ ବିସ୍ଫୋରକ କେମିକାଲ ଥାଇଥିବା ନେଇ ସନ୍ଦେହ କରାଯାଉଛି । ପୋଲିସ ମଧ୍ୟ ୨୦ ଟାଇମର୍ସ ବ୍ୟାଟେରୀ, ୨୪ ରିମୋଟକଣ୍ଟ୍ରୋଲ, ୫ କେଜି ଧାତବ ସାମଗ୍ରୀ ଆଦି ଜବତ କରାଯାଇଛି । ଏହି କେମିକାଲକୁ ୧୫ ଦିନ ପୂର୍ବରୁ ଅଣାଯାଇଥିଲା । ପୋଲିସ ପୂର୍ବରୁ ମଧ୍ୟ ଏକେ-୪୭ ରାଇଫଲ ଓ ଗୁଳିଗୁଳା କାଶ୍ମୀର ଉପତ୍ୟକାରେ ଡକ୍ଟର ରାଥୋରଙ୍କ ଲକରରୁ ପାଇଥିଲା । ପୋଲିସ ଅଧିକାରୀଙ୍କ କହିବା ଅନୁଯାୟୀ ଗତ କିଛି ଦିନ ହେବ ପୋଲିସ୍ ପକ୍ଷରୁ ହ୍ୱାଇଟ୍-କୋଲାର ଆତଙ୍କୀ ଇକୋ ସିଷ୍ଟମକୁ ଟାର୍ଗେଟ କରାଯାଇଛି । ଏମାନେ ଆତଙ୍କୀ ସଂଗଠନ ଜେଇଏମ୍ ଓ ଏଜିୟୁଏସ୍ ସହ ସମ୍ପର୍କରେ ଅଛନ୍ତି । ଏହି ହ୍ୱାଇଟ୍-କୋଲାର ଟେରର ସିଷ୍ଟମ ଉପରେ ତଦନ୍ତ ଚାଲିଛି । ନିକଟରେ ଅନେକ ବିସ୍ଫୋରକ ସାମଗ୍ରୀ ଜବତ ହୋଇଥିବା ସୂଚନା ଦେଇଛନ୍ତି ।

### ନୂଆପଡ଼ାରେ...

ସେଠାରେ ଥିବେ ୪୮ ଘଣ୍ଟା ପୂର୍ବରୁ ସେହି ଅଞ୍ଚଳ ଛାଡ଼ିବେ । ମାତ୍ର ଗୁରୁତ୍ୱପୂର୍ଣ୍ଣ ସୂଚନା ଅନୁଯାୟୀ ବିଜେପିର କର୍ମୀ ଓ ନେତାମାନେ ଏବେ ସେଠାରେ ଅଛନ୍ତି ଓ ମୁକ୍ତ ଭାବେ ବୁଲି ପ୍ରଚାର କରୁଛନ୍ତି । ଅପରପକ୍ଷରେ ସ୍ଥାନୀୟ ବିଜୁ ଜନତା ଦଳ ନେତାଙ୍କୁ ପୋଲିସ ଅଟକ ରଖୁଛି । ଏହା ସ୍ପଷ୍ଟ ଭାବେ ଜଣାପଡ଼ୁଛି ଯେ ଜିଲ୍ଲା ପ୍ରଶାସନ ଓ ସ୍ଥାନୀୟ ପୋଲିସ ପକ୍ଷପାତିତା ଆଚରଣ କରୁଛି ଏବଂ କ୍ଷମତାସୀନ ଦଳର ସ୍ୱାର୍ଥ ଲାଗି କାର୍ଯ୍ୟ କରୁଛି । ଏଭଳି ସ୍ଥିତି ଗଣତନ୍ତ୍ରରେ ବିଶ୍ୱାସ ରଖୁଥିବା କୋଟି କୋଟି ଲୋକଙ୍କୁ ହତୋତ୍ସାହ କରିଛି ଯାହା ଅତ୍ୟନ୍ତ ଚିନ୍ତାଜନକ । ଯଦି ଏଭଳି ଅବୈଧ କାର୍ଯ୍ୟ ଜାରି ରହେ ତେବେ ନୂଆପଡ଼ା ଉପନିର୍ବାଚନର ବିଶ୍ୱସନୀୟତା ଉପରେ ପ୍ରଶ୍ନ ଉଠିବ । ନିର୍ବାଚନ କମିଶନ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ନବୀନ ଉଲ୍ଲେଖ କରିଛନ୍ତି । ସେ କହିଛନ୍ତି ଯେ ନୀରବ ଅବଧି ସମୟକୁ କଡ଼ାକଡ଼ି ପାଳନ କରାଯାଉ । ନିର୍ବାଚନ କମିଶନ ଜିଲ୍ଲା ବାହାରର ରାଜନେତାଙ୍କୁ ତୁରନ୍ତ ବାହାର କରନ୍ତୁ । ଜିଲ୍ଲା ପ୍ରଶାସନ ଓ ପୋଲିସ ମିଳିତ ଭାବେ ପଦକ୍ଷେପ ନେଇ ନିର୍ବାଚନ ପ୍ରକ୍ରିୟାର ପବିତ୍ରତାକୁ ପାଳନ କରିବାକୁ ସେ ଦାବି କରିଛନ୍ତି । ଯୁଗ ଯୁଗ ଧରି ପୂର୍ବ ପୁରୁଷଙ୍କ ତ୍ୟାଗ ଓ ବଳିଦାନର ଫଳ ସ୍ୱରୂପ ଆମକୁ ଗଣତନ୍ତ୍ର ମିଳିଛି । ପ୍ରତ୍ୟେକ ସାମ୍ବିଧାନିକ ସଂସ୍ଥା ବିଶେଷକରି ନିର୍ବାଚନ କମିଶନ ମୁକ୍ତ ଓ ଅବାଧ ନିରପେକ୍ଷ ନିର୍ବାଚନ ପରିଚାଳନା ପାଇଁ ପ୍ରତିଶ୍ରୁତି ଦେବା ଆବଶ୍ୟକ ।

### ଶୀତରେ...

କରାଯାଇଥିଲା। ଏହା ଚଳିତବର୍ଷର ସର୍ବନିମ୍ନ ତାପମାତ୍ରା ରେକର୍ଡ ହେବା ସହ ଦାରିଙ୍ଗବାଡ଼ିରେ ରାତିର ତାପମାତ୍ରା ୧୦ ଡିଗ୍ରୀକୁ ଖସିଆସିଛି ସେହିପରି ଫୁଲବାଣୀରେ ସର୍ବନିମ୍ନ ତାପମାତ୍ରା ୧୧ ଡିଗ୍ରୀ ସେଲସିୟସ୍ ଥିବାବେଳେ ଝାରସୁଗୁଡ଼ାରେ ୧୧.୬ ଡିଗ୍ରୀ, କିରେଇରେ ୧୨.୨ ଡିଗ୍ରୀ, ସେମିଳିଗୁଡ଼ା ୧୨.୫ ଡିଗ୍ରୀ, ରାଉରକେଲାରେ ୧୨.୫ ଡିଗ୍ରୀ, ଅନୁଗୁଳରେ ୧୨.୬ ଡିଗ୍ରୀ, ଢେଙ୍କାନାଳରେ ୧୩.୫ ଡିଗ୍ରୀ, କେନ୍ଦୁଝରରେ ୧୩.୮ ଡିଗ୍ରୀ, ଭବାନୀପାଟଣାରେ ୧୪ ଡିଗ୍ରୀ, ସୁନ୍ଦରଗଡ଼ରେ ୧୪ ଡିଗ୍ରୀ, କୋରାପୁଟରେ ୧୪.୨ ଡିଗ୍ରୀ, ବଲାଙ୍ଗୀରରେ ୧୪.୫ ଡିଗ୍ରୀ, ଭୁବନେଶ୍ୱରରେ ୧୪.୮ ଡିଗ୍ରୀ ଓ ସୋନପୁରରେ ୧୪.୯ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି।

ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି ଯେ, ଆସନ୍ତାକାଲି (ମଙ୍ଗଳବାର) ଓ ବୁଧବାର ଦୁଇ ଦିନ ଧରି ଶୀତଲହରୀ ଜାରି ରହିବ କଟକ, ଅନୁଗୁଳ, ଝାରସୁଗୁଡ଼ା, କନ୍ଧମାଳ, ସୁନ୍ଦରଗଡ଼ ଓ ଖୋର୍ଦ୍ଧା ଜିଲ୍ଲାରେ ଶୀତ ଲହରୀ ପ୍ରବାହିତ ହେବ ଆଗାମୀ ୨ରୁ ୩ ଦିନ ପର୍ଯ୍ୟନ୍ତ ୨ ରୁ ୩ ଡିଗ୍ରୀ ଯାଏ ରାତିର ତାପମାତ୍ରା ହ୍ରାସ ପାଇବା ଆହୁରି ଶୀତ ବଢ଼ିବ ବୋଲି ପାଣିପାଗ ପକ୍ଷରୁ କୁହାଯାଇଛି ।

### ସୁରକ୍ଷା...

କରିବେ ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼୍ଭୋକ୍ତି ପ୍ରକାଶ କରିଛନ୍ତି ।

ଏହି ଘଟଣା ପରେ ମୁଖ୍ୟମନ୍ତ୍ରୀ ପୋଲିସ ମହାନିର୍ଦ୍ଦେଶକଙ୍କ ସହିତ ଟେଲିଫୋନ ଯୋଗେ ଆଲୋଚନା କରି ଓଡ଼ିଶାରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ବିଶେଷକରି, ଓଡ଼ିଶାରେ ବାଲିଯାତ୍ରା ପରି ଉତ୍ସବ ଅନୁଷ୍ଠିତ ହେଉଥିବାବେଳେ, ପୋଲିସ ପକ୍ଷରୁ ସମ୍ପୂର୍ଣ୍ଣ ଭାବେ ସଜାଗ ରହିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ଏହା ସହିତ ରାଜ୍ୟର ପ୍ରମୁଖ ସହର ଏବଂ ବିଭିନ୍ନ ସମ୍ବେଦନଶୀଳ ସ୍ଥାନ ମାନଙ୍କରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ।

### ଆଜି...

୨ ଲକ୍ଷ ୫୩ ହଜାର ୬୨୪ ଜଣ ଭୋଟର । ମାଓ ଅଧ୍ୟୁଷିତ ଅଞ୍ଚଳରେ ଅପରାହ୍ନ ୪ଟାରେ ସରିବ ଭୋଟ୍ ।

ନୂଆପଡ଼ାରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି । କିଏ ହେବ ନୂଆପଡ଼ାର ନୂଆ ଭାଗ୍ୟ ବିଧାତା? ମଙ୍ଗଳବାର ସକାଳ ୭ରୁ ମନ ପସନ୍ଦର ନେତା ବାଛିବେ ମତଦାତା । ସୁନାବେଡ଼ା ଅଭୟାରଣ୍ୟ ଭିତରେ ଥିବା ୮ଟି ମାଓ ପ୍ରବଣ ବୁଥ୍‌କୁ ଆକାଶମାର୍ଗରେ ପୋଲିଂ କର୍ମଚାରୀଙ୍କୁ ପହଞ୍ଚା ଯାଇଛି । ଗୋଡାମାଲ୍ଲିତ ବିଏସଏଫ୍ ଏୟାରପୋର୍ଟରୁ ବାୟୁସେନା ହେଲିକପ୍ଟରରେ ବୁଥ ପାଖରେ ପହଞ୍ଚିବା ପରେ ପୋଲିଂ ପାର୍ଟିକୁ କଡ଼ା ସୁରକ୍ଷାରେ ଭୋଟ ଦାନ କେନ୍ଦ୍ରରେ ପହଞ୍ଚାଇଥିଲେ ସଶସ୍ତ୍ର ଏସଓଜି ଯବାନ ।

ନୂଆପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀରେ ରହିଛି ମୋଟ୍ ୩୫୮ଟି ବୁଥ୍ । ଯାହା ଭିତରୁ ୪୭ଟି ସମ୍ବେଦନଶୀଳ ଓ ୮ଟି ଅତି ସମ୍ବେଦନଶୀଳ । ଇଭିଏମ୍, ଭିଭିପାଟ୍ ଓ ଅନୁସଙ୍ଗିକ ସାଜ ସରଞ୍ଜାମ ଧରି ସବୁଠି ପହଞ୍ଚି ସାରିଛନ୍ତି ପୋଲିଂ ଅଧିକାରୀ । ପ୍ରତି ପୋଲିଂ ପାର୍ଟିରେ ଅଛନ୍ତି ୫ ଜଣିଆ ଟିମ୍ । ତିନି ପ୍ରମୁଖ ଦଳ ବିଜେପି-ବିଜେଡି ଓ କଂଗ୍ରେସର ପ୍ରାର୍ଥୀଙ୍କୁ ମିଶାଇ ମଇଦାନରେ ୧୪ଜଣ ଥିବାବେଳେ ସେମାନଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ ୨ ଲକ୍ଷ ୫୩ ହଜାର ୬୨୪ ଜଣ ଭୋଟର । ଯେଉଁଥିରେ ପୁରୁଷ ୧ ଲକ୍ଷ ୨୪ ହଜାର ୧୦୮ ଜଣ, ମହିଳା ୧ ଲକ୍ଷ ୨୯ ହଜାର ୪୯୫, ବରିଷ୍ଠ ନାଗରିକ ୧୦୭୮୬ ଜଣ, ଯୁବ ଭୋଟର ୯୪୨୯ ଏବଂ ଭିନ୍ନକ୍ଷମ ମତଦାତା ୩୧୮୮ ରହିଛନ୍ତି ।

ନିର୍ବାଚନକୁ ମୁକ୍ତ ଓ ଅବାଧ କରିବାକୁ ସବୁ ବୁଥରେ ୱେବକାଷ୍ଟିଂ ବ୍ୟବସ୍ଥା କରାଯାଇଛି । ସୁରକ୍ଷା ଦାୟିତ୍ୱରେ ୧୪ କମ୍ପାନୀ କେନ୍ଦ୍ରୀୟ ଫୋର୍ସ ସହ ସମ୍ବେଦନଶୀଳ ବୁଥରେ ସଶସ୍ତ୍ର ସୁରକ୍ଷାବଳ ନିୟୋଜିତ ରହିବେ । ମତଦାତାଙ୍କ ପ୍ରତିଟି ଭୋଟ୍ ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି କହିଛନ୍ତି ନୂଆପଡ଼ା ଜିଲ୍ଲାପାଳ ମଧୁସୁଦନ ଦାଶ ।

ଗୋଟିଏ ପଟେ ନୂଆପଡ଼ା ଉପନିର୍ବାଚନକୁ ଅବାଧ ଓ ଶାନ୍ତିପୂର୍ଣ୍ଣ କରିବାକୁ ନିର୍ବାଚନ କମିଶନଙ୍କ ପକ୍ଷରୁ ଜୋରଦାର ପ୍ରସ୍ତୁତି ଚାଲିଥିବାବେଳେ ଗଞ୍ଜାମରୁ ଟ୍ରକ୍ ଭର୍ତ୍ତୀ ଇଭିଏମ୍ ନୂଆପଡ଼ା ଆଣି ଲୁଚାଯାଇଥିବା ନେଇ ବିଜେଡି କରିଥିବା ଅଭିଯୋଗର ସ୍ପଷ୍ଟୀକରଣ ରଖିଛନ୍ତି ମୁଖ୍ୟ ନିର୍ବାଚନ ଅଧିକାରୀ ଆରଏସ୍ ଗୋପାଳନ । ଏହାକୁ ଖଣ୍ଡନ କରି ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି, ଗତକାଲି ଏକ ଗଣମାଧ୍ୟମରେ ଖବର ପ୍ରସାରଣ ହୋଇଥିଲା କି ଗଞ୍ଜାମ ଜିଲ୍ଲାରୁ ଏକ ଟ୍ରକ ଭର୍ତ୍ତି ଇଭିଏମ ଆସିଛି । ଆଉ ତାକୁ ଲୁଚାଇ ନୂଆପଡ଼ା ଜିଲ୍ଲାପାଳ ରଖିଛନ୍ତି ଭୋଟ ସରିବା ପରେ କାଢିବେ । କିନ୍ତୁ ଏଥିରେ କୌଣସି ସତ୍ୟତା ନାହିଁ, ତାହା କେବେ ବି ସମ୍ଭବ ନୁହେଁ । କାହିଁକି ନା ୩୦ଜିଲ୍ଲାରେ ଆମର ଇଭିଏମ ପାଇଁ ୱାର ରୁମ୍ ରହିଛି । ପୋଲିସ ସୁରକ୍ଷାରେ ରହିଛି । ଗଞ୍ଜାମ ଜିଲ୍ଲାରେ ଦୁଇଟି ରହିଛି । ଆସନ୍ତାକାଲି(ମଙ୍ଗଳବାର) ନୂଆପଡ଼ା ଉପନିର୍ବାଚନ ହେବାକୁ ଯାଉଛି । ନୂଆପଡ଼ା ମଙ୍ଗଳବାର ମତଦାନ ପରେ ୧୪ ତାରିଖରେ ପ୍ରକାଶ ପାଇବ ଫଳ ।

### ବିଧାନସଭାକୁ...

ବର୍ଷର ପ୍ରଥମ ଅତିରିକ୍ତ ବଜେଟ ଉପସ୍ଥାପିତ ହେବ । ନଭେମ୍ବର ୨୭ରୁ ଡିସେମ୍ବର ୩୧ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଅଧିବେଶନରେ ରହିଛି ୨୯ଟି କାର୍ଯ୍ୟଦିବସ । ଡିସେମ୍ବର୪ରୁ ୬ ତାରିଖ ପର୍ଯ୍ୟନ୍ତ ୩ ଦିନ ଧରି ଅତିରିକ୍ତ ବଜେଟ ଉପରେ ଆଲୋଚନା ପରେ ୮ ତାରିଖରେ ବ୍ୟୟମଞ୍ଜୁରୀ ବିଲ ଗୃହିତ ହେବ । ସେଥିମଧ୍ୟରେ ୨୪ଟି ସରକାରୀ କାର୍ଯ୍ୟ ଦିବସ ଥିବା ବେଳେ ୫ଟି ବେସରକାରୀ ଦିବସ ରହିଛି ।

# ଦୈନିକ କାର୍ଯ୍ୟ ସମୟ ୧୦ ଘଣ୍ଟା ବୃଦ୍ଧିକୁ ବିରୋଧ: ୨୧ରେ ବିକ୍ଷୋଭ

ବାଲେଶ୍ୱର, (ସବ୍ୟୁ): ଶ୍ରମିକମାନଙ୍କ ଦୈନିକ କାର୍ଯ୍ୟଦିବସକୁ ଆଠଘଣ୍ଟାରୁ ୧୦ ଘଣ୍ଟାକୁ ବୃଦ୍ଧି ଓ ରାତ୍ର ସମୟରେ ବ୍ୟବସାୟ ପ୍ରତିଷ୍ଠାନରେ ମହିଳା ଶ୍ରମିକ କାର୍ଯ୍ୟକରିବା ପାଇଁ ରାଜ୍ୟ ସରକାରଙ୍କ ଅଧ୍ୟାଦେଶକୁ ବାଲେଶ୍ୱରର ସମସ୍ତ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ସ୍ୱାଧୀନ ସଂଘମାନଙ୍କର ସମନ୍ୱୟ କମିଟି ଟିୟୁଏସିସି ଦୃଢ଼ବିରୋଧ କରିଛି । ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସଂପାଦକ ଗୌରାଙ୍ଗ ପାଣିଗ୍ରାହୀ ବିଭିନ୍ନ କେନ୍ଦ୍ରୀୟ ଶ୍ରମିକ ଓ ସ୍ୱାଧୀନ ସଂଗଠନର କର୍ମକର୍ତ୍ତା ଭାଗବତ ପ୍ରତିହାରୀ, ରାଜକିଶୋର ଲେଙ୍କା, ନିର୍ମଳ ନାୟକ, ଜଗଦୀଶ ବାରିକ, ଶ୍ୟାମସୁନ୍ଦର ଜେନା ଓ ସତ୍ୟନାରାୟଣ ମିଶ୍ର ପ୍ରମୁଖ ସେମାନଙ୍କ ବକ୍ତବ୍ୟରେ ଆଠଘଣ୍ଟା ଶ୍ରମଦିବସପାଇଁ ସଂଗ୍ରାମର ଇତିହାସ ଓ ଶ୍ରମିକରକ୍ତର ଲାଲ୍‌ଝଣ୍ଡାର ଜନ୍ମ ଇତିହାସ ସଂପର୍କରେ ଅବତାରଣା କରିଥିଲେ । ମହିଳାମାନେ କାର୍ଯ୍ୟକ୍ଷେତ୍ରରେ ଯୌନନିଯାତନାର ଘଟଣା ବୃଦ୍ଧି ପାଉଥିବାବେଳେ ରାତ୍ରକାଳରେ ସେମାନଙ୍କୁ ଚାକିରିସ୍ଥଳରେ କାଯ୍ୟକରିବାକୁ ଅଧ୍ୟାଦେଶ ଜାରି କରିବା ଘଟଣା ସରକାରଙ୍କର ଅପରିଣାମଦର୍ଶୀ ନିଷ୍ପତ୍ତି ବୋଲି ସେମାନେ ମତ ଦେଇଥିଲେ । ସେହିପରି ବିର୍ଲା ଟାୟାର୍ସର ଶ୍ରମିକମାନେ ନ୍ୟାୟପାଇଁ ଦାବି ଓ ଆନ୍ଦୋଳନ ଚଳାଇଥିବାବେଳେ ଆଇନକୁ ମାନୁ ନଥିବା ବିର୍ଲାଟାୟାର୍ସର କର୍ତ୍ତୃପକ୍ଷଙ୍କ ବିରୋଧରେ ଜିଲ୍ଲା ପ୍ରଶାସନ ଓ ସରକାର କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି । କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ସ୍ୱାଧୀନ ଫେଡେରେସନ୍‌ମାନଙ୍କ ମିଳିତ ମଞ୍ଚ ପକ୍ଷରୁ ଏ ସମସ୍ତ ଶ୍ରମିକ ବିରୋଧି ନୀତି ବିରୋଧରେ ଚଳିତ ମାସ ୨୧ ତାରିଖ ଶୁକ୍ରବାର ଦିନ ବାଲେଶ୍ୱର ରେଳଷ୍ଟେସନକୁ ଶୋଭାଯାତ୍ରା ବାହାରି ଜିଲ୍ଲାପାଳଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ ପାଇଁ ବୈଠକରେ ସର୍ବସମ୍ମତି ନିଷ୍ପତ୍ତି ନିଆଯାଇଛି । ଆସନ୍ତା ଡିସେମ୍ବର ୩, ୪ ଓ ୫ ତାରିଖରେ ତିନିଦିନବ୍ୟାପୀ ଭୁବନେଶ୍ୱରରେ ଶ୍ରମଜୀବୀମାନଙ୍କ ବିକ୍ଷୋଭ ସମାବେଶରେ ବାଲେଶ୍ୱରର ସାଥୀମାନେ ଯୋଗଦେବାକୁ ଆହ୍ୱାନ ଦିଆଯାଇଛି । ସର୍ବେଶ୍ୱର ମିଶ୍ର ଉପସ୍ଥିତମାନଙ୍କୁ ଧନ୍ୟବାଦ ଦେଇଥିଲେ । ବିଭିନ୍ନ ସଂଘ ପକ୍ଷରୁ ହରେକୃଷ୍ଣ ଚାନ୍ଦ, ଭରତ ଚନ୍ଦ୍ର ସେଠୀ, ଚନ୍ଦନା ଆଚାର୍ଯ୍ୟ, ଯତୀନ୍ ପାତ୍ର, ତପନ ଭୂୟାଁ, ସରୋଜିନୀ ବିଶ୍ୱାଳ ଓ ପୂର୍ଣ୍ଣଚନ୍ଦ୍ର ପାତ୍ର ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ ।

## ବରିଷ୍ଠ ନାଗରିକ ପରିଷଦର ନିଶୁଳ୍କ ସ୍ୱାସ୍ଥ୍ୟ ସେବା ଶିବିର

ଧାମନଗର,(ସବ୍ୟୁ): ଧାମନଗର ବରିଷ୍ଠ ନାଗରିକ ପରିଷଦ ପକ୍ଷରୁ ବ୍ଲକସ୍ତରୀୟ ନିଶୁଳ୍କ ସ୍ୱାସ୍ଥ୍ୟ ସେବା ଶିବିର ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି । ଧାମନଗର ବ୍ଲକ ଅନ୍ତର୍ଗତ କଲ୍ୟାଣୀ ପଞ୍ଚାୟତ ବନସର ସ୍ଥିତ ଲକ୍ଷ୍ମୀ ନାରାୟଣ ବାଳିକା ଉଚ୍ଚ ବିଦ୍ୟାଳୟ ଓ ଉନ୍ନୀତ ଉପ୍ରା ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଏହି ସ୍ୱାସ୍ଥ୍ୟ ଶିବିରକୁ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସୁଧିର ରଞ୍ଜନ ନାୟକ ଉଦଘାଟନ କରିଥିଲେ । ଏହି ଉପଲକ୍ଷେ ଆୟୋଜିତ ସଭାରେ ସମାଜସେବୀ ନରେନ୍ଦ୍ର କୁମାର ମଲ୍ଲିକ ସଭାପତିତ୍ୱ କରିଥିବା ବେଳେ ପେଟରୋଗ ବିଶେଷଜ୍ଞ ଡାକ୍ତର ଅଜିତ ପ୍ରସାଦ ଜେନା ମୁଖ୍ୟଅତିଥି ଓ ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧ୍ୟକ୍ଷ ଡାକ୍ତର ମନ୍ମୟ କୁମାର ସାମନ୍ତସିଂହାର ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ । କାର୍ଯ୍ୟକ୍ରମରେ ବରିଷ୍ଠ ସ୍ୱାଧିନତା ସଂଗ୍ରାମୀ ବ୍ରଜକିଶୋର ରାଉତ, ଭେଷଜ ବିଶେଷଜ୍ଞ ଡାକ୍ତର ମାଝୀ, ଡାକ୍ତର ରମେଶ ଚନ୍ଦ୍ର ମହାପାତ୍ର, ଅସ୍ଥିଶଲ୍ୟ ବିଭାଗ ଡାକ୍ତର ସେକ ସର୍ବର ଅଲ୍ଲି, କର୍ଣ୍ଣ ନାଶା ଗଳା ବିଭାଗ ଡାକ୍ତର ବୈଦ୍ୟନାଥ ଓଝା, ଚକ୍ଷୁ ବିଶେଷଜ୍ଞ ଡାକ୍ତର ଇଫଜୁଲ ରହେମାନ ଓ ଅସ୍ଥିଶଲ୍ୟ(ଅସ୍ତ୍ରୋପଚାର) ବିଭାଗ ଡାକ୍ତର ସରୋଜ ରାଉଳ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ । ପରିଷଦର ସଭ୍ୟ ଅଜୟ କୁମାର ସାମଲ ଅତିଥିମାନଙ୍କୁ ମଂଚ ଆବାହନ କରିଥିବାବେଳେ ପରିଷଦର ସଭାପତି ଅନିଲ କୁମାର ବାରିକ ସ୍ୱାଗତ ସମ୍ଭାଷଣ ଓ ସମ୍ପାଦକ ଶଚିକାନ୍ତ ପଣ୍ଡା ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଶେଷରେ ପରିଷଦର ମଣ୍ଡଳ ସମ୍ପାଦକ ରାମଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ସ୍ୱାସ୍ଥ୍ୟ ସେବା ଶିବିରରେ ୬୩୦ରୁ ଉର୍ଦ୍ଧ୍ୱ ରୋଗୀଙ୍କୁ ନିଶୁଳ୍କ ଚିକିତ୍ସା ସହ ଔଷଧ ବିତରଣ କରାଯାଇଥିଲା ।

## ବରିଷ୍ଠ ନାଗରିକ , ଛାତ୍ରମାନଙ୍କ ମଧ୍ୟରେ ଆର୍ଥିକ ସାକ୍ଷରତା ଶିବିର

ଭଦ୍ରକ, (ସବ୍ୟୁ):: ଭଦ୍ରକ ଜିଲ୍ଲା ପ୍ରଶାସନ ତରଫରୁ ସଂଚୟ ପକ୍ଷ ପାଳନ ଅବସରରେ ବରିଷ୍ଠ ନାଗରିକ,ପେନୋନ୍ସରେ ଓ ଛାତ୍ର ଛାତ୍ରୀମାନଙ୍କ ମଧ୍ୟରେ ଆର୍ଥିକ ସାକ୍ଷରତା ଓ ସାଇବରକ୍ରାଇମ ସମ୍ପର୍କରେ ସଚେତନତା ଶିବିର,ଭଦ୍ରକ ଜିଲ୍ଲା ବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଅଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଆର୍ଥିକ ସେବା ସଂଚୟ କାର୍ଯ୍ୟାଳୟ ଅଧିକାରୀ,ଡାକ ବିଭାଗ ଅଧିକାରୀ,ସାଇବର ସେଲ ଅଧିକାରୀ,ପଦ୍ମନ ରାୟ ପୂର୍ବତନ ଜିଲ୍ଲା ଆର୍ଥିକ ସେବା ଓ ସଂଚୟ ଅଧିକାରୀ,ବରିଷ୍ଠ ନାଗରିକ ସଂଘ ଭଦ୍ରକର ପ୍ରେସିଡେଣ୍ଟ ଓ ସେକ୍ରେଟାରୀ ଅତିଥି ଭାବେ ଯୋଗଦେଇଥିଲେ । ବରିଷ୍ଠ ନାଗରିକ,ଜିଲ୍ଲା ସ୍କୁଲର ଛାତ୍ରଛାତ୍ରୀମାନଙ୍କୁ ନେଇ ଆର୍ଥିକ ସାକ୍ଷରତା ଓ ଆର୍ଥିକ ଅନ୍ତର୍ଭୁକ୍ତ କାରଣ ଶିବିର ଆୟୋଜିତ ହୋଇଥିଲା । ଏହି ସଭାରେ ଜିଲ୍ଲା ଆର୍ଥିକ ସେବା ଓ ସଂଚୟ ଅଧିକାରୀ ପିଲାମାନଙ୍କୁ ସଂଚୟର ମହ%ୋ ବୁଝାଇ ଥିଲେ । ପିଲାମାନଙ୍କୁ ସଂଚୟ ଅଭ୍ୟାସ ବୃଦ୍ଧି କରିବା ପାଇଁ ପ୍ରେରଣା ଦେଇଥିଲେ । ପୂର୍ବତନ ଜିଲ୍ଲା ଆର୍ଥିକ ସେବା ଓ ସଂଚୟ ଅଧିକାରୀ ପଦ୍ମନ୍ କୁମାର ରାୟ ପିଲାମାନଙ୍କୁ ସଂଚୟ କରିବା ପ୍ରେରଣା ଦେଇଥିଲେ । ସାଇବର ସେଲ ଅଧିକାରୀ ବରିଷ୍ଠ ନାଗରିକ ଓ ପିଲାମାନଙ୍କୁ ସାଇବର ଅପରାଧୀମାନଙ୍କ ଶୀକାର ନହେବାର ଉପାୟମନ ଜଣାଇ ଥିଲେ । ଡାକ ଅଧିକାରୀ ସଂଚୟ ଯୋଜନା ଗୁଡିକ ସମ୍ପର୍କରେ ସଚେତନ କରାଇଥିଲେ । ଜିଲ୍ଲା ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ସଂଚୟ ଯୋଜନା ଗୁଡିକ ସମ୍ପର୍କରେ ଏକ ନାଟକ ପ୍ରଦର୍ଶନୀ କରିଥିଲେ । ସଭା ଶେଷରେ ପିଲାମାନଙ୍କ ମଧ୍ୟରେ ଏକ କୁଇଜ୍ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି ସଭାରେ ପ୍ରାୟ ୧୦୦ବରିଷ୍ଠ ନାଗରିକ, ଛାତ୍ରଛାତ୍ରୀ, ଡାକ ଅଭିକର୍ତ୍ତା ଯୋଗ ଦେଇଥିଲେ ।

# ସମାଜର ଉତ୍ଥାନ ପତନରେ ସାହିତ୍ୟର ଭୂମିକା ଗୁରୁତ୍ୱପୂର୍ଣ୍ଣ




ଭୁବନେଶ୍ୱର, (ସବ୍ୟୁ): ସାରସ୍ୱତ ସମାଜ, ଓଡିଶା, ଭୁବନେଶରର ନଭେମ୍ବର ମାସ-୨୫ ଆଲୋଚନାଚକ୍ର ଓ କବିତା ପାଠୋତ୍ସବ ଗତ ରବିବାର ସନ୍ଧ୍ୟାରେ ସ୍ଥାନୀୟୟୁନିଟ ୩,ଭୁବନେଶର ସ୍ଥିତ ଗୋଦାବରୀଶ ସାହିତ୍ୟ ସଂସଦ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ଅବସରପ୍ରାପ୍ତ ପ୍ରଶାସକ ତଥା ସୁସାହିତ୍ୟିକ ସନ୍ତୋଷ କୁମାର ଦାସ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ ତଥା ସାହିତ୍ୟିକ ଡକଟର ଉଷାରାଣୀ ଆଚାର୍ଯ୍ୟ ଯୋଗଦେଇ ତାଙ୍କ ବକ୍ତବ୍ୟରେ ଆବାଳବୃଦ୍ଧବନିତା ସାହିତ୍ୟ ମନସ୍କ । ସମାଜର ଉତଥାନ ପତନରେ ସାହିତ୍ୟର ଭୂମିକା ଗୁରୁତ୍ୱପୂର୍ଣ୍ଣ । ସନ୍ତାନର ଆଦ୍ୟ ଗୁରୁ ମାଆ,ସେ କାବ୍ୟ କବିତା ମାଧ୍ୟମରେ ସନ୍ତାନର କୋମଳ ହୃଦୟରେ ଉତ୍ତମ ସଂସ୍କାର ଜାଗ୍ରତ କରାଏ,ଯାହାକି ତା'ର ଭାବିଜୀବନର ଉନ୍ନତିରେସହାୟକ ହୋଇଥାଏ ବୋଲି ମତବ୍ୟକ୍ତ କରିଥିଲେ । ସମ୍ପାଦକ ପୂର୍ଣ୍ଣ ଚନ୍ଦ୍ର ପଟ୍ଟନାୟକ ତାଙ୍କ ବକ୍ତବ୍ୟରେ ଜଟିଳରୁ ଜଟିଳତର ବିଷୟମାନ କବିତା ମାଧ୍ୟମରେ ସହଜ ଓ ସରଳ ଭାବରେ ବର୍ଣ୍ଣନା କରାଯାଇପାରେ ଓ କବିତା ହୃଦୟରେ ଗଭୀର ପ୍ରଭାବ ପକାଇଥାଏ ବୋଲି ବୋଲି କହିଥିଲେ । ପରେ ବିଶିଷ୍ଟ କଣ୍ଠଶିଳ୍ପୀ ତଥା କବୟତ୍ରୀ ସୌଦାମିନୀ ସାମନ୍ତରାୟ ଓ କବୟତ୍ରୀ ଗୀତାଞ୍ଜଳି ମହାନ୍ତିଙ୍କ ସଂଯୋଜନାରେ କବିତା ପାଠ କରାଯାଇଥିଲା । ଏଥିରେ ସର୍ବଶ୍ରୀ ରଜନୀକାନ୍ତ ପଟ୍ଟନାୟକ, ଅଲେଖ ଚରଣ ରାଉତ, ପବିତ୍ର ମୋହନ ବାରିକ, ପୁଷ୍ପଲତା ମିଶ୍ର, ରଞ୍ଜିତା ତ୍ରିପାଠୀ, ଶରତ ସାହୁ, ରୀତା ମିଶତରୁଣ କୁମାର ମିଶ୍ର, ସୁରେଶ ମହାପାତ୍ର, ପ୍ରିୟ ରଞ୍ଜନ ସାହୁ, ଦେବରାଜ ବିଶୋଇ, ସୁଷମା ଦାଶ, ସଞ୍ଜୁଲତା ମହାନ୍ତି ପଟ୍ଟନାୟକ, ସ୍ନେହଲତା ପାଢ଼ୀ, ଧ୍ରୁବ ଚରଣ ସେଠୀ, ବିଷ୍ଣୁ ପ୍ରିୟା ଜେନା, ରେଣୁବାଳା ଶତପଥୀ, ଗୀତାଞ୍ଜଳି ଦଳେଇ, ଅନୁସୟା ବାରିକ, ପୀତାମ୍ବର ଭୋଇ, କଳ୍ପନା ମହାରଣା, ଜଗନ୍ନାଥ ନାୟକ, ଅନନ୍ତ ଚରଣ ସାହୁ, ପୂର୍ଣ୍ଣାନନ୍ଦ ମହାନ୍ତି, ବଂଶୀଧର ସେଠୀ ଓ ଚିତ୍ତରଞ୍ଜନ ନନ୍ଦଙ୍କ ସମେତ ୬୦ ରୁ ଉର୍ଦ୍ଧ୍ୱ କବି ଶ୍ରୁତିମଧୁର କବିତା ପାଠ କରିଥିଲେ। ଅନୁଷ୍ଠାନର ଉପ ସଭାପତି ନିଖିଳ କୁମାର ବଳବନ୍ତରାୟ ଆସର ପରିଚାଳନା ରେ ସହଯୋଗ କରିଥିଲେ। ସର୍ବଶେଷରେ ସ୍ମୃତି ସାନ୍ତ୍ୱନା ସମ୍ପାଦିକା ସବିତା ରାଣୀ ବେହେରା ଧନ୍ୟବାଦ ପ୍ରଦାନ କରିଥିଲେ ।

# ଆଜୀବନ ସଂଗ୍ରାମୀ ନିରାକାରସ୍ମୃତି ସଂସଦ ବୈଠକ

ଭଦ୍ରକ,(ସବ୍ୟୁ):ଓଡିଶା ଲାଲ ଆକାଶର ଅନ୍ୟତମ ଶ୍ରେଷ୍ଠ ତାରକା ତଥା ଭଦ୍ରକ ଓକିଲ ସଂଘର ପୂର୍ବତନ ସଭାପତି ବରିଷ୍ଠ ଅଧିବକ୍ତା ନିରାକାର ଜେନାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଗଠିତ ଆଜୀବନ ସଂଗ୍ରାମୀ ନିରାକାର ସ୍ମୃତି ସଂସଦର ଏକ ଗୁରୁତ୍ୱପୂର୍ଣ୍ଣ ସାଧାରଣ ବୈଠକ ପୌରପାଳିକା ପାଠାଗାର ପରିସରରେ ସ୍ମୃତି ସଂସଦ ଉପସଭାପତି ବରିଷ୍ଠ ଅଧିବକ୍ତା ଦିବ୍ୟସିଂହ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଆସନ୍ତା ଡିସେମ୍ବର,୫ରେ ଅନୁଷ୍ଠିତ ହେବାକୁ ଥିବା ସଂଗ୍ରାମୀ ନିରାକାର ଜେନାଙ୍କ ପ୍ରଥମ ସ୍ମୃତି ବାର୍ଷିକ ପାଳନ ଓ ତାଙ୍କ ପ୍ରତିମୂର୍ତ୍ତି ସ୍ଥାପନ ସଂପର୍କରେ ଆଲୋଚନା ହୋଇଥିଲା । ତତ୍କାଳୀନ ଭଦ୍ରକ ବିଜ୍ଞାପିତ ଅଂଚଳ ପରିଷଦର ଅଧ୍ୟକ୍ଷ ଥିବା ସମୟରେ ସଂଗ୍ରାମୀ ନିରାକାରଙ୍କ ବିକାଶମୂଳକ କାଯ୍ୟ ସଂପର୍କରେ ଆଲୋଚନା ହୋଇଥିଲା । ଆଗାମୀ ଯୁବପିଢିଙ୍କୁ ନିରାକାର ଜେନା ଗ୍ରହଣ କରିଥିବା ସମାଜବାଦ ଓ ସାମ୍ୟବାଦ ଆଦର୍ଶରେ ଆଦର୍ଶିତ କରିବା ପାଇଁ ବିଭିନ୍ନ ଯୋଜନା ଗ୍ରହଣ କରାଯାଇଥିଲା । ଏହି ସାଧାରଣ ବୈଠକରେ ଆଜୀବନ ସଂଗ୍ରାମୀ ନିରାକାର ସ୍ମୃତି ସଂସଦର ସଭାପତି ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ,ସ୍ମୃତି ସଂସଦର ସଂପାଦକ ବରିଷ୍ଠ ଅଧିବକ୍ତା ଗିରିଧାରୀ ନାଥ,ଭଦ୍ରକ ପୌରପାଳିକା ଅଧ୍ୟକ୍ଷା ଗୁଲମକ୍କି ଦଲୱାଜି ହବିବ୍,ସମାଜସେବୀ ଅଜୟ ନାୟକ,ସ୍ମୃତି ସଂସଦ ଯୁଗ୍ମ ସଂପାଦକ ଯୁବ ଆଇନଜୀବୀ ବିକାଶ ନାଥ,ସ୍ମୃତି ସଂସଦ ଉପସଭାପତି ପ୍ରଫେସର ଅଟଳ ବିହାରୀ ନାୟକ,ଅଧିବକ୍ତା ଅଗଣି ଚରଣ ଜେନା,ଭଦ୍ରକ ଜିଲ୍ଲା ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଗୟାଧର ପଣ୍ଡା,ଭଦ୍ରକ ଓକିଲ ସଂଘ ସଭାପତି ବରିଷ୍ଠ ଅଧିବକ୍ତା ସନ୍ତୋଷ କୁମାର ଆଚାର୍ଯ୍ୟ,ଭଦ୍ରକ ଓକିଲ ସଂଘ ଉପସଭାପତି ଅଶୋକ କୁମାର ନାୟକ,ସ୍ମୃତି ସଂସଦର ଅନ୍ୟତମ ଯୁଗ୍ମ ସଂପାଦକ ବିଜୟ କୁମାର ରାଉତ,ଅଧ୍ୟାପକ ଶାନ୍ତନୁ ରାଉତ,ଭାବଗ୍ରାହୀ ପାଠାଗାର ସଂପାଦକ ଚିତ୍ର ଭାନୁ ଦାସ,ବରିଷ୍ଠ ଆଇନଜୀବୀ ସେକ୍ ଅବଦୁଲ ଇସ୍ତାର,ଭଦ୍ରକ ଓକିଲ ସଂଘ ପୂର୍ବତନ ସଭାପତି ବିଷ୍ଣୁ ମୋହନ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ ।

# ଭାରତରେ ଏଡବ୍ଲ୍ୟୁଏସ୍ ମାର୍କେଟ ପ୍ଲେସର ବିସ୍ତାର କରିଛି ଏଡବ୍ଲ୍ୟୁଏସ୍

ଭୁବନେଶ୍ୱର (ସବ୍ୟୁ) : ଆମାଜନ ୱେବ୍ ସର୍ଭିସେସ (ଏଡବ୍ଲ୍ୟୁଏସ) ପକ୍ଷରୁ ଭାରତରେ ଏଡବ୍ଲ୍ୟୁଏସ ମାର୍କେଟପ୍ଲେସର ସମ୍ପ୍ରସାରଣ ସମ୍ପର୍କରେ ଘୋଷଣା କରାଯାଇଛି । ଏହି ସମ୍ପ୍ରସାରଣ ସହିତ ଭାରତରେ ଅବସ୍ଥିତ ଏଡବ୍ଲ୍ୟୁଏସ ମାର୍କେଟପ୍ଲେସର ଗ୍ରାହକମାନେ ଏବେ ଟଙ୍କା (ଆଇଏନଆର)ରେ ଭାରତ-ଆଧାରିତ ସଫ୍ଟୱେୟାର ଓ ସର୍ଭିସ କମ୍ପାନୀଗୁଡିକରୁ ଉତ୍ପାଦ କ୍ରୟ କରିପାରିବେ । ଏହି ଶୁଭାରମ୍ଭ ସହିତ ଗ୍ରାହକମାନେ ସେମାନଙ୍କର ଏଡବ୍ଲ୍ୟୁଏସ ମାର୍କେଟପ୍ଲେସ କ୍ରୟଗୁଡିକ ପାଇଁ ସ୍ଥାନୀୟ ସ୍ଥାନୀୟ ପେମେଂଟ ବିକଳ୍ପଗୁଡିକରୁ ଉପକୃତ ହେବେ । ଇଣ୍ଡିପେଣ୍ଡେଣ୍ଟ ସଫ୍ଟୱେୟାର ଭେଣ୍ଡର୍ସ (ଆଇଏସଭି) ଓ କନ୍ସଲଟିଂ ପାର୍ଟନର୍ସ ସମେତ ଭାରତ-ଆଧାରିତ ସେଲରମାନେ ଏବେ ନିଜର ସଫ୍ଟୱେୟାର ଓ ସର୍ଭିସଗୁଡିକୁ ସରଳ ଟିକସ ଅନୁପାଳନ ସହିତ ଭାରତୀୟ ମୁଦ୍ରା (ଆଇଏନଆର)ରେ ତାଲିକାଭୁକ୍ତ ଓ ବିକ୍ରି କରିପାରିବେ । ଏଡବ୍ଲ୍ୟୁଏସ ମାର୍କେଟପ୍ଲେସରେ ସିକ୍ୟୁରିଟି, ଏଜେଣ୍ଟିକ ଏଆଇ ଓ ଟୁଲ୍ସ, ଡେଭ୍ଓପିଏସ, ଡାଟା ଆଣ୍ଡ ଆନାଲିଟିକ୍ସ ସମେତ ୭୦ରୁ ଅଧିକ ସଫ୍ଟୱେୟାର ବର୍ଗରେ ବିଶ୍ୱବ୍ୟାପୀ ୩୦,୦୦୦ରୁ ଅଧିକ ଟ୍ରାଞ୍ଜାକେଟବୁଲ ଲିଷ୍ଟିଙ୍ଗ ରହିଛି ଛ ଗ୍ରାହକମାନେ ଏବେ ସିସ୍କୋ, କ୍ରାଉଡଷ୍ଟ୍ରାଇକ, ଡିଲଏଟ, ଇମୁଦ୍ରା, ଫ୍ରେଶୱାର୍କସ, ଗଲ୍ଫଡଟ୍ ଏଆଇ, ଆଇବିଏମ, କୋର ଡଟ ଏଆଇ, ପାଲୋ ଅଲେଫା ନେଟ୍ଓ୍ୱର୍କସ, ରେଡିଙ୍ଗଟନ, ସେଲ୍ସଫୋର୍ସ, ସରଭମ୍, ସୋନାଟା ସଫ୍ଟୱେୟାର ଓ ଭିଡିଓସିଏକ୍ସ ଡଟ୍ ଆଇଓ ଭଳି ସେଲରଙ୍କଠାରୁ ଭାରତୀୟ ମୁଦ୍ରାରେ ସଫ୍ଟୱେୟାର କ୍ରୟ କରିପାରିବେ, ଯାହା ଗ୍ରାହକଙ୍କୁ ବିଦ୍ୟମାନ ସମ୍ପର୍କ, ବିଶେଷଜ୍ଞତା ଓ ସହଯୋଗରୁ ଲାଭାନ୍ୱିତ ହେବା ପାଇଁ ଅନୁମତି ଦେଉଛି ।

ଏସମ୍ପର୍କରେ ଏଡବ୍ଲ୍ୟୁଏସର ଗ୍ଲୋବାଲ ସ୍ପେଶାଲିଷ୍ଟ ଆଣ୍ଡ ପାର୍ଟନର୍ସ ବିଭାଗର ଭିପି ରୁବା ବର୍ନୋ କହିଛନ୍ତି, ଭାରତରେ ଏଡବ୍ଲ୍ୟୁଏସ ମାର୍କେଟପ୍ଲେସ ସ୍ଥାନୀୟ ମୁଦ୍ରା ଟ୍ରାଞ୍ଜାକ୍ସନ, ସରଳ ଟିକସ ଅନୁପାଳନ ଏବଂ ଶୃଙ୍ଖଳିତ କ୍ରୟ କାର୍ଯ୍ୟପ୍ରଣାଳୀକୁ ସକ୍ଷମ କରି ପାରମ୍ପରିକ କ୍ରୟ ସମସ୍ୟାକୁ ଦୂର କରିଥାଏ - ଯାହା ଭାରତୀୟ ଗ୍ରାହକଙ୍କୁ ଅତ୍ୟାଧୁନିକ ଟେକ୍ନୋଲୋଜିଗୁଡିକ ପାଇଁ ଦ୍ରୁତ ପହଂଚ ଏବଂ ଭାରତୀୟ ସେଲରମାନଙ୍କୁ ନିଜର ସମାଧାନଗୁଡିକୁ ବିସ୍ତାର କରିବା ଏବଂ ସ୍ଥାନୀୟ ଉଦ୍ଭାବନ ଓ ଉଦ୍ୟୋଗ ଚାହିଦା ମଧ୍ୟରେ ସଂଯୋଗ ସ୍ଥାପନ କରିବା ପାଇଁ ଏକ ପ୍ରମାଣିତ ମାର୍ଗ ପ୍ରଦାନ କରୁଛି ।

**AFFIDAVIT**

By virtue of an affidavit sworn before Executive Magistrate, Nayagarh, Odisha on dated. 07.11.2025. I, Jhunubala Behere, W/o- Phakira Behera Resident of Village-Udayapur, P.O- Padmadeipur, P.S.-Sadar Nayagarh, Dist-Nayagarh, PIN-752070 declare that I have changed my minor Son's name from Sanjay Behera to Sanjaya Behera. Henceforth, He shall be known as Sanjaya Behera for all purposes.

**Sd/- Jhunubala Behera**

**AFFIDAVIT**

By virtue of an affidavit sworn before Executive Magistrate, Nayagarh, Odisha on dated. 07.11.2025. I, Jagabandhu Behera, S/o- Late Chhatia Behera Resident of Village-Lausena, P.O- Mandhatapur, P.S-Nayagarh, Dist- Nayagarh, PIN-752079 declare that I have changed my minor Daughter's name from Manoswini Behera to Manaswini Behera. Henceforth, She shall be known as Manaswini Behera for all purposes.

**Sd/- Jagabandhu Behera**

**ଦ.ପୂ. ରେଳପଥ-ଟେଣ୍ଡର**

**ଟେଣ୍ଡର ନଂ. ବିଆର-ଏଚକ୍ୟୁ-ସିକେପି-୨୫-୨୬-୧୦, ତାରିଖ ୦୭.୧୧.୨୦୨୫** । ନିମ୍ନୋକ୍ତ କାର୍ଯ୍ୟ ନିମନ୍ତେ ଭାରତର ରାଷ୍ଟ୍ରପତିଙ୍କ ତରଫରୁ ଓ ପାଇଁ ଜେନେରାଲ ମ୍ୟାନେଜର (ଇଞ୍ଜିନିୟରିଂ) ଦ.ପୂ. ରେଳପଥ, ଗାର୍ଡେନରିଚ୍, କୋଲକାତା-୭୦୦୦୪୩ଙ୍କ ଦ୍ୱାରା ଇ-ଟେଣ୍ଡର ଆହ୍ୱାନ କରାଯାଉଛି । **କାର୍ଯ୍ୟର ବିବରଣୀ :** "ଚକ୍ରଧରପୁର ଡିଭିଜନର ଆସିଷ୍ଟାଣ୍ଟ ଡିଭିଜନାଲ ଇଞ୍ଜିନିୟର-ବିଆର-ଲାଇନ୍/ଚକ୍ରଧରପୁର ଅନ୍ତର୍ଗତ ସିନିୟର ସେକ୍ସନ ଇଞ୍ଜିନିୟର/ବିଆର/ସିନିର କ୍ଷମତା ଅଧୀନରେ ୩୦.୦୯.୨୦୨୭ ପର୍ଯ୍ୟନ୍ତ ସମୟ (ଦୁଇବର୍ଷ ଯଥା: ୦୧.୧୦.୨୦୨୫ ରୁ ୩୦.୦୯.୨୦୨୭ ଅବଧି ପାଇଁ) ନୂଆ ସଂଯୋଗ ଓ ପରିବର୍ତ୍ତନ ସମେତ ବ୍ରିଜ୍‌ଗୁଡିକର ରକ୍ଷଣାବେକ୍ଷଣ ଏବଂ ମରାମତି କାର୍ଯ୍ୟ ପାଇଁ ବ୍ରିଜ ଜୋନାଲ କାର୍ଯ୍ୟ" । **ଟେଣ୍ଡର ମୂଲ୍ୟ : ଟ. ୨,୩୩,୪୭,୦୩୧.୬୦** । **ଅମାନତ ଅର୍ଥ : ଟ. ୨,୬୬,୭୦୦/-** । **ଟେଣ୍ଡର ଡକୁମେଣ୍ଟ ମୂଲ୍ୟ :** ଶୂନ୍ୟ । ଟେଣ୍ଡର ବନ୍ଦ ତାରିଖ ଓ ସମୟ : ୦୧.୧୨.୨୦୨୫ ପୂର୍ବାହ୍ନ ୧୧.୩୦ ଘଟିକା । **ସମାପ୍ତି ସମୟ : ୨୪** (ଚବିଶ) ମାସ । ଟେଣ୍ଡରର ସମ୍ପୂର୍ଣ୍ଣ ତଥ୍ୟ ଓ ବିବରଣୀ ପାଇଁ ଇଚ୍ଛୁକ ଟେଣ୍ଡରଦାତାମାନେ ୱେବସାଇଟ୍ **www.ireps.gov.in** ଦେଖିପାରିବେ ଏବଂ ସେମାନଙ୍କର ବିଡ୍ ଅନ୍‌ଲାଇନ ଦାଖଲ କରିବାକୁ ଏହି ଟେଣ୍ଡରର ସ୍ଥିତି ସମ୍ପର୍କରେ ସୂଚନା ପ୍ରାପ୍ତ ହେବେ । ଏହି କାର୍ଯ୍ୟ ପାଇଁ ବ୍ୟକ୍ତିଗତ/ମାନୁଆଲ ଟେଣ୍ଡର ଗ୍ରହଣ ହେବନାହିଁ । (PR-817)

**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିଓ୍ୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

### ସୁଧୁରୁନି ଅର୍ବାନହାଟ ସମ୍ମୁଖ ରାସ୍ତାରେ ଗାଡି ପାର୍କିଂ ସ୍ଥିତି

# କୋର୍ଟ ନିର୍ଦ୍ଦେଶକୁ ଫୁ, ତାଳଦଣ୍ଡା କେନାଲ ରାସ୍ତାରେ ମାଳମାଳ ଗାଡି

କଟକ, (ସ୍ୱପ୍ର) : ପୂର୍ବ ସରକାରରେ ଏସସିବି ମେଡିକାଲକୁ ଏମସ୍ ପ୍ଲସ୍ କରିବା ପାଇଁ ତାଳଦଣ୍ଡା କେନାଲ ରାସ୍ତାକୁ ପ୍ରଶସ୍ତ କରାଯିବା ସହିତ ସୌନ୍ଦର୍ଯ୍ୟକରଣ କରାଯାଇଥିଲା । ଫଳରେ ସେହି ରାସ୍ତା ଦେଇ ଆମ୍ବୁଲାନ୍ସରେ



ରୋଗୀମାନେ କଟକ ବଡ ଡାକ୍ତରଖାନାକୁ ସୁରୁଖୁରୁରେ ଯିବେ । ଛତ୍ରବଜାରର ବ୍ୟବସାୟୀଙ୍କୁ ଉଚ୍ଛେଦ କରାଯାଇ ଅର୍ବାନହାଟରେ ଥଇଥାନ କରାଯିବାର ଇତିମଧ୍ୟରେ ୨ ବର୍ଷ ପୁରିଛି । ହେଲେ ବ୍ୟବସ୍ଥିତ ଢ଼ଙ୍ଗରେ ସମସ୍ତଙ୍କୁ ଥଇଥାନ, ଗାଡି ପାର୍କିଂ ଓ ମୌଳିକ ସୁବିଧା ଯୋଗାଇଦେବାରେ ବିଫଳ ହୋଇଛି କଟକ ମହାନଗର ନିଗମ । ଏନେଇ ବ୍ୟବସାୟୀଙ୍କ ମନରେ ଅସନ୍ତୋଷ ଦେଖାଯାଇଛି । ତାଳଦଣ୍ଡା କେନାଲରୋଡରେ ଗାଡିପାର୍କିଂ ନକରିବା ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ ଥିବା ସେ%ୖ ଅର୍ବାନହାଟ ସମ୍ମୁଖ କେନାଲକଡରେ ମାଳମାଳ ଗାଡି ଧାଡି ଲାଗୁଛି । କଟକ ମହାନଗର ନିଗମ ହାଟରେ ଗାଡି ପାର୍କିଂ ପାଇଁ ଟେଣ୍ଡର କରିଥିବାବେଳେ ନିର୍ଦ୍ଦିଷ୍ଟ ସ୍ଥାନ ଚିହ୍ନଟ କରିନଥିବା ଓ ବିଭାଗୀୟ ଅଧିକାରୀ ସଠିକ ତଦାରଖ କରୁନଥିବା ଯୋଗୁଁ ହାଟକୁ ଆସୁଥିବା ବ୍ୟବସାୟୀ, ଚାଷୀ ଓ ଜନସାଧାରଣ କେନାଲକଡରେ ଗାଡି ପାର୍କିଂ କରୁଥିବା ଦେଖାଯାଉଛି । ଏମାନଙ୍କ ଠାରୁ ଗାଡି ପାର୍କିଂ ଫି ମଧ୍ୟ ଆଦାୟ ହେଉଛି । ଏହାଦ୍ୱାରା ଟ୍ରାଫିକ ସମସ୍ୟା ସହ ଆମ୍ବୁଲାନ୍ସ, ବିଭାଗୀୟ ଅଧିକାରୀ ଓ ହାଇକୋର୍ଟକୁ ଏହି ରାସ୍ତା ଦେଇ ଯାଉଥିବା ଗାଡି ଯିବାଆସିବାରେ ସମସ୍ୟା ସୃଷ୍ଟି ହେଉଛି । ଅନେକ ସମୟରେ ସ୍ଥାନୀୟ ପୁଲିସ କର୍ମଚାରୀ ଉପସ୍ଥିତ ରହି ଭିଡ ନିୟନ୍ତ୍ରଣ କରୁଥିବା ଦେଖାଯାଉଛି । ବର୍ତ୍ତମାନ ଐତିହାସିକ କଟକ ବାଲିଯାତ୍ରା ପାଇଁ ଏହି ରାସ୍ତାଦେଇ ଅନେକ ଲୋକ ଯିବା ଆସିବା କରୁଥିବା ଯୋଗୁଁ ଗହଳି ସମୟରେ ରାସ୍ତାକଡରେ ଗାଡିପାର୍କିଂ, ଜନଗହଳିପୂର୍ଣ୍ଣ ସମୟରେ ଭାରୀଯାନ ଚଳାଚଳ କରୁଥିବା ଯୋଗୁଁ ଅଘଟଣ ଘଟିବାର ଆଶଙ୍କା ରହିଛି । ପୂର୍ବରୁ ଏହି ରାସ୍ତାରେ ଭାରୀଯାନ ଦୁର୍ଘଟଣାରେ ଜଣେ ପୁଲିସ କର୍ମଚାରୀଙ୍କ ଜୀବନ ଯାଇଥିଲା । ହାଇକୋର୍ଟଙ୍କ ନିର୍ଦ୍ଦେଶ ପାଳନ କରି ତାଳଦଣ୍ଡା କେନାଲକଡରେ ଗାଡି ପାର୍କିଂ ନକରିବା ପାଇଁ ସାଧାରଣରେ ଦାବି ହୋଇଛି ।

### ବିଦ୍ୟୁତ ଖୁଣ୍ଟ ପୋତିବାକୁ ନେଇ ଗୋଷ୍ଠୀ ସଂଘର୍ଷ, ୪ଗିରଫ

ବାରଙ୍ଗ ,(ସବ୍ୟୁ): ଗୋଟିଏ ଜମିରେ ବିଦ୍ୟୁତ ଖୁଣ୍ଟ ପକାଇବାକୁ ନେଇ ଗୋଷ୍ଠୀ ସଂଘର୍ଷ ହୋଇଛି । ଏଭଳି ଘଟଣା ଚନ୍ଦକା ଥାନା ଅଞ୍ଚଳରେ ଦେଖିବାକୁ ମିଳିଛି । ଏହି ଘଟଣା କୁ ନେଇ ପୋଲିସ ସୋମବାର ରାତିରେ ଉଭୟ ପକ୍ଷରୁ ୪ଜଣଙ୍କୁ କୋର୍ଟ ଚାଲାଣ କରିଥିବା ସୂଚନା ମିଳିଛି । ପ୍ରକାଶଯେ, ସୋମବାର ସକାଳେ ଚନ୍ଦକା ଥାନା ଅଧୀନରେ ଥିବା ଚନ୍ଦକା ଗ୍ରାମର ମିହିର ଚନ୍ଦ୍ର ସାମନ୍ତରାୟଙ୍କ ପ୍ଲଟରେ ବିଦ୍ୟୁତ୍ତି ଖୁଣ୍ଟ ପକାଇବାକୁ ନେଇ ବିବାଦ ଦେଖାଦେଇଥିଲା ।ରଞ୍ଜନ କୁମାର ବଳିଆରସିଂ ଓ ତାର ସହଯୋଗୀମାନେ ଜବରଦସ୍ତ ବିଦ୍ୟୁତ ଖୁଣ୍ଟ ପକାଇବାକୁ ନେଇ ଏହି ବିବାଦର ସୂତ୍ରପାତ୍ର ଆରମ୍ଭ ହୋଇଥିଲା ।ଏହାପରେ ଏହି ଘଟଣାକୁ ନେଇ ଗୋଷ୍ଠି ସଂଘର୍ଷ ଆରମ୍ଭ ହୋଇଥିଲା ।ଉଭୟ ଗୋଷ୍ଠିର ଯୁବକ ମାନେ ଚନ୍ଦକା ବାଜରରେ ଲୁହରଡ ,ଠେଙ୍ଗା ଆଦି ଧରି ମାରଧର ଆରମ୍ଭ କରିଥିଲେ ।ଏହାକୁ ନେଇ ସୋନୁ ଓରଫ ସୂର୍ଯ୍ୟକାନ୍ତ ସାମନ୍ତରାୟଙ୍କ ଅଭିଯୋଗ ଆଧାରରେ ୫୦୪/୨୫କେସ ଓ ସିଉଲିକ ବଡ଼ଜେନାଙ୍କ ଅଭିଯୋଗ ଆଧାରରେ ୫୦୩/୨୫ ଆଉ ଏକ ମକଦ୍ଦମା ରୁଜୁ କରି ତଦନ୍ତ ଆରମ୍ଭ ହୋଇଥିଲା ।ଆଇଆଇସି ସମୀତା ମିଶ୍ର ତଦନ୍ତ କରି ସିସିଟିଭି ଆଧାର ଓ ଉଭୟପକ୍ଷଙ୍କଠାରୁ ପଚାରି ବୁଝିବାପରେ ଗୋଟିଏ ପକ୍ଷରୁ ସୂର୍ଯ୍ୟକାନ୍ତ ସାମନ୍ତରାୟ ଓ ଅନ୍ୟ ଏକ ପକ୍ଷରୁ ରାଜେଶ ମହାପାତ୍ର,ରାଜେଶ ମହାପାତ୍ର, ଅନନ୍ତ ବେହେରାଙ୍କୁ ନେଇ ସମୁଦାୟ ୪ଜଣଙ୍କୁ ଗିରଫ କରି ରବିବାର ରାତିରେ କୋର୍ଟ ଚାଲାଣ କରିଛି ।

### ଇସ୍ପାତ ନିର୍ମାଣରେ ସର୍କୁଲାରିଟୀ

# କମ-କାର୍ବନ ନିର୍ଗମନକୁ ତ୍ୱରାନ୍ୱିତ କରାଉଛି ଏଏମ୍/ଏନ୍ଏସ୍ ଇଣ୍ଡିଆ

ଭୁବନେଶ୍ୱର (ସବ୍ୟୁ): ଆର୍ସେଲରମିତ୍ତଲ ନିପ୍ପନ ଷ୍ଟିଲ ଇଣ୍ଡିଆ (ଏଏମ୍/ଏନ୍ଏସ୍ ଇଣ୍ଡିଆ) ଆର୍ଥିକ ବର୍ଷ ୨୦୨୪-୨୦୨୫ପାଇଁ ଏହାର ସଷ୍ଟେନେବିଲିଟି ରିପୋର୍ଟ ପ୍ରକାଶ କରିଛି, ଯାହା ଡିକାର୍ବୋନାଇଜେସନ,ସର୍କୁଲାରିଟୀ ଏବଂ ଗୋଷ୍ଠୀମାନଙ୍କ ସଶକ୍ତିକରଣ ପ୍ରତି ଏହାର ପ୍ରତିବଦ୍ଧତା ଉପରେ ମାପ ଯୋଗ୍ୟ ଅଗ୍ରଗତିକୁ ସୂଚିତ କରିଛି । ଗ୍ଲୋବାଲ ରିପୋର୍ଟିଂ ଇନିସିଏଟିଭ୍ (ଜିଆରଆଇ) ୨୦୨୧, ୟୁରୋପୀୟାନ୍ ସଷ୍ଟେନେବିଲିଟି ରିପୋର୍ଟିଂ ଷ୍ଟାଣ୍ଡାର୍ଡସ୍ (ଇଏସ୍ଆରଏସ୍), ଇଣ୍ଟିଗ୍ରେଟେଡ ରିପୋର୍ଟିଂ (ଆଇଆର) ଏବଂ ବ୍ୟବସାୟିକ ଦାୟିତ୍ୱ ଏବଂ ସଷ୍ଟେନେବିଲିଟି ରିପୋର୍ଟିଂ (ବିଆରଏସ୍ଆର) ଭଳି ବିଶ୍ୱମାନକ ସହିତ ସମନ୍ୱୟ ରକ୍ଷା କରି ଅଙ୍ଗାରକାମ୍ଳ ନିର୍ଗମନ ହ୍ରାସ କରିବା ଏବଂ ସର୍କୁଲାରିଟୀକୁ ଗ୍ରହଣ କରିବା ପାଇଁଏଏମ୍/ଏନ୍ଏସ୍ ଇଣ୍ଡିଆର ପ୍ରୟାସ ସମ୍ପର୍କରେ ଏହି ରିପୋର୍ଟରେ ମଧ୍ୟ ଉଲ୍ଲେଖ କରାଯାଇଛି । ଆର୍ସେଲର ମିତ୍ତଲ ନିପ୍ପନ୍ ଷ୍ଟିଲ ଇଣ୍ଡିଆ (ଏଏମ୍/ଏନ୍ଏସ୍ ଇଣ୍ଡିଆ)ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ ଉମେନ୍ କହିଛନ୍ତି: "ସ୍ଥାୟିତ୍ୱ ଆମର ବ୍ୟବସାୟ ପରିଚାଳନାର ଏକ ଅବିଚ୍ଛେଦ୍ୟଅଂଶ,ଯାହା ନବସୃଜନକୁ ପ୍ରୋତ୍ସାହନ, ଜାତୀୟ ଜଳବାୟୁ କାର୍ଯ୍ୟାନ୍ୱୟନ ଲକ୍ଷ୍ୟରେ ଯୋଗଦାନ ଏବଂ ଆମର କର୍ମଚାରୀ ଏବଂ ଅନ୍ୟାନ୍ୟ ସମସ୍ତ ଅଂଶୀଦାରଙ୍କ କଲ୍ୟାଣ ଏବଂ ସୁରକ୍ଷାକୁ ସୁନିଶ୍ଚିତ କରୁଛି । ବିଗତ ଆର୍ଥିକ ବର୍ଷ ଆମର ସ୍ଥାୟୀତ୍ୱ ଯାତ୍ରାରେ ଏକ ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି, କାରଣ ଆମେ ଅଧିକ ଦାୟିତ୍ୱର ସହ ଉଚ୍ଚ-ଗୁଣବତ୍ତା ଏବଂ କମ୍-କାର୍ବନନିର୍ଗମନ ସହିତ ଇସ୍ପାତ ଉତ୍ପାଦନ ଜାରି ରଖିବା ପାଇଁ ଆମର ପରିଚାଳନାଗତ ଉଦ୍ଦେଶ୍ୟ ଦିଗରେ ନିରନ୍ତର ଅଗ୍ରଗତି କରିଛୁ ।' ସବୁଜ ପ୍ରତି ଶ୍ରୁତିରୁ ସବୁଜକାର୍ଯ୍ୟ' ବିଷୟବସ୍ତୁ ଅନ୍ତର୍ଗତ, ରିପୋର୍ଟରେ ଆମର କାର୍ଯ୍ୟଧାରା, ମୂଲ୍ୟ ଶୃଙ୍ଖଳ ଏବଂ ଗୋଷ୍ଠୀ ମାନଙ୍କ ମଧ୍ୟରେ ସଷ୍ଟେନେବିଲିଟିରେ ଆମେ କରିଥିବା ମାପଯୋଗ୍ୟ ଅଗ୍ରଗତି ବିଷୟରେ ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଛି ।

## ଉତ୍କଳୀୟ ନୌବାଣିଜ୍ୟ ଐତିହ୍ୟର ବାର୍ତ୍ତା ପ୍ରଚାରରେ କୁନି ଚିତ୍ରଶିଳ୍ପୀ ଭାଗବତ

କଟକ,(ସବ୍ୟୁ): ଉତ୍କଳୀୟ ନୌବାଣିଜ୍ୟର ଗୌରବମୟ ଐତିହ୍ୟର ଅନ୍ୟତମ ପ୍ରାଚୀନ ତଥା ଗୌରବମୟ ଇତିହାସ ଆମ ବୋଇତ ବନ୍ଦାଣ ଉତ୍ସବ ଏବଂ ଐତିହାସିକ ବାଲିଯାତ୍ରା । କାର୍ତ୍ତିକ ମାସର ମାହାତ୍ମ୍ୟ ଏବଂ କାର୍ତ୍ତିକ ବ୍ରତ ଉପାସନାର ମହନୀୟ କିମ୍ବଦନ୍ତୀ, କଥା, ଗାଥା, ତତ୍ତ୍ୱ, ତଥ୍ୟ ଓ ପ୍ରଥା ନେଇ ଓଡ଼ିଆଙ୍କ ଅନବଦ୍ୟ ସୃଷ୍ଟି ଓ ସମ୍ଭାବନାର ଭକ୍ତି ନୈବେଦ୍ୟ ତଥା ସାଧବ ପୁଅର ଅକ୍ଷୟ କୀର୍ତ୍ତି ଆଦିର ଅନୁପମ ସ୍ୱର ଓ ସ୍ୱାକ୍ଷର ବହନ କରେ । ଏହି ସ୍ମୃତି ଓ ଉତ୍କଳୀୟ ନୌବାଣିଜ୍ୟ ପରମ୍ପରା କୃତୀ ଓ କୀର୍ତ୍ତିକୁ ଉଜ୍ଜୀବିତ ସହ ମହାଆଡମ୍ବରରେ ପାଳନ କରିବା ପୂର୍ବକ ସବୁଠି ଏହି ମହନୀୟ ବାର୍ତା ପ୍ରଚାରରେ ଶିଶୁ ପ୍ରତିଭା ଭାଗବତ ବେଉରା(ଶମ୍ଭୁ ) ଅତ୍ୟନ୍ତ ଆଗ୍ରହର ସହ ବୋଇତ ଚିତ୍ରାଙ୍କନ




କରି ଉଚ୍ଚ ପ୍ରଶଂସିତ ହୋଇଛନ୍ତି । ଭାଗବତ ସେଣ୍ଟ ଜାଭିୟର୍ସ ହାଇସ୍କୁଲ ନୂଆବଜାର ମଣ୍ଟେଶ୍ୱରି ୱାନରେ ଶିକ୍ଷା ଗ୍ରହଣ କରୁଥିବା ଶିଶୁ ପ୍ରତିଭା କଟକ ସଦର ଅଞ୍ଚଳର ଜଣାଶୁଣା ସାମାଜିକ କର୍ମୀ ତଥା ପ୍ରାବନ୍ଧିକ ଇଂ.ସେବକ ଶ୍ରୀକାନ୍ତ ଓ ଧର୍ମପ୍ରାଣା ଝୁନାରାଣୀ ବେଉରାଙ୍କ ପୁତ୍ର ଅଟନ୍ତି । ଶିଶୁ ପ୍ରତିଭାଙ୍କ ଏହି ସୁନ୍ଦର ଚିତ୍ରକଳା ନେଇ ବିଦ୍ୟାଳୟର ଶିକ୍ଷୟତ୍ରୀ ପ୍ରିୟଙ୍କା ସ୍ୱାଇଁ,ଅଧ୍ୟକ୍ଷ ଶିକ୍ଷାବିତ୍ ଡକ୍ଟର ପ୍ରଦୀପ କୁମାର ତ୍ରିପାଠୀ,ଗୁରୁମା ସସ୍ମିତା ପ୍ରଧାନ,ଗୁରୁମା କୁନି ଅପା,ଗରୁମା ପାୟଲ ଅପା,ଜେଜେ ଶିକ୍ଷାବିତ୍ ପ୍ରାବନ୍ଧିକ ବିଜୟ ରାମ ବେଉରା ଶୁଭେଚ୍ଛା ଜ୍ଞାପନ କରିବା ସହ ଉତ୍ତରୋତ୍ତର କାମନା କରିଛନ୍ତି ।

## ସଂପର୍କ ସାହିତ୍ୟ ସଂସ୍କୃତି ସଂସଦର "ବାଲିଯାତ୍ରା" ଶୀର୍ଷକ ଆଲୋଚନା

କଟକ, (ସବ୍ୟୁ) :ସାରସ୍ୱତ ଅନୁଷ୍ଠାନ,ସଂପର୍କ ସାହିତ୍ୟ ସଂସ୍କୃତି ସଂସଦର "ବାଲିଯାତ୍ରା" ଶିର୍ଷକ ଆଲୋଚନା ଚକ୍ର ଓ କବିତା ଆସର ଉତ୍କଳମଣି ଶିଶୁଉଚ୍ଚଶିକ୍ଷା ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ସଂସଦର ସଭାପତି କୈଳାସ ଚନ୍ଦ୍ର ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଆଲୋଚନା ଚକ୍ରକୁ ଶ୍ରୀଦୁର୍ଗା ସାହିତ୍ୟ ସଂସଦର ସଭାପତି ଡଃପଣ୍ଡିତ ଚୈତନ୍ୟ କୁମାର ସାହୁ ଆନୁଷ୍ଠାନିକ ଭାବେ ଉଦଘାଟନ



କରିଥିଲେ ।ମୁଖ୍ୟଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ ତଥା ସାହିତ୍ୟ ସଂଗଠକ ଶଶଧର ପଣ୍ଡା,ମୁଖ୍ୟବକ୍ତା ଭାବେ ଉତ୍କଳ ଗ୍ରାମସ୍ୱରାଜ୍ୟର ସଭାପତି କଳିଙ୍ଗରତ୍ନ ବ୍ରହ୍ମାନନ୍ଦ ମହାନ୍ତି,ବରେଣ୍ୟ ଅତିଥିଭାବେ ଶ୍ରାବଣୀ ସାହିତ୍ୟ ସଂସଦର ସଭାପତି ଉଦୟ କେଶରୀ ବର୍ମା,ସମ୍ମାନୀୟ ଅତିଥି ଭାବେ ଆଇନଜୀବି ତଥା ସମାଜସେବୀ ପତିତପାବନ ମହାପାତ୍ର ଯୋଗଦେଇ ବାଲିଯାତ୍ରା ଓଡିଆ ପୁଅର ଗୌରବ ଗାଥା ବଖାଣୁଥିବା ବେଳେ ସାହାସ ଓ ବୀରତ୍ୱର ସ୍ମୃତିକୁ ଉଜ୍ଜିବିତ କରୁଛି ବୋଲି କହିଥିଲେ । ଡଃବସନ୍ତ କୁମାରୀ ନନ୍ଦ ଓ ଗୀତାଂଜଳି ପୃଷ୍ଟିଙ୍କ ସଂଯୋଜନାରେ କବି ବସନ୍ତ କୁମାର ସାହୁ,କିରଣବାଳା ବେହେରା,ମମତା ମହାନ୍ତି,ଲକ୍ଷ୍ମୀପ୍ରସାଦ ଆଚାର୍ଯ୍ୟ,ନରସିଂହ ମହାପାତ୍ର,ଅଶ୍ୱିନୀ କୁମାର ସେଠୀ,ଛବିରାମ ସେଠୀ,ବ୍ରଜବନ୍ଧୁ ପୃଷ୍ଟି,ଦିଲ୍ଲିପକୁମାର ଦାସ,ବ୍ରହ୍ମାନନ୍ଦ ବିଶ୍ୱାଳ,ସୁଶିଳ କୁମାର ରାଉତ,ଲୋକନାଥ ସେଠୀ,ସ୍ୱାଗତ କୁମାର ଦାଶ,ଉତମ ଚରଣ ପ୍ରଧାନ,ସୁରେନ୍ଦ୍ରେ ମହାପାତ୍ର,ସଂଯୁକ୍ତା ଦାଶ,ବିନୋଦିନି ମିଶ୍ର,ଆଶିଷ ରଂଜନ ଦାଶ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ । ଏହି ଅବସରରେ ଶିଶୁକବି କିରଣବାଳା ବେହେରାଙ୍କ କବିତାରେ ଖୁସି ହୋଇ ମୁଖ୍ୟଅତିଥି ଶ୍ରୀପଣ୍ଡା ୫ଶହଟଙ୍କ । ପୁରସ୍କାର ପ୍ରଦାନ କରି ଆଶିର୍ବାଦ କରିଥିଲେ ।ପ୍ରାରମ୍ଭରେ କବି ଆଦିତ୍ୟ ରଂଜନ ଦାଶ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ।ଉପସଭାପତି ଚୈତନ୍ୟ ରାଉତ ଅତିଥିପରିଚୟ ପ୍ରଦାନ କରିଥିଲେ । ସାଧାରଣ ସଂପାଦକ କବି ମନୋରଂଜନ ପଣ୍ଡା କବିତା ସମିକ୍ଷା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ ।

### ଡାଲମିଆ ଭାରତ ଫାଉଣ୍ଡେସନ ପକ୍ଷରୁ କଟକରେ ଜିଲ୍ଲାସ୍ତରୀୟ

# ବିଦ୍ୟାଳୟ ଦୌଡକୁଦ ପ୍ରତିଯୋଗିତାକୁ ସମର୍ଥନ

ଭୁବନେଶ୍ୱର (ସବ୍ୟୁ): ଡାଲମିଆ ଭାରତ ଲିମିଟେଡର କର୍ପୋରେଟ ସାମାଜିକ ଦାୟିତ୍ୱ ନିର୍ବାହ ଶାଖା ଡାଲମିଆ ଭାରତ ଫାଉଣ୍ଡେସନ (ଡିବିଏଫ୍) କଟକରଟାଙ୍ଗି,ଚୌଦ୍ୱାର ଅନ୍ତର୍ଗତ ସଫାସ୍ଥିତ ଉତ୍କଳମଣି ବିଦ୍ୟାପୀଠରେ ଜିଲ୍ଲାସ୍ତରୀୟ ବିଦ୍ୟାଳୟ ଦୌଡକୁଦ ପ୍ରତିଯୋଗିତା (୧୪ ବର୍ଷରୁ କମ୍ ଓ ୧୭ ବର୍ଷରୁ କମ୍ ବାଳକ ବାଳିକାଙ୍କ ନିମନ୍ତେ) ୨୦୨୫-୨୬କୁ ନିଜର ସମର୍ଥନ ଯୋଗାଇ ଦେଇଥିଲା । ଏହି ପ୍ରୟାସ ଯୁବ ବିକାଶକୁ ପୃଷ୍ଠପୋଷକତା କରିବା ଏବଂ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ସଶକ୍ତିକରଣ ନିମନ୍ତେ କ୍ରୀଡାକୁ ଏକ ସାଧନ ଭାବରେ ପ୍ରୋତ୍ସାହିତ କରିବା ଦିଗରେ ଡିବିଏଫ୍‌ର ନିରନ୍ତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି । ଏହି କାର୍ଯ୍ୟକ୍ରମରେ ଶ୍ରୀମତୀ ସୌଦାମିନୀ ଦାସ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ (ଡିପିଇଓ) ଯୋଗଦେଇ ଅଂଶଗ୍ରହଣକାରୀଙ୍କ ପ୍ରୟାସକୁ ସାଧୁବାଦ ଜଣାଇବା ସହିତ




ଡାଲମିଆ ଭାରତ ଫାଉଣ୍ଡେସନକୁ ତୃଣମୂଳ ସ୍ତରରେ କ୍ରୀଡାକୁ ପ୍ରୋତ୍ସାହନ ଯୋଗାଇଦେବାରେ ତାହାର ମୂଲ୍ୟବାନ ଅବଦାନ ନିମନ୍ତେ ପ୍ରଶଂସା କରିଥିଲେ । ଏହି କାର୍ଯ୍ୟକ୍ରମରେ କଟକ ଜିଲ୍ଲାର୧୪ଟି ବ୍ଲକ୍‌ରୁ ଉତ୍ସାହର ସହିତ ଅଂଶଗ୍ରହଣ ପରିଲକ୍ଷିତ ହୋଇଥିଲା ଏବଂ ଏଥିରେ ମୋଟ ୩୫୬ ଜଣ ଛାତ୍ର ଛାତ୍ରୀ, ୫୬ ଜଣ ଶିକ୍ଷା କର୍ମଚାରୀ ଏବଂ ୮୯ ଜଣ ସ୍ଥାନୀୟ ବ୍ଲକ ଅଧିକାରୀ ଭାଗ ନେଇଥିଲେ । ଏହି ପ୍ରୟାସ ସମ୍ପର୍କରେ ପ୍ରକାଶ କରି ପଙ୍କଜ ଗୁପ୍ତା, ୟୁନିଟ ହେଡ୍, କେସିଡବ୍ଲ୍ୟୁ, ଡାଲମିଆ ସିମେଣ୍ଟ କହିଥିଲେ, "ଡାଲମିଆ ଭାରତ ଏହାର ସେବା ଯୋଗାଉଥିବା ଅଞ୍ଚଳଗୁଡିକରେ ସମାବେଶୀ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ସହିତ ଯୁବ ପ୍ରତିଭାମାନଙ୍କର ପରିପୋଷଣ ନିମନ୍ତେ ପ୍ରତିବଦ୍ଧ ରହିଛି । ଆମେ ଯୁବ ଛାତ୍ର ଛାତ୍ରୀମାନଙ୍କୁ କ୍ରୀଡା ଜରିଆରେ ସେମାନଙ୍କର ସାମର୍ଥ୍ୟ ଅନ୍ୱେଷଣ କରିବା ସକାଶେ ସେମାନଙ୍କୁ ଉତ୍ସାହିତ କରୁଥିବା ପ୍ରୟାସର ଅଂଶବିଶେଷ ହେବା ନେଇ ଆନନ୍ଦ ଅନୁଭବ କରୁଛୁ ।" ଏହି ପ୍ରୟାସ ଡିବିଏଫ୍‌ର ବ୍ୟବସାୟ ପରିଚାଳନା ଅଞ୍ଚଳଗୁଡିକରେ ଶିକ୍ଷା, କ୍ରୀଡା ଓ ଗୋଷ୍ଠୀଗୁଡିକର କଲ୍ୟାଣକୁ ସମର୍ଥନ କରିବାକୁ ବିସ୍ତାରିତ ଲକ୍ଷ୍ୟର ଅଂଶବିଶେଷ ହୋଇଛି । ସ୍ଥାନୀୟ ସଂସ୍ଥାନଗୁଡିକ ସହିତ ନିରନ୍ତର ସହଭାଗୀତା ଜରିଆରେ ଡିବିଏଫ୍ ଛାତ୍ର ଛାତ୍ରୀଙ୍କୁ ସଶକ୍ତ କରୁଥିବା, ଗୋଷ୍ଠୀଗୁଡିକୁ ସୁଦୃଢ କରୁଥିବା ଏବଂ ଉତ୍କର୍ଷ ଦିଗରେ ଅଗ୍ରସର ହେବାକୁ ସୁଯୋଗ ସୃଷ୍ଟି ଦିଗରେ ଉତ୍ସର୍ଗୀକୃତ ରହିଛି ।

### କୋଟକ ମ୍ୟୁଚୁଆଲ ଫଣ୍ଡ ପ୍ରଚଳନ କଲା କୋଟକ ରୁରାଲ୍ ଅପରଚୁନିଟିଜ୍ ଫଣ୍ଡ

ଭୁବନେଶ୍ୱର (ସବ୍ୟୁ): କୋଟକ ମହିନ୍ଦ୍ରା ଆସେଟ୍ ମ୍ୟାନେଜମେଣ୍ଟ କମ୍ପାନୀ ଲିମିଟେଡ (କେଏମ୍ଏଏମ୍ସି) ଗ୍ରାମଞ୍ଚଳ ଏବଂ ଆନୁଷଙ୍ଗିକ ବିଷୟକୁ ଅନୁସରଣ କରି ଏକ ଓପନ୍-ଏଣ୍ଡେଡ ଇକ୍ୱିଟି ସ୍କିମ୍ କୋଟକ ରୁରାଲ ଅପର୍ଚୁନିଟିଜ ଫଣ୍ଡ ପ୍ରଚଳନ ସମ୍ପର୍କରେ ଆନନ୍ଦର ସହିତ ଘୋଷଣା କରୁଛି । ଏହି ସ୍କିମ୍ ସର୍ବସାଧାରଣଙ୍କ ସବ୍‌ସ୍କ୍ରିପସନ ନିମନ୍ତେ ୨୦୨୫ ନଭେମ୍ବର ୬ ତାରିଖରୁ ୨୦୨୫ ନଭେମ୍ବର ୨୦ ତାରିଖ ପର୍ଯ୍ୟନ୍ତ ଉନ୍ମୁକ୍ତ ରହୁଛି । ଏହି ଫଣ୍ଡ ମୁଖ୍ୟତଃ ଭାରତର ଗ୍ରାମୀଣ ରୂପାନ୍ତରଣରେ ନିୟୋଜିତ ଥିବା ଅଥବା ଉପକୃତ ହେଉଥିବା କମ୍ପାନୀଗୁଡିକର ଇକ୍ୱିଟି ସମ୍ପର୍କିତ ପ୍ରତିଭୂତି ଏବଂ ଇକ୍ୱିଟିରେ ପାଣ୍ଠି ନିବେଶ ଦ୍ୱାରା ଦୀର୍ଘସୂତ୍ରୀ ଆକାରରେ ବର୍ଦ୍ଧିତ ପୁଞ୍ଜି ସୃଷ୍ଟି କରିବା ଲକ୍ଷ୍ୟ ରଖିଛି ।

### ଏୟାରଟେଲ ପେମେଣ୍ଟସ୍ ବ୍ୟାଙ୍କର ତ୍ରୈମାସିକ ରାଜସ୍ୱରେ ୮୦୦ କୋଟି ଟଙ୍କା ଅତିକ୍ରମ

ଭୁବନେଶ୍ୱର: (ସବ୍ୟୁ): ଏୟାରଟେଲ ପେମେଣ୍ଟସ୍ ବ୍ୟାଙ୍କ ପକ୍ଷରୁ ସେପ୍ଟେମ୍ବର ୩୦ ତାରିଖ, ୨୦୨୫ରେ ଶେଷ ହୋଇଥିବା ୨ୟ ତ୍ରୈମାସିକ ପାଇଁ ଏହାର ଆର୍ଥିକ ଫଳାଫଳ ଘୋଷଣା କରାଯାଇଛି । ପ୍ରଥମ ଥର ପାଇଁ ବ୍ୟାଙ୍କର ତ୍ରୈମାସିକ ରାଜସ୍ୱ ୮୦୦ କୋଟି ଟଙ୍କା ଅତିକ୍ରମ କରିଛି ଯାହା ୧୯.୪%ର ଏକ ବାର୍ଷିକ ଅଭିବୃଦ୍ଧି ହାସଲ କରିଛି । ଏହି ତ୍ରୈମାସିକ ପାଇଁ ଇବିଆଇଟିଡ଼ିଏ ୮୯.୩ କୋଟି ଟଙ୍କା ରହିଛି ଯାହା ଗତବର୍ଷର ସମାନ ଅବଧି ତୁଳନାରେ ୧୭.୪% ଅଧିକ ରହିଛି । ୨ୟ ତ୍ରୈମାସିକରେ ବ୍ୟାଙ୍କର ଲାଭ ୧୧.୮ କୋଟି ଟଙ୍କାକୁ ବୃଦ୍ଧି ପାଇଛି । ଏହି ଅବଧିରେ ବ୍ୟାଙ୍କର ଆନୁଆଲାଇଜ୍‌ଡ ଗ୍ରସ ମର୍ଚ୍ଚାଣ୍ଡାଇଜ ଭାଲ୍ୟୁ (ଜିଏମଭି) ୪୫୬୦ ବିଲିୟନ ଟଙ୍କାରେ ପହଂଚିଛି, ଯାହା ବ୍ୟାଙ୍କର ସେଫ୍ ସେକେଣ୍ଡ ଆକାଉଂଟ, କାରବାର ପ୍ରସ୍ତାବ ଓ ଅନ୍ୟାନ୍ୟ ଉତ୍ପାଦ ଅଫରିଙ୍ଗ ଗୁଡିକର ବର୍ଦ୍ଧିତ ଗ୍ରହଣୀୟତାକୁ ପ୍ରତିଫଳନ କରୁଛି । ଏସମ୍ପର୍କରେ ଏୟାରଟେଲ ପେମେଂଟ୍ସ ବ୍ୟାଙ୍କର ଏମ୍‌ଡି ଓ ସିଇଓ, ଅନୁବ୍ରତ ବିଶ୍ୱାସ କହିଛନ୍ତିଯେ, "ଆମର ନିରନ୍ତର ଅଭିବୃଦ୍ଧି ଆମର ଡିଜିଟାଲ-ପ୍ରଥମ ମଡେଲର ଶକ୍ତି ଏବଂ ଆମ ଉପରେ ଗ୍ରାହକମାନେ ଦେଖାଇଥିବା ଗଭୀର ବିଶ୍ୱାସକୁ ପ୍ରତିଫଳନ କରୁଛି । ସେଫ୍ ସେକେଣ୍ଡ ଆକାଉଂଟ ଏକ ପ୍ରମୁଖ ଅଭିବୃଦ୍ଧି ପରିଚାଳକ ଭାବେ ଜାରି ରହିଛି, ଯାହା ଗ୍ରାହକଙ୍କୁ ସହଜ ଓ ଆତ୍ମବିଶ୍ୱାସର ସହିତ ସେମାନଙ୍କର ଦୈନନ୍ଦିନ ଡିଜିଟାଲ ଟ୍ରାଞ୍ଜାକ୍ସନଗୁଡିକୁ ପରିଚାଳନା କରିବା ପାଇଁ ସଶକ୍ତ କରୁଛି ।

### ସାଇରାମ କେୟାର ଆଣ୍ଡ କିଓର ହସ୍ପିଟାଲରେ ବିରଳ ଅସ୍ତ୍ରୋପଚାର

# ମହିଳାଙ୍କ ଗର୍ଭାଶୟରୁ ବାହାରିଲା ୧୫ କିଲୋର ଟ୍ୟୁମର

କଟକ, (ସ୍ୱପ୍ର): ମୟୂରଭଞ୍ଜ ଜିଲ୍ଲା ନୂଆଗାଁ ନିବାସୀ ଅକ୍ଷୟ କୁମାର ମହନ୍ତଙ୍କ ସ୍ତ୍ରୀ ରଜନୀ ମହନ୍ତ(୬୮) ଦୀର୍ଘଦିନ ଧରି ଗର୍ଭାଶୟରେ ଯନ୍ତ୍ରଣାରେ ଆଉଟପାଉଟ୍ ହେଉଥିଲେ । ସେ ବିଭିନ୍ନ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହୋଇଥିଲେ ମଧ୍ୟ କୌଣସି ସୁଫଳ ନମିଳିବାରୁ ସେ କଟକ ବିଦ୍ୟାଧରପୁର ସ୍ଥିତ ସାଇରାମ କେୟାର ଆଣ୍ଡ କିଓର ହସ୍ପିଟାଲକୁ ଗତ ୮ତାରିଖରେ ଚିକିତ୍ସା ପାଇଁ ଆସିଥିଲେ । ସର୍ଜରୀ ବିଶେଷଜ୍ଞ ଡାକ୍ତର ଅଶୋକ କୁମାର ପାଢ଼ୀ ଓ ତାଙ୍କ ସହକର୍ମୀଙ୍କ ସହାୟତାରେ ରଜନୀଙ୍କ ଗର୍ଭାଶୟରୁ ୧୫ କିଲୋ ଟ୍ୟୁମରକୁ ଅସ୍ତ୍ରୋପଚାର



ମାଧ୍ୟମରେ ବାହାର କରିଥିଲେ । ବର୍ତ୍ତମାନ ରଜନୀ ସୁସ୍ଥ ଥିବାର ଡାକ୍ତରଙ୍କ ପକ୍ଷରୁ ସୂଚନା ମିଳିଛି । ସୂଚନାଯୋଗ୍ୟ, ରଜନୀଙ୍କ ଆର୍ଥୀକସ୍ଥିତି ସ୍ୱଚ୍ଛଳ ନଥିଲା । ଫଳରେ ସେ ଆୟୁଷ୍ମାନ କାର୍ଡ ମାଧ୍ୟମରେ ଚିକିତ୍ସିତ ହେଇ ସୁସ୍ଥ ହୋଇଛନ୍ତି । ସେ ଏନେଇ ବିଭାଗୀୟ ଡାକ୍ତର ଓ ସାଇରାମ କେୟାର ଆଣ୍ଡ କିଓର ହସ୍ପିଟାଲର ପରିଚାଳନା ନିର୍ଦ୍ଦେଶକ ରତ୍ନପ୍ରଭା ଦେବୀ, ଜଗନ ମୋହନ ସାହୁ, ସମ୍ପଦ କୁମାର ରାଉତ, ରଞ୍ଜନ କୁମାର ସାହୁ, ମନୋଜ କୁମାର ସାହୁ ଏବଂ ଅଭିଳାଶ ଓଝା ପ୍ରମୁଖଙ୍କୁ କୃତଜ୍ଞତା ଜଣାଇଛନ୍ତି ।

### ଜିନ୍ଦଲ ଷ୍ଟେନଲେସ୍ ପକ୍ଷରୁ ୩୦ ସେପ୍ଟେମ୍ବର ୨୦୨୫ରେ

# ଶେଷ ହୋଇଥିବା ତ୍ରୈମାସିକ ଆର୍ଥିକ ଫଳାଫଳ ଘୋଷଣା

ଭୁବନେଶ୍ୱର, (ସବ୍ୟୁ): ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡ୍ (ଜେଏସଏଲ)ର ନିର୍ଦ୍ଦେଶକ ମଣ୍ଡଳୀ ଆଜି ୩୦ ସେପ୍ଟେମ୍ବର ୨୦୨୫ରେ ଶେଷ ହୋଇଥିବା ତ୍ରୈମାସିକ ଆର୍ଥିକ ଫଳାଫଳ ଘୋଷଣା କରିଛନ୍ତି । କମ୍ପାନୀର ବିକ୍ରୟ ପରିମାଣ ୬,୪୮,୦୫୦ ଟନ୍ ରେକର୍ଡ ହୋଇଛି, ଯାହା ବାର୍ଷିକ ଆଧାରରେ ୧୪.୮% ବୃଦ୍ଧି ପାଇଛି । ମୋଟ ରାଜସ୍ୱ ୧୦,୮୮୧ କୋଟି ଟଙ୍କା ହୋଇଛି, ଯାହା ବାର୍ଷିକ ଆଧାରରେ ୧୧.୬% ବୃଦ୍ଧି ପାଇଛି । ଷ୍ଟାଣ୍ଡଆଲୋନ୍ ଇବିଆଇଟିଡିଏ ଏବଂ ଟିକସ ପରବର୍ତ୍ତୀ ଲାଭ ଯଥାକ୍ରମେ ୧,୦୬୦ କୋଟି ଟଙ୍କା ଏବଂ ୬୪୪ କୋଟି ଟଙ୍କା ହୋଇଛି, ଯାହା ବାର୍ଷିକ ଭିତିରେ ଯଥାକ୍ରମେ ୫.୩% ଏବଂ ୯.୩% ବୃଦ୍ଧି ପାଇଛି । ଏକୀକୃତ ଭାବେ, ମୋଟ ରାଜସ୍ୱ ୧୦,୮୯୩ କୋଟି ଟଙ୍କା ହୋଇଛି, ଯାହା ବାର୍ଷିକ ଭିତିରେ ୧୧.୪% ବୃଦ୍ଧି ପାଇଛି । ଏକୀକୃତ ଇବିଆଇଟିଡିଏ ୧,୩୮୮ କୋଟି ଟଙ୍କା ଏବଂ ଟିକସ ପରବର୍ତୀ ଲାଭ ୮୦୮ କୋଟି ଟଙ୍କା ରେକର୍ଡ ହୋଇଛି, ଯାହା ବାର୍ଷିକ ଭିତିରେ ଯଥାକ୍ରମେ ୧୭% ଏବଂ ୩୨.୬% ବୃଦ୍ଧି ପାଇଛି ।



ଏକୀକୃତ ମୋଟ ଋଣ ୩,୬୪୬ କୋଟି ଟଙ୍କା ଥିଲା, ଯେତେବେଳେ ମୋଟ ଋଣ-ଇକ୍ୱିଟି ଅନୁପାତ ୦.୨ଗୁ ରହିଛି ।

ଗତ ତ୍ରୈମାସିକରେ ଶିଳ୍ପ ପାଇପ୍ ଓ ଟ୍ୟୁବ୍, ଲିଫ୍ଟ, ମେଟ୍ରୋ, ରେଳବାଇ କୋଚ୍ ଏବଂ ୱାଗନ୍ ଭଳି ପ୍ରମୁଖ କ୍ଷେତ୍ରଗୁଡ଼ିକରେ ସ୍ଥିର ଚାହିଦା ରହିଥିଲା । ଉତ୍ସବକାଳୀନ ଚାହିଦା ଦ୍ୱାରା ୱାଇଟ୍ ଗୁଡ୍ସ କ୍ଷେତ୍ର ମଧ୍ୟ ଆକର୍ଷଣ ହାସଲ କରିଛି । ଜିନ୍ଦଲ ଷ୍ଟେନଲେସ୍ ଏହାର ଗ୍ରାହକ-କୈନ୍ଦ୍ରିକ ପଦକ୍ଷେପଗୁଡ଼ିକୁ ସୁଦୃଢ଼ କରିଚାଲିଛି ଯାହା ଉତ୍ପାଦର ପ୍ରାମାଣିକତା, ଉତ୍କୃଷ୍ଟତା ଏବଂ ବିଶ୍ୱାସକୁ ବଜାୟ ରଖିଛି । ପାଇପ୍ ଓ ଟ୍ୟୁବ୍, ରୋଷେଇ ସାମଗ୍ରୀ ଓ ସିଙ୍କ୍ ସେଗମେଂଟରେ ଏହାର ସହ-ବ୍ରାଣ୍ଡିଂ ଯୋଜନା ଜିନ୍ଦଲ ସାଥୀ ସିଲ୍ ଗୁଣବତା ଏବଂ ପ୍ରାମାଣିକତା ପ୍ରତି ଏକ ସମାନ ପ୍ରତିବଦ୍ଧତା ମାଧ୍ୟମରେ ସହଭାଗୀଙ୍କ ଆତ୍ମବିଶ୍ୱାସକୁ ଆହୁରି ବୃଦ୍ଧି କରିଛି, ଯେତେବେଳେ କ୍ୟୁଆର କୋଡ୍ ଲୋୟାଲ୍ଟି ପ୍ରୋଗ୍ରାମ୍ ଭଳି ପଦକ୍ଷେପ ଗ୍ରାହକଙ୍କ ସମ୍ପୃକ୍ତି ଏବଂ କାର୍ଯ୍ୟକ୍ଷମତାକୁ ବୃଦ୍ଧି କରିଛି । ନିରନ୍ତର ଘରୋଇ ଚାହିଦା ସହିତ କମ୍ପାନୀ ଆଗାମୀ ତ୍ରୈମାସିକରେ ସ୍ଥିର ଅଭିବୃଦ୍ଧି ହାସଲ କରିବା ପାଇଁ ଭଲ ସ୍ଥିତିରେ ରହିଛି ।

### ପାର୍ବଣ ଋତୁ ପୂର୍ବରୁ ଦୈନିକ ୩.୫ ଲକ୍ଷ ଉପଭୋକ୍ତାଙ୍କୁ ଡିଜିଟାଲ ବସ ବୁକିଂ ପ୍ରଦାନ କରିଛି ରେଡ ବସ

ଭୁବନେଶ୍ୱର, (ସବ୍ୟୁ): ବିଶ୍ୱର ସର୍ବବୃହତ ଅନଲାଇନ ବସ ଟିକେଟିଂ ପ୍ଲାଟଫର୍ମ ରେଡବସ, ପୂର୍ବଭାରତର ବୃହତ ଏବଂ ସବୁଠାରୁ ଦକ୍ଷ ରାଜ୍ୟ ମାଲିକାନା ଆନ୍ତଃନଗରୀ ବସ ପରିବହନ ନିଗମ ମଧ୍ୟରୁ ଅନ୍ୟତମ ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ ସହ ଏହାର ସହଭାଗିତା ଘୋଷଣା କରିଛି । ଏହି ସହଯୋଗ ରେଡବସ ବ୍ୟବହାରକାରୀଙ୍କୁ ରେଡବସ ପ୍ଲାଟଫର୍ମ ମାଧ୍ୟମରେ ଓଏସଆରଟିସିରେ ବୁକିଂ କରିବାକୁ ଅନୁମତି ଦେବ, ଯେଉଁଥିରେ ଏହାର ସହଯୋଗୀ ସେବା ଯେପରିକି ଶ୍ରୀ ଜଗନ୍ନାଥ ଏକ୍ସପ୍ରେସ ,ସିଏମ ବସ ସେବା ଓ ମୁଖ୍ୟମନ୍ତ୍ରୀଙ୍କ ବସସେବା ଅନ୍ତର୍ଭୁକ୍ତ । ଏହାର ବ୍ୟବହାରକାରୀମାନେ ଅନୁକୂଳ ଇଂଟରଫେସ ଏବଂ ବସ ଅପରେଟରଙ୍କ ବ୍ୟାପକ ନେଟୱର୍କ ପାଇଁ ଜଣାଶୁଣା, ରେଡବସ ଏବେ ରାଜ୍ୟ ମାଲିକାନାରେ ଥିବା ବସ ପରିବହନ ନିଗମର ୩.୫ ଲକ୍ଷ ଦୈନିକ ଯାତ୍ରୀଙ୍କୁ ରେଡବସ ଆପ ମାଧ୍ୟମରେ ସହଜରେ ସେମାନଙ୍କ ସିଟ ବୁକ କରିବାକୁ ସକ୍ଷମ କରିବ । ଏହି ସହଭାଗିତା ଓଏସଆରଟିସିକୁ ଦେଶର ସବୁଠାରୁ ବିଶ୍ୱସ୍ତ ଏବଂ ନିର୍ଭରଯୋଗ୍ୟ ଅନଲାଇନ ବସ ବୁକିଂ ପ୍ଲାଟଫର୍ମ ମଧ୍ୟରୁ ଗୋଟିଏ ରେଡବସରେ ୧୪ ହଜାର ସିଟ (ପ୍ରତିଦିନ)ର ଇନଭେଂଟାରୀ ରଖିବାକୁ ସକ୍ଷମ କରିଥାଏ , ଯାହା ସମଗ୍ର ଓଡ଼ିଶା, ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା ଏବଂ ମଧ୍ୟପ୍ରଦେଶରୁ ନିଗମ ପାଇଁ ଅନଲାଇନ ଟିକଟ ବିକ୍ରୟକୁ ବୃଦ୍ଧି କରିଥାଏ ।

## ସୂର୍ଯ୍ୟସ୍ନାତ ତ୍ରିପାଠୀଙ୍କୁ ମିଳିବ ୨୦୨୫ ସୋଆ ଯୁବ ସାହିତ୍ୟ ପୁରସ୍କାର

ଭୁବନେଶ୍ୱର, (ସବ୍ୟୁ): ଓଡ଼ିଆ ଯୁବ କବି ଓ ଲେଖକ ସୂର୍ଯ୍ୟସ୍ନାତ ତ୍ରିପାଠୀ ପାଇବେ ସୋଆ ଯୁବ ସାହିତ୍ୟ ପୁରସ୍କାର ୨୦୨୫ । ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ ହେବାକୁ ଥିବା ତୃତୀୟ ସୋଆ ସାହିତ୍ୟ ଉତ୍ସବର ଉଦ୍‌ଯାପନୀ ଉତ୍ସବ ନଭେମ୍ବର ୩୦ ତାରିଖରେ ଶ୍ରୀ ତ୍ରିପାଠୀଙ୍କୁ ଏହି ସମ୍ମାନରେ ସମ୍ମାନିତ କରାଯିବ । ବର୍ଷା ପ୍ରକାଶନୀ ଦ୍ୱାରା ୨୦୨୪ରେ ପ୍ରକାଶିତ ଶ୍ରୀ ତ୍ରିପାଠୀଙ୍କର କ୍ଷୁଦ୍ର ଗଳ୍ପ ସଂକଳନ 'ଠିଆପୁଚି ନାରଙ୍ଗ' ନିମନ୍ତେ ବିଚାରକ ମଣ୍ଡଳୀ ସର୍ବସମ୍ମତି କ୍ରମେ ତାଙ୍କ ନାମକୁ ପୁରସ୍କାର ନିମନ୍ତେ ମନୋନୀତ କରିଛନ୍ତି । ଏହି ସଂକଳନରେ ୧୨ଟି ଗଳ୍ପ ରହିଛି ଯେଉଁଥିରେ ଲେଖକ ମଣିଷର ମନସ୍ତତ୍ୱ ଏବଂ ସମସାମୟିକ ଅନୁଭୂତିର ନିଚ୍ଛକ ପରିପ୍ରକାଶ କରିଛନ୍ତି । ତାଙ୍କର କବିତା ପରି ସ୍ୱପ୍ନ ଏବଂ ପ୍ରେମ ତାଙ୍କ ଗଳ୍ପର ମୁଖ୍ୟ ସ୍ୱର । ସେ



ବର୍ତମାନ ଆଇଆଇଟି ରୁପାର ର ବାୟୋମେଡିକାଲ୍ ଇଞ୍ଜିନିୟରିଂ ବିଭାଗର ଆସିଷ୍ଟାଂଟ ପ୍ରଫେସର ଭାବେ କାର୍ଯ୍ୟରତ ଅଛନ୍ତି । ୧୯୯୧ ମସିହାରେ ଜନ୍ମିତ ସୂର୍ଯ୍ୟସ୍ନାତ ତ୍ରିପାଠୀଙ୍କର ୭ଟି କବିତା ସଂକଳନ, ଗୋଟିଏ କ୍ଷୁଦ୍ର ଗଳ୍ପ ସଂକଳନ ପ୍ରକାଶ ପାଇଛି । ସେ ଧରମବୀର ଭାରତୀଙ୍କ ଲିଖିତ 'କନୁପ୍ରିୟା'ର ଓଡ଼ିଆ ଅନୁବାଦ କରିଛନ୍ତି । ୨୦୧୭ ମସିହାରେ କେନ୍ଦ୍ର ସାହିତ୍ୟ ଅକାଦେମୀ ଯୁବ ପୁରସ୍କାରରେ ସମ୍ମାନିତ ହୋଇଥିବା ଶ୍ରୀ ତ୍ରିପାଠୀ ହାଇଦ୍ରାବାଦ ସ୍ଥିତ ନାଟକ ସଂସ୍ଥା 'କାସ', 'କିସ୍‌ସା ଗୋ' ଏବଂ 'ପ୍ଲେ ଅଫ୍ ଶିବା' ଭଳି ଅନୁଷ୍ଠାନ ଗୁଡ଼ିକ ନିମନ୍ତେ ନାଟକର ସଂଳାପ ଲେଖିଥିବା ବେଳେ 'ବୋତଲ ଅର୍ଜ ହେ, ଲାଷ୍ଟ ୱିସ, ଜେନେରେସନ୍ସ ଅଫ୍ ନ୍ୟୁଟନ୍ ଭଳି ନାଟକର ସଂଳାପ ଲେଖିଛନ୍ତି । ନିକଟରେ ସେ ଓଡ଼ିଆ ସିନେମା ଇନ୍ଦ୍ରଧନୁ ସମେତ ୨ଟି କ୍ଷୁଦ୍ର ଚଳଚ୍ଚିତ୍ର 'ମାଟି ମୁହାଣ' (ଓଡ଼ିଆ) ଏବଂ 'ଖିଡ଼କିୟାନ୍' (ହିନ୍ଦୀ) ନିମନ୍ତେ ସଂଳାପ ରଚନା କରିଛନ୍ତି ।

# କାର ବିସ୍ଫୋରଣ : ପ୍ରତ୍ୟକ୍ଷଦର୍ଶୀ ବଖାଣିଲେ ଘଟଣାର ଦୃଶ୍ୟ







ନୂଆଦିଲ୍ଲୀ: ଦିଲ୍ଲୀର ଲାଲକିଲ୍ଲା ମେଟ୍ରୋ ଷ୍ଟେସନର ଗେଟ ନମ୍ବର ୧ ନିକଟରେରେ ସୋମବାର ସନ୍ଧ୍ୟାରେ ଘଟିଥିବା ବିସ୍ଫୋରଣ ସମ୍ପର୍କରେ ପ୍ରତ୍ୟକ୍ଷଦର୍ଶୀମାନେ ଛାତିଥରାଇଦେଲା ଭଳି ବୟାନ ଦେଇଛନ୍ତି। ବିସ୍ଫୋରଣର ତିବ୍ରତା ଏତେ ଶକ୍ତିଶାଳୀ ଥିଲା ଯେ, ଏହା ଆକାଶରୁ ନିଆଁ ପିଣ୍ଡୁଳା ଖସିଲା ଭଳି ଦେଖିବାକୁ ମିଳିଥିଲା। ଦିଲ୍ଲୀ ଅଗ୍ନିଶମ ବିଭାଗ କହିଛି ଯେ ଲାଲକିଲ୍ଲା ମେଟ୍ରୋ ଷ୍ଟେସନର ଗେଟ ନମ୍ବର ୧ ନିକଟରେ ଏକ କାରରେ ବିସ୍ଫୋରଣ ହୋଇଥିବା ରିପୋର୍ଟ ଆସିଥିଲା, ଏହା ପରେ ତିନିରୁ ଚାରୋଟି ଗାଡ଼ିରେ ମଧ୍ୟ ନିଆଁ ଲାଗିଯାଇଥିଲା।

ହସ୍ପିଟାଲର ବିବୃତିରେ କୁହାଯାଇଛି ଯେ, ଆଠ ଜଣଙ୍କର ମୃତ୍ୟୁ ହୋଇଛି। କିନ୍ତୁ ଦିଲ୍ଲୀ ପୋଲିସ ଏପର୍ଯ୍ୟନ୍ତ କେବଳ ଜଣଙ୍କର ମୃତ୍ୟୁ ରିପୋର୍ଟ କରିଛି। ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇବାର ଆଶଙ୍କା କରାଯାଉଛି। ଫୋରେନସିକ୍ ଏବଂ ଆତଙ୍କବାଦ ତଦନ୍ତ ଦଳ ମଧ୍ୟ ଘଟଣାସ୍ଥଳରେ ପହଞ୍ଚିଛନ୍ତି।

ଏନେଇ ଦିଲ୍ଲୀ ପୁଲିସ କମିସନର ସତୀଶ ଗୋଲଚା କହିଛନ୍ତି, ସନ୍ଧ୍ୟା ପ୍ରାୟ ୬:୫୨ ସମୟରେ, ଏକ ଧୀର ଗତିରେ ଯାଉଥିବା କାର ରେଡ୍ ସିଗନାଲରେ ଅଟକିଥିଲା। ଏହାପରେ ଗାଡିରେ ବିସ୍ଫୋରଣ ହୋଇଥିଲା। ଯାହା ଦ୍ୱାରା ନିକଟବର୍ତ୍ତୀ ଗାଡିଗୁଡିକ କ୍ଷତିଗ୍ରସ୍ତ ହୋଇଥିଲା। ଏଫ୍ଏସ୍ଏଲ୍ ଏବଂ ଏନ୍ଆଇଏ ସମେତ ସମସ୍ତ ଏଜେନ୍ସି ଘଟଣାସ୍ଥଳରେ ଅଛନ୍ତି। ଏହି ଘଟଣାରେ କିଛି ଲୋକଙ୍କ ମୃତ୍ୟୁ ହୋଇଛି ଏବଂ କିଛି ଆହତ ହୋଇଛନ୍ତି। ପରିସ୍ଥିତି ଉପରେ ନଜର ରଖାଯାଇଛି। ଗୃହମନ୍ତ୍ରୀ ମଧ୍ୟ ଆମକୁ ଫୋନ୍ କରିଛନ୍ତି, ଏବଂ ସମୟ ସମୟରେ ତାଙ୍କ ସହିତ ସୂଚନା ସେୟାର କରାଯାଉଛି। ଘଟଣା ପରେ ତୁରନ୍ତ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଦିଲ୍ଲୀ ପୋଲିସ କମିସନରଙ୍କ ସହ କଥା ହୋଇଥିଲେ। ଏନ୍ଏସ୍ଜି, ଏନ୍ଆଇଏ ଏବଂ ଫୋରେନସିକ୍ ବିଭାଗର ଦଳ ଘଟଣାସ୍ଥଳରେ ପହଞ୍ଚିଛନ୍ତି। ଦିଲ୍ଲୀରେ ଘଟିଥିବା ଘଟଣା ସମ୍ପର୍କରେ ଗୃହମନ୍ତ୍ରୀ ଇଣ୍ଟେଲିଜେନ୍ସ ବ୍ୟୁରୋ (ଆଇବି) ନିର୍ଦ୍ଦେଶକଙ୍କ ସହ ନିରନ୍ତର ଯୋଗାଯୋଗରେ ଅଛନ୍ତି।

ଶାହ ବିସ୍ଫୋରଣ ସମ୍ପର୍କରେ ଏନ୍ଆଇଏ ମହାନିର୍ଦ୍ଦେଶକଙ୍କ ସହ କଥା ହୋଇଛନ୍ତି। ଗୃହମନ୍ତ୍ରୀ ଆଇବି ମୁଖ୍ୟଙ୍କଠାରୁ ମଧ୍ୟ ସୂଚନା ମାଗିଛନ୍ତି। ଶାହା ଏନ୍ଆଇଏ ମହାନିର୍ଦ୍ଦେଶକଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।

ଚଣ୍ଡିଗଡ଼ରେ ହାଇ ଆଲର୍ଟ ଜାରି କରାଯାଇଛି। ଦିଲ୍ଲୀ ବିସ୍ଫୋରଣକୁ ଦୃଷ୍ଟିରେ ରଖି ହରିୟାଣା ଏବଂ ପଞ୍ଜାବ ମଧ୍ୟ ହାଇ ଆଲର୍ଟରେ ରହିଛି। ବିସ୍ଫୋରଣ ନେଇ ଜଣେ ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି, ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ, ଏହା ନିକଟବର୍ତ୍ତୀ ଘରଗୁଡ଼ିକୁ ଥରାଇ ଦେଇଥିଲା। ଏହା ବ୍ୟତୀତ, ଘଟଣାସ୍ଥଳ ପାଖରେ ଥିବା ଦୋକାନଗୁଡ଼ିକର ଝରକା ଭାଙ୍ଗି ଯାଇଥିଲା। ଲୋକମାନେ ଭୟଭୀତ ହୋଇଯାଇଥିଲେ। ଆମେ କିଛି ବୁଝିବା ପୂର୍ବରୁ, ବିସ୍ଫୋରଣ ହୋଇଥିବା କାର ଏବଂ ରାସ୍ତାରେ ଥିବା କାରଗୁଡ଼ିକ ନିଆଁ ପିଣ୍ଡୁଳା ହୋଇଯାଇଥିଲା।

ସ୍ଥାନୀୟ ବାସିନ୍ଦା ରାଜଧର ପାଣ୍ଡେ କହିଛନ୍ତି, ମୁଁ ମୋ ଘରୁ ନିଆଁର ପିଣ୍ଡୁଳା ଦେଖିଲି। କଣ ଘଟିଛି ତାହା ଦେଖିବାକୁ ତଳକୁ ଆସିଲି। ଏସମ୍ପର୍କରେ ଆମ୍ବୁଲାନ୍ସ ଡ୍ରାଇଭର ମହମ୍ମଦ ଅସଦ କହିଛନ୍ତି, ମୁଁ ପହଞ୍ଚିବା ପରେ ୪-୫ଟି ମୃତଦେହ ଦେଖିଲି। ଆମେ ମୃତଦେହକୁ ହସ୍ପିଟାଲକୁ ନେଇଗଲୁ। ବିସ୍ଫୋରଣର ୭-୮ ମିନିଟ୍ ମଧ୍ୟରେ ଆମେ ସୂଚନା ପାଇଲୁ ଏବଂ ଏକ ଆମ୍ବୁଲାନ୍ସ ସହିତ ପହଞ୍ଚିଥିଲୁ। ଦିଲ୍ଲୀ ପୁଲିସର ଏକ ଦଳ ଘଟଣାସ୍ଥଳରେ ପହଞ୍ଚିଛି। ଲାଲକିଲ୍ଲା ନିକଟରେ ପ୍ରବଳ ଭିଡ଼ ଜମା ହୋଇଛନ୍ତି। ଲାଲକିଲ୍ଲା ନିକଟରେ ଥିବା ବଡ଼ ବଜାର, ଚାନ୍ଦନୀ ଚୌକରେ ପ୍ରତିଦିନ ହଜାର ହଜାର ଲୋକଙ୍କର ସମାଗମ ହୋଇଥାଏ। ଏଭଳି ଜନବହୁଳ ଅଞ୍ଚଳରେ ବଡ଼ ଧରଣର ବିସ୍ଫୋରଣ ଘଟିଥିବାରୁ ଲୋକଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି ହୋଇଛି।

## ଉତ୍ତର ପ୍ରଦେଶରେ ଜାରି ହେଲା ରେଡ୍ ଆଲର୍ଟ



ଲକ୍ଷ୍ନୌ : ଦିଲ୍ଲୀ ବିସ୍ଫୋରଣ ପରେ ପଡ଼ୋଶୀ ଉତ୍ତର ପ୍ରଦେଶରେ ରେର୍ଡ ଆଲର୍ଟ ଜାରି କରାଯାଇଛି।

ଉତ୍ତର ପ୍ରଦେଶର ଏଡିଜି(ଆଇନ ଶୃଙ୍ଖଳା) ଅମିତାଭ ୟାଶ କହିଛନ୍ତି ଯେ ଡିଜିପିଙ୍କ ପକ୍ଷରୁ ସମସ୍ତ ବରିଷ୍ଠ ଅଧିକାରୀଙ୍କୁ ଆଲର୍ଟ ଜାରି କରାଯାଇଛି। ବିଶେଷ କରି ସମ୍ବେଦନଶୀଳ ଧାର୍ମିକ ସଂସ୍ଥା, ସମ୍ବେଦନଶୀଳ ଜିଲ୍ଲା ଓ ସୀମାନ୍ତ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥାକୁ ବୃଦ୍ଧି କରାଯାଇଛି। ଉତ୍ତର ପ୍ରଦେଶର ସବୁ ଜିଲ୍ଲାର ପୁଲିସ୍ ଆଲର୍ଟରେ ରହିଛନ୍ତି। ସମ୍ବେଦନଶୀଳ ଅଞ୍ଚଳରେ ପ୍ୟାଟ୍ରୋଲିଂ ଓ ଚେକିଂ ବୃଦ୍ଧି କରିବାକୁ ଲକ୍ଷ୍ନୌ ପୋଲିସ ନିର୍ଦ୍ଦେଶ ଦେଇଛି।

କେବଳ ଦିଲ୍ଲୀ କିମ୍ବା ଉତ୍ତର ପ୍ରଦେଶ ନୁହେଁ, ମୁମ୍ବାଇ, ହାଇଦ୍ରାବାଦ, ଚେନ୍ନାଇ ଓ କୋଲକାତା ଭଳି ମେଟ୍ରୋ ସହରରେ ମଧ୍ୟ ଆଲର୍ଟ ଜାରି କରାଯାଇଛି। ପ୍ରଶାସନ ପକ୍ଷରୁ ଦିଲ୍ଲୀ ବିସ୍ଫୋରଣ ଆତଙ୍କୀ ହମଲା ବୋଲି ଏଯାଏ କୁହାଯାଇ ନାହିଁ। କିନ୍ତୁ ସ୍ଥିତିକୁ ଦେଖିଲେ ଏହା ଆତଙ୍କବାଦୀ ହମଲା ବୋଲି କୁହାଯାଇ ପାରିବ।

ଏହି ଘଟଣା ପୂର୍ବରୁ ରବିବାର ଓ ଆଜି ମିଳିତ ଭାବେ ଦିଲ୍ଲୀ ଠାରୁ ୪୫ କିମି ଦୂର ଫରିଦାବାଦରୁ ୨୯୦୦ କେଜିର ବିସ୍ଫୋରକ ଜବତ ହୋଇଥିଲା। ଏତେ ପରିମାଣର ବିସ୍ଫୋରଣ ଜବତ କରି ଆତଙ୍କୀଙ୍କ ସବୁ ଯୋଜନା ପଣ୍ଡ କରିଥିଲେ ସୁରକ୍ଷାକର୍ମୀ। ଏହାକୁ ନେଇ ହଇଚଇ ସୃଷ୍ଟି ହୋଇଥିବା ବେଳେ ସନ୍ଧ୍ୟାରେ ବିସ୍ଫୋରଣ ଖବର ସାମ୍ନାକୁ ଆସିଛି।

## ଦିଲ୍ଲୀ ବିସ୍ଫୋରଣର ଇତିହାସ

-୨୯ ଅକ୍ଟୋବର ୨୦୦୫ : ନୂଆଦିଲ୍ଲୀ ରେଳ ଷ୍ଟେସନ, ଗୋବିନ୍ଦପୁରୀ ଏବଂ ସରୋଜିନୀ ମାର୍କେଟରେ ତିନୋଟି ବିସ୍ଫୋରଣ, ୬୨ ଜଣଙ୍କର ମୃତ୍ୟୁ ଏବଂ ୨୧୦ ଜଣ ଆହତ ।
-୧୪ ଏପ୍ରିଲ୍ ୨୦୦୬ : ଜାମା ମସଜିଦ ଭିତରେ ଦୁଇଟି ବୋମା ବିସ୍ଫୋରଣ ହୋଇଥିଲା, ଯେଉଁଥିରେ ୧୪ ଆହତ ।।
-୧୩ ସେପ୍ଟେମ୍ବର ୨୦୦୮ : ଦିଲ୍ଲୀରେ ପାଞ୍ଚଟି ବୋମା ବିସ୍ଫୋରଣ, ୨୫ ଜଣଙ୍କ ମୃତ୍ୟୁ, ୧୦୦ ରୁ ଅଧିକ ଆହତ ।
-୨୭ ସେପ୍ଟେମ୍ବର ୨୦୦୮ : ଦିଲ୍ଲୀର ମେହରୌଲି ଫୁଲ ବଜାରରେ ବିସ୍ଫୋରଣ, ୪ ଜଣଙ୍କ ମୃତ୍ୟୁ, ୧୫ ଆହତ ।
-୧୯ ସେପ୍ଟେମ୍ବର , ୨୦୧୦ : ଜାମା ମସଜିଦ (ଦିଲ୍ଲୀ)ରେ ଗୁଳିଚାଳନା ଏବଂ ବିସ୍ଫୋରଣ, ୨ ଜଣ ଆହତ ।
-୭ ସେପ୍ଟେମ୍ବର ୨୦୧୧ : ଦିଲ୍ଲୀ ହାଇକୋର୍ଟରେ ବିସ୍ଫୋରଣ, ୧୧ ଜଣଙ୍କ ମୃତ୍ୟୁ, ୬୪ ଜଣ ଆହତ ।

## ଶୋକ ପ୍ରକାଶ କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ: ଲାଲକିଲ୍ଲା ନିକଟରେ ଆଜି ସନ୍ଧ୍ୟାରେ ବିସ୍ଫୋରଣ ଘଟଣା ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗଭୀର ଶୋକ ପ୍ରକାଶ କରିଛନ୍ତି। ମୃତକମାନଙ୍କ ପରିବାର ପାଇଁ ସମବେଦନା ଜଣାଇଛନ୍ତି। ଆହତମାନଙ୍କ ଶୀଘ୍ର ଆରୋଗ୍ୟ କାମନା କରୁଛି। ପରିସ୍ଥିତି ଉପରେ ନଜର ରଖିବା ଗୃହମନ୍ତ୍ରୀ ଅମିତ ଶାହଙ୍କ ସହିତ କଥା ହୋଇଛି ବୋଲି ମୋଦୀ ଟୁଇଟ୍ କରିଛନ୍ତି। ଏହି ବିସ୍ଫୋରଣ ଘଟଣାରେ ଏପର୍ଯ୍ୟନ୍ତ ୧୩ ଜଣଙ୍କର ମୃତ୍ୟୁ ଘଟିଥିବା ନେଇ ଜାତୀୟ ଗଣମାଧ୍ୟମର ରିପୋର୍ଟରୁ ଜଣାପଡ଼ିଥିବା ବେଳେ ଅନ୍ୟ ୨୪ ଜଣ ଆହତଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।



ଦିଲ୍ଲୀ ବିସ୍ଫୋରଣ ପରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ବରିଷ୍ଠ ପୋଲିସ ପଦାଧିକାରୀଙ୍କ ସହ ପରିସ୍ଥିତି ସମ୍ପର୍କରେ ଆଲୋଚନା କରୁଛନ୍ତି।

## ପାକିସ୍ତାନର ଭାରତ ବିରୋଧୀ ଷଡଯନ୍ତ୍ର ଧରାପଡିଲା


ମସ୍କୋ : ଭାରତ ବିରୋଧରେ ଷଡ଼ଯନ୍ତ୍ରରେ ଲିପ୍ତ ପାକିସ୍ତାନର ଏକ ବଡ଼ ଷଡ଼ଯନ୍ତ୍ର ଧରା ପଡ଼ିଛି । ମସ୍କୋରେ ସକ୍ରିୟ ଥିବା ଆଇଏସଆଇର ଏକ ଗୁପ୍ତଚର ନେଟୱାର୍କର ପର୍ଦ୍ଦାଫାସ କରିଛି ରୁଷର ଗୁପ୍ତଚର ସଂସ୍ଥା । ଏହି ନେଟୱାର୍କ ରୁଷରୁ ଏସ-୪୦୦ ଏୟାର ଡିଫେନ୍ସ ସିଷ୍ଟମ୍ ଏବଂ ହେଲିକପ୍ଟର ପ୍ରଯୁକ୍ତିବିଦ୍ୟା ଭଳି ଉନ୍ନତ ବାୟୁ ପ୍ରତିରକ୍ଷା ପ୍ରଣାଳୀ ଚୋରି କରିବାକୁ ଚେଷ୍ଟା କରୁଥିଲା । ରୁଷର ଏହି କାର୍ଯ୍ୟକୁ ଭାରତର ସୁରକ୍ଷା ଦୃଷ୍ଟିକୋଣରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଉଛି, କାରଣ ଟାର୍ଗେଟ କରାଯାଇଥିବା ପ୍ରଯୁକ୍ତିବିଦ୍ୟା ଭାରତୀୟ ବାୟୁସେନାର ଆଧୁନିକ ପ୍ରତିରକ୍ଷା ପ୍ରଣାଳୀର ଅଂଶ । ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ରୁଷ ଗୁଇନ୍ଦା ସଂସ୍ଥା ଜେଜିବି ସେଣ୍ଟ ପିଟର୍ସବର୍ଗରେ ଜଣେ ରୁଷ ନାଗରିକଙ୍କୁ ଗିରଫ କରିଛି ଯିଏ ଆଇଏସଆଇ ପାଇଁ କାମ କରୁଥିଲା । ଗୁପ୍ତ ଦସ୍ତାବିଜଗୁଡ଼ିକ ଚୋରା ଚାଲାଣ ହେବା ପୂର୍ବରୁ ଏହି ଷଡ଼ଯନ୍ତ୍ର ଧରା ପଡ଼ିଯାଇଥିଲା । ତାଠାରୁ ଉଦ୍ଧାର ହୋଇଥିବା ଦସ୍ତାବିଜଗୁଡ଼ିକ ସାମରିକ ହେଲିକପ୍ଟର ଏବଂ ବାୟୁ ପ୍ରତିରକ୍ଷା ପ୍ରଣାଳୀ (ଏସ-୪୦୦) ବିକାଶରେ ବ୍ୟବହାର କରାଯାଇଥିଲା । ଏଥିରେ ମିଗ -ଭି ସହ ଜଡ଼ିତ ସମ୍ବେଦନଶୀଳ ବୈଷୟିକ ସୂଚନା ଅନ୍ତର୍ଭୁକ୍ତ ଥିଲା ।

ଏହି ରିପୋର୍ଟ ଏପରି ଏକ ସମୟରେ ଆସିଛି ଯେତେବେଳେ ଭାରତ ଗତ ମେ ମାସରେ ଅପରେସନ୍ ସିନ୍ଦୁର ଅଧୀନରେ ପାକିସ୍ତାନରେ ଅବସ୍ଥିତ ଆତଙ୍କବାଦୀ ନେଟୱାର୍କକୁ ଏକ ବଡ଼ ଧକ୍କା ଦେଇଥିଲା । ପାକିସ୍ତାନ ପ୍ରତିଶୋଧ ନେବାକୁ ଚେଷ୍ଟା କରିଥିଲା, କିନ୍ତୁ ଏସ୍ -୪୦୦ ପାକିସ୍ତାନର ସବୁ ଉଦ୍ୟମକୁ ପଣ୍ଡ କରିଦେଇଥିଲା ।

## ବାଂଲାଦେଶପଟୁ ଅନୁପ୍ରବେଶ ଉଦ୍ୟମ

ନୂଆଦିଲ୍ଲୀ : ଲସ୍କର-ଏ-ତୈବା କମାଣ୍ଡର ସୈଫୁଲ୍ଲା ସୈଫ ଏକ ଭିଡିଓରେ ଦାବି କରିଛି ଯେ ହାଫିଜ୍ ସଇଦ ବାଂଲାଦେଶ ଦେଇ ଭାରତ ଉପରେ ଆକ୍ରମଣ କରିବାକୁ ପ୍ରସ୍ତୁତ ହେଉଛି। ଏହି ଭିଡିଓଟି ଅକ୍ଟୋବର ୩୦ ତାରିଖରେ ପାକିସ୍ତାନର ଖୈରପୁର ତାମିଭାଲିରେ ଆୟୋଜିତ ଏକ ରାଲିର ବୋଲି କୁହାଯାଉଛି।

ଭିଡିଓରେ ସୈଫୁଲ୍ଲା ସୈଫ ସ୍ପଷ୍ଟ ଭାବରେ କହୁଛି ଯେ, ହାଫିଜ୍ ସଇଦ ଚୁପ୍ ବସି ନାହାନ୍ତି ସେ ଭାରତ ଉପରେ ଆକ୍ରମଣ କରିବା ପାଇଁ ବାଂଲାଦେଶ ରାସ୍ତା ବ୍ୟବହାର କରିବାକୁ ଯୋଜନା କରୁଛନ୍ତି। ସେ କହିଛନ୍ତି ଯେ ତାଙ୍କର ଅନେକ ସହଯୋଗୀ ପୂର୍ବ ପାକିସ୍ତାନ, ବାଂଲାଦେଶରେ ସକ୍ରିୟ ଅଛନ୍ତି



ଏବଂ ଭାରତ ବିରୁଦ୍ଧରେ ଜିହାଦୀ କାର୍ଯ୍ୟକଳାପରେ ନିୟୋଜିତ ଅଛନ୍ତି। ପାକିସ୍ତାନରେ ଅନୁଷ୍ଠିତ ଏକ ରାଲି ସମୟରେ ସୈଫୁଲ୍ଲା କହିଛି ଯେ ଜଣେ ସହଯୋଗୀଙ୍କୁ ବାଂଲାଦେଶ ପଠାଯାଇଛି, ଯିଏ ସ୍ଥାନୀୟ ଯୁବକମାନଙ୍କୁ ଜିହାଦ ପାଇଁ ପ୍ରସ୍ତୁତ କରୁଛି ଏବଂ ସେମାନଙ୍କୁ ଆତଙ୍କବାଦୀ ତାଲିମ ପ୍ରଦାନ କରୁଛି । ସେ ଦାବି କରିଛନ୍ତି ଯେ ବାଂଲାଦେଶ ଏବେ ଭାରତ ବିରୁଦ୍ଧରେ ଷଡ଼ଯନ୍ତ୍ର ପାଇଁ ଏକ ଲଞ୍ଚପ୍ୟାଡ୍ ହେବାକୁ ଯାଉଛି । ଭିଡିଓରେ ପିଲାମାନଙ୍କର ଉପସ୍ଥିତି ମଧ୍ୟ ଦେଖାଯାଉଛି, ଯାହା ସୂଚାଇ ଦେଉଛି ଯେ ଆତଙ୍କବାଦୀ ସଂଗଠନଗୁଡ଼ିକ ସେମାନଙ୍କର ଏଜେଣ୍ଡାକୁ ଆଗକୁ ବଢ଼ାଇବା ପାଇଁ ନାବାଳକମାନଙ୍କୁ ବ୍ୟବହାର କରୁଛନ୍ତି। ସୁରକ୍ଷା ବିଶେଷଜ୍ଞଙ୍କ ମତରେ, ଏହି ଘଟଣା ଚିନ୍ତାର ବିଷୟ କାରଣ ପିଲାମାନେ ମଧ୍ୟ ମୌଳବାଦୀ ଚିନ୍ତାଧାରା ଦ୍ୱାରା ପ୍ରଭାବିତ ହେଉଛନ୍ତି ।

## ଭେଣ୍ଟିଲେଟରରେ ଅଭିନେତା ଧର୍ମେନ୍ଦ୍ର

ମୁମ୍ବାଇ : ଚଳଚ୍ଚିତ୍ର ଜଗତର ମହାନ ଅଭିନେତା ଧର୍ମେନ୍ଦ୍ରଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇଯାଇଛି । ଏଥିପାଇଁ ତାଙ୍କୁ ମୁମ୍ବାଇର ବ୍ରିଚକାଣ୍ଡୀ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ସେଠାରେ ତାଙ୍କର ଚିକିତ୍ସା ଭେଣ୍ଟିଲେଟର ସହାୟତାରେ କରାଯାଉଥିବା ଜାତୀୟ ଗଣମାଧ୍ୟମରେ ଖବର ପ୍ରକାଶ ପାଇଛି । ସ୍ୱତନ୍ତ୍ର ଡାକ୍ତରୀ ଟିମ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଉପରେ ନଜର ରଖିଛନ୍ତି । କିନ୍ତୁ ଏନେଇ ହସ୍ପିଟାଲ କର୍ତ୍ତୃପକ୍ଷ କିମ୍ବା ଧର୍ମେନ୍ଦ୍ରଙ୍କ ଟିମ ପକ୍ଷରୁ କୌଣସି ପ୍ରକାରର ପ୍ରତିକ୍ରିୟା ପ୍ରକାଶ ପାଇନାହିଁ। ଧର୍ମେନ୍ଦ୍ରଙ୍କ ପରିବାର ସଦସ୍ୟ ହସ୍ପିଟାଲରେ ରହିଛନ୍ତି। ବିଦେଶରେ ଥିବା ସମ୍ପର୍କୀୟ ଓ ଅନ୍ୟମାନଙ୍କୁ



ଭାରତ ଡକାଯାଇଥିବା ମଧ୍ୟ ଜଣାପଡ଼ିଛି । ଡିସେମ୍ବର ୮ରେ ୯୦ ବର୍ଷରେ ପାଦ ଦେବାକୁ ଯାଉଥିବା ଧର୍ମେନ୍ଦ୍ର ନିକଟରେ ଶ୍ୱାସକ୍ରିୟାରେ କଷ୍ଟ ଅନୁଭବ କରିଥିଲେ। ଏଥିପାଇଁ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପ୍ରାୟ ଗୋଟିଏ ସପ୍ତାହରୁ ଅଧିକ ଦିନ ହେବ ହସ୍ପିଟାଲରେ ଥିବା ଧର୍ମେନ୍ଦ୍ରଙ୍କ ଅବସ୍ଥା ଏବେ ଅଧିକ ଜଟିଳ ହୋଇଛି । ଏପ୍ରିଲ ମାସରେ ସେ ନିଜ ଆଖିର ଅପରେସନ ମଧ୍ୟ କରିଥିଲେ। ବୟସ ଅଧିକ ହୋଇ ଯାଇଥିବାରୁ ସେ ନିୟମିତ ଅସୁସ୍ଥ ହେଉଥିବା ଖବର ତାଙ୍କ ଫ୍ୟାନ୍ସଙ୍କୁ ବିଚଳିତ କରୁଛି ।

## ଜଳିଗଲା ହେଲିକପ୍ଟର, ଚାଲିଗଲା ୫ ଜୀବନ

ମସ୍କୋ: ନିୟନ୍ତ୍ରଣ ହରାଇ ଜଳିଗଲା ହେଲିକପ୍ଟର। ରୁଷର ଦାଗେସ୍ତାନ ରାଜ୍ୟରେ ଏକ ରୁଷୀୟ କେଏ -୨୨୬ ହେଲିକପଟର ଦୁର୍ଘଟଣାଗ୍ରସ୍ତ ହୋଇଛି, ଯେଉଁଥିରେ ପାଞ୍ଚ ଜଣଙ୍କର ମୃତ୍ୟୁ ହୋଇଛି। ଘଟଣାଟି ୭ତାରିଖରେ ଘଟିଥିବା ବେଳେ ଏବେ ଏହି ଦୁର୍ଘଟଣାର ଭିଡିଓଟି ସାମ୍ନାକୁ ଆସିଛି। ଅଚି-ସୁ ଗ୍ରାମ ନିକଟସ୍ଥ କାସ୍ପିଆନ ସାଗର ଅଞ୍ଚଳରେ ହେଲିକପ୍ଟରଟି ନିୟନ୍ତ୍ରଣ ହରାଇ ଭୂମିରେ ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ମୃତକଙ୍କ ମଧ୍ୟରେ ଇଲେକେଟ୍ରା-ମେକାନିକାଲ୍ ପ୍ଲାଣ୍ଟର ଚାରି ଜଣ କର୍ମଚାରୀ ଓ ଜଣେ ରୁଷୀୟ ପ୍ରତିରକ୍ଷା ନିର୍ମାତା ଥିଲେ ବୋଲି ଜଣାଯାଇଛି। କେଇଏମ୍ଜେଡର ୪ଜଣ କର୍ମଚାରୀଙ୍କ ମଧ୍ୟରେ ପ୍ଲାଣ୍ଟର ଡେପୁଟି ଜେନେରାଲ୍ ଡାଇରେକ୍ଟର ଏବଂ ହେଲିକପ୍ଟର ଫ୍ଲାଇଟ୍ ମେକାନିକ୍ ଥିଲେ ବୋଲି ସାମ୍ନାକୁ ଆସିଛି। ଏହି ଦୁର୍ଘଟଣାରେ



ଅନ୍ୟ ଦୁଇଜଣ ଆହତ ହୋଇଛନ୍ତି ଏବଂ ସେମାନଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

ଭାଇରାଲ ହେଉଥିବା ଭିଡିଓରେ ଦେଖିବାକୁ ମିଳିଛି ଯେ, ହେଲିକପ୍ଟରଟି ନିୟନ୍ତ୍ରଣ ହରାଇ ପ୍ରଥମେ ଭୂମିରେ ପିଟି ହୋଇଯାଉଛି, ଯାହା ଦ୍ୱାରା ହେଲିକପ୍ଟରର ପଛ ଭାଗ ଭାଙ୍ଗିଯାଉଛି। ବିସ୍ଫୋରଣରୁ ବଞ୍ଚାଇବାକୁ ପାଇଲଟ ହେଲିକପ୍ଟରକୁ ଉପରକୁ ଉଠାଉଛନ୍ତି। ଏହା ପରେ ହେଲିକପ୍ଟରଟି ଯାଇ କାସ୍ପିଆନ ସାଗରରେ ପୁଣି ଥରେ ତଳକୁ ଖସିଯାଉଛି। ପୁଣି ଥରେ ପାଇଲଟ ଏହାକୁ ଉପରକୁ ଉଠାଇବାକୁ ଚେଷ୍ଟାକ କରି କିଛି ଦୂର ଉପରକୁ ଉଠୁଛନ୍ତି। ହେଲେ ସତ ଚେଷ୍ଟା ପରେ ବି ହେଲିକପ୍ଟରଟି ତଳକୁ ଖସି ନିଆଁ ପିଣ୍ଡୁଳାରେ ପରିଣତ ହେଉଛି।

ତେବେ ହେଲିକପ୍ଟର ଦୁର୍ଘଟଣାର କାରଣ ଏପର୍ଯ୍ୟନ୍ତ ଜଣାପଡ଼ି ନାହିଁ। ପ୍ରଥମେ କୁହାଯାଇଥିଲା ଯେ, ହେଲିକପ୍ଟରଟି ପର୍ଯ୍ୟଟକଙ୍କୁ ନେଇଯାଉଥିଲା। କିନ୍ତୁ ପରେ ଏହା ସ୍ପଷ୍ଟ ହୋଇଥିଲା ଯେ ଏଥିରେ କେଇଏମ୍ଜେଡ୍ଙ୍କ ନାମକ ଏକ ପ୍ରତିରକ୍ଷା ଉପକରଣ ନିର୍ମାଣକାରୀ କମ୍ପାନିର କର୍ମଚାରୀମାନେ ଥିଲେ।

## ମଡେଲଙ୍କ ମୃତ୍ୟୁ : ବୟଫ୍ରେଣ୍ଡ ଗିରଫ

ଭୋପାଳ : ମଡେଲଙ୍କ ସନ୍ଦେହଜନକ ମୃତ୍ୟୁ। ୨୭ ବର୍ଷୀୟ ମଡେଲ ଖୁସବୁ ଅହିରୱାରଙ୍କୁ ହସ୍ପିଟାଲରେ ମୃତ ଘୋଷଣା କରିଛନ୍ତି ଡାକ୍ତର। ଆଜି ସକାଳେ ଖୁସବୁଙ୍କୁ ତାଙ୍କ ବୟଫ୍ରେଣ୍ଡ ଅଚେତ ଅବସ୍ଥାରେ ମଧ୍ୟପ୍ରଦେଶର ସେହୋରେ ଜିଲ୍ଲାରେ ଥିବା ଗୋଟିଏ ହସ୍ପିଟାଲକୁ ଆଣିଥିଲେ। ଡାକ୍ତର ଖୁସବୁଙ୍କୁ ମୃତ ଘୋଷଣା କରିବା ପୂର୍ବରୁ ଫେରାର ହୋଇଯାଇଥିବା ତାଙ୍କ ବୟଫ୍ରେଣ୍ଡକୁ ପୋଲିସ ଗିରଫ କରିଛି।

ସେହୋରେ ଜିଲ୍ଲାର ବୈନସାଖେଡିର ହସ୍ପିଟାଲର ଡାକ୍ତରମାନେ ଖୁସବୁଙ୍କୁ ମୃତ ଘୋଷଣା କରି ପୁଲିସ୍କୁ ଖବର ଦେବା ପରେ ପୂରା ଘଟଣା ସାମ୍ନାକୁ ଆସିଛି। ଏହାପରେ ମୃତଦେହକୁ ଭୋପାଲ ସ୍ଥିତ ଗାନ୍ଧି ମେଡିକାଲ କଲେଜକୁ ବ୍ୟବଚ୍ଛେଦ ପାଇଁ ପଠା ଯାଇଛି। ପରିବାର ଲୋକ ହତ୍ୟା ଅଭିଯୋଗ ଆଣିଥିବାରୁ ମୃତ୍ୟୁର କାରଣ ଜାଣିବା ପାଇଁ ମାଜିଷ୍ଟ୍ରେଟଙ୍କ ଅଧ୍ୟକ୍ଷତାରେ ବ୍ୟବଚ୍ଛେଦ କରାଯିବ ବୋଲି ଜଣାପଡ଼ିଛି। ମଧ୍ୟପ୍ରଦେଶର ଚର୍ଚ୍ଚିତ ମଡେଲ ହେଉଛନ୍ତି ଖୁସବୁ। ତାଙ୍କ ମା' ଲକ୍ଷ୍ମୀ କାନ୍ଦି କାନ୍ଦି ହସ୍ପିଟାଲ ବାହାରେ ଝିଅକୁ ହତ୍ୟା କରାଯାଇଥିବା ଅଭିଯୋଗ କରିଛନ୍ତି। ସେ କହିଛନ୍ତି, ଖୁସବୁର ଦେହସାରା ନୀଳ ଚିହ୍ନ ଦେଖାଯାଉଛି। ତା'ର ମୁହଁ ଫୁଲିଛି ଓ ଗୁପ୍ତାଙ୍ଗରେ ମଧ୍ୟ କ୍ଷତଚିହ୍ନ ରହିଛି। ମୋ ଝିଅକୁ ଭୟଙ୍କର ଢଙ୍ଗରେ ପିଟିପିଟି ହତ୍ୟା କରାଯାଇଛି। ତାଙ୍କ ଭଉଣୀ କହିଛନ୍ତି, ମାଡ଼ ମରାଯିବା ପରେ ତଣ୍ଟି ଚିପି ହତ୍ୟା କରାଯାଇଛି। ସବୁଆଡ଼େ ଘଷି ହେବା ଭଳି ଚିହ୍ନ ରହିଛି। ତା'କୁ ମାରିଥିବା ଲୋକ



ନିଶ୍ଚିତ ଦଣ୍ଡ ପାଇବା ଦରକାର। ଆମେ ନ୍ୟାୟ ଚାହୁଁଛୁ। ପରିବାର ଲୋକଙ୍କ କହିବା କଥା ଯେ ଖୁସବୁ ବେଶ କିଛି ମାସ ହେବ କ୍ୱାସୀମ ନାମକ ଜଣେ ଯୁବକଙ୍କ ସହ ଲିଭ ଇନରେ ରହୁଥିଲେ। ଖୁସବୁଙ୍କୁ ହସ୍ପିଟାଲରେ ପହଞ୍ଚାଇବା ପରଠାରୁ କ୍ୱାସୀମଙ୍କ ପତ୍ତା ମିଳୁନାହିଁ। ପୋଲିସର କହିବା କଥା ଯେ ଖୁସବୁ ଓ କ୍ୱାସୀମ ଉଜ୍ଜୟୀନରୁ ଭୋପାଲ ଆସୁଥିଲେ। ଏହି ସମୟରେ ଖୁସବୁଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିଥିଲା। ଘଟଣାର ୩ ଦିନ ପୂର୍ବରୁ କ୍ୱାସୀମ ନିଜ ଆଡୁ ଖୁସବୁଙ୍କ ମା'ଙ୍କୁ ଫୋନ କରିଥିଲେ। ଏହି ସମୟରେ ସେ କହିଥିଲେ ଯେ ମୁଁ ଜଣା ମୁସଲିମ। କିନ୍ତୁ ଆପଣ ଝିଅ ମୋ ସହ ରହିଛି। ବ୍ୟସ୍ତ ହୁଅନ୍ତୁ ନାହିଁ। ମୁଁ ତା'କୁ ଉଜ୍ଜୟୀନ ନେଇ ଯାଉଛି। ପରବର୍ତ୍ତୀ ଅବସ୍ଥାରେ ଖୁସବୁ ନିଜେ ତାଙ୍କ ମା'ଙ୍କୁ ଫୋନ କରି ବ୍ୟସ୍ତ ନହେବାକୁ କହିଥିଲେ। ଖୁସବୁ ନାମକ ଇନଷ୍ଟାଗ୍ରାମ ଆଇଡି ଚଳାନ୍ତି। ସେ ମଡେଲିଂ କରିବେ ସହ ସୋଶାଲ ମିଡିଆରେ ବିଭିନ୍ନ ଭିଡିଓ ପୋଷ୍ଟ କରନ୍ତି। ଭୋପାଲ ମଡେଲିଂରେ ସେ ବେଶ ପରିଚିତ। ଅନେକ ଲୋକ ତାଙ୍କୁ ସୋଶାଲ ମିଡିଆରେ ଅନୁସରଣ କରନ୍ତି। ବିଏ ପ୍ରଥମ ବର୍ଷରୁ ପାଠପଢା ଛାଡ଼ି ଖୁସବୁ ୩ ବର୍ଷ ହେଲା ଭୋପାଲରେ ରହୁଥିଲେ। ନିଜର ମଡେଲିଂ ସ୍ୱପ୍ନକୁ ପୂରଣ କରିବା ସହ ସେ ପାର୍ଟ ଟାଇମ ଚାକିରି ମଧ୍ୟ କରୁଥିଲେ। ସେ ସବୁବେଳେ ନିଜ ପାଇଁ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାକୁ ଚାହୁଁଥିଲେ ବୋଲି ତାଙ୍କ ମା' କହିଛନ୍ତି।

# ଜାପାନ ପାରା ବ୍ୟାଡମିଣ୍ଟନ : ପ୍ରମୋଦଙ୍କୁ ୩ ସ୍ୱର୍ଣ୍ଣ

ନୂଆଦିଲ୍ଲୀ : ଅନ୍ତର୍ଜାତୀୟ ବ୍ୟାଡମିଣ୍ଟନ ସର୍କିଟକୁ ପାଖାପାଖି ୧୮ ମାସ ପରେ ଫେରିଥିବା ଓଡ଼ିଆ ତାରକା ପ୍ରମୋଦ ଭଗତଙ୍କ ପଦକ ଅମଳ ଜାରି ରହିଛି । ଅଷ୍ଟ୍ରେଲିଆ ପରେ ଜାପାନରେ ଖେଳାଯାଇଥିବା ହୁଲିକ ଦେହାତସୁ ଜାପାନ ପାରା ବ୍ୟାଡମିଣ୍ଟନ ପ୍ରତିଯୋଗିତାରେ ଚମତ୍କାର ପ୍ରଦର୍ଶନ କରି ଏକକାଳୀନ ତିନିଟି ସ୍ୱର୍ଣ୍ଣ ପଦକ ଜିତି ହ୍ୟାଟ୍ରିକ୍ ଅର୍ଜନ କରିଛନ୍ତି ସେ । ନଭେମ୍ବର ୫ରୁ ୯ ତାରିଖ ପର୍ଯ୍ୟନ୍ତ ଖେଳାଯାଇଥିବା



ଏହି ପ୍ରତିଯୋଗିତାରେ ପ୍ରମୋଦ ପୁଣି ଥରେ ନିଜ ଆଧିପତ୍ୟ ଜାରି ରଖି ଏସଏଲ୍-୩ର ଏକକ, ଏସ୍‌ଏଲ୍‌୩-ଏସ୍ୟୁ୫ର ମିଶ୍ରିତ ଏବଂ ଏସ୍‌ଏଲ୍‌୩-ଏସ୍‌ଏଲ୍‌୪ର ଯୁଗଳରେ ସ୍ୱର୍ଣ୍ଣ ପଦକ ଜିତି ରାଜ୍ୟ ତଥା ଦେଶ ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି ।

ଏକକ ଫାଇନାଲରେ ନିଜ ଅସାଧାରଣ ରାକେଟ୍ ଚାଳନା, ଉନ୍ନତ ବୈଷୟିକ ଦକ୍ଷତା ତଥା ଅପୂର୍ବ ଆତ୍ମବିଶ୍ୱାସର ପରିଚୟ ଦେଇ ସେ ଜାପାନର ଦାଇସୁକେ ଫୁଜିହାରାଙ୍କୁ ୧୭-୨୧, ୨୧-୧୯, ୨୧-୧୦ରେ ହରାଇ ଦେଇଥିଲେ । ସେହିଭଳି ମିଶ୍ରିତ ଯୁଗଳରେ ମନୀଷା ରାମଦାସଙ୍କୁ ସାଥୀକରି ମିଶ୍ରିତ ଯୁଗଳ ଫାଇନାଲରେ ନିଜ ଦେଶର ନୀତୀଶ କୁମାର ଓ ତୁଳସୀମାଥୀ ମୁରୁଗାନଙ୍କୁ ୨୧-୧୯, ୨୧-୧୯ରେ ଏବଂ ସୁକାନ୍ତ କଦମଙ୍କୁ ସାଥୀ କରି ପୁରୁଷ ଯୁଗଳ ଫାଇନାଲରେ ଜଗଦୀଶ ଡେଲି ଓ ନବୀନ ଶିବକୁମାରଙ୍କୁ ୨୧-୧୭, ୧୮-୨୧, ୨୧-୧୬ରେ ହରାଇ ଦେଇଥିଲେ । ଏହି ସଫଳତା ଲାଗି ପାରା ସ୍ପୋର୍ଟସ ଆସୋସିଏସନ୍ ଅଫ୍ ଓଡ଼ିଶା ତରଫରୁ ପଦ୍ମଶ୍ରୀ ପ୍ରମୋଦ ଭଗତଙ୍କୁ ଅଶେଷ ଅଭିନନ୍ଦନ ଜ୍ଞାପନ କରାଯାଇଛି ।

# ଦାର୍ଜିଲିଂରେ ରିଚାଙ୍କ ନାମରେ ହେବ ଷ୍ଟାଡିୟମ

କୋଲକାତା : ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଘୋଷଣା କରିଛନ୍ତି ଯେ ଦାର୍ଜିଲିଂରେ ଏକ ନୂତନ କ୍ରିକେଟ ଷ୍ଟାଡିୟମ ଭାରତର ୨୦୨୫ ମହିଳା ବିଶ୍ୱକପ୍ ହିରୋ ରିଚା ଘୋଷଙ୍କ ନାମରେ ନାମିତ କରାଯିବ । ଏହି ପଦକ୍ଷେପ ୨୨ ବର୍ଷୀୟ ସିଲିଗୁଡ଼ିରେ ଜନ୍ମିତ କ୍ରିକେଟରଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ସ୍ୱରୂପ ଆସିଛି, ଯିଏ ଏହି ମାସର ଆରମ୍ଭରେ ଭାରତକୁ ଐତିହାସିକ ଟାଇଟଲ ବିଜୟ ପାଇଁ ମାର୍ଗଦର୍ଶନ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ ।



ମୁଖ୍ୟମନ୍ତ୍ରୀ ରିଚାଙ୍କ ସମ୍ମାନରେ ଏକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଏହି ଘୋଷଣା କରିଥିଲେ, ଉଲ୍ଲେଖ କରିଥିଲେ ଯେ ବଙ୍ଗ ତାଙ୍କ ସଫଳତାକୁ ପିଢ଼ି ପରେ ପିଢ଼ି ମନେ ରଖିବାକୁ ଚାହୁଁଛି । ରିଚା ମାତ୍ର ୨୨ ବର୍ଷ ବୟସରେ ବିଶ୍ୱ ଚାମ୍ପିଅନ ହୋଇଗଲେ । ପଶ୍ଚିମବଙ୍ଗ ସରକାରଙ୍କ ପକ୍ଷରୁ, ଆମେ ତାଙ୍କୁ ସମ୍ମାନିତ କରିଥିଲୁ, କିନ୍ତୁ ମୁଁ ଆହୁରି କିଛି କରିବାକୁ ଚାହୁଁଛି । ଦାର୍ଜିଲିଂରେ ପ୍ରାୟ ୨୭ ଏକର ଜମି ଅଛି, ଏବଂ ମୁଁ ସେଠାରେ ଏକ କ୍ରିକେଟ ଷ୍ଟାଡିୟମ ଯୋଜନା କରିବାକୁ ମେୟରଙ୍କୁ ଅନୁରୋଧ କରିଛି । ଏହାର ନାମ ରିଚା କ୍ରିକେଟ ଷ୍ଟାଡିୟମ ରଖିବା ଉଚିତ ଯାହା ଦ୍ୱାରା ଲୋକମାନେ ଭବିଷ୍ୟତରେ ତାଙ୍କ ପ୍ରଦର୍ଶନକୁ ମନେ ରଖିବେ ଏବଂ ଏହା ଦ୍ୱାରା ଅନୁପ୍ରାଣିତ ହେବେ, ମମତା ବାନାର୍ଜୀ କହିଛନ୍ତି । ନଭି ମୁମ୍ବାଇର ଡିୱାଇ ପାଟିଲ ଷ୍ଟାଡିୟମରେ ଭାରତ ମହିଳା ବିଶ୍ୱକପ୍ ଫାଇନାଲରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ୫୨ ରନରେ ବିଜୟୀ ହେବା ପରେ ରିଚାଙ୍କୁ ତାଙ୍କ ଜନ୍ମସ୍ଥାନ ସିଲିଗୁଡ଼ିରେ ଏକ ନାୟକର ସ୍ୱାଗତ କରାଯାଇଥିଲା ।

# ହରମନପ୍ରୀତ ଅଧିନାୟିକତ୍ୱ ଛାଡନ୍ତୁ : ଶାନ୍ତା ରଙ୍ଗାସ୍ୱାମୀ

ନୂଆଦିଲ୍ଲୀ: ହରମନପ୍ରୀତ କୌରଙ୍କ ନେତୃତ୍ୱରେ ଭାରତୀୟ ମହିଳା କ୍ରିକେଟ୍ ଦଳ ନଭେମ୍ବର ୨ ତାରିଖରେ ଦକ୍ଷିଣ ଆଫ୍ରିକାକୁ ଫାଇନାଲରେ ପରାସ୍ତ କରି ପ୍ରଥମ ବିଶ୍ୱକପ୍ ଟାଇଟଲ୍ ଜିତି ଇତିହାସ ରଚିଥିଲା । ଏହି ଐତିହାସିକ ବିଜୟ ପରେ ଟିମ୍ ପାଖକୁ ଶୁଭେଚ୍ଛାର ସୁଅ ଛୁଟୁଥିବା ବେଳେ ପୂର୍ବତନ ଅଧିନାୟକ ଶାନ୍ତା ରଙ୍ଗାସ୍ୱାମୀଙ୍କ ବୟାନ ଚର୍ଚ୍ଚାରେ ରହିଛି । ହରମନପ୍ରୀତ କୌରଙ୍କ ନେତୃତ୍ୱରେ ଭାରତୀୟ ମହିଳା କ୍ରିକେଟ୍ ଦଳ ବିଶ୍ୱକପ ଜିତିଥିଲେ ବି ତାଙ୍କୁ ଅଧିନାୟିକତ୍ୱ ଛାଡ଼ି ଦେବା ଉଚିତ ବୋଲି କହିଛନ୍ତି ପୂର୍ବ ଅଧିନାୟକ ଶାନ୍ତା ରଙ୍ଗାସ୍ୱାମୀ ।

ଏକ ସାକ୍ଷାତକାରରେ ସେ କହିଛନ୍ତି ଯେ, ହରମନପ୍ରୀତଙ୍କୁ ଅଧିନାୟକ ପଦ ଛାଡିବା ଉଚିତ । ଏହି ବଡ଼ ଦାୟିତ୍ୱରୁ ମୁକ୍ତି ପାଇ ସେ ତାଙ୍କ ବ୍ୟାଟିଂ ଏବଂ ଫିଲ୍ଡିଂ ଉପରେ ଅଧିକ ଧ୍ୟାନ ଦେବା ଉଚିତ । ଦଳର ଭବିଷ୍ୟତକୁ ଆଖି ଆଗରେ ରଖି ଏହି ପରିବର୍ତ୍ତନ କରାଯିବା ଉଚିତ । ତାଙ୍କର ଏହି ବୟାନ ଏବେ ହଇଚଇ ସୃଷ୍ଟି କରିଛି । ହରମନପ୍ରୀତଙ୍କ କ୍ଷମତାକୁ ଅଣଦେଖା କରି ରଙ୍ଗାସ୍ୱାମୀ ଏଭଳି କହିଥିବାରୁ ପ୍ରଶଂସକମାନେ ତାଙ୍କୁ ସମାଲୋଚନା କରିଛନ୍ତି ।

ଅନ୍ୟପକ୍ଷରେ ପୂର୍ବତନ ଭାରତୀୟ ଅଧିନାୟକ ଅଞ୍ଜୁମ ଚୋପ୍ରା ରଙ୍ଗାସ୍ୱାମୀଙ୍କ



ବୟାନ ଉପରେ ଅସନ୍ତୋଷ ପ୍ରକାଶ କରିଛନ୍ତି । ଏକ ସାକ୍ଷାତକାରରେ ସେ କହିଛନ୍ତି, ପ୍ରତ୍ୟେକ ବିଶ୍ୱକପ୍ ପରେ, ଏହିପରି ବୟାନ ଆସେ । କେବଳ ଗତ ଚାରି କିମ୍ବା ପାଞ୍ଚଟି ବିଶ୍ୱକପ୍ ଦେଖନ୍ତୁ, ଆପଣ ଜାଣିପାରିବେ ଯେ, ଏପରି ବୟାନ କେତେ ଥର ଦିଆଯାଇଛି । ଯେତେବେଳେ ଭାରତ ଏକ ଟୁର୍ଣ୍ଣାମେଣ୍ଟ ହାରେ, ସେମାନେ କୁହନ୍ତି ଯେ ହରମନପ୍ରୀତଙ୍କୁ ହଟାଇବା ଉଚିତ । ଯେତେବେଳେ ଭାରତ ଏକ ଟୁର୍ଣ୍ଣାମେଣ୍ଟ ଜିତିଥାଏ, ସେମାନେ କୁହନ୍ତି ଯେ ହରମନପ୍ରୀତଙ୍କୁ ହଟାଇବା ଉଚିତ । ଏହା ଅତି ବିଚିତ୍ର । ପ୍ରତିଥର ଏପରି ବୟାନ ଦିଆଯାଏ । ମୁଁ ଏବେ ଏହା ଉପରେ କୌଣସି ମନ୍ତବ୍ୟ ଦେବାକୁ ଚାହୁଁନାହିଁ କାରଣ ଏହାଦ୍ୱାରା ଭାରତର ବିଜୟର ମୁହୂର୍ତ୍ତ ଗୁଡ଼ିକ ନଷ୍ଟ ହୋଇଯିବ । ହରମନପ୍ରୀତଙ୍କ ଯାତ୍ରା ବିଷୟରେ ଜଣାଇବାକୁ ଯାଇ ଅଞ୍ଜୁମ କହିଛନ୍ତି ଯେ, ଯେତେବେଳେ ପ୍ରଥମ ଦିନ ମୁଁ ତାଙ୍କୁ ଦେଖିଥିଲି, ସେ ସେତେବେଳେ ଘରୋଇ କ୍ରିକେଟ୍ ଖେଳୁଥିଲେ । ପରେ, ଆମେ ସମସ୍ତେ ୨୦୦୭-୦୮ରେ ଚ୍ୟାଲେଞ୍ଜର ଟ୍ରଫି ଟୁର୍ଣ୍ଣାମେଣ୍ଟ ଖେଳିବା ପାଇଁ ମୁମ୍ବାଇର ଏକ ଭାରତୀୟ ଶିବିରରେ ଥିଲୁ ।

# ମାଟିରେ ମିଶିବ ଦିଲ୍ଲୀର ନେହରୁ ଷ୍ଟାଡିୟମ

ନୂଆଦିଲ୍ଲୀ : ମାଟିରେ ମିଶିବ ଦିଲ୍ଲୀର ଐତିହାସିକ ଜବାହରଲାଲ ନେହରୁ ଷ୍ଟାଡିୟମ । ଅନେକ କ୍ରୀଡ଼ାବିତଙ୍କୁ ତିଆରି କରିଥିବା ଓ ବିଶ୍ୱସ୍ତରୀୟ କ୍ରୀଡ଼ା ମହାକୁମ୍ଭ ଆୟୋଜନ କରିଥିବା ଜବାହରଲାଲ ନେହରୁ ଷ୍ଟାଡିୟମକୁ ଭାଙ୍ଗିବାକୁ ଯୋଜନା କରୁଛନ୍ତି କେନ୍ଦ୍ର ସରକାର । ୨୦୧୦ ରାଜ୍ୟ ଗୋଷ୍ଠୀ କ୍ରୀଡ଼ା ଜବାହରଲାଲ ନେହରୁ ଷ୍ଟାଡିୟମରେ ଆୟୋଜନ ହୋଇଥିଲା । ଏଥିପାଇଁ ଷ୍ଟାଡିମୟକୁ ନୂଆ ରୂପ ଦିଆଯିବା ସହ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇଥିଲା । କିନ୍ତୁ ନବୀକରଣର ମାତ୍ର ୧୫ ବର୍ଷ ପରେ ଏହି ଷ୍ଟାଡିୟମକୁ ଭାଙ୍ଗିବାକୁ ଆଲୋଚନା ଆରମ୍ଭ ହୋଇଛି । କ୍ରୀଡ଼ା ମନ୍ତ୍ରଣାଳୟ ସୂତ୍ରୁ ଏପରି ଖବର ସାମ୍ନାକୁ ଆସିଛି ।

୧୯୮୨ ଏସିଆ ଗେମ୍ସ ପାଇଁ ଭାରତ ସରକାର ଏହି ଷ୍ଟାଡିମୟକୁ ତିଆରି କରିଥିଲେ । ୧୯୫୧ ରୁ ଏସିଆଡ ଆରମ୍ଭ ହୋଇଥିବା ବେଳେ ପ୍ରଥମଥର ପାଇଁ କୌଣସି କ୍ରୀଡ଼ା ମହାକୁମ୍ଭ ଦିଲ୍ଲୀରେ ଆୟୋଜନ ହୋଇଥିଲା । ବର୍ତ୍ତମାନ ଏହି ଷ୍ଟାଡିୟମର କ୍ଷମତା ୬୦ ହଜାର । ୨୦୧୦ ରାଜ୍ୟ ଗୋଷ୍ଠୀ କ୍ରୀଡ଼ା ପରେ ଏହି ଷ୍ଟାଡିୟମରେ ଏକାଧିକ ଅନ୍ତର୍ଜାତୀୟ ଫୁଟବଲ ମ୍ୟାଚ୍ ସମେତ ଇଣ୍ଡିଆ ସୁପର ଲିଗ ଖେଳା ଯାଇଛି ।

୨୦୧୭ ଅଣ୍ଡର ୧୭ ଫିଫା ବିଶ୍ୱକପର ଆୟୋଜନ ମଧ୍ୟ ଏଠାରେ ହୋଇଥିଲା । ଚଳିତ ବର୍ଷ ପାରା ଆଥଲେଟିକ୍ସ ଗେମ୍ସ ଜବାହରଲାଲ ନେହରୁ ଷ୍ଟାଡିୟମରେ ଆୟୋଜନ କରି ଭାରତ ସଫଳତା ସାଉଁଟିଥିଲା ।

ଏଠାରେ ନିୟମିତ ବଡ଼ବଡ଼ ସଂଗୀତ ଓ ସରକାରୀ କାର୍ଯ୍ୟକ୍ରମ ମଧ୍ୟ ହୋଇଥାଏ । କ୍ରୀଡ଼ାବିତମାନେ ଏଠାରେ ଅଭ୍ୟାସ ମଧ୍ୟ କରନ୍ତି । ସମସ୍ତଙ୍କ ପାଇଁ ଜବାହରଲାଲ ନେହରୁ ଷ୍ଟାଡିୟମ ପ୍ରେରଣାର ଉତ୍ସ ମଧ୍ୟ ବନିଛି । କିନ୍ତୁ ବିକାଶ ଆଳରେ କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟ ଏହାକୁ ଭାଙ୍ଗିବାକୁ ଚାହୁଁଛି । ଗୋଟିଏ ନୂଆ ସ୍ପୋର୍ଟସ ସିଟି



ପାଇଁ ଜବାହରଲାଲ ନେହରୁ ଷ୍ଟାଡିୟମକୁ ଭାଙ୍ଗିବାକୁ ଯୋଜନା ହୋଇଛି । ନୂଆ ସ୍ପୋର୍ଟସ ସିଟି ପାଇଁ ୧୦୨ ଏକର ସ୍ଥାନ ଦରକାର । ତେଣୁ ଜବାହରଲାଲ ନେହରୁ ଷ୍ଟାଡିୟମକୁ ଭାଙ୍ଗି ପୁଣି ମୂଳର ଅତ୍ୟାଧୁନିକ ଶୈଳୀରେ ତିଆରି କରିବାକୁ ଚାହୁଁଛି ମନ୍ତ୍ରଣାଳୟ । ନୂଆ ସ୍ପୋର୍ଟସ ସିଟି ତିଆରି କରିବା ଓ ଜବାହରଲାଲ ନେହରୁ ଷ୍ଟାଡିୟମକୁ ଭାଙ୍ଗିବା ଯୋଜନା ଏବେ ପ୍ରାରମ୍ଭିକ ପର୍ଯ୍ୟାୟରେ ରହିଛି । ଅଧିକାରୀମାନେ କେମିତି ଏହାକୁ ତିଆରି କରିବେ, ସେଥିପାଇଁ କତର ଓ ଅଷ୍ଟ୍ରେଲିଆର ବିଭିନ୍ନ ପ୍ରକଳ୍ପକୁ ଅନୁଧ୍ୟାନ କରୁଛନ୍ତି । ନୂଆ ସ୍ପୋର୍ଟସ ସିଟିରେ ଉଭୟ ପ୍ରତିଯୋଗିତା ଓ ଟ୍ରେନିଂ ପାଇଁ ସବୁ ପ୍ରକାରର ବ୍ୟବସ୍ଥା ରହିବ । ଅହମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମ(ସର୍ଦ୍ଦାର ବଲ୍ଲଭ ଭାଇ ସ୍ପୋର୍ଟସ ଏନକ୍ଲେଭ)ର ଆଖପାଖ ଅଞ୍ଚଳରେ ଯେଉଁଭଳି ପ୍ରକଳ୍ପ କାମ ଚାଲିଛି ସେଭଳି କିଛି ଦିଲ୍ଲୀରେ କରିବାକୁ ଯୋଜନା ରହିଛି ।୨୦୨୩ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଓ ୨୦୩୬ ଅଲିମ୍ପିକ୍ସ ଆୟୋଜନ କରିବାକୁ ଭାରତ ଚାହୁଁଥିବା ବେଳେ ଏପରି ସ୍ପୋର୍ଟସ ସିଟିର ଆବଶ୍ୟକତା ରହିଥିବା ମନ୍ତ୍ରଣାଳୟର ଜଣେ ଅଧିକାରୀ ନିଜ ନାଁ ଗୋପନରଖି କହିଛନ୍ତି ।

# ଆନ୍ତଃ ଉଚ୍ଚ ମାଧ୍ୟମିକ କ୍ରିକେଟ ଟୁର୍ଣ୍ଣାମେଣ୍ଟ

## ମୁନିସିପାଲ, ରାଉରକେଲା ଫାଇନାଲରେ

ବ୍ୟାସନଗର, ୧୦।୧୧(ସବ୍ୟୁ) : ବ୍ୟାସନଗର କଲେଜ ଖେଳ ପଡିଆରେ ଚାଲୁଥିବା ଆନ୍ତଃ ଉଚ୍ଚ ମାଧ୍ୟମିକ ଫାଇନାଲ ଜୋନ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସେମି ଫାଇନାଲ ବ୍ୟାସନଗର ଓ ମୁନିସିପାଲ ଉଚ୍ଚ ମାଧ୍ୟମିକ ସ୍କୁଲ ମଧ୍ୟରେ ହୋଇଥିଲା । ଟସରେ ବିଜୟୀ ହୋଇ ମୁନିସିପାଲ ଫିଲଡିଂ କରିବାକୁ ନିଷ୍ପତ୍ତି ନେଇଥିଲେ । ବ୍ୟାସନଗର ୧୯.୫ ଓଭରରେ ସମସ୍ତ ଉଇକେଟ ହରାଇ ୭୮ ରନ କରିଥିଲା । ଦଳ ତରଫରୁ ଅନିକେତ ଧୀର ୩୩ ଓ ସୋମେସ ବାରିକ ୨୬ ରନ କରିଥିଲେ । ମୁନିସିପାଲର ରୋଶନ କୁମାର ୪ଟି ଉଇକେଟ ନେଇଥିଲେ । ଏହାର ଜବାବରେ ମୁନିସିପାଲ, ରାଉରକେଲା ୧୧ଓଭରରେ ୨ ଉଇକେଟ ହରାଇ ୭୯ ରନ କରିଥିଲେ । ୮ ଉଇକେଟରେ ମୁନିସିପାଲ ଉଚ୍ଚ ମାଧ୍ୟମିକ ବିଜୟୀ ହୋଇଥିଲେ । ଆଜିର ଖେଳରେ ତେଜ ହୋଣ୍ଡା ତରଫରୁ ମୁନିସିପାଲ ସ୍କୁଲ୍‌ର ରୋଶନ କୁମାରଙ୍କୁ ମ୍ୟାନ ଅଫ ଦ ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା ।




ଅତିଥି ଭାବେ ରାଧିକା ରଞ୍ଜନ କାନୁନଗୋ, ପ୍ରତାପ କୁମାର ଧୀର, ଶଶିକାନ୍ତ ଲେଙ୍କା, ଶରତ ସାହୁ, ସ୍ମୃତି ରଞ୍ଜନ ରାଉତ ଓ ନିରଞ୍ଜନ ପୃଷ୍ଟି ଯୋଗ ଦେଇଥିଲେ । ଖେଳାକୁ ପବିତ୍ର ମଲ୍ଲିକ, ପ୍ରଦୀପ କୁମାର ମଲ୍ଲିକ, ବି. ମୋହିନେଶ ଓ ଶୁଭମ ବିଶ୍ୱାଳ ପରିଚାଳନା କରିଥିଲେ ।

# ସର୍ବଭାରତୀୟ ଟାଙ୍ଗୀ କପ ଫୁଟବଲ ଟୁର୍ଣ୍ଣାମେଣ୍ଟ ଜାନୁୟାରୀ ୫ରୁ

ଟାଙ୍ଗୀ,(ସବ୍ୟୁ): ସର୍ବଭାରତୀୟ ଟାଙ୍ଗୀ କପ ଫୁଟବଲ ଟୂର୍ଣ୍ଣାମେଣ୍ଟ ପ୍ରସ୍ତୁତି ବୈଠକ ଚିଲିକା ସାଂସ୍କୃତିକ କ୍ରିଡା ସଂସଦ କ୍ଲବ ପରିସରରେ ସରପଞ୍ଚ କିଶୋର କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଚିଲିକା ଷ୍ଟାଡିୟମରେ ଅନୁଷ୍ଠିତ ହେବାକୁ ଯାଉଥିବା ଏହି ସର୍ବଭାରତୀୟ ଟାଙ୍ଗୀ କପ ଫୁଟବଲ ଟୂର୍ଣ୍ଣାମେଣ୍ଟ ଆସନ୍ତା ଜାନୁଆରୀ ୫ ତାରିଖ ରୁ ଆରମ୍ଭ କରାଯାଇ ୧୧ ତାରିଖ ରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ଏଥିରେ ରାଜ୍ୟ ବାହାର ତଥା ରାଜ୍ୟର ବିଭିନ୍ନ ଅଞ୍ଚଳରୁ ବଛାବଛା ଫୁଟବଲ ଟିମ ଏଥିରେ ଅଂଶଗ୍ରହଣ କରିବାକୁ ନିଷ୍ପତ୍ତି ନିଆଯାଇଛି । ରବିବାର ଦିନ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ସଭାପତି ଭାବେ ଟାଙ୍ଗୀ ସରପଞ୍ଚ କିଶୋର କୁମାର ବେହେରା ସମ୍ପାଦକ ଭାବେ ନରେନ୍ଦ୍ର କୁମାର ମହାପାତ୍ର,ସହ ସମ୍ପାଦକ ଅମରେନ୍ଦ୍ର କୁମାର ମହାନ୍ତି,କୋଷାଧ୍ୟକ୍ଷ ସୁନୀଲ କୁମାର ମହାନ୍ତିଙ୍କୁ ମନୋନୀତ କରାଯାଇଥିଲା। କାର୍ଯ୍ୟକାରିଣୀ କମିଟିରେ କ୍ରିଡାବିତ ତଥା ସମ୍ବାଦ ସାହିତ୍ୟଘର ସଭାପତି ବିଜୟ କୁମାର ରାଉତ,ସମାଜସେବୀ ବିଜୟ କୁମାର ମହାପାତ୍ର, ସୁରେନ୍ଦ୍ର କୁମାର ମହାପାତ୍ର, ମନୋଜ କୁମାର ପଟ୍ଟନାୟକ, ବାଳକୃଷ୍ଣ ମିଶ୍ର,ରଘୁନାଥ ସାହୁ, କୃଷ୍ଣଚନ୍ଦ୍ର ରାଉତ,ଅଶୋକ କୁମାର ମହାପାତ୍ର, ରମେଶ ଚନ୍ଦ୍ର ବେହେରା, ନନ୍ଦକିଶୋର ସ୍ୱାଇଁ, ବିନାୟକ ବେହେରା,ପ୍ରଣୟ ପ୍ରତିକ ପଟ୍ଟନାୟକ ମନୋଜ କୁମାର ମାଝୀ, ବିଶ୍ୱରଂଜନ ଦାସ,ସମର ମାଝୀ ପ୍ରମୁଖଙ୍କୁ ନେଇ ଗଠନ କରାଯାଇଥିବା ଜଣାପଡିଛି ।

# ଜିଲ୍ଲାସ୍ତରୀୟ କବାଡି ପ୍ରତିଯୋଗିତା

ଆଠଗଡ, (ସବ୍ୟୁ) : ଆଠଗଡ଼ ବ୍ଲକ ଅନ୍ତର୍ଗତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ମାଧପୁର ଠାରେ କଟକ ଜିଲ୍ଲା ସ୍ତରୀୟ କବାଡ଼ି ପ୍ରତିଯୋଗିତା (୧୪ ବର୍ଷରୁ କମ ଏବଂ ୧୭ ବର୍ଷରୁ କମ ଉଭୟ ବାଳକ ଓ ବାଳିକା) ଅନୁଷ୍ଠିତ ହୋଇଯାଇଛି । ଆଠଗଡ଼ ଗୋଷ୍ଠୀ ଶିକ୍ଷା ଅଧିକାରୀ କବିରାଜ ଜେନାଙ୍କ ସଭାପତିବରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆଠଗଡ଼ ଉପଖଣ୍ଡର ସହକାରୀ ଉପଜିଲ୍ଲାପାଳ ମାନସ କୁମାର ବେହେରା, ସମ୍ମାନୀତ ଅତିଥି ଭାବେ ଜିଲ୍ଲା କ୍ରୀଡା ଅଧିକାରୀ ସୌଦାମିନୀ ଦାସ, ଶ୍ରୀ ସିମେଣ୍ଟ କାରଖାନାର ସୁଶିଲ କୁମାର ରାଉତ, ସହକାରୀ ବ୍ଲକ ଶିକ୍ଷା ଅଧିକାରୀ ରଞ୍ଜିତ ମହାନ୍ତି, ପ୍ରଧାନ ଶିକ୍ଷକ ପବିତ୍ର କୁମାର ସାହୁ, ହରେକୃଷ୍ଣ ବିଶାଳ, ରେଣୁବାଳା ଦାସ, ମାଧପୁର ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶତେପଦ୍ମା ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ । କ୍ରୀଡାବି ମାନଙ୍କୁ ଶୃଙ୍ଖଳିତ ଭାବେ ଖେଳିବା ସହିତ ନିଜର ଶ୍ରେଷ୍ଠତ୍ୱକୁ ପ୍ରଦର୍ଶନ କରିବା ଉଚିତ ବୋଲି ଏହି ଅବସରରେ ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ । ଉକ୍ତ ପ୍ରତିଯୋଗିତାରେ ଉଭୟ ବାଳିକା ଓ ବାଳିକା ବିଭାଗରେ ୭୫୪ ଜଣ ଖେଳାଳି ଅଂଶଗ୍ରହଣ କରିଥିଲେ । ଜିଲ୍ଲା ପରିଷଦ ସଭ୍ୟ ବଳଭଦ୍ର ବାଘ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିବା ବେଳେ କ୍ରୀଡା ସମ୍ପାଦକ ବିଜୟ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । କେନ୍ଦ୍ର ସଂଯୋଜକ ଶଶଧର ମହାରଣା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

# ନେତାଜୀ ଆନ୍ତଃଜିଲ୍ଲା ଫୁଟବଲ ଟୁର୍ଣ୍ଣାମେଣ୍ଟ : ବାରିପଦା ଚାମ୍ପିଅନ

ଖଇରା,୧୦/୧୧(ସବ୍ୟୁ) : ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ଶ୍ୟାମସୁନ୍ଦରପୁର ଗ୍ରାମ ପଞ୍ଚାୟତ ଅଧୀନ ଚାନ୍ଦଗୋଛି ମିନି ଷ୍ଟାଡିୟମରେ ଚାଲିଥିବା ନେତାଜୀ ଆନ୍ତଃଜିଲା ଫୁଟବଲ ଟୁର୍ଣ୍ଣାମେଣ୍ଟ ରବିବାର ଦିନ ଉଦ୍‌ଯାପିତ ହୋଇ ଯାଇଛି। ଏଥିରେ ବାରିପଦା ଟିମ ପାରାଦ୍ୱୀପ ଟିମକୁ ୩-୧ଗୋଲରେ ପରାସ୍ତ କରି ଚାମ୍ପିଅନ ହୋଇଛି । ରିଆଜ କାଦ୍ରୀ ମୁଖ୍ୟ ଓ ଜିତେନ୍ଦ୍ର ପ୍ରସାଦ ବାରିକ,ବିଏନ ଜେନା ଓ ଉତ୍ତମ ବାରିକ ସହଯୋଗୀ ରେଫେରୀ ଭାବେ ଦାୟିତ୍ୱ ତୁଲାଇଥିଲେ। ଆୟୋଜକ ନେତାଜୀ କ୍ଲବର ସଭାପତି ଅରୁଣ କୁମାର ପାଢୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଅଟଳ ଯୁବ ଶକ୍ତିର ଜିଲା ସଭାପତି ବିକାଶ କୁମାର ପାଢୀ ମୁଖ୍ୟ ଅତିଥି,ଏସଆର ଗ୍ରୁପର ଅଧ୍ୟକ୍ଷ



ଇଂ ରାଜେଶ କୁମାର ମହାକୁଡ ମୁଖ୍ୟବକ୍ତା, ଟାଟା ପାୱାରର କନିଷ୍ଠ ଯନ୍ତ୍ରୀ ଅଭିନବ କୁମାର,ସମିତିସଭ୍ୟା ପ୍ରତିନିଧି ରବିନ୍ଦ୍ର ମହାନ୍ତି ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ପାଦକ ଦାମୋଦର ବେହେରା ବିବରଣୀ ପାଠ,ସୁବାଷ ଚନ୍ଦ୍ର ସାହୁ ଧାରାବିବରଣୀ ପ୍ରଦାନ ଓ ଉପସଭାପତି ଅଭିମନ୍ୟୁ ରାଉଳ ମଞ୍ଚ ପରିଚାଳନା କରିଥିଲେ। ଚାମ୍ପିଅନ ଟିମକୁ ୨୦ହଜାର ଓ ରନର୍ସ ଅପ ଟିମକୁ ୧୫ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ସଂଯୋଜକ ବିଭୁତି ପତିଙ୍କ ନେତାଜୀ କ୍ଲବର ସମସ୍ତ ସଭ୍ୟ ମଞ୍ଚ ପରିଚାଳନାରେ ସହଯୋଗ କରିଥିଲେ।

# ଗାଭାସ୍କରଙ୍କ କ୍ଷୋଭ, ଘୋଷଣା ପରେ ବି ମିଳୁନି ପୁରସ୍କାର

ନୂଆଦିଲ୍ଲୀ : ହରମନପ୍ରୀତ କୌରଙ୍କ ନେତୃତ୍ୱରେ ଭାରତୀୟ ମହିଳା କ୍ରିକେଟ୍ ଦଳ ନଭେମ୍ବର ୨ ତାରିଖରେ ଦକ୍ଷିଣ ଆଫ୍ରିକାକୁ ଫାଇନାଲରେ ପରାସ୍ତ କରି ପ୍ରଥମ ବିଶ୍ୱକପ୍ ଟାଇଟଲ୍ ଜିତି ଇତିହାସ ରଚିଥିଲା । ଏହି ଐତିହାସିକ ସଫଳତା ପରେ ଆଇସିସି ଚାମ୍ପିଅନ୍ ଦଳକୁ ୪୦ କୋଟି ପୁରସ୍କାର ରାଶି ଦେଇଥିବା ବେଳେ ବିସିସିଆଇ ଦଳ ଏବଂ କର୍ମଚାରୀଙ୍କ ପାଇଁ ୫୧ କୋଟି ଟଙ୍କା ପୁରସ୍କାର ରାଶି ଘୋଷଣା କରିଥିଲା । ଏହା ସହ ଅନେକ ରାଜ୍ୟ ସରକାର ସେମାନଙ୍କ ରାଜ୍ୟର ଖେଳାଳିଙ୍କ ପାଇଁ ନଗଦ ପୁରସ୍କାର ରାଶି ମଧ୍ୟ ଘୋଷଣା କରିଛନ୍ତି । ଏସବୁ ମଧ୍ୟରେ, ଷ୍ଟାର କ୍ରିକେଟର ସୁନୀଲ ଗାଭାସ୍କର ମହିଳା ଖେଳାଳିମାନଙ୍କୁ ଏକ ଚେତାବନୀ ଦେଇଛନ୍ତି ।

ମିଡ୍-ଡେରେ ପ୍ରକାଶିତ ତାଙ୍କ ସ୍ତମ୍ଭରେ ସୁନୀଲ ଗାଭାସ୍କର ଲେଖିଛନ୍ତି, ଖେଳାଳିମାନଙ୍କ ପାଇଁ ଏକ ଚେତାବନୀ । ଯଦି ଆପଣଙ୍କୁ ଦିଆଯାଇଥିବା ପ୍ରତିଶ୍ରୁତି ପୂରଣ ହେବ ନାହିଁ ତେବେ ନିରାଶ ହେବ ନାହିଁ । ଭାରତରେ, ବିଜ୍ଞାପନଦାତା, ବ୍ରାଣ୍ଡ ଏବଂ ବଡ଼ ବଡ଼ ବ୍ୟକ୍ତିବିଶେଷମାନେ ମାଗଣା ପ୍ରଚାର ପାଇଁ ବିଜେତା ଦଳକୁ ପୁରସ୍କାର ଦେବା ପାଇଁ ଘୋଷଣା କରନ୍ତି । ବିଜୟୀ ଦଳକୁ ଅଭିନନ୍ଦନ ଜଣାଇବା ଅଳରେ ନିଜ ବ୍ରାଣ୍ଡର ବିଜ୍ଞାପନ କରନ୍ତି ବଡ଼ ବଡ଼ କମ୍ପାନି । ଯଦି ତୁମମାନଙ୍କୁ ମିଳିଥିବା ପ୍ରତିଶ୍ରୁତି ପୂରଣ ନହେଉଛି, ତେବେ ଏହାକୁ ନେଇ ନିରାଶ ହେବ ନାହିଁ । ନିଜ ସହ ଘଟିଥିବା ଘଟଣାକୁ ନେଇ ସୁନୀଲ ଏଭଳି କହିଥିବା ସ୍ପଷ୍ଟ କରିଛନ୍ତି ।

# ରାଜ୍ୟସ୍ତରୀୟ ଖୋ-ଖୋ ପ୍ରତିଯୋଗିତା ଉଦଯାପିତ

## ୧୪ ବର୍ଷରୁ କମ ବାଳକ ବର୍ଗରେ ପୁରୀ, ବାଳିକା ବର୍ଗରେ କେନ୍ଦୁଝର ଚାମ୍ପିଅନ

କେନ୍ଦୁଝର, ୧୦।୧୧(ସବ୍ୟୁ) : ୬୯ତମ ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ୧୪ ବର୍ଷରୁ କମ ଓ ୧୭ ବର୍ଷରୁ ଖୋ-ଖୋ ପ୍ରତିଯୋଗିତା କେନ୍ଦୁଝର ଷ୍ଟାଡିୟମ ପଡିଆରେ ନଭେମ୍ବର ୬ ତାରିଖରୁ ଆରମ୍ଭ ହୋଇ ଆଜି ଉଦଯାପିତ ହୋଇଯାଇଛି । ଏଥିରେ ୧୪ ବର୍ଷରୁ କମ ବାଳକ ବିଭାଗରେ ପୁରୀ ଦଳ ଚାମ୍ପିଅନ ଓ କଟକ ଦଳ ରନର୍ସ ଅପ ହୋଇଥିବାବେଳେ ବାଳିକା ବିଭାଗରେ କେନ୍ଦୁଝର ଦଳ ଚମ୍ପିୟାନ ଏବଂ କୋନାଳ ଦଳ ରନର୍ସ ଅପ ହୋଇଛନ୍ତି । ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଜିର ଉଦଯାପନୀ ଉତ୍ସବରେମୁଖ୍ୟଅତିଥିକେନ୍ଦୁଝରଗଡ଼ପୌରପାଳିକାରଅଧକ୍ଷା ନିକୁ ସାହୁ ଯୋଗ ଦେଇ ଛାତ୍ରଛାତ୍ରୀମାନେ ଶିକ୍ଷା ଅଧ୍ୟୟନ ସହ ଖେଳ ପ୍ରତି ରୁଚି ରଖିଲେ ଭବିଷ୍ୟତରେ ନିଜକୁ ସୁନାଗରିକ ରୂପେ କ୍ରୀଡ଼ା କ୍ଷେତ୍ରରେ ସୁନାମ ଅର୍ଜନ କରିପାରିବେ ବୋଲି କହିଥିଲେ । ମୁଖ୍ୟବକ୍ତା ଭାବେ ସହକାରୀ ନିର୍ଦ୍ଦେଶକ ଓଡିଶା ଜ୍ୟୋତି ପ୍ରକାଶ ପରିଡ଼ା,ସମ୍ମାନୀତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ରୁଦ୍ରନାରାୟଣ ସାମଲ,ଶ୍ରୀକାନ୍ତ କୁମାର ବେହେରା,ଜିଲ୍ଲା ଆଥଲେଟିକ ଆସୋସିଏସନ ଯୁଗ୍ମ ସଂପାଦକ ରବିନ୍ଦ୍ର କୁମାର ପାଢୀ,ଅବସରପ୍ରାପ୍ତ ଶାରୀରିକ ଶିକ୍ଷା ଅଧିକାରୀ ହଳଧର ମହାନ୍ତ,ସଦର ବିଇଓ ଓଁକାର ଅନେଓ୍ୱଶ,ପାଟଣା ବିଇଓ ପୂର୍ଣ୍ଣଚନ୍ଦ୍ର ଅମାନ୍ତ,ଡିଏନ ହାଇସ୍କୁଲ ପ୍ରଧାନଶିକ୍ଷକ ପ୍ରବୀର କୁମାର ମହାନ୍ତି,ଓଷ୍ଟା ସଭାପତି ମନ୍ମଥ ନାଥ ମହାନ୍ତ,ଓଷ୍ଟା ଉପସଭାପତି ପୁଷ୍ପାଞ୍ଜଳୀ ମିଶ୍ର,ଓଷ୍ଟା ଯୁଗ୍ମ ସଂପାଦକ ଲାବଣ୍ୟବତୀ ମହାନ୍ତ ଓ ଅନ୍ୟାନ୍ୟ ଅତିଥିମାନେ ଯୋଗ ଦେଇଥିଲେ । ସମସ୍ତ ଅତିଥି ମାନଙ୍କ ଦ୍ୱାରା ବିଜେତା ତଥା ଉପ ବିଜେତା ଦଳକୁ ପୁରସ୍କୃତ କରାଯାଇଥିଲା । ସର୍ବଶେଷରେ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ରାମକୃଷ୍ଣ ବେହେରା ଧନ୍ୟବାଦ ସହ ସଭା ସାଙ୍ଗ କରାଯାଇଥିଲା । ଏହି ରାଜ୍ୟସ୍ତରୀୟ ଖୋ-ଖୋ ପ୍ରତିଯୋଗିତାରେ ୩୦ଟି ଜିଲ୍ଲା ସମେତ ଭୁବନେଶ୍ୱରକୁ ମିଶାଇ ୩୧ଟି ଟିମର ୮୦୬ ଜଣ ପ୍ରତିଯୋଗୀ ଓ ୭୮ ଜଣ ।

# ସହୋଦୟା ଆନ୍ତଃ ବିଦ୍ୟାଳୟ ବାସ୍କେଟବଲ ଉଦ୍‌ଘାଟିତ

ଭୁବନେଶ୍ୱର, ୧୦।୧୧(ସବ୍ୟୁ) : ସ୍ଥାନୀୟ ୟୁନିଟ୍ -୧ ସ୍ଥିତ ମଦର୍ସ ପବ୍ଲିକ୍ ସ୍କୁଲ ଆନୁକୂଲ୍ୟରେ ହେଉଥିବା ସହୋଦୟା ବାସ୍କେଟବଲ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି । ଉଭୟ ବାଳକ ଏବଂ ବାଳିକା ବିଭାଗରେ ହେଉଥିବା ଏହି ପ୍ରତିଯୋଗିତାଟି ୧୯ ବର୍ଷରୁ କମ୍ ଏବଂ ୧୪ ବର୍ଷରୁ କମ୍ ବୟସ ବର୍ଗରେ ଅନୁଷ୍ଠିତ ହେଉଛି । ୩ ଦିନ ଧରି ଚାଲିବାକୁ ଏହି ପ୍ରତିଯୋଗିତାରେ ୨୧ ଟି ବିଦ୍ୟାଳୟରୁ ୫୧ ଟି ଦଳ ଅଂଶଗ୍ରହଣ କରୁଛନ୍ତି । ନକ୍‌ଆଉଟ୍ ଭିତ୍ତିରେ ହେବାକୁ ଥିବା ଏହି ପ୍ରତିଯୋଗିତାରେ ଚାମ୍ପିଅନ ଦଳକୁ ପ୍ରମାଣପତ୍ର ସହ ଟ୍ରଫି ପ୍ରଦାନ କରାଯିବ । ଆଜି ସକାଳେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ଓଡିଶା ବାସ୍କେଟବଲ ସଂଘର ସମ୍ପାଦକ ଶ୍ରୀ ଅଶୋକ କୁମାର ସାହୁ ମୁଖ୍ୟ ଅତିଥି ରୂପେ ଯୋଗଦାନ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ଅଧ୍ୟକ୍ଷା ଶ୍ରୀମତି ପଲୀ ଉପସ୍ଥିତ ଥିଲେ । ଆଜି ଅନୁଷ୍ଠିତ ମ୍ୟାଚଗୁଡିକରେ ୧୪ ବର୍ଷରୁ କମ୍ ବାଳିକା ବିଭାଗରେ ମଦର୍ସ ପବ୍ଲିକ୍ ସ୍କୁଲ, ଓଡିଏମ୍ ଗ୍ଲୋବାଲ,



ଏ ପି ଜେ ପବ୍ଲିକ୍ ସ୍କୁଲ ବିଜୟୀ ହୋଇଛନ୍ତି । ସେହିପରି ୧୪ ବର୍ଷରୁ କମ୍ ବାଳକ ବିଭାଗରେ ମଦର୍ସ ପବ୍ଲିକ୍ ସ୍କୁଲ, ବି ଜେ ଇ ଏମ୍ ସ୍କୁଲ, ଡି ପି ଏସ୍ କଳିଙ୍ଗ ତଥା କିଟ୍ ଇଣ୍ଟର ନ୍ୟାସନାଲ ସ୍କୁଲ ବିଜୟୀ ହୋଇଛନ୍ତି । ସେହିପରି ୧୯ ବର୍ଷରୁ କମ୍ ବାଳିକା ବର୍ଗରେ ମଦର୍ସ ପବ୍ଲିକ୍, ସାଇ ଆବାସିକ ବିଦ୍ୟାଳୟ, କିଟ୍ ବିଦ୍ୟାଳୟ ଏବଂ ବିଜେଇଏମ୍ ଜିତିଥିବା ବେଳେ ବାଳକ ବର୍ଗରେ ଓଡିଏମ୍ ପବ୍ଲିକ୍ ସ୍କୁଲ, ମଦର୍ସ ପବ୍ଲିକ୍ ସ୍କୁଲ, ହାଇଟେକ୍ ପବ୍ଲିକ୍ ସ୍କୁଲ, କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲ ଓଡିଏମ୍ ଗ୍ଲୋବାଲ ଆଦି ବିଜୟୀ ହୋଇଛନ୍ତି । ମଙ୍ଗଳବାର ସମସ୍ତ କ୍ୱାର୍ଟର ଫାଇନାଲ ଓ ସେମିଫାଇନାଲ ଏବଂ ବୁଧବାର ସମସ୍ତ ବର୍ଗର ଫାଇନାଲ ଅନୁଷ୍ଠିତ ହେବ ।

ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି